

ଦେଶର ସୁରକ୍ଷା ସହ ସାଲିସ କରାଯିବନି
ପୃଷ୍ଠା ୪

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ
Mail :- sancharodisha@gmail.com
Whatsapp :- +91 8093008776



Vol. 33 | ISSUE 276 | ଭାଗ ୩୩ | ସଂଖ୍ୟା ୨୭୬ | Monday 29 December 2025 | Page 8 Rs. 5.00 | ଭୁବନେଶ୍ୱର ସୋମବାର ୨୯ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ଲୁକ୍କାୟିତ ପ୍ରତିଭା ଚିହ୍ନିଲେ ସଫଳତା ସୁନିଶ୍ଚିତ

**ପାଠପଢ଼ାରେ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଉପରେ ଗୁରୁତ୍ୱ**



**କେନ୍ଦୁଝର,୨୮।୧୨(ସଂଚାର ବ୍ୟୁରୋ):** ସମସ୍ତଙ୍କ ପାଖରେ କିଛି ନା କିଛି ଲୁକ୍କାୟିତ ପ୍ରତିଭା ରହିଛି। ତେଣୁ ପାଠପଢ଼ା ସହ ଏହି ଲୁକ୍କାୟିତ ପ୍ରତିଭାକୁ ଚିହ୍ନିପାରିଲେ ହିଁ ଆମେ ଜୀବନରେ ସଫଳ ହୋଇପାରିବା ବୋଲି ତେଲକୋଇ ବ୍ଲକର ସିରିଗିଡ଼ାଠାରେ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ପ୍ରଥମ କାମ ହେଉଛି ମନଦେଇ ପାଠ ପଢ଼ିବା। କିନ୍ତୁ ବର୍ତ୍ତମାନ ସମୟରେ କେବଳ ପାଠ ପଢ଼ିଲେ ହେବନି, ପ୍ରଯୁକ୍ତି ବିଦ୍ୟା ସହ ତାଳ ଦେଇ ଆମକୁ ଅପଡେଟ୍ ହେବାକୁ ପଡ଼ିବ। ଜାତୀୟ ଶିକ୍ଷା ନୀତି(ଏନ୍ଇପି)-୨୦୨୦ କାର୍ଯ୍ୟକାରୀ ହେବା ପରେ ଶିକ୍ଷାର ଉଦ୍ଦେଶ୍ୟ କେବଳ ଚାକିରି ପାଇବା ନୁହେଁ, ବରଂ ଜୀବନ କୌଶଳ, ସୃଜନଶୀଳତା ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଗ୍ରହଣ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ପଷ୍ଟ ହୋଇଛି। ତେଣୁ ନିଜର ପ୍ରତିଭା ବଳରେ ଆଗକୁ ଯିବା ଉପରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣତଃ ପିଲାମାନେ କୌଣସି ବାହାର ଲୋକଙ୍କ ସହ କଥାବାର୍ତ୍ତା କଲା ବେଳେ ଅସହଜ ମନେ କରିଥାନ୍ତି। ଏଥିପାଇଁ ଉପଯୁକ୍ତ କମ୍ୟୁନିକେସନ ସ୍କିଲ୍ର ଅଭାବ ଦାୟୀ। ଏଥିସହ ତୁରନ୍ତ ନିଷ୍ପତ୍ତି ନେବା ବି ଏକ ସ୍କିଲ। ବହୁତ ପିଲା ନିଷ୍ପତ୍ତି ନେବାରେ ଦୋଦୋ ପାଞ୍ଚ ହୋଇଥାନ୍ତି। କିନ୍ତୁ ଯେଉଁମାନେ ପ୍ରକୃତରେ ସ୍ମାର୍ଟ ସେମାନେ ଶୀଘ୍ର ନିଷ୍ପତ୍ତି ନେଇ କାମ କରିଥାନ୍ତି। ଏଥିସହ ସବୁ ସମୟରେ ସମସ୍ୟା ସମାଧାନ ଆଟିଚ୍ୟୁଡ୍ ରହିବା ଜରୁରୀ। ଏହିପରି ଅନେକ ଜୀବନ କୌଶଳ ରହିଛି, ଯାହା ଛାତ୍ରଛାତ୍ରୀମାନେ ଶିଖିଲେ ସେମାନେ ଜୀବନରେ ତ୍ୱରିତ ନିଷ୍ପତ୍ତି ନେଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଆଦିବାସୀ ପିଲାମାନଙ୍କ ପାଇଁ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା କାର୍ଯ୍ୟକାରୀ ହୋଇଛି। ମାତୃଭାଷାରେ ଶିକ୍ଷା ଦିଆଯାଉଛି। ପୃଷ୍ଠା-୬

### କଳାକାରଙ୍କୁ ନୂଆବର୍ଷ ଭେଟି: ବଢ଼ିଲା ଭତ୍ତା

# ସାଢ଼େ ୩ ହଜାର ପାଇବେ ୮୦ ବର୍ଷରୁ ଉର୍ଦ୍ଧ୍ୱ କଳାକାର

- ୪୦ରୁ ୮୦ ବର୍ଷରୁ ଉର୍ଦ୍ଧ୍ୱଙ୍କ ଭତ୍ତା ୩ ହଜାର
- ୪୭,୭୦୪ଙ୍କୁ ମିଳିବ ଫାଇଦା



**ଭୁବନେଶ୍ୱର/କେନ୍ଦୁଝର, ୨୮।୧୨ (ସଂଚାର ବ୍ୟୁରୋ):** ସମ୍ପ୍ରତି କେନ୍ଦୁଝର ଜିଲ୍ଲା ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟର ୪୭ ହଜାରରୁ ଉର୍ଦ୍ଧ୍ୱ କଳାକାରଙ୍କୁ ନୂଆବର୍ଷ ଭେଟି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ସାମିଲ୍ ହୋଇଥିବା କଳାକାରମାନଙ୍କ ଭତ୍ତା ବୃଦ୍ଧି କରିଛନ୍ତି ଶ୍ରୀ ମାଝୀ।

ଆଜି କେନ୍ଦୁଝରର ପାର୍କଲେନଠାରେ ଆୟୋଜିତ ୪୮ତମ ରାଜ୍ୟସ୍ତରୀୟ ପାଲା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏହା ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟ କଳାକାର ଓ ସେମାନଙ୍କ ପରିବାରବର୍ଗଙ୍କ ମଧ୍ୟରେ ଖୁସି ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି।

ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପ୍ରଚାର ପ୍ରସାର କରୁଥିବା କଳାକାରମାନଙ୍କ ସମ୍ମାନରେ ଏହି ଭତ୍ତା ବୃଦ୍ଧି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ, ଏଣିକି ୪୦ରୁ ୮୦ ବର୍ଷ ବୟସ୍କ କଳାକାରମାନେ ମାସିକ ଭତ୍ତା ବାବଦରେ ୨ ହଜାର ଟଙ୍କା ପରିବର୍ତ୍ତେ ୩ ହଜାର ଟଙ୍କା ପାଇବେ। ସେହିପରି ୮୦ରୁ ଅଧିକ ବର୍ଷୀୟ କଳାକାରଙ୍କ ମାସିକ ଭତ୍ତା ଅଢ଼େଇ ହଜାର ଟଙ୍କାରୁ ସାଢ଼େ ୩ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଦ୍ୱାରା ରାଜ୍ୟର ୪୭,୭୦୪ କଳାକାର ଓ ସେମାନଙ୍କ ପରିବାର ଉପକୃତ ହେବେ।

### ଶ୍ୱଶୁର ଘରୁ ଫେରିବା ବାଟରେ ଅଭାବନୀୟ ଘଟଣା

# ସ୍ୱାମୀ-ସ୍ତ୍ରୀ ପିଇଲେ ବିଷ,ଜଗିରହିଲା ଶିଶୁପୁତ୍ର

**କଳହରେ ପିଲା କଥା ଭୁଲିଗଲେ ବାପା-ମା'**

**ଭୁବନେଶ୍ୱର,୨୮।୧୨ (ସଂଚାର ବ୍ୟୁରୋ):** ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି ନିଛାଟିଆ ଜଙ୍ଗଲ ଭିତରେ। ଶ୍ୱଶୁର ଘରୁ ଫେରିବା ସମୟରେ ଜନୈକ ଦମ୍ପତି କଳହ ଯୋଗୁଁ ହିତାହିତ ଜ୍ଞାନ ହରାଇ ଜଙ୍ଗଲରେ ବିଷ ପିଇଦେଇଥିଲେ। ସେମାନେ ପାଖରେ ଥିବା ୫ ବର୍ଷର ପୁଅ ବିଷୟରେ କିଛି ବି ଭାବିପାରିନଥିଲେ। ଉଭୟ ଗୁରୁତର ଅବସ୍ଥାରେ ଉକ୍ତ ଜଙ୍ଗଲରେ ପଡ଼ିରହିଥିବା ବେଳେ ସେମାନଙ୍କୁ ରାତି ସାରା ଅବୋଧ ପିଲାଟି ଜଗି ରହିଥିଲା। ଆଜି ସକାଳେ ସେ ବାଟ ଦେଇ ଯାଉଥିବା ଲୋକେ ଏହା ଦେଖିବା ପରେ ଘଟଣା ସାମ୍ନାକୁ ଆସିଥିଲା। ଦେବଗଡ଼ ଜିଲା କୁଣ୍ଡେଇଗୋଳା ଥାନାଞ୍ଚଳରେ ଘଟିଛି ଏଭଳି ଅଭାବନୀୟ ଘଟଣା।

ମିଳିଥିବା ସୂଚନା ନୁସାରେ, ଜିଅନ୍ତାପାଲି ଗ୍ରାମର ଦୁଷ୍ମନ୍ତ ମାଝୀ ଓ ପତ୍ନୀ ରିଙ୍କି ମାଝୀ ଗତକାଲି ସନ୍ଧ୍ୟାରେ ଶ୍ୱଶୁର ଘରୁ ଫେରୁଥିଲେ। ସେମାନଙ୍କ ସହ ୫ ବର୍ଷର ଶିଶୁ ପୁତ୍ର ବି ଥିଲା।



କିନ୍ତୁ କୌଣସି କାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପୂର୍ବରୁ ବଚସା ହୋଇଥିବା ବେଳେ ରାସ୍ତାରେ ଏହା ତୀବ୍ର ରୂପ ନେଇଥିଲା। ତେଣୁ ଦଳକ ନିକଟ ରାସ୍ତା କଡ଼ରେ ସେମାନେ ବାଇକ୍ ରଖି ନିଛାଟିଆ ଜଙ୍ଗଲ ଭିତରକୁ ଯାଇ କୀଟନାଶକ ପିଇଦେଇଥିଲେ। ଏପରି ସ୍ଥିତିରେ ୫ ବର୍ଷର ଶିଶୁପୁତ୍ର କେବଳ ସବୁକିଛି ଦେଖୁଥିଲା। କିଛି ସମୟ ପରେ ଦୁଷ୍ମନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ରିଙ୍କି ଅଚେତ ହୋଇପଡ଼ିଥିଲେ। ରାତି ହୋଇଯାଇଥିବାରୁ ଉପାୟଶୂନ୍ୟ ହୋଇ ବାପା-ମା'ଙ୍କ ପାଖରେ ଶିଶୁପୁତ୍ରଟି ସାରା ରାତି ଜଗି ରହିଥିଲା। ରବିବାର ସକାଳ ହେବା ପରେ ଶିଶୁପୁତ୍ର ଜଙ୍ଗଲରୁ ବାହାରି ଆସି ରାସ୍ତାରେ ଲୋକଙ୍କୁ ପୃଷ୍ଠା-୬

### ଅନୁଗୋଳ ବାମୁର ଠାରେ 'ରାଜ୍ୟସ୍ତରୀୟ ଚଷା ମହାସମାବେଶ'ରେ କେନ୍ଦ୍ରମନ୍ତ୍ରୀ

# କୃଷିକୁ ରୋଜଗାରର ମୁଖ୍ୟ ଆଧାର କରିବାକୁ ଆହ୍ୱାନ

- ଚଷା ସମାଜକୁ ସାମ୍ବିଧାନିକ ଅଧିକାର ପ୍ରଦାନ ପାଇଁ ସରକାର ବଦ୍ଧପରିକର
- ମେଡିକାଲର ୟୁଜି ପିଜି ସିଟ ଓ ପେଟ୍ରୋଲ ପମ୍ପ ଆବଣ୍ଟନରେ ମିଳୁଛି ସଂରକ୍ଷଣ



**ବାମୁର/ଅନୁଗୋଳ,୨୮।୧୨ (ସଂଚାର ବ୍ୟୁରୋ):** ଚଷା ସମାଜକୁ ସାମ୍ବିଧାନିକ ପ୍ରଦତ୍ତ ଅଧିକାର ପ୍ରଦାନ କରିବା ପାଇଁ ଆମ ସରକାର ବଦ୍ଧପରିକର ବୋଲି ଆଜି ଅନୁଗୋଳ ଜିଲ୍ଲା ବାମୁରଠାରେ ଆୟୋଜିତ 'ରାଜ୍ୟସ୍ତରୀୟ ଚଷା ମହାସମାବେଶ'ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଥିସହ ରାଜ୍ୟରେ କୃଷକମାନେ କୃଷିକୁ ରୋଜଗାରର ମୁଖ୍ୟ ଆଧାର କରିବା ସକାଶେ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି।

ସେ କହିଛନ୍ତି ଯେ ସମାଜର ସାମଗ୍ରିକ ବିକାଶ ପାଇଁ ସମ୍ମିଳନୀରେ ଅନେକ ଗଠନମୂଳକ ପ୍ରସ୍ତାବ ଆସିବା ସହ ସାମ୍ବିଧାନିକ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହା ଆଗାମୀ ଦିନରେ ଏକ ସକାରାତ୍ମକ ପ୍ରଭାବ ପକାଇବ। ଓଡ଼ିଶାର ଚଷା ଜାତି କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ ଥିଲା ବେଳେ ଚଷା ସମାଜର ଅନ୍ୟ ଜାତି/ଉପଜାତି/ବର୍ଗଙ୍କ ସମେତ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ଏସଇବିସି ତାଲିକାରେ ସ୍ୱୀକୃତିପ୍ରାପ୍ତ ୧୦୮ଟି ସମ୍ପ୍ରଦାୟକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ କରିବା ସକାଶେ ଇତିମଧ୍ୟରେ ସେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀଙ୍କୁ ଚିଠି ଲେଖି ନିବେଦନ କରିସାରିଛନ୍ତି। ଏହାଦ୍ୱାରା ସେମାନଙ୍କୁ ସମାନ ଭାବେ ସର୍ବଭାରତୀୟ ସ୍ତରରେ ସ୍ଥାନ ସଂରକ୍ଷଣ ଓ କଲ୍ୟାଣକାରୀ ଯୋଜନାର ସୁବିଧା ମିଳିପାରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ମୋଦି ସରକାରରେ ପୃଷ୍ଠା-୬

# ଧନୁଯାତ୍ରା ପାଇଁ ୧.୫ କୋଟି ଅନୁଦାନ

- ପ୍ରଦାନ କଲେ ସଂସ୍କୃତି ମନ୍ତ୍ରୀ



**ବରଗଡ଼,୨୮।୧୨ (ସଂଚାର ବ୍ୟୁରୋ):** ସମ୍ପ୍ରତି ପଶ୍ଚିମ ଓଡ଼ିଶାର ପ୍ରମୁଖ ମୁକ୍ତାକାଶ ରଙ୍ଗମଞ୍ଚ ବି ଶ୍ୱ ପ୍ର ସି ଦ୍ଧ ଧନୁଯାତ୍ରା ଦ୍ରୁତ ଗତିରେ ଆଗେଇ ଚାଲିଛି। ଏହି ଯାତ୍ରାର ଚତୁର୍ଥ ଦିନରେ ମହାରାଜ କଂସଙ୍କ ଦ୍ୱାରା ପ୍ରେରିତ ସମସ୍ତ ରାକ୍ଷସରାକ୍ଷସୀ କୃଷ୍ଣ-ବଳରାମଙ୍କ ହାତରେ ନିହତ ହୋଇଛନ୍ତି। ଗୋପପୁରରେ ଘରେ ଘରେ କୃଷ୍ଣ-ବଳରାମଙ୍କୁ ପୂଜାର୍ଚ୍ଚନା କରାଯାଉଛି। ଗୋପପୁର ସାଜିଥିବା ଅମ୍ବାପାଲି ଦ୍ୱାପର ଯୁଗର ଭ୍ରମ ସୃଷ୍ଟି କରିଛି। ଶ୍ରୀକୃଷ୍ଣଙ୍କ ଲୀଳାରେ ଉତ୍ସବ ମୁଖରିତ ହୋଇପଡ଼ିଛି ଗୋପପୁର। ଏହି ଯାତ୍ରାକୁ ଉପଭୋଗ କରିବା ସକାଶେ ରାଜ୍ୟ ପୃଷ୍ଠା-୬

# ଯୁବନେତା ହେବେ ବିଜେପିର ଭବିଷ୍ୟତ

- ନୀତିନ ନବୀନଙ୍କ ନେତୃତ୍ୱରେ ହେବ ପିଢ଼ି ପରିବର୍ତ୍ତନ
- ଦୁଇ ଦଶନ୍ଧି ପାଇଁ ରୋଡମ୍ୟାପ କରୁଛି ଦଳ



**ଭୁବନେଶ୍ୱର,୨୮।୧୨(ସଂଚାର ବ୍ୟୁରୋ):** ଜାତୀୟ ସ୍ତରରେ ବିଜେପି ଏବେ କେବଳ ଆସନ୍ତା ନିର୍ବାଚନ ଜିତିବାକୁ ଲକ୍ଷ୍ୟ ରଖିନି। ବରଂ ନିର୍ବାଚନ ଛଡ଼ା ଆସନ୍ତା ଦୁଇ/ତିନି ଦଶନ୍ଧି ଧରି ସର୍ବଭାରତୀୟ ସ୍ତରରେ ବିଜେପିକୁ ଯୁବକଙ୍କ ଦଳରେ ପରିଣତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଉ ପିଢ଼ି ପରିବର୍ତ୍ତନର ଏହି ପ୍ରକ୍ରିୟା ଦଳର ସର୍ବୋଚ୍ଚ ନେତୃତ୍ୱ ସ୍ତରରୁ ଆରମ୍ଭ ହୋଇଛି। ୪୫ ବର୍ଷ ବୟସ୍କ ନିତୀନ ନବୀନଙ୍କୁ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦିଆଯିବା ଏହାର ଏକ ବଳିଷ୍ଠ ସଙ୍କେତ।

ବିଜେପିର ସର୍ବୋଚ୍ଚ ନେତାମାନେ ଖୁବଶୀଘ୍ର ଏନେଇ ମାନସ ମନ୍ଥନ କରିବାକୁ ଯାଉଛନ୍ତି। ସମ୍ଭବତଃ ଆସନ୍ତା ଜାନୁଆରୀ ପ୍ରଥମ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହ ମନ୍ତ୍ରୀ ଅମିତ ଶାହ ଓ ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ସହ ଦଳର ଜାତୀୟ ସାଧାରଣ ପରିଷଦ ଓ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ନେଇ ତାରିଖ ସ୍ଥିର କରାଯିବ। ଦଳ ଏହି ଦୁଇ ଶୀର୍ଷସ୍ତରୀୟ ବୈଠକ ପୂର୍ବରୁ ସର୍ବୋଚ୍ଚ ନୀତି ନିର୍ଦ୍ଧାରକମାନେ ଏକାଠି ହୋଇ ଦଳକୁ କିଭଳି ପୁଣି ଥରେ ଯୁବକ କରାଯାଇପାରିବ, ସେନେଇ ଆଲୋଚନା କରିବେ। ରାଷ୍ଟ୍ରୀୟ ସ୍ତରରେ ବିଜେପି ଏବେ କେବଳ ଏକ ରାଜନୈତିକ ଶକ୍ତି ହୋଇ ରହିନାହିଁ, ଏହା ଏକ ଅନୁଷ୍ଠାନରେ ପରିଣତ ହୋଇଛି। କ୍ରମାଗତ ଭାବେ ବିଜେପି କେନ୍ଦ୍ରରେ ୨୦୧୪ରୁ କ୍ଷମତାରେ ରହିଆସିଥିବା ବେଳେ ଅନେକ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ଚେଷ୍ଟା କରୁଛନ୍ତି ବିରୋଧୀ। କେତେକ ରାଜ୍ୟରେ ଆଞ୍ଚଳିକ ଦଳଗୁଡ଼ିକ ମଧ ପ୍ରଭାବୀ ହେଉଛନ୍ତି। ସବୁ ସମୟରେ ନିଜେ ପ୍ରଧାନମନ୍ତ୍ରୀ କିମ୍ବା ଗୃହ ମନ୍ତ୍ରୀ ବିରୋଧୀଙ୍କୁ ଜବାବ ଦେବା ସମ୍ଭବ ହୋଇପାରୁନି। ତେଣୁ ଦଳ ଏବେ ଯୁବ ନେତାଙ୍କୁ ଭବିଷ୍ୟତ ପାଇଁ ଗଢ଼ିବାକୁ ଯୋଜନା କରିଛି। ଅବଶ୍ୟ ଅନୁଭବୀ ଓ ଅନୁଭୂତିସମ୍ପନ୍ନ ନେତାଙ୍କୁ ଦଳ କେବେ ବି ଅଣଦେଖା କରିପାରିବ ନାହିଁ। କିନ୍ତୁ ଯୁବ ଓ ଅନୁଭବୀଙ୍କ ମିଳିତ ଟିମ ନେଇ ବିଜେପି ଆଗାମୀ ଦୁଇ ଦଶନ୍ଧି ପାଇଁ ରଣନୀତି ପ୍ରସ୍ତୁତ କରୁଛି। ଏହି ପ୍ରକ୍ରିୟାରେ ଯୁବ ନେତୃତ୍ୱଙ୍କୁ ଆଗକୁ ଆଣିବା ସମୟରେ ଜାତି, ଧର୍ମ ଓ ଲିଙ୍ଗଗତ ସମାନତାକୁ ମଧ ଗୁରୁତ୍ୱ ଦିଆଯିବ।

ଦେଶର ସର୍ବପୁରାତନ ଦଳ କଂଗ୍ରେସ ଯେଉଁ ସମସ୍ୟା ଦେଇ ଗତି କରୁଛି, ବିଜେପି ସେପରି ବିଚାରଗତ ବିବାଦଠାରୁ ଦୂରେଇ ରହିବାକୁ ନିଜର ଢାଞ୍ଚାଗତ ପରିବର୍ତ୍ତନ ପାଇଁ ପୃଷ୍ଠା-୬

### 'ମନ କି ବାତ୍'ରେ ପାର୍ବତୀ ଗିରିଙ୍କୁ ମୋଦିଙ୍କ ପ୍ରଶଂସା

# ଜାନୁଆରୀ ୨୬ରେ ପାଳନ ହେବ ଜନ୍ମ ଶତବାର୍ଷିକୀ



**ବଳିଦାନରୁ ପ୍ରେରଣା ନେବାକୁ ଯୁବପିଢ଼ିକୁ ପରାମର୍ଶ**

**ନୂଆଦିଲ୍ଲୀ,୨୮।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ୧୨୯ତମ 'ମନ କି ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧିତ କରିବା ଅବସରରେ ଓଡ଼ିଶାର ଜଣାଶୁଣା ସ୍ୱାଧୀନତା ସଂଗ୍ରାମୀ ପାର୍ବତୀତ ଗିରିଙ୍କୁ ପ୍ରଶଂସା କରିଛନ୍ତି। ଭାରତର ସ୍ୱାଧୀନତା ସଂଗ୍ରାମ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ସୂଚନା ଦେବା ସହ ଆସନ୍ତା ବର୍ଷ ଜାନୁଆରୀ ୨୬ରେ ତାଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହେବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଶ୍ରୀମତୀ ଗିରି ତାଙ୍କ ଜୀବନକୁ ସମାଜସେବା ପାଇଁ ଉତ୍ସର୍ଗ କରିଥିଲେ। କିନ୍ତୁ ଦେଶର ସ୍ୱାଧୀନତା ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ଶ୍ରୀମତୀ ଗିରିଙ୍କ ସମେତ ଅନେକଙ୍କୁ ପୂର୍ବରୁ ଉପଯୁକ୍ତ ସମ୍ମାନ ମିଳୁନଥିବା ବେଳେ କେନ୍ଦ୍ରରେ ଏନ୍ଡିଏ ସରକାର ଗଠନ ହେବା ପରେ ଏଥିରେ ଯଥେଷ୍ଟ ସୁଧାର ଆସିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ଯେ ମାତ୍ର ୧୬ ବର୍ଷ ବୟସରେ ଶ୍ରୀମତୀ ଗିରି ସ୍ୱାଧୀନତା ସଂଗ୍ରାମକୁ ଓହ୍ଲାଇଥିବା ବେଳେ ଭାରତ ଛାଡ଼ ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ତେଣୁ ଆସନ୍ତା ବର୍ଷ ଜାନୁଆରୀ ୨୬ରେ ଶ୍ରୀମତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହେବ, ଯାହାଦ୍ୱାରା ଯୁବପିଢ଼ି ତାଙ୍କ ସମ୍ପର୍କରେ ଜାଣିବା ସହ ପ୍ରେରିତ ହେବେ ଓ ସମଗ୍ର ଦେଶ ମଧ ତାଙ୍କ ଅବଦାନ ସମ୍ପର୍କରେ ଅବଗତ ହୋଇପାରିବ। ପୃଷ୍ଠା-୬



**କାନ ଡେରିଆ**

ଗାଡିର କାଗଜ
ଟେନସନ ଦେଲାଣି
ଚଳେଇ ହେବନି ଗାଡି
କାଗଜ ପତର ଠିକ ନଥିଲେ
ସୋଇଯିବା ମୁହଁ ମାଡି
ଫାଇନ ଦେବ ବିଗାଡି...
ହଜାର ହଜାର ଫାଇନ ବଦଳେ
କାଗଜ ଦିଅ ସଜାଡି।

■ ଦେବାଶିଷ

# ବିଜୁ ନାଁରେ ନବୀନଙ୍କୁ ରାଜନୈତିକ ହତ୍ୟା ଷଡ଼ଯନ୍ତ୍ର

- ପରଦା ପଛରେ ଖେଳ କରୁଛନ୍ତି କ୍ରୀତଦାସ!
- ଦାନବାକ୍ସକୁ ଯିବ ବିଜେଡିର ସବୁ ପାଣ୍ଠି



**ଭୁବନେଶ୍ୱର,୨୮।୧୨(ସଂଚାର ବ୍ୟୁରୋ):** ବିଜେଡିର ଅସନ୍ତୁଷ୍ଟ ନେତାମାନେ ଆଜି ପୁଣିଥରେ କଟକ ତେଲେଙ୍ଗାପେଣ୍ଠସ୍ଥିତ ଏକ ଫାର୍ମହାଉସରେ ରାତିଅଧିଆ ବୈଠକ କରିଛନ୍ତି। ଝୁମୁକା ବୈଠକରେ ସାମିଲ ଥିବା ନେତାମାନେ ଆଜିର ବୈଠକରେ ବି ଯୋଗଦେଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳୁଥିବା ବେଳେ ଏମାନେ ମୁଖ୍ୟତଃ ବିଜେଡି ସଭାପତିଙ୍କୁ ଚ୍ୟାଲେଞ୍ଜ ଦେବା ପାଇଁ ଯୋଜନା ପ୍ରସ୍ତୁତିରେ ଲାଗିଛନ୍ତି।

ବିଜେଡିର ଜନୈକ ସାଂସଦଙ୍କ ଏହି ଫାର୍ମହାଉସରେ ଅସନ୍ତୁଷ୍ଟଙ୍କ ମେଳି ଚାଲିଥିବା ବେଳେ ଏମାନେ ସମସ୍ତେ ନିଜକୁ ବିଜୁବାବୁଙ୍କ ଦାୟାଦ ବୋଲି କହୁଛନ୍ତି। ଓଡ଼ିଶାବାସୀଙ୍କ ଆଗରେ ନିଜକୁ ବିଜୁ ଦାୟାଦ ବୋଲି କହିବୁଲୁଥିବା ଏହି ନେତାମାନେ ଅସଲରେ କିନ୍ତୁ ବିଜୁପୁତ୍ର ନବୀନଙ୍କ ରାଜନୈତିକ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚୁଥିବା ନେଇ ଆଲୋଚନା ଜୋର ଧରିଛି। ଗତ କିଛିଦିନ ହେଲା ଶଙ୍ଖ ଭବନ ମାଡୁନଥିବା କିମ୍ବା ବିଜେଡି ନେତାଙ୍କୁ ଧରାଛୁଆଁ ଦେଉନଥିବା କ୍ରୀତଦାସ ପରଦା ପଛରେ ରହି ଏପରି ମେଳିର ଆୟୋଜନ କରୁଥିବା ଏହି ସୂତ୍ରରୁ ସୂଚନା ମିଳିଛି।

ଗୋଟିଏ ପଟେ ନବୀନଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ ଦେବା ସହ ବିଜେଡିକୁ ଦୁର୍ବଳ କରିବା ପାଇଁ ଅସନ୍ତୁଷ୍ଟମାନେ ଘନ ଘନ ବୈଠକ କରୁଥିବା ବେଳେ ଅନ୍ୟପଟେ କିନ୍ତୁ ବିଜେଡି ପାଣ୍ଠିକୁ ନେଇ ଦଳ ଭିତରେ ଛକାପଞ୍ଝା ଆରମ୍ଭ ହୋଇଛି। ନବୀନ ଏହି ପାଣ୍ଠିକୁ କୌଣସି ବଡ଼ ଟ୍ରଷ୍ଟକୁ ଦାନ କରିଦେଇପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। କଟକର ଆନନ୍ଦ ଭବନକୁ ଯେଭଳି ନବୀନ ରାଜ୍ୟ ସରକାରଙ୍କ ହାତକୁ ଟେକିଦେଇଛନ୍ତି, ଅନୁରୂପ ଭାବେ ବିଜେଡି ପାଣ୍ଠିକୁ ବି ସେ ଓଡ଼ିଶାବାସୀଙ୍କ ହିତରେ ବିନିଯୋଗ ପାଇଁ ପଦକ୍ଷେପ ନେଇପାରନ୍ତି ବୋଲି କୁହାଯାଉଛି। ଏଥିପାଇଁ ନବୀନ କୌଣସି ଗୋଟିଏ ଭରସାଯୋଗ୍ୟ ଟ୍ରଷ୍ଟ ସନ୍ଧାନରେ ଥିବା କୁହାଯାଉଥିବା ବେଳେ ବିରୋଧୀଙ୍କ କାର୍ଯ୍ୟକଳାପ ଏଥିପାଇଁ ନବୀନଙ୍କୁ ଏକରକମ ବାଧ ପୃଷ୍ଠା-୬

## ୨୫ରୁ ଅଧିକ ନେତା ନେବେ ଚରମ ନିଷ୍ପତ୍ତି

- ନିଆଁରେ ଘିଅ ଢାଳିଲେ କ୍ରୀତଦାସ

ଯୁବ ଓ ଛାତ୍ର ଟିମ ଗଠନ ହେବା ହେବା ମାତ୍ରେ ଆରମ୍ଭ ହୋଇଗଲାଣି ଅସନ୍ତୋଷ। ଦାୟିତ୍ୱ ବଣ୍ଟନକୁ ନେଇ ଯୁବ ଟିମରେ ଗ୍ରହଣ କରାଯାଇଥିବା ନେତାଙ୍କୁ ନେଇ ଆଭ୍ୟନ୍ତରୀଣ ବିବାଦ ଆରମ୍ଭ ହୋଇଛି। ଯୁବ ସଭାପତିଙ୍କ ବିରୋଧରେ କିଛି ଯୁବ ନେତା ଭୁବନେଶ୍ୱରରେ ଆଜି ମେଳି କରିଛନ୍ତି। ଦଳର ଗୋଟିଏ ହେଲେ କାର୍ଯ୍ୟକ୍ରମରେ ନ ଥିବା ନେତାଙ୍କୁ ବଡ଼ ବଡ଼ ପଦ ପଦବୀ ଦିଆଯାଇଛି। ଅଥଚ ଦଳ ହାରିବା ପରେ ବି ଦଳ ସହ ରହି ସବୁ ଆନ୍ଦୋଳନରେ ଆଗରେ ରହୁଥିବା ନେତାଙ୍କୁ ଅଣଦେଖା କରାଯାଇଛି। ଏହାର ପ୍ରତିବାଦରେ କିଛି ଯୁବ ନେତା ଭୁବନେଶ୍ୱରେ ଏକାଠି ହୋଇ ନିଜର ପରବର୍ତ୍ତୀ ରାଜନୈତିକ ପଦକ୍ଷେପ ନେଇ ଯୋଜନା କରୁଥିବା ବେଳେ ସେମାନଙ୍କୁ ପରୋକ୍ଷ ନୈତିକ ସମର୍ଥନ ଦେଇଛନ୍ତି କ୍ରୀତଦାସ ଓରଫ ବବି ଦାସ। ଏହି ଯୁବ ନେତାମାନେ ଦିନେ ଦୁଇ ଦିନ ମଧ୍ୟରେ ଚରମ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ଯୁବ ବିଜେଡିର ପ୍ରାୟ ୨୫ରୁ ଅଧିକ ନେତା ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କ ହାତରେ ଇସ୍ତଫାପତ୍ର ଦେବେ ବୋଲି ସୂଚନା ମିଳିଛି।



# ଭଲ ଲୋକ

ଶ୍ୟାମା କିଙ୍କର ମହାନ୍ତି



ଏଇ ସହରର ଯେଉଁ ଆପାର୍ଟମେଂଟରେ ମୁଁ ରହୁଛି ସେଠି ଶହେ ଆଠ ଫ୍ଲାଟ। ବିଭିନ୍ନ ବୃତ୍ତିର ବିଭିନ୍ନ ଭାଷାର ବିଭିନ୍ନ ଚେହେରାର ତଥା ବିଭିନ୍ନ ବୟସର ଲୋକେ ଏଠି ରୁହନ୍ତି। ପରସ୍ପର ସହ ମିଳାମିଶା ବହୁତ କମ ହେଲେ ବି ଗୋଟିଏ ସମାନତା ଏଠି ଏୟା ଯେ ସକାଳ ହେଲେ ଏଠୁ ଗୁଡାଏ ଲୋକ ମର୍ନିଂ ୱାକରେ ବାହାରନ୍ତି ବିଭିନ୍ନ ଗୋଷ୍ଠୀରେ। ସଂଯୋଗ ଏହି ଯେ ପାଖାପାଖି ସମାନ ସମୟରେ ଆମେ ବାହାରୁ, ମୁଁ ଏକା ଆଉ ସେମାନେ ତିନିଜଣ, ଦାସବାବୁ / ରାଜେଶ ଆଉ ମହାନ୍ତି ଅଙ୍କଲ। ହଁ, ଆମ ଆପାର୍ଟମେଂଟରୁ ସାତଶ କି ଆଠଶ ମିଟର ଦୂରରେ ଗୋଟେ ସୁନ୍ଦର ସବୁଜ ପାର୍କ। ସମସ୍ତଙ୍କ ଗନ୍ତବ୍ୟ ସ୍ଥଳ ସେଇଠିକୁ। ଦାସବାବୁ ବୃତ୍ତିରେ ଜଣେ ଅଧ୍ୟାପକ, ରାଜେଶ ସରକାରୀ ଅଫିସରେ ସେକ୍ସନ ଅଫିସର ଆଉ ମହାନ୍ତି ଅଙ୍କଲ ଅବସରପ୍ରାପ୍ତ ରେଳବାଇ କର୍ମଚାରୀ। କିନ୍ତୁ ସେମାନଙ୍କ ମଧ୍ୟରେ ସମାନତା ହେଲା ସେମାନେ ସମସ୍ତେ କବିତା ଲେଖନ୍ତି, ତେଣୁ ସେମାନଙ୍କୁ କବି କିମ୍ବା ସାହିତ୍ୟିକ କୁହାଯାଇ ପାରେ। ମୁଁ ହେଲି ବୃତ୍ତିରେ ସଫ୍ଟୱେର ଇଂଜିନିୟର। ଆମ ପାଇଁ ଦିନ ରାତି ସବୁ ସମାନ। କବିତା ସହ ସମ୍ପର୍କ ନାହିଁ, ତେଣୁ ଅଣସାହିତ୍ୟିକ। ଲ୍ୟାପଟପ୍ ସହ କାମ କରି କରି ମୁଣ୍ଡ ଟିଣ। ଚାଳିଶ ଛୁଇଁଲା ପରେ ଦୁନିଆ ବେମାରୀ। ଡାକ୍ତରଙ୍କ ପରାମର୍ଶରେ ମତେ ସକାଳୁ ମର୍ନିଂ ୱାକ ଆଉ କିଛି ୱାର୍କ ଆଉଟ କରିବାକୁ ପଡୁଛି। ପାର୍କର ଯେଉଁ ନିର୍ଦ୍ଦିଷ୍ଟ ଜାଗାରେ ମୁଁ ୱାର୍କ ଆଉଟ୍ କରେ ତା ପାଖ ବେଞ୍ଚରେ ସେମାନେ ଯାଇ ବସନ୍ତି। ମୋ ସହିତ ସାଧାରଣ ହାୟ ହ୍ୟାଲୋ ପରେ ସେମାନେ ମଜ୍ଜି ଯାଆନ୍ତି ସାହିତ୍ୟ ଚର୍ଚ୍ଚାରେ। ଲେଖିଥିବା କବିତାକୁ ଜଣେ ଅନ୍ୟ ଦୁଇ ଜଣଙ୍କୁ ଶୁଣାନ୍ତି। ବାଃ ବାଃ କରନ୍ତି। ତା ସହିତ କେଉଁ ପତ୍ରିକାରେ କି ସମ୍ବାଦପତ୍ରରେ ବାହାରିଥିବା ଆଉ କାହାର କବିତା ବିଷୟରେ ଚର୍ଚ୍ଚା କରନ୍ତି। କବିତାରୁ ବାହାରି ପୁଣି ଆରମ୍ଭ ହୁଏ ସେମାନଙ୍କ ଯାବତୀୟ ଆଲୋଚନା : କୋଉ ଲୋକ ଭାରି ଯୋଗାଡ଼ିଆ ଅଛି , ଆବୁରୁ ଜାବୁରୁ ଲେଖୁଛି କିନ୍ତୁ ଗୁଡ଼ାଏ ପୁରସ୍କାର ହାତେଇ ନଉଛି। କୋଉ ଲେଖିକା ସୁନ୍ଦରୀ ବୋଲି ତାକୁ ଲୋକେ ଫେସବୁକ୍ ରେ ଲାଇକ କମେଣ୍ଟ ଗଦେଇ ପକାଉଛନ୍ତି। ଅମୁକ ପତ୍ରିକାର ସମ୍ପାଦକ ପଇସା ନେଇକି ୟା ତା ଲେଖା ବାହାର କରୁଛି। ସମୁକ ପ୍ରକାଶକ ପାଖେ ବହି କଲେ କମ ଖର୍ଚ୍ଚ ହେଉଛି। ସେମାନଙ୍କ ଆଲୋଚନା ଶେଷ ହେଉ ନ ଥାଏ। ମୁଁ କିନ୍ତୁ ଅଧଘଣ୍ଟାଏ ଭିତରେ ପାର୍କରୁ ବାହାରି ଆସେ।

ସବୁଦିନ ପରି ଆଜି ବି ପାର୍କରୁ ବାହାରି ଆସିଲା ପରେ ବାଟରୁ ପୁଳାଏ ସଜନା ଶାଗ ଆଉ ଚାରି ବିଡା କଖାରୁ ଫୁଲ ଧରି ଘରକୁ ଫେରୁଥାଏ। ଆପାର୍ଟମେଣ୍ଟ ଗେଟ୍ ପାଖରେ ଦେଖିଲି ରାଜେଶର ଷ୍ଟାଣ୍ଡାର୍ଡ ସେଭେନ୍ ରେ ପଢୁଥିବା ଝିଅ ସ୍କୁଲ ଡ୍ରେସ ପିନ୍ଧି ବାରମ୍ବାର ରାସ୍ତାକୁ ଅନାଉଛି। ହୁଏତ ସ୍କୁଲ ଛାଡ଼ିବା ପାଇଁ ବାପାଙ୍କୁ ଅପେକ୍ଷା କରିଛି। ଟିକେ ଆଗକୁ ଗଲା ବେଳକୁ ଦାସ ବାବୁଙ୍କ ମିସେସ ଗ୍ୟାରେଜ ପାଖରେ ଠିଆ ହୋଇଛନ୍ତି। ଦାସ ବାବୁଙ୍କୁ ଦେଖିଥିଲେ କି , ପଚାରିଲେ ମୋତେ। ହଁ , ପାର୍କରେ ଅଛନ୍ତି , ମୁଁ କହିଲି। ଓହୋ କି ଲୋକ ଟିକେ ସମୟ ଜ୍ଞାନ ନାହିଁ ତାଙ୍କର...ସେ ବର୍ଷିବା ଆରମ୍ଭ କଲା ବେଳକୁ ମୁଁ ଖସି ଆସି ଲିଫ୍ଟ ପାଖରେ। ଘରେ ପହଞ୍ଚିଲା ପରେ ଦେଖା ହେଲେ ମହାନ୍ତି ଆଣ୍ଟି। ସେ ଆମ ପଡୋଶୀ। ଗୁଡ ମର୍ଣିଂ ଆଣ୍ଟି , କଣ ଦେହ ଭଲ ନାହିଁ କି , ମୁଁ ପଚାରିଲି। ନା ମ ଟୁଟୁ , ଦେହ ଭଲ ଅଛି ଯେ ତମ ଅଙ୍କଲକୁ ଦେଖୁନ , ଘରେ କ୍ଷୀର ସରିଯାଇଛି , ସକାଳୁ ଚା ପିଇନି , ଏ ବାବୁ କେତେବେଳେ ଆସିବେ ଯାଇ ଓମଫେଡଟେ ଆଣିବେ କେଜାଣି ...। ମୁଁ କହିଲି ଆସନ୍ତୁ ଆମ ଘରେ ଚା ପିଇ ନେବେ।

ଆଣ୍ଟିଙ୍କୁ ଚା ପିଆଇ ବିଦା କଲା ପରେ ମୋ ସ୍ତ୍ରୀ ନନ୍ଦିନୀକୁ ଦାସ ବାବୁଙ୍କ ସ୍ତ୍ରୀ ଓ ରାଜେଶର ଝିଅ କଥା ବି କହିଲି। ପଲିଥିନରୁ ସଜନା ଶାଗ ଆଉ କଖାରୁ ଫୁଲ ଦେଖି ନନ୍ଦିନୀ କହିଲା , ଆରେ ବହୁତ୍ ଦିନ ହେଲା କଖାରୁଫୁଲ ଖାଇ ନ ଥିଲି। ଯାଉଛି ପିଠଉ ଦେଇ ବରା କରିବି। ମନ ଜାଣି ଆଜି କେମିତି ଆଣିଛ ! ପୁଣି ସଜନା ଶାଗ ବାଛୁବାଛୁ ହସି ହସି କହିଲା , ଯା ହେଉ , ତମେ ଆମର ଭଲ ଲୋକ , ସେ କବିତା ଫବିତା ଚକ୍କର ରେ ପଡ଼ିନ।



# ଆଧୁନିକା ବୋହୂ

ଶ୍ରୀମତୀ ବାସନ୍ତୀ ଦାସ

ରାମବାବୁଙ୍କର ଗୋଟିଏ ପୁଅ। ପୁଅଟିକୁ ଗେଲବସରରେ ବଢାଇଥିଲେ। ତାଙ୍କ ସ୍ତ୍ରୀ ବିନିତା ମଧ ବହୁ ବ୍ରତ ପୁଅ ପାଇଁ କରନ୍ତି। ପୁଅର ବିବରହ ପ୍ରସ୍ତାବ ଆସିଲା ଅନେକ ଯାଗାରୁ କିନ୍ତୁ ବିନିତା ଯେଉଁ ଯାଗାରେ ଠିକ୍ କଲେ ପୁଅ ବିବାହ ପାଇଁ ରାଜିହେଲା। ବିନା ଯଉତୁକରେ ବାହାଘର ସରିଗଲା ବୋହୂ ଘରକୁ ଆସିଲା। ଆସି କୈଣଷି କାମ ନକରି ସବୁବେଳେ ବୁଲିଲା। ବାପଘରେ ପ୍ରାୟ ସ୍ୱାମୀ ରୋଜଗାର ନେଇ କହିଲା। ପୁଅ ତାକୁ ସମର୍ଥନ କଲା।

ରାମବାବୁଙ୍କର ଦେହନ୍ତ ହୋଇଗଲା। ତାପରେ ବୋହୂର ଆଉଟିକେ ପ୍ରକୋପ ବଢିଗଲା ଏବଂ ଶାଶୁ ଉପରେ ଅତ୍ୟାଚାର ଆରମ୍ଭ ହେଲା କିନ୍ତୁ ବିନିତାଦେବୀ ନଡରି ଖାଇପିଇ ଅଛନ୍ତି। କିନ୍ତୁ ସେ ଝିଅଘରର ଅବସ୍ଥା ଭଲ ନୁହେଁ ତଥାପି ତାର ରୋବାବ ଛାଡିନି। ସ୍ୱାମୀକୁ କହୁଛୁ, ଗୋଲାମ କରି ରଖିବି। ତେଣୁ ସ୍ୱାମୀକୁ ମଧ ଅତ୍ୟାଚାର କରୁଛି। ସରକାର ଆଇନକୁ ବଦଳାଇ ପୁଅ ଘରକୁ ସୁରକ୍ଷା ଦିଅନ୍ତୁ। *(କ୍ରମଶ)*

**କେନ୍ଦ୍ରାପଡ଼ା**

# ନୂତନ ବର୍ଷର ଅନୁଚିନ୍ତା



ଡକ୍ଟର ଲକ୍ଷ୍ମଣ ସାହୁ

ନୂତନ ବର୍ଷର ଆଗମନ ଅଳ୍ପ ଦିନ ବାକି ଅଛି। ଗୋଟିଏ ପରେ ଗୋଟିଏ କ୍ୟାଲେଣ୍ଡର ଏମିତି ବଦଳିଯାଇ ନୂତନ ସୂର୍ଯ୍ୟୋଦୟ ସୁନେଲି ସ୍ୱପ୍ନାଦେଶ ବିଶ୍ୱାସଚନ୍ଦ୍ରାଲୋକରୁ ସୂର୍ଯ୍ୟାଲୋକ ଆଡକୁ ଗତି କରୁଛି। ନୂତନ ବର୍ଷର ସ୍ୱାଗତ ନିମନ୍ତେ ଗୀର୍ଜା , ମସଜିଦ, ମନ୍ଦିରର ଦ୍ୱାର ଉନ୍ମୁକ୍ତ ରହିଛି। ଯେଉଁ ମନ୍ଦିରରେ ହାତ ଯୋଡି ଦେବା/ଦେବୀଙ୍କ ନିକଟରେ ନିଜର ମଙ୍ଗଳ କାମନା କରୁଛେ, ସେହି ସଭ୍ୟତାର ଗଭୀର ବିଶ୍ୱାସଧ୍ୱଂସାଭିମୁଖୀ ହେବାକୁ ଯାଉଥିବା ସଂପର୍କରେ ଥରେ କେହି କେବେ ଭାବିନାହେଁ। ଭାରତୀୟ ସଭ୍ୟତାରେ ସମୟର ଛାୟାଚିତ୍ର ପ୍ରଥମେ ଧର୍ମ ଉପରେ ଆଧାରିତ, ଯାହାର କେବେ ତୁଳନା ନାହିଁ।

ଈଶ୍ୱର ଅଛନ୍ତି କି ନାହିଁ ! ଏହି ପ୍ରଶ୍ନ ଶତାବ୍ଦୀ ଶତାବ୍ଦୀ ଧରି ମାନବଜାତିକୁ କଷ୍ଟ ଦେଇ ଆସୁଛି। କିନ୍ତୁ ସତ କହିବାକୁ ଗଲେ ଏହା ଯେତେ ପୁରୁଣା, ତାହା ସେତେ କ୍ଳାନ୍ତ ଅବସନ୍ନ। ଏହି ବିତର୍କ କ୍ଷୁଧା ମେଣ୍ଟାଇ ନାହିଁ, ରୋଗ ଦୂର କରେ ନାହିଁ , କିମ୍ବା ଅନ୍ୟାୟକୁ ବନ୍ଦ କରେ ନାହିଁ। ତେଣୁ ଏ ପରିପ୍ରେକ୍ଷୀରେଆଜିର ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଈଶ୍ୱର ଅଛନ୍ତି କି ନାହିଁ। ବରଂ କିଛି ଲୋକ ନିଜକୁ ଈଶ୍ୱରଙ୍କ ପ୍ରତିନିଧି ବୋଲି କାହିଁକି ଘୋଷଣା କରନ୍ତି ଓ ସମାଜ କାହିଁକି ନିଃସନ୍ଦେହରେ ସେମାନଙ୍କ ଦାବିକୁ ସହଜରେ ଗ୍ରହଣ କରିନିଏ ଆଶ୍ଚର୍ଯ୍ୟ ଲାଗେ। ବାସ୍ତବରେ କୌତୁହଳ ଲାଗିବା ସ୍ୱାଭାବିକ। ସେମାନେ ଆକାଶକୁ ଚାହିଁ ରହନ୍ତି, ମୃତ୍ୟୁକୁ ଭୟ କରନ୍ତି ଓ ଦୁଃଖକଷ୍ଟର ଅର୍ଥ ଖୋଜନ୍ତି। ବିଶ୍ୱାସ ଏହି ସବୁରୁ ଜନ୍ମ ନିଏ। ବିଶ୍ୱାସ ନିଜେ ଏକ ସମସ୍ୟା ନୁହେଁ କିମ୍ବା ସମାଧାନ ନୁହେଁ। ସମସ୍ୟା ସେତେବେଳେ ଆରମ୍ଭ ହୁଏ ଯେତେବେଳେ ବିଶ୍ୱାସ ଏକ ଅନୁଷ୍ଠାନ, ଗୋଷ୍ଠୀ କିମ୍ବା ବ୍ୟକ୍ତି ଦ୍ୱାରା ନିୟନ୍ତ୍ରିତ ହୁଏ। ଯେତେବେଳେ କେହି ଦାବି କରନ୍ତି ଯେ କେବଳ ସେମାନଙ୍କର ଈଶ୍ୱରଙ୍କ ପାଖରେ ପହଞ୍ଚିବାର ସୁବିଧା ଅଛି, ସେତେବେଳେ ବିଶ୍ୱାସ ବ୍ୟକ୍ତିଗତ ଅଭିଜ୍ଞତାରୁ ଶକ୍ତିର ଏକ ଉପକରଣକୁ ସ୍ଥାନାନ୍ତରିତ ହୁଏ। ତେଣୁ ବିଶ୍ୱାସ ବିହୁନେ ଆଜି ନିରୁଦ୍ଧିଷ୍ଟ ଭଗବାନ। ଅସହାୟ ଈଶ୍ୱର ଓ ମଣିଷ ଦ୍ୱାରା ଗଢି ଉଠିଥିବା ସମ୍ପର୍କ ହିଁ ତ "ବିଶ୍ୱାସ"। ହେଲେ ଆଜି ନିରୁଦ୍ଧିଷ୍ଟ ମଣିଷ ମଣିଷ ମଧ୍ୟରେ ବିଶ୍ୱାସ ନାହିଁ। ସବୁ କିଛି ଅଚିହ୍ନା , ପରିବେଶର କେଉଁ ପରିବର୍ତ୍ତନ ଅନୁଧ୍ୟାନ କରିବା ସତରେ ମୁସ୍କିଲ୍ ହୋଇପଡୁଛି। ବିଶ୍ୱାସ କାହା ସହିତ ସମ୍ପର୍କ ଗଢ଼ି ଦିଏ'ତ ବେଳେବେଳେ କାହା ସହିତ ସମ୍ପର୍କ ବିଚ୍ଛିନ୍ନ କରି କେତେବେଳେ ନିଜେ ନିଜର ଜୀବନ ନେଇଯାଏ କହିହେବ ନାହିଁ। ପ୍ରତ୍ୟେକଙ୍କ ଜୀବନରେ ବିଶ୍ୱାସ ଜନ୍ମାଇବା ଲାଗି ଶ୍ରୀମଦ୍ ଭାଗବତ ଗୀତାରେ କୁହାଯାଇଛି "ବିଶ୍ୱାସ ମୂଳେ ଏ ଜଗତ, ପ୍ରାଣୀ ହୁଅନ୍ତି ଆତ ଜାତ"। ହେଲେ ଏହାକୁ ମାନିନେବା ପାଇଁ ଏ ନର ସମାଜ ନାରାଜ ଏହାର ପ୍ରମାଣ ଦେବା ପାଇଁ ତର୍କ ବିତର୍କ ଆରମ୍ଭ ହୋଇଯାଏ। ଜେନ

"ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର" ଅର୍ଥାତ୍ ବିଶ୍ୱାସରେ ଈଶ୍ୱର ମାନିଲେ ଦେବତା ନ ମାନିଲେ ପଥର । ଈଶ୍ୱରଙ୍କ ସୃଷ୍ଟିରେ ବିଶ୍ୱାସ ସମ୍ପର୍କର ମୂଳଦୁଆ ନଚେତ୍ ଏ ଜୀବ ଜଗତରେ ଚଳିବା ଅସମ୍ଭବ। ବିଶ୍ୱାସର ବିଲୁପ୍ତରେ ଏ ସମାଜ ଅଧଃପତନ ଆଡ଼କୁ ଗତି କରେ। ବିଶ୍ୱାସରେ ସର୍ତ୍ତ ସୃଷ୍ଟି ହିଁ ବିଶ୍ୱାସ ସଙ୍କଟର କାରକ , ଏଥିପାଇଁ ଯଦି ପ୍ରଶ୍ନ ଉଠେ ତେବେ କୁହାଯିବ ଏହାପାଇଁ ପ୍ରମାଣର ଆବଶ୍ୟକତା ନାହିଁ କେବେଳ ଆସ୍ଥା ହିଁ ଯଥେଷ୍ଟ "ମନ୍ଦିରରେ ଦେଖୁଥିବା ପଥର ଈଶ୍ୱର ନୁହେଁ, ବରଂ ପଥର ମଧ୍ୟରେ ଈଶ୍ୱର ବିଦ୍ୟମାନ" ଛଦ୍ମ ଛଳନାର ଖୋଳପା ମଧ୍ୟରେ ମଣିଷ ଆଜି ସ୍ୱାର୍ଥ ହାସଲ ଲକ୍ଷ୍ୟରେ ହଜିଯାଇଛି ସମସ୍ତ କଥା ବସ୍ତୁକୁ ସର୍ବୋପରି ଅନୁଧ୍ୟାନ କରି କୁହାଯିବ ବିଶ୍ୱକୁ ନେଇ ବିଶ୍ୱାସ ସୃଷ୍ଟି।

ଇତିହାସ ସାକ୍ଷୀ ଅଛି ଯେ ସମାଜରେ ଶ୍ରମ ବିଭାଜନ ବୃଦ୍ଧି ପାଇବା ସହିତ ଚିନ୍ତାଧାରାର ବିଭାଜନ ମଧ ବୃଦ୍ଧି ପାଇଲା। କିଛି ଲୋକ ଉତ୍ପାଦନରେ ନିୟୋଜିତ ହେଲେ, କିଛି ବ୍ୟବସ୍ଥା ପରିଚାଳନାରେ ଓ ଅନ୍ୟ କିଛି ଲୋକ ଅର୍ଥ ସୃଷ୍ଟି କରିବାରେ। ଏପରିକି ଶେଷରେ ଏଭଳି ଶ୍ରେଣୀର ଲୋକ ଉଭା ହେଲେ ଯେଉଁମାନେ ଅଦୃଶ୍ୟ ଶକ୍ତିଗୁଡ଼ିକୁ ବ୍ୟାଖ୍ୟା କରିବାକୁ ଲାଗିଲେ। ସେମାନେ ଭୟ, ଆଶା ଓ ଦୋଷକୁ ଗୋଟିଏ ସୂତ୍ରରେ ବାନ୍ଧିଦେଲେ। ସେଥିପାଇଁ ନୂତନ ନିୟମ ସୃଷ୍ଟି କଲେ , ଯାହା ସାଧାରଣ ଲୋକଙ୍କ ଜୀବନକୁ ନିୟନ୍ତ୍ରଣ କରିବାକୁ ଲାଗିଲା। ଏହି ନିୟନ୍ତ୍ରଣ ଧୀରେ ଧୀରେ ଏତେ ସ୍ୱାଭାବିକ ହୋଇଗଲା ଯେ ଏହାକୁ ପ୍ରଶ୍ନ କରିବା ଏକ ପାପ ବୋଲି ବିବେଚନା କରାଗଲା।

ବୈଜ୍ଞାନିକ ଦୃଷ୍ଟିକୋଣ ଆମକୁ କହେ ଯେ ମାନବ ମନ ଏକ ନମୁନା ଖୋଜୁଥିବା ଯନ୍ତ୍ର। ଏହା ଅନିଶ୍ଚିତତାକୁ ଭୟ କରେ ଓ ବିଶେଷ କରି କାରଣ ଖୋଜେ। ଯେତେବେଳେ କାରଣ ବୁଝାପଡେ ନାହିଁ, ସେତେବେଳେ କଳ୍ପନା ସୃଷ୍ଟି ହୁଏ। ଏହା ଏକ ଦୁର୍ବଳତା ନୁହେଁ, ବରଂ ଏକ ଜୈବିକ ସତ୍ୟ। ସମସ୍ୟା ସେତେବେଳେ ଉପୁଜେ ଯେତେବେଳେ ଏହି କଳ୍ପନାଗୁଡ଼ିକୁ ସ୍ଥାୟୀ ସତ୍ୟ ବୋଲି ଘୋଷଣା କରାଯାଏ ଓ ସେଥିରୁ ସାମାଜିକ ନିୟମ ସୃଷ୍ଟି ହୁଏ। ବିଜ୍ଞାନ ପ୍ରଶ୍ନ ପଚାରିବାକୁ ଉତ୍ସାହିତ କରୁଥିବା ବେଳେ, ବିଶ୍ୱାସ-ଆଧାରିତ ଶକ୍ତି ପ୍ରଶ୍ନ ପଚାରିବାକୁ ଅପରାଧୀ କରିଥାଏ।

ପ୍ରତ୍ୟେକ ଧାରଣା ଏହାର ସମୟ ଓ ପରିସ୍ଥିତିର ଉତ୍ପାଦ ଅଟେ। ଯେଉଁ ସମାଜରେ ସମ୍ବଳର ଅଭାବ ଥିଲା, ସେଠାରେ ପରଲୋକର ଧାରଣା ଦୃଢ଼ ହୋଇଉଠିଲା। ଯେଉଁ ସମାଜରେ ଶୋଷଣ ଗଭୀର ଥିଲା, ସେଠାରେ ସହନଶୀଳତା ଏକ ସଦ୍ଗୁଣରେ ଉନ୍ନୀତ ହୋଇଥିଲା। ଏହା କୌଣସି ସଂଯୋଗ ନୁହେଁ। ଚିନ୍ତାଧାରା ସର୍ବଦା ଭୌତିକ ପରିସ୍ଥିତିରୁ ଉତ୍ପନ୍ନ ହୁଏ। ତେଣୁ ଯେତେବେଳେ ଏକ ଗୋଷ୍ଠୀ ଅନନ୍ତ ସତ୍ୟର ଅଧିକାରୀ ବୋଲି ଦାବି କରେ, ପ୍ରଥମ ପ୍ରଶ୍ନ ହେଉଛି ସେହି ସତ୍ୟରୁ କିଏ କେତେ ଲାଭ ପାଏ। ଏଠାରେ ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ପ୍ରଶ୍ନଟି ଜଣେ ବ୍ୟକ୍ତିଙ୍କ ବିଶ୍ୱାସ ବିଷୟରେ ନୁହେଁ, ବରଂ ସେହି ବିଶ୍ୱାସର ରାଜନୀତି ବିଷୟରେ। ଯଦି ଜଣେ ବ୍ୟକ୍ତି କୌଣସି ଅଦୃଶ୍ୟ ଶକ୍ତିରେ ବିଶ୍ୱାସ କରନ୍ତି।

ଜଣେ କ'ଣ ବିଶ୍ୱାସ କରେ ତାହା ଏକ ବ୍ୟକ୍ତିଗତ ବିଷୟ। କିନ୍ତୁ ଯେତେବେଳେ ସେହି ସମାନ ବିଶ୍ୱାସ ଅନ୍ୟମାନଙ୍କ ଉପରେ ଲଦି ଦିଆଯାଏ, ଆଇନ, ନୈତିକତା ଓ ସାମାଜିକ ସ୍ଥିତିର ଆଧାର ହୋଇଯାଏ, ଏହା ଏକ ସାର୍ବଜନୀନ ପ୍ରସଙ୍ଗ ହୋଇଯାଏ। ତା'ପରେ ଏହି ବ୍ୟବସ୍ଥାର ବୈଧତା ଉପରେ ପ୍ରଶ୍ନ ଉଠାଇବା ଜରୁରୀ ହୋଇଯାଏ। ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜୀବନରେ ଏପରି ଅନେକ କ୍ଷେତ୍ର ଅଛି , ଯେଉଁଠାରେ ପ୍ରଶ୍ନ ଉଠାଇବାକୁ ଅସଭ୍ୟ ବୋଲି ବିବେଚନା କରାଯାଏ। କାରଣ ସଭ୍ୟତା କିଛି ସୀମା ସ୍ଥିର କରିଛି। ଏହି ସୀମା ବ୍ୟକ୍ତିଗତ ମର୍ଯ୍ୟାଦା ବଜାୟ ରଖିବା ପାଇଁ ରହିଛି। ବିଶ୍ୱାସକୁ ଯଦି ବ୍ୟକ୍ତିଗତ କ୍ଷେତ୍ର ମଧ୍ୟରେ ରଖାଯାଏ, ତେବେ ମଧ ଏହି ମର୍ଯ୍ୟାଦାର ଏକ ଅଂଶ। କିନ୍ତୁ ଯେତେବେଳେ ବିଶ୍ୱାସ ନାମରେ କେହି ଅନ୍ୟମାନଙ୍କର କୌତୁହଳ, ଜୀବନଶୈଳୀ କିମ୍ବା ଚିନ୍ତାଧାରା ପରୀକ୍ଷା କରିବାକୁ ଆରମ୍ଭ କରନ୍ତି ସେହି ବିଶ୍ୱାସ ତାହାର ନୈତିକ ମୂଳଦୁଆ ହରାଇଥାଏ।




ନିୟନ୍ତ୍ରଣ ପାଇଁ ଇଚ୍ଛା ପ୍ରାୟତଃ ଅସୁରକ୍ଷାରୁ ଉତ୍ପନ୍ନ ହୁଏ। ଯେଉଁମାନେ ଅସ୍ଥିର ଅନୁଭବ କରନ୍ତି ସେମାନେ ଅନ୍ୟମାନଙ୍କ ଜୀବନରେ ନିୟମ ଲଦି ସ୍ଥିରତା ଖୋଜନ୍ତି। ଧାର୍ମିକ ଚୁକ୍ତିନାମା ଏହି ମାନସିକତାର ଏକ ସାମୂହିକ ପ୍ରକାଶ। ଏଥିରେ ବ୍ୟକ୍ତି ନୁହେଁ, ଗୋଷ୍ଠୀ ହିଁ କଥା କହୁଛି। ପ୍ରଶ୍ନ କରିବା ପାଇଁ , ଯିଏ ଆଜ୍ଞା ପାଳନ କରେ ସେ ଅଲଗା ହୋଇଯାଏ । ଏପରିକି ଆଜ୍ଞାପାଳକକୁ ପୁରସ୍କୃତ କରାଯାଏ। ଧୀରେ ଧୀରେ ସମାଜ ଚିନ୍ତା କରିବା ଅପେକ୍ଷା ଆଜ୍ଞାପାଳନର ଅଭ୍ୟାସ ବିକଶିତ କରେ।

ସତ୍ୟ ଏପରି କିଛି ପ୍ରସ୍ତୁତ ଜିନିଷ ନୁହେଁ ଯାହାକୁ କେହି ଆବିଷ୍କାର କରି ଏକ ସୁରକ୍ଷିତ ସ୍ଥାନରେ ବନ୍ଦ କରିଦିଏ। ସତ୍ୟ ଏକ ପ୍ରକ୍ରିୟା, ଅଭିଜ୍ଞତା, ଆଲୋଚନା ଓ ସମାଲୋଚନା ମାଧ୍ୟମରେ ବିକଶିତ ହୁଏ। ଯେତେବେଳେ ଏକ ଧାରଣା ସମାଲୋଚନାରୁ ଊର୍ଦ୍ଧ୍ୱକୁ ଯାଏ, ଏହା ସତ୍ୟ ହୋଇ ରହେ ନାହିଁ, ଏହା କେବଳ ଶକ୍ତିର ଏକ ଉପକରଣ ହୋଇଯାଏ। ତେଣୁ ପ୍ରକୃତ ନୈତିକତା ଆମେ ଯାହା ବିଶ୍ୱାସ କରୁ ତାହା ନୁହେଁ, ବରଂ ଆମେ ଅନ୍ୟମାନଙ୍କୁ କେତେ ସ୍ୱାଧୀନତା ଦେବାକୁ ଅନୁମତି ଦେଉଛୁ ତାହା। ବ୍ରହ୍ମାଣ୍ଡ ଏକ ନୈତିକ ଫର୍ଦ୍ଦ ଦଲିଲ୍ ବା ଏଜେଣ୍ଡା ସହିତ କାର୍ଯ୍ୟ କରେ ନାହିଁ। ପ୍ରକୃତି କାହାକୁ ଦଣ୍ଡ ଦିଏ ନାହିଁ କିମ୍ବା ପୁରସ୍କୃତ କରେ ନାହିଁ।

କାରଣ ଓ ପ୍ରଭାବର ଏକ ନିରନ୍ତର ଭାବ କ୍ରମ ଅଛି। ଯେତେବେଳେ ସମାଜ ଏହି ସତ୍ୟକୁ ବୁଝିବା ଆରମ୍ଭ କରେ, ସେତେବେଳେ ଗୁରୁ ଦାୟିତ୍ୱ ନିଜ ଭିତରେ ରହିବା ଆରମ୍ଭ କରେ, ଉପରେ ନୁହେଁ। ତା'ପରେ ଅନ୍ୟାୟକୁ ଆଉ କିଛି ଦିବ୍ୟ ଯୋଜନା ଉପରେ ଦୋଷ ଦିଆଯାଏ ନାହିଁ, ବରଂ ମାନବ ବ୍ୟବସ୍ଥା ପରିବର୍ତ୍ତନ ହୁଏ। ଏହି ବିନ୍ଦୁ ବିଶ୍ୱାସ ମାଧ୍ୟମରେ ଶକ୍ତି ପ୍ରୟୋଗ କରୁଥିବା ଲୋକଙ୍କ ପାଇଁ ସବୁଠାରୁ ଅସ୍ୱସ୍ତିକର। କାରଣ ଯେତେବେଳେ ଦାୟିତ୍ୱ ମଣିଷ ହାତରେ ପଡ଼ିଯାଏ, ସେତେବେଳେ ପ୍ରଶ୍ନ ମଧ ଆସିଥାଏ। ପ୍ରଶ୍ନଗୁଡ଼ିକ ସମ୍ବଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସମ୍ମାନର ବଣ୍ଟନ ଚାରିପାଖରେ ଘୂରି ବୁଲନ୍ତି। ତା'ପରେ ଏହା କହିବା ଆଉ ସହଜ ନୁହେଁ ଯେ ସବୁକିଛି କିଛି ଅଦୃଶ୍ୟ ଇଚ୍ଛାର ଫଳାଫଳ। ତା'ପରେ ଏହା ସ୍ପଷ୍ଟ ହୋଇଯାଏ।

ଏହା ଦେଖାଯାଉଛି ଯେ ଅନେକ ଜିନିଷ ମଣିଷ ଦ୍ୱାରା ସୃଷ୍ଟି ହୋଇଛି, ଓ ଆବଶ୍ୟକ ସ୍ଥଳେ କେବଳ ମଣିଷ ହିଁ ସେଗୁଡ଼ିକୁ ପରିବର୍ତ୍ତନ କରିପାରିବ। ତେଣୁ ଆଜିର ବିତର୍କର କେନ୍ଦ୍ରବିନ୍ଦୁ ହେବା ଉଚିତ୍ ଯେ କାହାକୁ ଧାରଣାର ଅନୁମତି ପତ୍ର ବା ଲାଇସେନ୍ସ ଦିଆଯାଇଛି ଓ କାହିଁକି। କିଏ ନିର୍ଣ୍ଣୟ କରେ କେଉଁଟି ଠିକ୍ ଓ ଭୁଲ ଆଚରଣ ? ଏହାକୁ ନିର୍ଣ୍ଣୟ କରିବାର ଅଧିକାର କ'ଣ ଜନ୍ମରୁ, ପୁସ୍ତକରୁ, ନା କ୍ଷମତାରୁ ଆସିଛି ? ଏବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୌଣସି ଧାରଣାକୁ ଏଭଳି ପ୍ରତିଷ୍ଠିତ କରାଯାଇପାରିବ ଯେ ତାହାକୁ ପ୍ରଶ୍ନ କରିବା ଏକ ଅପରାଧ ହୋଇଯାଏ। ଏକ ପରିପକ୍ୱ ସମାଜ ଏପରି ନୁହେଁ ଯେଉଁଠାରେ ସମସ୍ତେ ସମାନ ଭାବରେ ଚିନ୍ତା କରନ୍ତି, ବରଂ ଏପରି ଏକ ସମାଜ ଯେଉଁଠାରେ ଭିନ୍ନ ଚିନ୍ତାଧାରା ପାଇଁ ସ୍ଥାନ ରହିଥାଏ। ଯେଉଁଠାରେ ବିଶ୍ୱାସ ଥାଇପାରେ, କିନ୍ତୁ ଏହାକୁ ଭୟଭୀତ କରିବା କିମ୍ବା ଦମନ କରିବା ପାଇଁ ବ୍ୟବହାର କରାଯାଏ ନାହିଁ। ଯେଉଁଠାରେ ପ୍ରଶ୍ନ ପଚାରିବା ଅସମ୍ମାନଜନକ ନୁହେଁ, ବରଂ ବୌଦ୍ଧିକ ସଚ୍ଚୋଟତା ବୋଲି ବିବେଚନା କରାଯାଏ।

ଏକଦା ଯୋଗଜନ୍ମା ଦାର୍ଶନିକ କନ୍‌ଫ୍ୟୁସିୟସକହିଥିଲେ, 'ଯଦି ଈଶ୍ୱର ନ ଥାନ୍ତି, ଚାଲ ଆମେ ତାଙ୍କୁ ଉଦ୍‌ଭାବନ କରିବା।' ସ୍ପଷ୍ଟ ମନେହୁଏ ସେ ଈଶ୍ୱରଙ୍କ ସ୍ଥିତିକୁ ନେଇନିଶ୍ଚିତ ନ ଥିଲେ, କିନ୍ତୁ ମାନବ ସମାଜର ହିତ ପାଇଁ ଈଶ୍ୱରଙ୍କ ପ୍ରତି ବିଶ୍ୱାସ ରଖିବା ଅପରିହାର୍ଯ୍ୟ ବୋଲି ମନେକରୁଥିଲେ। ବିଶ୍ୱାସ ହେଉଛି ବ୍ୟକ୍ତିଗତ ଢାଞ୍ଚା କିମ୍ବା ଏକ ଦୃଢ଼ ଧାରଣା। ଦୈନିକ ଆମେ କଥାବାର୍ତ୍ତାରେ କହୁ, "ମୋର ଭଗବାନଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଅଛି। " ଏହାର ଅର୍ଥ ଆମେ ତାଙ୍କ ଉପରେ ଆସ୍ଥା ରଖୁ। ଈଶ୍ୱର ବିଶ୍ୱାସ ଆମ ଦେହ ଓ ମନ ଉପରେ ସକାରାତ୍ମକ ପ୍ରଭାବ ପକୁ ଥିବାର ଆମେରିକାର ମନସ୍ତତ୍ତ୍ୱବିତ୍ ସି.ଏସ୍. ଏଲିସନ୍ ଓ ଜେ.ଏସ୍. ଲେଭିନ୍ ମତ ଦେଲେଣି।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ- ଧ୍ରୁବଙ୍କର ତପସ୍ୟା କରିବାର ବୟସ ହୋଇନଥିଲା , ଗଜେନ୍ଦ୍ର ପାଖରେ କୌଣସି ବିଶେଷ ବିଦ୍ୟା ନଥିଲା , ଯଦୁପତି ଉଗ୍ରସେନଙ୍କର କିଛି ପରାକ୍ରମ ନଥିଲା , କୁବ୍‌ଜା ସୁନ୍ଦରୀ ନଥିଲା , ମୋତେ କିଛି ଦେବା ପାଇଁ ସୁଦାମା ପାଖରେ ଧନ ନଥିଲା , ସେମାନଙ୍କର ମୋ ପ୍ରତି ଗଭୀର ବିଶ୍ୱାସ ଥିଲା। କେବଳ ଏତିକି ନୁହେଁ, ନିଷାଦରାଜ, ସୁଗ୍ରୀବ, ବିଭୀଷଣ, ହନୁମାନ ଏପରିକି ବୃତ୍ରାସୁର ଓ ପୂତନା ଇତ୍ୟାଦି ସେମାନଙ୍କର ମୋ ଉପରେ ଥିବା ବିଶ୍ୱାସ ଯୋଗୁ ମୋ ଆଶୀର୍ବାଦ ପାଇପାରିଲେ। 'ମୁଁ ତୁମର' ବୋଲି ବିଶ୍ୱାସ ଆସିଲେ 'ତୁମେ ବି ମୋର' ହୋଇଯିବ।

ଶେଷରେ ସବୁକିଛି ଏହି କଥାରେ ଶେଷ ହୁଏ। ନୂତନ ବର୍ଷର ଆଗମନ ଈଶ୍ୱରଙ୍କ ଠାରେ ବିଶ୍ୱାସ କିମ୍ବା ଅବିଶ୍ୱାସ ଅପେକ୍ଷା ମାନବତାରେ ବିଶ୍ୱାସ ଅଧିକ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ବୁଝାମଣା, କରୁଣା ଓ ପରିବର୍ତ୍ତନ କରିବାର କ୍ଷମତାରେ ନିର୍ଭର କରେ। ଆମେ ଯେପର୍ଯ୍ୟନ୍ତ ଅନ୍ୟମାନଙ୍କୁ କ'ଣ ଭାବିବା ଉଚିତ୍ ତାହା ନିର୍ଦ୍ଦେଶ ଦେବାକୁ ଦେଉଛୁ, ସେପର୍ଯ୍ୟନ୍ତ ଆମେ ଆମ ନିଜସ୍ୱ ତିଆରି ଶୃଙ୍ଖଳକୁ ପୂଜା କରି ଚାଲିଥିବା। ପ୍ରକୃତ ମୁକ୍ତି ସ୍ୱର୍ଗରୁ ନୁହେଁ, ବରଂ ପ୍ରଶ୍ନ ପଚାରିବା ପାଇଁ ନିଜକୁ ଅନୁମତି ଦେଉଥିବା ସାହସରୁ ଆସିଥାଏ। ଏହାହିଁ ହେଉ ନୂତନ ବର୍ଷର ଅନୁଚିନ୍ତା...!!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪୭୫**

## ଜଙ୍ଗଲରେ ଅତର୍କିତ ଚଢ଼ାଉ

# ୨୦୦୦ ଗଞ୍ଜେଇ ଗଛ ପୋଡ଼ିଲା ପୁଲିସ



ଜି.ଉଦୟଗିରି,୨୮।୧୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ପୁଲିସ ଥାନା ଅନ୍ତର୍ଗତ ଗଗମାହା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଗଞ୍ଜେଇ ଚାଷ ହେଉଥିବା ଖବର ପାଇ ସେହି ସ୍ଥାନରେ ଅତର୍କିତ ଚଢ଼ାଉ କରିଥିଲା। ସ୍ଥାନୀୟ ଆଇଆଇସି ବିଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏସଆଇ ରୂପକ ଦଳେଇ, ଏଏସଆଇ ବୁଲୁ ବେହେରା, ରବୀନ୍ଦ୍ର ସେଠୀଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ, ହୋମଗାର୍ଡ, ଅବକାରୀ ବିଭାଗ କର୍ମଚାରୀ, ବନ ବିଭାଗ କର୍ମଚାରୀ ସବକଲ ଗଞ୍ଜେଇ ଚାଷ ହେଉଥିବା ସ୍ଥାନରେ ପହଞ୍ଚି ରାଇକିଆର ଅତିରିକ୍ତ ତହସିଲଦାର ଦେବାଶିଷ ଜେନାଙ୍କ ଉପସ୍ଥିତିରେ ଗଞ୍ଜେଇ ଗଛ କାଟି ସେଗୁଡ଼ିକ ପୋଡ଼ି ନଷ୍ଟ କରିଦେଇଥିବା ଜଣାପଡ଼ିଛି।

ସୂଚନାନୁସାରେ, ୨ ଏକର ଜମିରେ ପ୍ରାୟ ୨ ହଜାର ଗଞ୍ଜେଇ ଗଛ ଲଗାଯାଇଥିଲା, ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଗତ ନଭେମ୍ବରରେ ଉକ୍ତ ଅଞ୍ଚଳରେ ଗଞ୍ଜେଇ ଚାଷ ହେଉଥିବା ନେଇ ଖବର ମିଳିଥିଲା। ଏହି ସୂଚନା ଆଧାରରେ ସେତେବେଳେ ମଧ୍ୟ ବ୍ୟାପକ ପରିମାଣରେ ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଥିଲା। ତେବେ ବ୍ୟାପକ ସଚେତନତା ସତ୍ତ୍ୱେ ବି ପୁଣି ଗଞ୍ଜେଇ ଚାଷ ଚାଲିଥିବା ବେଳେ ଏନେଇ ଜମିରୁ ଗଛ ନଷ୍ଟ କରାଯାଉଛି କେତେକ ସ୍ଥାନରେ ମଧ୍ୟ ଚାଷ ପାଇଁ ବ୍ୟବହୃତ ସାମଗ୍ରୀ ପୁଲିସ୍ ଜବତ କରୁଛି। ଆଜି ଏନେଇ ଥାନାରେ ୨୫୬/୨୫ରେ ଏନଡିପିଏସ ଧାରାରେ ମାମଲା ପଞ୍ଜିକୃତ ହୋଇ ତଦନ୍ତ ଜାରି ରହିଛି। ଦ୍ୱିତୀୟ ଥର ଉକ୍ତ ଅଞ୍ଚଳରେ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ବେଳେ ପୁଲିସ ପ୍ରଶାସନ ପକ୍ଷରୁ ଜୋରସୋରରେ ତଦନ୍ତ ଚାଲିଛି ଓ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

## 'ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଅନୁଗୋଳ' କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ

# ଜନଆନ୍ଦୋଳନରେ ପରିଣତ ହୋଇଛି 'ସ୍ୱଚ୍ଛ ଭାରତ ଅଭିଯାନ'

- ପଡ଼ିଲା ୨୭.୬୩ କୋଟିର ୩୭ ପ୍ରକଳ୍ପ ଭିତ୍ତି
- ସଫେଇ କର୍ମଚାରୀଙ୍କୁ ମୋବାଇଲ, ଅଙ୍ଗନବାଡ଼ି ପିଲାଙ୍କୁ ଫଳ ବିତରଣ
- ଜିଲ୍ଲା ପ୍ରଶାସନକୁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତି ପରାମର୍ଶ



ଅନୁଗୁଳ,୨୮।୧୨(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ମ୍ୟୁନିସିପାଲିଟି ଛକଠାରେ ଆୟୋଜିତ 'ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଅନୁଗୋଳ' କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶକୁ ସ୍ୱଚ୍ଛ ରଖିବାକୁ ଆହ୍ୱାନ ଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱଚ୍ଛ ଭାରତ ଅଭିଯାନ ଏକ ବିଶାଳ ଆନ୍ଦୋଳନରେ ପରିଣତ ହୋଇଛି ବୋଲି କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅନୁଗୁଳ ପୌର ପରିଷଦ ଅନ୍ତର୍ଗତ ପ୍ରାୟ ୨୭.୬୩ କୋଟି ଟଙ୍କାର ୩୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।

କେନ୍ଦ୍ର ସରକାରଙ୍କ 'ସ୍ୱଚ୍ଛ ସର୍ବେକ୍ଷଣ-ମୋ ସହର, ମୋ ପରିଚୟ ୨୦୨୫-୨୬' କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ସହରକୁ ସ୍ୱଚ୍ଛ ରଖିବା କେବଳ ପ୍ରଶାସନିକ କିମ୍ବା ସାମାଜିକ ସଂଗଠନର କାର୍ଯ୍ୟ ନୁହେଁ, ବରଂ ଏହା ପ୍ରତ୍ୟେକ ନାଗରିକଙ୍କ ନୈତିକ ଦାୟିତ୍ୱ। ସମସ୍ତେ ମିଶି ଗୋଟିଏ ପାଦ ଆଗକୁ ବଢାଇଲେ ସହର ସ୍ୱଚ୍ଛ ଓ ସୁନ୍ଦର ହୋଇପାରିବ। ନିଜ ଘରକୁ ସଫା ରଖିବା ପରି ଆମକୁ ରାସ୍ତାଘାଟ ଓ ସାର୍ବଜନୀନ ସ୍ଥାନକୁ ସ୍ୱଚ୍ଛ ରଖିବାକୁ ପଡ଼ିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଦ୍ୟୁତ, ପରିମଳ, ଶିକ୍ଷା ଓ ମହିଳା ଓ ଶିଶୁ କଲ୍ୟାଣ ସମେତ ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ଡିଏମଏଫରୁ ବିନିଯୋଗ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଜନସାଧାରଣଙ୍କ ଜୀବନଶୈଳୀରେ ବ୍ୟାପକ ସୁଧାର ଆଣିବ ବୋଲି ସେ କହିଥିଲେ।

ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଶ୍ରୀ ପ୍ରଧାନ ଜିଲ୍ଲା ପ୍ରଶାସନକୁ ଏକ ସ୍ୱତନ୍ତ୍ର ଖସଡା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ବ୍ୟାପକ ବୃକ୍ଷରୋପଣ ଓ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। 'ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଅନୁଗୋଳ'ର ସ୍ୱପ୍ନ ସାକାର କରିବା ପାଇଁ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସବୁ ବର୍ଗର ଲୋକଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି।

ଏଥିସହ ଶ୍ରୀ ପ୍ରଧାନ ଅନୁଗୁଳ ମ୍ୟୁନିସିପାଲିଟିରେ କାର୍ଯ୍ୟରତ ସଫେଇ କର୍ମଚାରୀମାନଙ୍କୁ ମୋବାଇଲ ଓ ନିକଟସ୍ଥ ବଜାପରଡ଼ା ଅଙ୍ଗନବାଡ଼ି କେନ୍ଦ୍ରର ପିଲାମାନଙ୍କୁ ଫଳ ବିତରଣ କରିବା ସହ ଅଙ୍ଗନବାଡ଼ି ଓ ସରକାରୀ ସ୍କୁଲର ପିଲାମାନଙ୍କୁ ଫଳ ସହ ପୁଷ୍ଟିକର ଖାଦ୍ୟ ବାଣ୍ଟିବା ଦ୍ୱାରା ସେମାନଙ୍କର ପୋଷଣ ଆବଶ୍ୟକତା ପୂରଣ ହୋଇପାରିବ ବୋଲି କହିଛନ୍ତି।

## ● ସମୁଦ୍ରରେ ଫସିଲା ଲଞ୍ଚ

# ଅଘଟଣରୁ ବର୍ତ୍ତିଗଲେ ୨୩ ପର୍ଯ୍ୟଟକ



ଜଳେଶ୍ୱର,୨୮।୧୨(ସଂଚାର ବ୍ୟୁରୋ): ମଝି ସମୁଦ୍ରରେ ଏକ ଲଞ୍ଚ୍ ଫସିଥିଲେ ହେଁ ସୌଭାଗ୍ୟବଶତଃ ପର୍ଯ୍ୟଟକମାନେ ବର୍ତ୍ତିଯାଇଛନ୍ତି। ଅଚାନକ ଉକ୍ତ ଲଞ୍ଚ୍‌ର ଇଞ୍ଜିନ ଖରାପ ହେବାରୁ ଏହା ଆଉ ଆଗକୁ ଯାଇପାରିନଥିଲା। ତେବେ ତୁରନ୍ତ ସ୍ଥାନୀୟ ପୁଲିସ ସହଯୋଗ କରିବାରୁ ୨୩ ଜଣ ପର୍ଯ୍ୟଟକ ସୁରକ୍ଷିତ ଭାବେ କୂଳରେ ପହଞ୍ଚିଛନ୍ତି। ଉକ୍ତ ପର୍ଯ୍ୟଟକମାନେ ପଶ୍ଚିମବଙ୍ଗ ଦିଘାସ୍ଥିତ ଜଗନ୍ନାଥ ଧାମକୁ ଦର୍ଶନ ପାଇଁ ଯାଉଥିବା ବେଳେ ଏପରି ବିପଦର ସମ୍ମୁଖୀନ ହୋଇଥିଲେ। ସେତେବେଳେ ପର୍ଯ୍ୟଟକମାନେ ଦୀଘା ମୋହନାଠାରୁ ପ୍ରାୟ ୩୦ ମିନିଟ୍ ଦୂରରେ ରହିଥିଲେ। ତୁରନ୍ତ ଯାତ୍ରୀମାନେ ପୂର୍ବ ମେଦିନାପୁର ଜିଲ୍ଲା ପୁଲିସର ହେଲ୍ପଲାଇନ୍ ନମ୍ବରକୁ ଫୋନ୍ କରି ସାହାଯ୍ୟ ପାଇଁ ନିବେଦନ କରିଥିଲେ। ଖବର ପାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଦିଘା ମୋହନା ସାମୁଦ୍ରିକ ଥାନା ପୁଲିସ ତୁରନ୍ତ ରାତିରେ ଉଦ୍ଧାର ଅଭିଯାନ ଆରମ୍ଭ କରିବା ପରେ ଫସିଥିବା ପର୍ଯ୍ୟଟକମାନେ ମୁକୁଳିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ୧୨୯ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ

# ବିଶ୍ୱରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛି ଭାରତ: ମନମୋହନ



### ଜାନୁଆରୀ ୧୨ରେ ଦେଶ ପାଳିବ ଜାତୀୟ ଯୁବ ଦିବସ

ଭୁବନେଶ୍ୱର,୨୮।୧୨(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ତାଙ୍କ ମାସିକିଆ ରୋଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ର ୧୨୯ତମ ସଂସ୍କରଣରେ ୨୦୨୫ରେ ଦେଶର ବିଭିନ୍ନ ଉପଲବ୍ଧି ପ୍ରସଙ୍ଗରେ ଆଲୋଚନା କରିବା ସହ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କୁ ମନେ ପକାଇଛନ୍ତି। ଜାତୀୟ ସୁରକ୍ଷାଠାରୁ ଆରମ୍ଭ କରି କ୍ରୀଡ଼ା ଓ ବିଜ୍ଞାନ କ୍ଷେତ୍ରରେ କିଭଳି ସାରା ବିଶ୍ୱରେ ଭାରତ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛି ସେ ବିଷୟରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି। ଉଦ୍ଭାବନ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ପ୍ରସାର କରି ବିଶ୍ୱର ଦେଶଗୁଡ଼ିକୁ ଯଥେଷ୍ଟ ପ୍ରଭାବିତ କରିଛି। ଭାରତ ତା'ର ସୁରକ୍ଷା ସହ କୌଣସି ପ୍ରକାର ସାଲିସ କରେ ନାହିଁ ବୋଲି 'ଅପରେସନ ସିନ୍ଦୂର' ମାଧମରେ ଦେଖାଇ ଦେଇଛି। ସେହିପରି 'ଆତ୍ମନିର୍ଭର ଭାରତ' ପାଇଁ ଶ୍ରୀ ମୋଦି ସ୍ୱଦେଶୀ ଅଭିଯାନ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଅଧିକରୁ ଅଧିକ ସ୍ୱଦେଶୀ ସାମଗ୍ରୀ ତିଆରି ଦିଗରେ ଆତ୍ମବିଶ୍ୱାସ ବଢ଼ିଛି। ସେହିପରି ଆସନ୍ତା ମାସରେ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ପାଳନ ପାଇଁ ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏହାସବୁ ଓଡ଼ିଆଙ୍କୁ ଗର୍ବିତ କରିଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ଶ୍ରୀକୃଷ୍ଣ ମଣ୍ଡଳ ଅନ୍ତର୍ଗତ ୱାର୍ଡ ନଂ.୨୭ଠାରେ 'ମନ୍ କି ବାତ୍' ରେଡିଓ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସାମଲ କହିଛନ୍ତି ଯେ ମାତ୍ର ୧୬ ବର୍ଷ ବୟସରେ ଭାରତ ଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ପାର୍ବତୀ ଗିରି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। କିନ୍ତୁ ତାଙ୍କୁ ଯଥେଷ୍ଟ ସମ୍ମାନ ମିଳିପାରୁ ନ ଥିଲା। କିନ୍ତୁ ଆଜି ତାଙ୍କ ସମ୍ମାନରେ ଜନ୍ମ ଶତବାର୍ଷିକୀ ପାଳନ ନିଷ୍ପତ୍ତି ସମସ୍ତ ଓଡ଼ିଆଙ୍କୁ ଗର୍ବିତ କରିଛି। ଏଥିସହ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କୁ ଗୁରୁତ୍ୱ ଦେଇ ମୋଦି ଆସନ୍ତା ୧୨ରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀରେ ସାରା ଦେଶରେ ଜାତୀୟ ଯୁବ ଦିବସ ପାଳନ କରାଯିବ ବୋଲି କହିଛନ୍ତି। ଏଥିରେ ଯୁବପିଢ଼ି ନବସ୍ୱଜନ, ଫିଟ୍‌ନେସ୍, ଷ୍ଟାର୍ଟଅପ୍ ଓ କୃଷି ଭଳି ବିଭିନ୍ନ ଗୁରୁତ୍ୱ ବିଷୟ ଉପରେ ସେମାନଙ୍କ ଚିନ୍ତାଧାରା ବାଣ୍ଟିବେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଯୁବତୀଯୁବକମାନେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦେବା ସକାଶେ ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ରାଜ୍ୟ ସମ୍ପାଦକ ସରୋଜ କର, ପୂର୍ବତନ ସାଂସଦ ଅମର ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ନେତା ମହେଶ ମହାନ୍ତିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

# ପିୟୁସିସି ଯାଞ୍ଚ କେନ୍ଦ୍ରରେ ଅନିୟମିତତା ରୋକିବାକୁ ପଦକ୍ଷେପ

## ● ଆର୍‌ଟିଓମାନଙ୍କୁ ତଦାରଖ ଦାୟିତ୍ୱ



ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ): ଆସନ୍ତା ଫେବୃଆରୀ ୧ ତାରିଖରୁ ରାଜ୍ୟରେ ଗାଡ଼ି ଚାଳକମାନେ ପିୟୁସିସି ହାସଲ କରିନଥିଲେ ପେଟ୍ରୋଲ୍ ପମ୍ପ୍‌ରୁ ତେଲ ପାଇବେ ନାହିଁ। ତେଣୁ ଏଥିସକାଶେ ଏବେ ସମସ୍ତେ ନିଜ ନିଜ ଗାଡ଼ି ଯାଞ୍ଚ୍ କରାଇ ପ୍ରମାଣପତ୍ର ହାସଲ ସକାଶେ ଉଦ୍ୟମ କରୁଛନ୍ତି। ଏହାର ଫାଇଦା ନେବା ସକାଶେ ବିଭିନ୍ନ ଯାଞ୍ଚ୍ କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହେଉଥିବାରୁ ଏ ଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। କୌଣସି ପ୍ରକାର ଅନିୟମିତତା ରୋକିବା ସକାଶେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ବିଭିନ୍ନ କେନ୍ଦ୍ରରେ ଆର୍‌ଟିଓମାନେ ତଦାରଖ କରୁଛନ୍ତି। ମୋଟର ଯାନ ଆଇନର ଅନୁପାଳନ, ଜନସାଧାରଣଙ୍କ ସୁବିଧା ତଥା ପରିବହନରେ ପରିବେଶ ସୁରକ୍ଷାର ମୂଳ ଭାବନାକୁ ସୁନିଶ୍ଚିତ କରିବାକୁ ଆଗକୁ ନିୟମିତ ଭାବେ ଏଭଳି ଯାଞ୍ଚ୍ ଜାରି ରହିବ।

ଇତିମଧ୍ୟରେ ଆଉ ମାସେ ବଢ଼ିଛି ପିୟୁସିସି ଅବଧି। ଆସନ୍ତା ଫେବୃଆରୀ ପହିଲା ଯାଏଁ ଗାଡ଼ିର ବୈଧ କାଗଜପତ୍ର କରାଇନେବାକୁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହି ଅବଧି ଭିତରେ ଆର୍‌ସି, ଫିଟନେସ୍, ପିୟୁସିସି, ବୀମା ଆଦି କରାଇନେବାକୁ କୁହାଯାଇଛି। ଏନେଇ ପରିବହନ ମନ୍ତ୍ରୀ ଶ୍ରୀ ଜେନା ବି ନିର୍ଦ୍ଦେଶ

# ମାଟି ତଳୁ ବାହାରିଲା ମୃତଦେହ

## ● ହତ୍ୟା କରି ପୋତିଦେଇଥିବା ସନ୍ଦେହ

ବିନିକା,୨୮।୧୨(ସଂଚାର ବ୍ୟୁରୋ): ମାଟି ତଳୁ ବାହାରିଲା ମୃତଦେହ। ଜନୈକ ନିଖୋଜ ଶ୍ରମିକଙ୍କୁ ହତ୍ୟା କରି ମାଟିରେ ପୋତିଦେଇଥିବା ସନ୍ଦେହ କରାଯାଉଛି। ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଗୁଲାପଡ଼ାରେ ଏପରି ଏକ ଘଟଣା ସାମ୍ନାକୁ ଆସିଛି। ମିଳିଥିବା ସୂଚନାନୁସାରେ, ଗତ ୧୮ ତାରିଖ ସନ୍ଧ୍ୟାରେ ଗୁଲାପଡ଼ା ଗାଁର ପ୍ରକାଶ ମହାନ୍ତି ନାମକ ଶ୍ରମିକ ଘରୁ କାମ କରିବାକୁ ବାହାରିଯାଇଥିଲେ ହେଁ ଦୀର୍ଘ ୧୧ ଦିନ ହେଲା ଆଉ ଘରକୁ ଫେରିନଥିଲେ। ଫଳରେ ସ୍ୱାମୀ ପ୍ରକାଶଙ୍କୁ ଫେରାଇ ଆଣିବା ପାଇଁ ସ୍ତ୍ରୀ ବନିତା ଓ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଗାଁ ନିକଟ ଜୋର ପାଖରୁ ମାଟି ଭିତରୁ ଏକ ମୃତଦେହକୁ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରେ ପୁଲିସ ମୃତଦେହକୁ ଜଗି ରହିଥିବା ବେଳେ ଏହି ଶବଟି ନିଖୋଜ ପ୍ରକାଶଙ୍କର ହୋଇଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ତାଙ୍କୁ କୌଣସି ଦୁର୍ବୃତ୍ତ ମାରିଦେଇ ପୋତି ଦେଇଥିବା ସନ୍ଦେହ କରାଯାଉଛି।

# ପିସିସିର କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ



ଭୁବନେଶ୍ୱର,୨୮।୧୨(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ୧୪୦ତମ କଂଗ୍ରେସ ପ୍ରତିଷ୍ଠା ଦିବସ କଂଗ୍ରେସ ଭବନଠାରେ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ ପିସିସି ସଭାପତି ଭକ୍ତ ଚରଣ ଦାସ ଦଳୀୟ ପତାକା ଉତ୍ତୋଳନ କରିବା ସହ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ଏଆଇସିସିର ପ୍ରତିଷ୍ଠା ଓ ଦେଶକୁ ସ୍ୱାଧୀନ କରିବାରେ ପୂର୍ବସୂରୀମାନଙ୍କ ଅସୀମ ତ୍ୟାଗ ଓ ସେବା ପାଇଁ ଆମେ ଆଜି ଗର୍ବ କରୁଛୁ। ବହୁ ପୂର୍ବତନ ପ୍ରଧାନମନ୍ତ୍ରୀ ମହାତ୍ମା ଗାନ୍ଧିଙ୍କ ଆଦର୍ଶ ଓ ନାମକୁ ଟେକ ରଖିଥିବାବେଳେ ବର୍ତ୍ତମାନ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି ଓ ମହାତ୍ମାଙ୍କ ନାମକୁ ପ୍ରତ୍ୟେକ ସ୍ଥାନରୁ ହଟେଇବା ପାଇଁ ଚକ୍ରାନ୍ତ ଚାଲିଛି। କିନ୍ତୁ କଂଗ୍ରେସ ଦଳ ଏହାକୁ କଦାପି ବରଦାସ୍ତ କରିପାରିବ ନାହିଁ ଓ ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ଦଳ ଦେଶବାସୀଙ୍କ ପାଇଁ ତା'ର କାର୍ଯ୍ୟ ଜାରି ରଖିବ ବୋଲି ଶ୍ରୀ ଦାସ କହିଛନ୍ତି। କାର୍ଯ୍ୟକ୍ରମ ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଜ୍ୟୋତିଷ କୁମାର ସାହୁ, ଏମ୍.ଡି. ସାହାଦୁଲ୍ଲା ପରିଚାଳନା କରିଥିବା ବେଳେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ଡ. ରାମଚନ୍ଦ୍ର ଖୁଣ୍ଟିଆ, ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନ୍‌ଗୋ, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ସସ୍ମିତା ବେହେରା, ପ୍ରକାଶ ଜେନା, ମିନାକ୍ଷୀ ବାହିନିପତି, ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

## ରଘୁରାଜପୁର, ଧଉଳି, ଉଦୟଗିରି ଓ ମୁକ୍ତେଶ୍ୱର ମନ୍ଦିର ବୁଲିଲେ ସିଇସି

# ଦେଶବାସୀଙ୍କୁ ଆସି କଳାକୃତି ଦେଖିବାକୁ ଦେଲେ ଆହ୍ୱାନ



### ପିତାଙ୍କ ଦୁର୍ଘଟଣା ଯୋଗୁଁ ଗସ୍ତ ଅଧାରୁ ପ୍ରତ୍ୟାବର୍ତ୍ତନ

ଭୁବନେଶ୍ୱର,୨୮।୧୨(ସଂଚାର ବ୍ୟୁରୋ): ଓଡ଼ିଶା ଗସ୍ତରେ ଆସିଥିବା ଭାରତର ମୁଖ୍ୟ ନିର୍ବାଚନ କମିଶନର୍ (ସିଇସି) ଜ୍ଞାନେଶ କୁମାର ତାଙ୍କ ଗସ୍ତର ଦ୍ୱିତୀୟ ଦିନରେ କଳାଗ୍ରାମ ରଘୁରାଜପୁର ପରିଦର୍ଶନ କରି ସେଠାକାର କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ନିଖୁଣ ପଟ୍ଟଚିତ୍ର, ଟସର ଓ କାଠ ଶିଳ୍ପ ଆଦି କଳାକୃତିର ପ୍ରତ୍ୟକ୍ଷ ଅନୁଭୂତି ନେବା ସହିତ କାରିଗରମାନଙ୍କ ସହ ଆଲୋଚନା କରିଛନ୍ତି। ପରିଦର୍ଶନ ସମୟରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ଆରଏସ୍ ଗୋପାଳନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରଘୁରାଜପୁରର ଶିଳ୍ପୀମାନେ ଶହ ଶହ ବର୍ଷର ଭାରତୀୟ ସଂସ୍କୃତି,ପରମ୍ପରା ଓ ଲୋକ କଥାକୁ ପଟ୍ଟଚିତ୍ର ଓ ଅନ୍ୟାନ୍ୟ କଳାକୃତି ମାଧ୍ୟମରେ ଉଜ୍ଜୀବିତ କରି ରଖିଛନ୍ତି, ଯାହାର ଯେତେ ପ୍ରଶଂସା କଲେ ବି କମ ହେବ ବୋଲି ଶ୍ରୀ କୁମାର କହିଛନ୍ତି। ଭାରତ ନିର୍ବାଚନ ଆୟୋଗ ପକ୍ଷରୁ ଶିଳ୍ପୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ରଘୁରାଜପୁର ଆସି ଶିଳ୍ପୀମାନଙ୍କର ଅନନ୍ୟ କଳାକୃତିକୁ ଦେଖିବା ପାଇଁ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି। ରଘୁରାଜପୁରରେ ମୁଖ୍ୟ ନିର୍ବାଚନ କମିଶନର କୁନି ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଗୋଟିପୁଅ ନୃତ୍ୟ ଦେଖି ଅଭିଭୂତ ହୋଇଥିଲେ। ରଘୁରାଜପୁରରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଆରକ୍ଷୀ ଅଧୀକ୍ଷକ ପ୍ରତୀକ କୁମାର ସିଂ ସିଇସିଙ୍କୁ ପଟ୍ଟଚିତ୍ର ଓ ଅନ୍ୟାନ୍ୟ କଳାକୃତି ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି।

ଭୁବନେଶ୍ୱର ଫେରିବା ବାଟରେ ସେ ଧଉଳି ଶାନ୍ତିସ୍ତୂପ ଓ ପାଖରେ ଥିବା ଶିଳାଲେଖ ପରିଦର୍ଶନ କରି ବୌଦ୍ଧ ସଂସ୍କୃତି ଓ ଏହାର ଇତିହାସ ସମ୍ବନ୍ଧରେ ବୌଦ୍ଧ ସନ୍ୟାସୀଙ୍କଠାରୁ ଅବଗତ ହୋଇଥିଲେ। ଶାନ୍ତିସ୍ତୂପ ଉପରୁ ଭୁବନେଶ୍ୱର ସହର ଓ ଦୟାନଦୀର ସୌନ୍ଦର୍ଯ୍ୟ ଅତୀବ ଚମତ୍କାର। ଭାରତ ଶାନ୍ତି ଓ ମୈତ୍ରୀ ପାଇଁ ସାରା ବିଶ୍ୱରେ ପରିଚିତ। ଧଉଳି ଶାନ୍ତିସ୍ତୂପରୁ ଶାନ୍ତିର ବାର୍ତ୍ତା ସମଗ୍ର ବିଶ୍ୱକୁ ଅଧିକରୁ ଅଧିକ ସମ୍ପ୍ରସାରିତ ହେଉ ବୋଲି ସେ କାମନା କରିଥିଲେ।

# ରାଜଧାନୀରେ ବୁଲିଲା ଖଣ୍ଡା, ୨ ଗୁରୁତର

ଭୁବନେଶ୍ୱର,୨୮।୧୨(ସଂଚାର ବ୍ୟୁରୋ): ରାଜଧାନୀରେ ପୁଣି ଥରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରବିବାର ବିଳମ୍ବିତ ରାତିରେ ଖାରବେଳ ନଗର ଥାନା ଅନ୍ତର୍ଗତ ବିଗ୍ ବଜାର ନିକଟରେ ସାମାନ୍ୟ ଯୁକ୍ତିତର୍କରୁ ରକ୍ତରଞ୍ଜିତ ହୋଇଛି ଭୋଜି। ଏକ ଘରୋଇ ସଂସ୍ଥାର କର୍ମଚାରୀମାନେ ଭୋଜି କରୁଥିବା ବେଳେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ବଚସା ଉଗ୍ରରୂପ ନେଇଥିଲା ଏବଂ ଜଣେ ଯୁବକ ହଠାତ୍ ଏକ ଖଣ୍ଡା ବାହାର କରି ଅନ୍ୟମାନଙ୍କୁ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ଦୁଇଜଣ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି।ଜନଗହଳିପୂର୍ଣ୍ଣ ବ୍ୟବସାୟିକ ଅଞ୍ଚଳରେ ଏହି ଆକ୍ରମଣ ହେବାରୁ ସେଠାରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳିଯାଇଥିଲା। ଗୁରୁତର ଯୁବକ ଦ୍ୱୟଙ୍କୁ ଉଦ୍ଧାର କରାଯାଇ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସେମାନଙ୍କ ଚିକିତ୍ସା ଜାରି ରହିଥିବା ବେଳେ ଅବସ୍ଥା ଉଦ୍‌ବେଗଜନକ ଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ଖାରବେଳ ନଗର ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସଂପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହ ଘଟଣା ପଛର ପ୍ରକୃତ କାରଣ ଖୋଜୁଛି ପୁଲିସ। ତେବେ ବର୍ତ୍ତମାନ ସୁଦ୍ଧା ପୁଲିସ ପକ୍ଷରୁ କୌଣସି ଆନୁଷ୍ଠାନିକ ବୟାନ ଜାରି କରାଯାଇ ନାହିଁ।

# ଭିସାକା ଇଣ୍ଡଷ୍ଟ୍ରିଜ୍-ମନୋନନ୍ଦା ସୋଲାର ପକ୍ଷରୁ ଏବିଏମ୍ ଅନୁଷ୍ଠିତ



ଭୁବନେଶ୍ୱର,୨୮।୧୨(ସଂଚାର ବ୍ୟୁରୋ): ଭିସାକା ଇଣ୍ଡଷ୍ଟ୍ରିଜ୍ ଓ ମନୋନନ୍ଦା ସୋଲାର ପକ୍ଷରୁ ମିଳିତ ଭାବେ ଆନୁଆଲ ବିଜିନେସ ମିଟ୍ (ଏବିଏମ୍)-୨୦୨୫ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ମାଧ୍ୟମରେ ଉଭୟ ଶକ୍ତି ଓ ଉପଭୋକ୍ତାଙ୍କ ଅର୍ଥ ସଞ୍ଚୟ ଦିଗ ଉପରେ ସରକାରଙ୍କର ଏହା ଏକ ଅଭିନବ ପ୍ରୟାସ। ଅତ୍ୟଧିକ ବିଜୁଳି ଦେୟ କ୍ଷେତ୍ରରେ ରିହାତି ପାଇବା ସହ ଉପଭୋକ୍ତାମାନେ ଯେପରି ପ୍ରାକୃତିକ ଶକ୍ତିର ସୁବିନିଯୋଗ କରିପାରିବେ, ସେଥିପାଇଁ ଏହି ଯୋଜନାର ମୂଳଲକ୍ଷ୍ୟ। ଏଥିପାଇଁ ମନୋନନ୍ଦା, ଟିପିସିଓଡିଏଲ୍‌ର ଗାଇଡ୍‌ଲାଇନ୍ ଓ ସହଭାଗିତାରେ ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ସୋଲାର ପ୍ରୋଜେକ୍ଟ କାର୍ଯ୍ୟକାରୀ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଆଜି ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଅଟମ ଭିସାକା ରିଜିଓନାଲ ମାର୍କେଟିଂ ହେଡ୍ ପ୍ରବୀଣ ବେହେରା, ସମ୍ମାନିତ ଅତିଥି ଭାବେ ଅଟମ ଭିସାକା ସେଲ୍ସ ହେଡ୍ ଶୁଭେନ୍ଦୁ ବସୁ ଓ ଶାରଦା ପ୍ରସାଦ ସାହୁ ଉପସ୍ଥିତ ଥିଲେ। ମନୋନନ୍ଦା ସୋଲାରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପିନାକିନୀ ସାହୁ ସ୍ୱାଗତ ଭାଷଣ ଦେବା ସହ ମିଟ୍‌ର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ସେ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଅବଗତ କରାଇବା ସହ ସେମାନେ କେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେନେଇ ସବିଶେଷ ସୂଚନା ଦେଇଥିଲେ। ସାରା ଦେଶରେ ସୋଲାର କିପରି ବ୍ୟାପକ ହୋଇପାରିଛି, ସେ ସମ୍ପର୍କରେ ଭିସାକା ଇଣ୍ଡଷ୍ଟ୍ରିଜ୍‌ର ବରିଷ୍ଠ ଅଧିକାରୀମାନେ ଅବଗତ କରାଇଥିଲେ। ମନୋନନ୍ଦା ସୋଲାରର ପ୍ରୋଜେକ୍ଟ ହେଡ୍ ବିରଜା ଶଙ୍କର ସାହୁ ପରିବେଶ ଅନୁକୂଳ ବିଜୁଳି ପାଇବା ସହ କିପରି ଅର୍ଥ ସଞ୍ଚୟ କରିପାରିବେ, ତା' ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ମାଗଣା ବିଜୁଳି ଯୋଜନା ମାଧ୍ୟମରେ ସୋଲାର ପ୍ୟାନେଲ ବସାଇ ମାସକୁ ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ୍ ମିଳିପାରିବ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବି ସବସିଡି ଦେଉଛନ୍ତି। ଏହି ଅବସରରେ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରି ସୋଲାର ପ୍ୟାନେଲ ବସାଇବା ପାଇଁ ଉତ୍ସାହିତ କରିଥିବା କରଞ୍ଜିଆର ସମ୍ବିତ ମହାନ୍ତି, କେଉଁଝରର ଗୋପୀନାଥ ମହନ୍ତ, କେନ୍ଦ୍ରାପଡ଼ାରଧନଞ୍ଜୟ ସାହୁ, ସୋନପୁରର ଯୁଧମାୟୀ ପ୍ରଧାନ ଓ ଭଦ୍ରକର ସୁବାସ ଚନ୍ଦ୍ର ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋନନ୍ଦା ସୋଲାରର ନିର୍ଦ୍ଦେଶକ ଭରତ କୁମାର ସାହୁ ସମସ୍ତ କୋ-ଅର୍ଡିନେଟରମାନଙ୍କ ସମସ୍ୟାର ସମାଧାନ ଉପରେ ଆଲୋଚନା କରିବା ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଆନି ଶତପଥୀ ପରିଚାଳନା କରିଥିଲେ।

# ଦୁଇ ପ୍ରକାର ଚାଲାଣ, ଲୋକେ ନାକେଦମ

ଭୁବନେଶ୍ୱର,୨୮।୧୨: ନିଜ ନିଜ ଯାନବାହନର ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଧାଉଁଥିବା ଲୋକେ ଏବେ ଗାଡିର ଚାଲାଣ ପଇଠ ପାଇଁ ନାକେଦମ ହେଉଛନ୍ତି। ବିଶେଷକରି ଯେଉଁମାନେ ଅଫ୍‌ଲାଇନ୍‌ରେ ଜୋରିମାନା ଅର୍ଥ ଦେବା ପାଇଁ ଚାହୁଁଛନ୍ତି ସେମାନେ ଏବେ ପରିବହନ ବିଭାଗରୁ ପୁଲିସ୍ ବିଭାଗ କାଉଣ୍ଟରକୁ ଦଉଡୁଛନ୍ତି।

ଯାନବାହନର ଚାଲାଣ କାଟିବାର କ୍ଷମତା ଉଭୟ ପରିବହନ ବିଭାଗ ଓ ପୁଲିସ୍ ବିଭାଗର ରହିଛି। ତେବେ ଯାନବାହାନର ଫିଟ୍‌ନେସ୍ ଓ ପରିମିଟ୍ ବାବଦୀୟ ଜୋରିମାନା କାଟିବା କେବଳ ପରିବହନ ବିଭାଗ ହାତରେ ଥିବା ବେଳେ ଦ୍ରୁତ ଗାଡ଼ିଚାଳନା, ବିନା ହେଲେମେଟ୍ ଓ ସିଟ୍‌ବେଲ୍ଟରେ ଗାଡ଼ିଚାଳନା ଆଦିର ଫାଇନ୍ ଉଭୟ ପରିବହନ ଓ ପୁଲିସ୍ ବିଭାଗ କାଟିପାରିବ। ସେହିଭଳି ରାଜପଥରେ ପରିବହନ ବିଭାଗ ଲଗାଇଥିବା କ୍ୟାମେରାରେ ଫାଇନ୍ କାଟୁଥିବା ବେଳେ ସହର ଭିତରେ ପୁଲିସ୍ ବିଭାଗ ଲଗାଇଥିବା କ୍ୟାମେରାରେ ପୁଲିସ୍ ବାବୁମାନେ ସ୍ମାର୍ଟ ଫାଇନ୍ କାଟୁଛନ୍ତି।

ତେବେ ଅନୁଧ୍ୟାନରୁ ଜଣାଯାଇଛି ଯେ ଜରିମାନା କଟିଥିବା ଯାବାହାନର ୨୫ ପ୍ରତିଶତଙ୍କ ମୋବାଇଲ୍ ନମ୍ବର ସେମାନଙ୍କ ଯାନବାହାନ ନମ୍ବର ସହିତ ସଂଯୁକ୍ତ ନାହିଁ। ସେମାନେ ନିଜ ନିଜର ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର କରାଇବାକୁ ଯିବାରୁ ଗାଡ଼ିର ଜୋରିମାନା ପଇଠପାଇଁ କୁହାଯାଉଛି। ତେବେ ଏହି ଲୋକମାନେ ଅନ୍‌ଲାଇନ୍‌ରେ ଜୋରିମାନା ପଇଠ ସମ୍ଭବ ନହେବାରୁ ସେମାନେ ଅଫ୍‌ଲାଇନ୍‌ରେ ଦେବାକୁ ବାଧ ହେଉଛନ୍ତି।

ତେବେ ଏହିଠାରୁ ସେମାନଙ୍କ ସମସ୍ୟା ଆରମ୍ଭ ହେଉଛି। ସେମାନଙ୍କ ଜୋରିମାନା ପରିବହନ ବିଭାଗ ଦ୍ୱାରା କଟାଯାଇଛି କି ପୁଲିସ୍ ବିଭାଗ ଦ୍ୱାରା କଟାଯାଇଛି ସାଧାରଣ ଲୋକେ ତାହା ସହଜରେ ଜାଣିପାରୁ ନାହାନ୍ତି। ତେଣୁ ପରିବହନ ବିଭାଗ ନିକଟକୁ ଅଫ୍‌ଲାଇନ୍‌ରେ ଜୋରିମାନା ପଇଠ ପାଇଁ ଯିବା ବେଳକୁ ସେମାନେ ଲୋକମାନଙ୍କୁ ପୁଲିସ୍ ନିକଟକୁ ପଠାଇ ଦେଉଛନ୍ତି। ପୁଲିସ୍ ନିକଟକୁ ଗଲେ ପରିବହନ ବିଭାଗ ଦ୍ୱାରା କଟାଯାଇଥିବା ଚାଲାଣ ଆରଟିଓ ଅଫିସରେ ହିଁ ଦିଆଯିବ ବୋଲି କହି ବିଦା କରାଯାଉଛି। ଯଦି କଟାଯାଇଥିବା ଚାଲାଣକୁ ପ୍ରତ୍ୟେକ ସ୍ଥାନରେ ଗ୍ରହଣ କରାଯାଇ ପାରନ୍ତା ତେବେ ଲୋକେ ଏଭଳି ସମସ୍ୟାରେ ପଡନ୍ତେ ନାହିଁ। ସେହିଭଳି ପ୍ରଦୂଷଣକେନ୍ଦ୍ରଗୁଡିକୁ ଯଦି ଅନ୍‌ଲାଇନ୍‌ରେ ଜୋରିମାନା ଗ୍ରହଣରେ କ୍ଷମତା ପ୍ରଦାନ କରାଯାଆନ୍ତା, ତେବେ ଲୋକେ ଆରଟିଓ ଅଫିସରୁ ଟ୍ରାଫିକଥାନା ପର୍ଯ୍ୟନ୍ତ ଧାଁ ଦଉଡ କରନ୍ତେ ନାହିଁ।

ଅନୁରୂପ ଭାବେ ରାଜପଥରେ ଯିବା ସମୟରେ ଯେଉଁମାନଙ୍କର ଯେଉଁ ଅଞ୍ଚଳରେ ଚାଲାଣ କଟିଛି ଅଫ୍‌ଲାଇନ୍‌ରେ ଚାଲାଣ ପଇଠ କରିବାପାଇଁ ସମ୍ପୃକ୍ତ ଗାଡି ଚାଳକଙ୍କୁ ସେହିସବୁ ଇଲାକାରେ ଥିବା ଆରଟିଓ ଅଫିସକୁ ଯିବାକୁ ବାଧ କରାଯାଉଛି। ଗାଡ଼ିରେ ତେଲ ପକାଇବା ପାଇଁ ସରକାର ପ୍ରଦୂଷଣ ସାର୍ଟିଫିକେଟକୁ ବାଧତାମୂଳକ କରିଥିବାବେଳେ ଏହି ସାର୍ଟିଫିକେଟ ପାଇବାପାଇଁ ପୁରୁଣା ଜୋରିମାନା ପଇଠ କରିବାକୁ କୁହାଯାଉଛି। ଏହା ଫଳରେ ଏବେ ଲୋକେ କାମଦାମ ଛାଡ଼ି ଆରଟିଓ ଓ ଥାନାଗୁଡ଼ିକୁ ଦଉଡ଼ିବାରେ ଲାଗିଛନ୍ତି। ଡିଜିଟାଲ ଯୁଗରେ ଅଫ୍‌ଲାଇନ୍ ଜରିମାନା ପଇଠ ସୁବିଧା ସମସ୍ତ ଆରଟିଓ ଓ ଅନୁମତିପ୍ରାପ୍ତ ଥାନାରେ

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ସୋମବାର ୨୯ ଡିସେମ୍ବର ୨୦୨୫, ଭୁବନେଶ୍ୱର
Monday 29 December 2025, Bhubaneswar

# ବିରୋଧୀଙ୍କ ଶକ୍ତିକୁ ପ୍ରଶଂସା

ଭାରତୀୟ ରାଜନୀତିରେ ବିବାଦ ନୂତନ ନୁହେଁ, କିନ୍ତୁ କଂଗ୍ରେସର ବରିଷ୍ଠ ନେତା ଦିଗବିଜୟ ସିଂହଙ୍କର ସମ୍ପ୍ରତି ସୋସିଆଲ ମିଡିଆ ଏକ୍ସ ପୋଷ୍ଟ ଏକ ବଡ଼ ହଲଚଲ ସୃଷ୍ଟି କରିଛି। ଦିଗବିଜୟ ସିଂହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏକ ପୁରୁଣା ଫଟୋ ସେୟାର କରି ବିଜେପି ଏବଂ ଆରଏସଏସ୍‌ର ସଂଗଠନାତ୍ମକ



ଶକ୍ତିର ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଏହି ଫଟୋ ଦର୍ଶାଉଛି କିପରି ଜଣେ ସାଧାରଣ ବୁଥ କର୍ମୀ ଦେଶର ପ୍ରଧାନମନ୍ତ୍ରୀ ହୋଇପାରନ୍ତି, ଏବଂ କଂଗ୍ରେସକୁ ବିଜେପି ଏବଂ ଆରଏସଏସ୍‌ରୁ କିଛି ଶିଖିବା ଉଚିତ୍। ଏହି ପୋଷ୍ଟ ପରେ କଂଗ୍ରେସ ଦଳ ଭିତରେ ବିଭାଜନ ଦେଖାଦେଇଛି। ବିରୋଧୀ ଦଳଗୁଡ଼ିକ ମଧ ଏହାକୁ ନେଇ କଂଗ୍ରେସ ନେତାଙ୍କ ଉପରେ ଟିପ୍ପଣୀ କରୁଛନ୍ତି।

ଦିଗବିଜୟ ସିଂହ ଆରଏସଏସ୍‌ର ଏକ ଦୃଢ଼ ସମାଲୋଚକ ଭାବରେ ପରିଚିତ। ସେ ଅନେକ ଥର ଆରଏସଏସ୍‌କୁ ସାମ୍ପ୍ରଦାୟିକତା ଏବଂ ହିନ୍ଦୁତ୍ୱ ରାଜନୀତିର ମୂଳ ଭାବରେ ଅଭିହିତ କରିଛନ୍ତି। ତେଣୁ ତାଙ୍କର ଏହି ପ୍ରଶଂସା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ପଛରେ କାରଣ ହୋଇପାରେ ସମ୍ପ୍ରତି ହୋଇଥିବା ପାଞ୍ଚ ରାଜ୍ୟର ନିର୍ବାଚନ ଫଳାଫଳ, ଯେଉଁଥିରେ ବିଜେପିର ସଫଳତା ଏବଂ କଂଗ୍ରେସର ପରାଜୟ ଦେଖାଯାଇଛି। ସିଂହ ଏହାକୁ ଏକ ଶିକ୍ଷଣୀୟ ଉଦାହରଣ ଭାବରେ ଉପସ୍ଥାପନ କରିଛନ୍ତି, କିନ୍ତୁ ଏହା ଦଳର ଅନ୍ତର୍ଗତ ଅସନ୍ତୋଷକୁ ଉଜାଗର କରିଛି।

କଂଗ୍ରେସ ନେତାମାନେ ଏହି ମନ୍ତବ୍ୟର ବିରୋଧ କରିଛନ୍ତି। କେତେକ କହିଛନ୍ତି ଯେ ଆରଏସଏସ୍‌ରୁ ଶିଖିବାକୁ କିଛି ନାହିଁ, କାରଣ ସେମାନେ ନାଥୁରାମ ଗଡ଼ସେଙ୍କ ଆଦର୍ଶବାଦୀ, ଯେଉଁଥିରେ ମହାତ୍ମା ଗାନ୍ଧୀଙ୍କ ହତ୍ୟା ସହ ଯୋଡ଼ିତ। କଂଗ୍ରେସର ଅନ୍ୟ ନେତାମାନେ ଏହାକୁ ଏକ ଗାନ୍ଧୀ-ଗଡ଼ସେ ବିବାଦ ଭାବରେ ଉପସ୍ଥାପନ କରିଛନ୍ତି। ସିଂହ ପରେ ସ୍ପଷ୍ଟୀକରଣ ଦେଇଛନ୍ତି ଯେ ସେ ଆରଏସଏସ୍‌ର ଦୃଢ଼ ବିରୋଧୀ, କିନ୍ତୁ ସେମାନଙ୍କର ସଂଗଠନ ଶକ୍ତିକୁ ସ୍ୱୀକାର କରିଛନ୍ତି। ଏହି ଘଟଣା କଂଗ୍ରେସର ଅନ୍ତର୍ଗତ ବିଭେଦକୁ ପ୍ରକାଶ କରୁଛି, ଯେଉଁଥିରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠୁଛି।

ଏହି ବିବାଦର ଗଭୀର ଅର୍ଥ ରହିଛି। ରାଜନୀତିରେ ସଂଗଠନ ଶକ୍ତି ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ବିଜେପି ଏବଂ ଆରଏସଏସ୍‌ର କ୍ୟାଡର-ଆଧାରିତ ବ୍ୟବସ୍ଥା ସେମାନଙ୍କୁ ନିର୍ବାଚନରେ ସଫଳତା ଦେଇଛି। କଂଗ୍ରେସ, ଯାହା ଏକ ପୁରାତନ ଦଳ, ସଂଗଠନାତ୍ମକ ଦୁର୍ବଳତାର ସମ୍ମୁଖୀନ ହେଉଛି। ସିଂହଙ୍କ ମନ୍ତବ୍ୟ ଏକ ଆହ୍ୱାନ ଭଳି, ଯାହା ଦଳକୁ ଆତ୍ମଚିନ୍ତନ କରିବାକୁ ପ୍ରେରଣା ଦେଇପାରେ। କିନ୍ତୁ ଏହା ଦଳର ଆଦର୍ଶବାଦୀ ବିରୋଧୀଙ୍କୁ ଅସନ୍ତୁଷ୍ଟ କରିଛି, ଯେଉଁମାନେ ଆରଏସଏସ୍‌କୁ ଏକ ବିଭାଜନକାରୀ ଶକ୍ତି ଭାବରେ ଦେଖନ୍ତି।

ଭାରତୀୟ ରାଜନୀତିରେ ବିରୋଧୀଙ୍କୁ ପ୍ରଶଂସା କରିବା ଅସ୍ୱାଭାବିକ ନୁହେଁ, କିନ୍ତୁ ଏହା ଦଳୀୟ ଏକତାକୁ ପ୍ରଭାବିତ କରିପାରେ। କଂଗ୍ରେସକୁ ଏହି ବିବାଦରୁ ଶିଖିବା ଉଚିତ୍ ଯେ ଆନ୍ତରିକ ଆଲୋଚନା ଦରକାର। ଯଦି ଦଳ ସଂଗଠନ ସୁଧାର ନକରେ, ତେବେ ଭବିଷ୍ୟତ ନିର୍ବାଚନରେ ଆହୁରି କ୍ଷତି ହୋଇପାରେ। ଏହି ଘଟଣା ରାଜନୀତିର ଏକ ସତ୍ୟକୁ ଉଜାଗର କରୁଛି: ବିରୋଧୀଙ୍କୁ ଅଣଦେଖା କରିବା ବଦଳରେ ସେମାନଙ୍କର ଶକ୍ତିରୁ ଶିଖିବା ଆବଶ୍ୟକ। କିନ୍ତୁ ଏହା ଆଦର୍ଶର ସହିତ ସମ୍ମିଳନ ହେବା ଉଚିତ।

ଶେଷରେ, ଦିଗବିଜୟ ସିଂହଙ୍କ ମନ୍ତବ୍ୟ ଏକ ବିବାଦ ସୃଷ୍ଟି କରିଛି, କିନ୍ତୁ ଏହା ଭାରତୀୟ ରାଜନୀତିର ଗତିଶୀଳତାକୁ ପ୍ରତିଫଳିତ କରୁଛି। କଂଗ୍ରେସ ଯଦି ଏହାକୁ ଏକ ସୁଯୋଗ ଭାବରେ ଗ୍ରହଣ କରେ, ତେବେ ଏହା ଦଳର ପୁନରୁଦ୍ଧାରର ପଥ ପ୍ରଶସ୍ତ କରିପାରେ। ଅନ୍ୟଥା, ଏହା ଆହୁରି ବିଭେଦ ଆଣିପାରେ।

# ‘ଫର୍ଟି ଆଣ୍ଡ ମ୍ୟାରେଡ଼ ଷ୍ଟିଲ ନୋ କିଡ଼, ଇଟ୍ସ ଆୱାର ଚଏସ’



ଡାକ୍ତର ଶୁଭଶ୍ରୀ ମିଶ୍ର

ଜୀବନ ଓ ଜୀବନାନନ୍ଦ କହିଲେ ପାରମ୍ପରିକ ଭାବଧାରାର ସ୍ୱାମୀ ସନ୍ତାନ ସନ୍ତତି ଓ ପରିବାର। ତେବେ ବର୍ତ୍ତମାନର ସମୟକୁ ଦେଖିଲେ ଏହି ପରମ୍ପରାର ଆବହମାନ କାଳ ଧରି ଗଢ଼ି ଆସିଥିବା ଭାବଧାରା ଅନେକ ମହିଳାଙ୍କ ପାଇଁ ହେଉଛି ପୁରୁଣାକାଳିଆ। ସେମାନେ ନିଜ କ୍ୟାରିୟର, ସ୍ୱାଧୀନତା, ବୃତ୍ତିଗତ ଜୀବନ ଓ ଖୋଲା ସୁଖ ସୌଚ୍ଛନ୍ଦ୍ୟଭରା ଜୀବନ ଡ଼େଣାରେ ନିଜ ଇଛାରେ ବଞ୍ଚିବା ପାଇଁ ବେଶି ପସନ୍ଦ କରୁଛନ୍ତି। ସେମାନଙ୍କ ଚିନ୍ତାଧାରାରେ ସନ୍ତାନସନ୍ତତି ଜନ୍ମ ଭଗବାନଙ୍କ ବରଦାନ ନୁହଁ ବଦଳରେ ଏହା ଏକ ବୋଝ। ଆମ ଭାରତରେ ମହିଳା ପ୍ରଯନନ ହାରର ଗ୍ରାଫ ଦ୍ରୁତ ଭାବେ ତଳମୁହାଁ। ଦିନଥିଲା ବୋଧେ ଚାଳିଶ ବର୍ଷ ତଳର କଥା ଜାପାନ, ତୁର୍କୀ, କୋରିଆ, ଚାଇନା ଓ ଥାଇଲ୍ୟାଣ୍ଡ ପରି ଦେଶ ନିଜ ଦେଶର ଜନସଂଖ୍ୟାକୁ ନେଇ ବ୍ୟତିବ୍ୟସ୍ତ ହୋଇପଡ଼ି ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଅନେକ ସରକାରୀ ଓ ପ୍ରୋତ୍ସାହନ ମୂଳକ ଯୋଜନା ହାତକୁ ନେଇଥିଲେ। ଭାରତର ସବୁଠାରୁ ଜନବହୁଳ ରାଷ୍ଟ୍ର ଭାରତର ଜନସଂଖ୍ୟା ହେଉଛି ୧୪୬.୩୯ କୋଟି। ଜାତିସଂଘର ଏକ ତଥ୍ୟ ଭିତ୍ତିକ ରିପୋର୍ଟ ଅନୁଯାୟୀ ୨୦୨୫ ଶେଷ ସୁଦ୍ଧା ଭାରତର ଜନସଂଖ୍ୟା ହେବ ବିଶ୍ୱର ସର୍ବୋଚ୍ଚ ଭାବେ ୧୪୬.୮୯ କୋଟି। ତେବେ ଜାତିସଂଘର ରିପୋର୍ଟ ଯାହା ଦର୍ଶାଇଛି ଯେ ପ୍ରକୃତ ସଙ୍କଟ ଅତିରିକ୍ତ ଜନସଂଖ୍ୟା ନୁହେଁ ବରଂ କୋଟି କୋଟି ପୁରୁଷ ଓ ନାରୀ ନିଜ ନିଜର ଚାହିଦା ଅନୁସାରେ ସନ୍ତାନ ଧାରଣ କରିପାରିନାହାଁନ୍ତି ଯାହାକୁ ଦି ରିୟଲ ଫର୍ଟିଲିଟି କାଏସିସ୍ ବା ବାସ୍ତବ ପ୍ରଜନନ ସଙ୍କଟ କୁହାଯାଏ। ୨୦୨୫ର ଏକ ସରକାରୀ ତଥ୍ୟର ପରିସଂଖ୍ୟାନ କହୁଛି ୦-୧୪ ବର୍ଷ ବୟସ୍କଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨୪ ପ୍ରତିଶତ। ସେହିପରି ୧୦-୧୯ ବର୍ଷ ବୟସ୍କଙ୍କ ସଂଖ୍ୟା ୧୭ ପ୍ରତିଶତ ଓ ୧୦-୨୬ ବର୍ଷ ବୟସ୍କଙ୍କ ସଂଖ୍ୟା ୨୬ ପ୍ରତିଶତ।

ଆଜିକାଲିର ସମୟକୁ ଦେଖିଲେ ନିକଟରେ ମାସ ମ୍ୟୁଚିଆଲ ନାମକ ଏକ ଆନ୍ତର୍ଜାତିକ ଗବେଷଣା ସଂସ୍ଥାର ତଥ୍ୟ ମୁତାବକ ନିଃସନ୍ତାନ ରହିବା ଦ୍ୱାରା ଆର୍ଥିକ ସ୍ୱାଧୀନତା ପ୍ରାପ୍ତ ହୋଇଥାଏ ବୋଲି ଅନେକ ଦମ୍ପତି ମତ ରଖିଛନ୍ତି। ବିଶ୍ୱର ଅଧିକାଂଶ ପିତାମାତା ପ୍ରତ୍ୟେକ ଶିଶୁଙ୍କର ଜନ୍ମ ଠାରୁ ୧୮ ବର୍ଷ ପର୍ଯ୍ୟନ୍ତ ପହଞ୍ଚିବା ପର୍ଯ୍ୟନ୍ତ ପାଖାପାଖି ୨୪୦, ୦୦୦ ଡଲାର ଖର୍ଚ୍ଚ କରନ୍ତି। ତେବେ ବିଶ୍ୱବିଖ୍ୟାତ ପତ୍ରିକା ‘ଲାନସେଟ’ର ତଥ୍ୟ ଅନ୍ୟ କିଛି ସୂଚାଉଛି। ଏହି ରିପୋର୍ଟ ମୁତାବକ ୧୯୭୦ ପର ଠାରୁ ବିଶ୍ୱରେ ଶୁକ୍ରାଣୁ ସଂଖ୍ୟା ପାଖାପାଖି ୫୦ ପ୍ରତିଶତ ହ୍ରାସ ପାଇଲାଣି। ଏକ ବିଂଶ ଶତାବ୍ଦୀରେ ଏପରି ଦ୍ରୁତ ହ୍ରାସ ଚିନ୍ତା ଜନକ। ବୟସ ବଢ଼ିବା ସହ ପୁରୁଷ ପ୍ରଜନନ କ୍ଷମତା କମିଥାଏ। ସେହିପରି ବିଳମ୍ବରେ ଘର ସଂସାର କରିବା କିମ୍ବା ବିଳମ୍ବରେ ପିଲାପିଲି ପାଇଁ ଉଦ୍ୟମ କରିବା ଏକ ପ୍ରମୁଖ କାରଣ। ବଦଳୁଥିବା ଜୀବନଶୈଳୀ ପ୍ରଜନନ କ୍ଷମତାକୁ କମାଉ ଥିବାବେଳେ ଜୀବନ ଯାପନ ଶୈଳୀ ଓ ପରିବେଶର ପରିପାର୍ଶ୍ୱିକ କାରଣ ପ୍ରଜନନ କ୍ଷମତା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରଖିଥାଏ। ଏହିପରି ଏକ ଆଲୋଚନା କଲାବେଳେ ବିଶ୍ୱର ଅନ୍ୟତମ ଅଭିବୃଦ୍ଧି ସମ୍ପନ୍ନ ଦେଶ ଜାପାନ କଥା ଚିନ୍ତା କରାଯାଉ। ଖୋଦ ଜାପାନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯେଉଁ ରିପୋର୍ଟ ପ୍ରକାଶ କରିଛି, ୨୦୨୪ ମସିହାରେ ୭, ୨୦, ୯୮୮ ଶିଶୁ ଜନ୍ମ ହୋଇଛନ୍ତି। ଜାପାନରେ ପ୍ରଥମଥର ଏହି ପ୍ରବଣତା ୧୮୯୯ ମସିହାରେ ଲକ୍ଷ୍ୟ କରାଯାଇଥିଲା। ଏହାର ବଡ଼ କାରଣ ହେଉଛି ଲୋକମାନଙ୍କ ଭିତରେ ସନ୍ତାନ ଜନ୍ମ କରିବାର ଆଗ୍ରହ ରହୁନି। ଏପରି ଏକତ୍ର ବାସ କରୁଥିଲେ ମଧ ଏକ ପ୍ରକାର ସର୍ତ୍ତ ରଖୁଛନ୍ତି ଯେ କେହି କାହା ଉପରେ ପିଲା ଜନ୍ମ କରିବା ପ୍ରସଙ୍ଗକୁ ନେଇ ଚାପ ସୃଷ୍ଟି କରିବ ନାହିଁ। ସୂଚନାଥାଉକି ଜାପାନ ସରକାର ଶିଶୁ ଯତ୍ନ ନୀତି ପ୍ୟାକେଜ ଆରମ୍ଭ କରି ମଧ ଜନ୍ମହାର ଉତ୍ସାହ ଜନକ ନୁହେଁ।

ଜେନ ଜି (ଜେଡ଼) ଓ ମିଲେନିଆଲଙ୍କ ମଧ୍ୟରେ ପ୍ରତି ଚାରି ଜଣଙ୍କ ଭିତରୁ ଜଣେ ସନ୍ତାନ ଜନ୍ମ କରିବା ପ୍ରତି ଅନାଗ୍ରହ ପ୍ରକାଶ କରୁଛନ୍ତି। ପୂର୍ବ ପ୍ରଜନ୍ମ ତୁଳନାରେ ପରିବାରର ଆକାର କମିଯାଉଛି। ଯୌଥ ପରିବାର ପରିବର୍ତ୍ତେ ଏକକ ପରିବାରର ପ୍ରଚଳନ ବଢ଼ୁଛି। ଅଧିକାଂଶ ଜେନ ଜି ଓ ମିଲେ ନିଆଲ୍ସ ଅନ୍ୟ ମାନଙ୍କ ଅପେକ୍ଷା ନିଜ ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ନିଜ ପାଇଁ ଆବଶ୍ୟକୀୟ ସୁବିଧା, ଅୟସ, ଆରାମ ଓ ନିଜ ସୁଖଶାନ୍ତି ତଥା ଉନ୍ନତ ଜୀବନଶୈଳୀ ପାଇଁ ଏମାନେ ସନ୍ତାନ ଜନ୍ମ କରିବାକୁ ଏକ ବୋଝ ଭାବୁଛନ୍ତି। ଏହି କ୍ରମରେ ଡିଙ୍କ ଓ ପେଟ ପ୍ୟାରେଣ୍ଟିଂ ପରି ନୂତନ ଧାରା ସାମିଲ ହେବାରେ ଲାଗିଛି। ଡିଙ୍କ ଅର୍ଥାତ ଡବଲ ଇନକମ ଆଣ୍ଡ ନୋ କିଡ଼। ବୁଝି ପାରିଲେ ତ? ଉଭୟ ପିତାମାତା ରୋଜଗାର କରୁଥିଲେ ମଧ ସେମାନେ ସନ୍ତାନ କରିବାକୁ ରାଜି ନୁହାଁ। ଏହା ସେମାନଙ୍କର ନିଜସ୍ୱ ଇଛା। ଆପଣମାନେ ସାମାଜିକ ଗଣମାଧମ ବ୍ୟବହାର କରୁଥିଲେ କେବେ ନା କେବେ ଏପରି କିଛି କ୍ୟାପସନ ନିହାତି ଭାବରେ ଦେଖିବେ ଯେ ‘ଫର୍ଟି ଆଣ୍ଡ ମ୍ୟାରେଡ଼ ଷ୍ଟିଲ ନୋ କିଡ଼, ଇଟ୍ସ ଆୱାର ଚଏସ’ ଏହାର ଅର୍ଥ ବୁଝାଇବା ଅନାବଶ୍ୟକ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ୪୦ ବର୍ଷର ବିବାହିତ ଦମ୍ପତ୍ତିଙ୍କ ପାଇଁ ସନ୍ତାନ ଧାରଣ ନକରିବା ସମ୍ପୂର୍ଣ୍ଣ ଭାବରେ ନିଜସ୍ୱ ଇଛା। ଦେଶ ବିଦେଶରେ ବିଭିନ୍ନ ସ୍ଥାନ ବୁଲିବା, ଏକ ସ୍ୱଚ୍ଛଳ ଜୀବନଯାପନ କରିବାରେ ଏହି ପ୍ରଜନ୍ମର ଦମ୍ପତି ପ୍ରାଥମିକତା ଦେଉଛନ୍ତି। ସ୍ନେହ କରିବା ପାଇଁ କିମ୍ବା ଗେହ୍ଲା କରିବା ପାଇଁ ଏମାନେ ନିଜର ଜୈବିକ ସନ୍ତାନ ପରିବର୍ତ୍ତେ କୌଣସି ପୋଷା ଜୀବଜନ୍ତୁଙ୍କୁ ଆଣି ପାଳିବାକୁ ମଧ ଶ୍ରେୟ ମଣୁଛନ୍ତି। ଆଧୁନିକ ଭାଷାରେ ଏହାକୁ କୁହାଯାଉଛି ପେଟ ପ୍ୟାରେଣ୍ଟିଂ। କୁକୁର, ବିଲେଇ କିମ୍ବା ଅନ୍ୟ ସାଙ୍ଗରେ ବୁଲାଇ ନେବା, ଖୁଆଇ ଦେବା, ଗାଧୋଇ ଦେବା ଏହି ଧାରାରେ ସାମିଲ ହେଉଛି।

ଟିକିଏ ନିରୀଖେଇକି ଚିନ୍ତା କରନ୍ତୁ ସମ୍ଭବତଃ ଆଉ ବେଶୀ ଦୂର ନୁହେଁ ସେହିଦିନ ସମ୍ଭବତଃ ବିଶ୍ୱ ଆଉ କୁନି କୁନି ରାବ ଶୁଣିବା ପାଇଁ ଆଉ ସମ୍ଭବ ହୋଇପାରିବ ନାହିଁ। ଭାରତ ଆଜି ଦୁନିଆରେ ସବୁଠୁ ଜନବହୁଳ ହୋଇସାରିଛି। ତେବେ ଜାଣନ୍ତି କି ଜନସଂଖ୍ୟା ବୃଦ୍ଧି ଯେମିତି କେତେକ ଦେଶ ପାଇଁ ଚିନ୍ତାଜନକ ସେମିତି ଜନସଂଖ୍ୟା ହ୍ରାସ କିଛି ଦେଶ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ତେବେ ମାନବତାର ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଯୌଥ ପରିବାରରେ ପିତାମାତାଙ୍କ ସହ ରହିବା ଦ୍ୱାରା ସନ୍ତାନ ଲାଳନପାଳନର ସହଯୋଗ ରହିଥାଏ। କ୍ୟାରିୟର ଦାୟିତ୍ୱ ଥିଲେ ଯୌଥ ପରିବାରର ମାହୋଲ ଏ କ୍ଷେତ୍ରରେ ସହାୟକ ହୋଇଥାଏ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ

# ଡିସେମ୍ବର ୨୫-ସନାତନୀ ପବିତ୍ର ତୁଳସୀ ପୂଜନ ଦିବସ



ଡଃ ଅମୂଲ୍ୟ କୁମାର ପଣ୍ଡା

ପ୍ର୍ୟତେକ ବର୍ଷ ଡିସେମ୍ବର ୨୫କୁ ତୁଳସୀ ପୂଜନ ଦିବସ ରୂପରେ ସନାତନ ଧର୍ମରେ ପାଳନ କରାଯାଏ। ଦୁଃଖର ବିଷୟ ଯେ ଆମର ବହୁ ସନାତନୀ ଭାଇ ଭଉଣୀ ମାନେ ଏ ବିଷୟରେ ଜାଣି ନାହାଁନ୍ତି କି ତାଙ୍କ ପିଢି କୁ ଜଣାଇ ନାହାନ୍ତି। ଏହି ଦିନ ଅନ୍ୟ ସମ୍ପ୍ରଦାୟର ପର୍ବ ରେ ମସଗୁଲ ହୋଇ ନିଜ ସଂସ୍କୃତି ଓ ପରମ୍ପରା କୁ ଭୁଲି ଯାଇଛନ୍ତି। ଆମେ ଜାଣିଛେ ଯେ ମାଆ ତୁଳସୀ ଦେବୀଙ୍କର ଘରେ ଘରେ ପୂଜନ, ଅର୍ଚ୍ଚନା, ବନ୍ଦନା ଏହି ଦିବସରେ କରାଯାଏ। ପଦ୍ମ ପୁରାଣରେ ଲେଖାଯାଇଛି ଯେ ତୁଳସୀର ପତ୍ର, ଫୁଲ, ଫଳ, ଶାଖା, ଛଲି, ଗଣ୍ଡି ଓ ମାଟି ଆଦି ସବୁ ପବିତ୍ର ଅଟେ। କଳିଯୁଗରେ ତୁଳସୀ ପୂଜନ , କୀର୍ତ୍ତନ, ଭଜନ, ଧାରଣ କରିବା ଦ୍ୱାରା ସମସ୍ତ ପାପ ଭସ୍ମୀଭୂତ ହୁଏ ତଥା ମୋକ୍ଷ ପ୍ରାପ୍ତି ହୁଏ। ଏଥିସହ କଳିଯୁଗରେ ତୁଳସୀ ପୂଜନ , କୀର୍ତ୍ତନ, ଭଜନ, ଧାରଣ କରିବା ଦ୍ୱାରା ସମସ୍ତ ପାପ ଭସ୍ମୀଭୂତ ହୁଏ ତଥା ମୋକ୍ଷ ପ୍ରାପ୍ତି ହୁଏ। ପ୍ରତିଦିନ ତୁଳସୀ ପତ୍ର ସେବନ କରିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଖର ହୁଏ ତଥା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ। ତୁଳସୀ ଦିନରେ ଏବଂ ରାତିରେ ମଧ ଅମ୍ଳଜାନ ଉତ୍ସର୍ଜନ କରେ। ତେଣୁ ପରିବେଶ ପ୍ରଦୂଷଣ ରୁ ରକ୍ଷା ପାଇବା ପାଇଁ ତୁଳସୀ ରୋପଣ, ପୂଜନ, ଧାରଣ ତଥା ସମ୍ବର୍ଦ୍ଧନ ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ।

ତୁଳସୀର ବହୁ ଉପକାରିତା ଅଛି। ତୁଳସୀ ପତ୍ର ର ରସ ମନୁଷ୍ୟ ଶରୀର ପାଇଁ ଅମୃତ ସ୍ୱରୁପ। ଏହା ସ୍ୱାସ୍ଥ୍ୟ ପାଇଁ ଅମୃତତୁଲ୍ୟ। ତୁଳସୀ ପାଣି ହଜମ ପ୍ରକ୍ରିୟାକୁ ଉନ୍ନତ କରିବାରେ ସାହାଯ୍ୟ କରେ। ଏହା ଶରୀରରେ ଜମା ହୋଇଥିବା ବିଷାକ୍ତ ପଦାର୍ଥକୁ ବାହାର କରିଦିଏ। ସକାଳେ ଏହାକୁ ସେବନ କରିବା ଦ୍ୱାରା ମାନସିକ ଚାପ କମିଥାଏ। ଏହା ଚର୍ମକୁ ସଫା କରେ ଏବଂ ଏହାର ଚମକ ବୃଦ୍ଧି କରେ। ଏହା ଥଣ୍ଡା ଏବଂ କାଶରୁ ମୁକ୍ତି ଦିଏ। ତୁଳସୀ ପାଣି ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ତୁଳସୀ ମଞ୍ଜିରେ ପ୍ରଚୁର ପରିମାଣରେ ଆଣ୍ଟିବାୟୋଟିକ, ଆଣ୍ଟିଭାଇରାଲ, ଆଣ୍ଟି ବ୍ୟାକ୍ଟେରିଆଲ, ଫାଇବର, ଓମେଗା-୩, ଫ୍ୟାଟି ଏସିଡ ଏବଂ ଅନ୍ୟାନ୍ୟ ଅନେକ ଏସିଡ ରହିଥାଏ।ଯାହା ଆମ ଓଜନ ହ୍ରାସ କରିବାରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ତୁଳସୀ ମଞ୍ଜିକୁ ପାଣିରେ ଫୁଟାଇବା ଏବଂ ଏହାକୁ ପିଇବା ଦ୍ୱାରା ଥଣ୍ଡା, କାଶ ଆଦି ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ। ଏହା ବ୍ୟତୀତ ଅନ୍ୟ ରୋଗ ପାଇଁ ମଧ ଅନେକ ଲାଭଦାୟକ। ତୁଳସୀ ମଞ୍ଜି ସେବନ କରିବା ଦ୍ୱାରା ଓଜନ ହ୍ରାସ, କୋଷ୍ଠ କାଠିନ୍ୟ, ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ମଧ ସାହାଯ୍ୟ କରିଥାଏ। ଆମେ ଚା କିମ୍ବା କାଢ଼ା ତିଆରି କରି ତୁଳସୀ ମଞ୍ଜି ବ୍ୟବହାର କରିଥାଉ। ତୁଳସୀର ଅନେକ ପ୍ରକାର ଲାଭ ମିଳିଥାଏ। କିନ୍ତୁ ମୁଖ୍ୟତଃ ୫ଟି ସ୍ୱତନ୍ତ୍ର କାର୍ଯ୍ୟ କରିଥାଏ। ମୁଖ୍ୟତଃ କୃଷ୍ଣ କିମ୍ବା କଳା ତୁଳସୀ ଏବଂ ଅଲଗା ସାଧା କିମ୍ବା ଧଳା ତୁଳସୀ ସବୁଆଡ଼େ ପ୍ରଚୁର ପରିମାଣରେ ମିଳେ। ଏହାର ମଞ୍ଜିର ମୂଳ ଜ୍ୱର ପାଇଁ କାମ କରେ। ଯଦି କାହାର ସାମାନ୍ୟ ଜ୍ୱର ହୁଏ ତେବେ ସେ ମଞ୍ଜିରୁ ଚା କରି ସେବନ କଲେ ଜ୍ୱର ହ୍ରାସ ହେବା ସହ ଅନେକ ଫାଇଦା ମିଳିଥାଏ। ଏହା ବ୍ୟତୀତ ଯଦି କାହାର ବହୁତ ପୁରୁଣା ଓ ଗମ୍ଭୀର କ୍ଷତ ଅଛି। ଏଭଳି ପରିସ୍ଥିତିରେ ତୁଳସୀ ମଞ୍ଜିର ଏକ ପେଷ୍ଟ ତିଆରି କରି ପ୍ରୟୋଗ କରିଲେ ଖୁବଶୀଘ୍ର ଆରାମ ମିଳିଥାଏ। ତେବେ ଏହା ଚମକ ଦୂର କରିବାରେ ବହୁତ ଭଲ ଭୂମିକା ଗ୍ରହଣ କରିଥାଏ। ତେବେ ଆମେ ମାନେ ମାନେ ଘରେ ଏଭଳି ପ୍ରୟୋଗ କରିଲେ ବିଭିନ୍ନ ରୋଗରୁ ଉପଶମ ପାଇ ପାରିବେ।

ଧାର୍ମିକ ମାନ୍ୟତା ଅନୁସାରେ ତୁଳସୀ ଗଛ ଧନ ଦେବୀ ମା’ ଲକ୍ଷ୍ମୀଙ୍କ ରୂପ ହୋଇଥାନ୍ତି। ନିୟମିତ ଭାବେ ସକାଳେ ଓ ସନ୍ଧ୍ୟାରେ ତୁଳସୀ ଗଛକୁ ପୂଜା କଲେ ମା’ ଲକ୍ଷ୍ମୀ ପ୍ରସନ୍ନ ହୋଇ ଘରେ ବାସ କରିଥାନ୍ତି।ସନାତନ ଧର୍ମରେ ତୁଳସୀକୁ ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଦିଆଯିବା ସହ ଏହାକୁ ଅତ୍ୟନ୍ତ ପବିତ୍ର ବୋଲି ଧରାଯାଏ। ପ୍ରତ୍ୟେକ ହିନ୍ଦୁଙ୍କ ଘର ଅଗଣାରେ ତୁଳସୀ ଗଛ ରଖାଯାଇ ପୂଜା କରାଯାଇଥାଏ। କିଛି ଲୋକ ଅଛନ୍ତି ଏହାର ସକରାତ୍ମକ ପରିବେଶ ପାଇଁ ତୁଳସୀକୁ ଘର ଚାରିପଟେ ଲଗାଇଥାନ୍ତି। ଧାର୍ମିକ ମାନ୍ୟତା ଅନୁସାରେ ତୁଳସୀ ଗଛ ଧନ ଦେବୀ ମା’ ଲକ୍ଷ୍ମୀଙ୍କ ରୂପ ହୋଇଥାନ୍ତି। ନିୟମିତ ଭାବେ ସକାଳେ ଓ ସନ୍ଧ୍ୟାରେ ତୁଳସୀ ଗଛକୁ ପୂଜା କଲେ ମା’ ଲକ୍ଷ୍ମୀ ପ୍ରସନ୍ନ ହୋଇ ଘରେ ବାସ କରିଥାନ୍ତି। ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ। ମାନ୍ୟତା ଯେ ଭଗବାନ ବିଷ୍ଣୁଙ୍କର ତୁଳସୀ ଅତି ପ୍ରିୟ ହୋଇଥାଏ। ତେଣୁ ତାଙ୍କୁ ତୁଳସୀ ଅର୍ପଣ କଲେ ଦୁଇଗୁଣା ଫଳ ମିଳିଥାଏ। ତୁଳସୀ ପତ୍ର ବିନା ବିଷ୍ଣୁଙ୍କ ପୂଜା ହୋଇ ନଥାଏ। ଲୋକେ ଘରର ସୁଖ ଏବଂ ଦୁଃଖ ହଟାଇବା ପାଇଁ ତୁଳସୀର ପୂଜା କରିଥାନ୍ତି। ହେଲେ ତୁଳସୀ ଗଛ ମୂଳେ ପାଣି ଦେବା ସମୟରେ କିଛି ମନ୍ତ୍ର ଜପ କରିବା ନିହାତି ଆବଶ୍ୟକ। କାରଣ ବିନା ମନ୍ତ୍ରରେ ପାଣି ଦେବାକୁ ସ୍ୱୀକାର କରାଯାଏ ନାହିଁ। ତୁଳସୀକୁ ସବୁଦିନ ପୂଜା କରିବା ଦ୍ୱାରା ଭଗବାନ ବିଷ୍ଣୁ ଖୁସି ହୋଇଯାଇ ଆର୍ଶିବାଦ ପ୍ରଦାନ କରିଥାନ୍ତି। ସକାଳୁ ସ୍ନାନ ସାରି ତୁଳସୀ ପୂଜା କରିବା ଆବଶ୍ୟକ। ସୂର୍ଯ୍ୟ ଅସ୍ତ ପରେ ତୁଳସୀ ମୂଳେ ପାଣି ଦେବା ଉଚିତ ନୁହେଁ। ଏହାସହ ରବିବାର ଦିନ ତୁଳସୀ ପତ୍ର ତୋଳିବାକୁ ଆମ ଶାସ୍ତ୍ର ରେ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏହି ଦିନ ପତ୍ର ଛିଣ୍ଡାଇବା ଦ୍ୱାରା ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ରାଗିଯାଇଥାନ୍ତି। ଯଦି ଗ୍ରହ ଦଶା ପଡିଛି ଏହାକୁ ଠିକ କରିବା ପାଇଁ ସବୁଦିନ ତୁଳସୀ ମୂଳେ ପାଣି ଦେବା ଉଚିତ। ତୁଳସୀ ମୂଳେ ଜଳ ଅର୍ପଣ କରିବା ସମୟରେ ଯଦି ତୁଳସୀ ମନ୍ତ୍ର ଜପ କରାଯାଏ ତେବେ ଏହା ବହୁ ଶୁଭ ଫଳ ଦେଇଥାଏ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ, ଦକ୍ଷସାବର୍ଣ୍ଣଙ୍କ ବଂଶଧର ଧର୍ମପରାୟଣ ରାଜା ଧର୍ମଧ୍ୱଜ ଓ ରାଣୀ ମାଧବୀଙ୍କ ଗର୍ଭରୁ ଲକ୍ଷ୍ମୀ ସ୍ୱରୂପିଣୀ ସର୍ବଗୁଣସମ୍ପନ୍ନା ପଦ୍ମିନୀ କନ୍ୟା ‘ତୁଳସୀ’ କାର୍ତ୍ତିକ ପୂର୍ଣ୍ଣିମା ଶୁକ୍ରବାରରେ ଶ୍ରୀକୃଷ୍ଣଙ୍କ ରାସସ୍ଥଳୀ ବୃନ୍ଦାବନରେ ଜନ୍ମ ଗ୍ରହଣ କରିଥିଲେ। ଗୋଲକ ବିହାରୀଙ୍କ ଅଷ୍ଟ ଗୋପପାର୍ଷଦ ମଧରୁ ‘ସୁଦାମା’ ଶ୍ରୀରାଧାଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇ ଶଙ୍ଖଚୂଡ ନାମକ ଦାନବ ରୂପେ ଜନ୍ମଗ୍ରହଣ କରିଥିଲେ। ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ନିର୍ଦ୍ଦେଶରେ ତୁଳସୀ ସେହି ଶଙ୍ଖଚୂଡକୁ ବିବାହ କରିଥିଲେ। ବିଷ୍ଣୁ ଶଙ୍ଖଚୂଡକୁ ବଧ କରନ୍ତେ, ପୂର୍ବଜନ୍ମର ବୃନ୍ଦାଙ୍କ ପରିବର୍ତ୍ତିତ ରୂପ ତୁଳସୀ ବିଷ୍ଣୁଙ୍କୁ ଶିଳାରୂପ ହେବାର ଅଭିଶାପ ଦେଇଥିଲେ। ମାୟାଧରଙ୍କ ନିର୍ଦ୍ଦେଶରେ ତୁଳସୀ ଦିବ୍ୟସ୍ୱରୂପ ଗ୍ରହଣ କରି ତପସ୍ୟାର ଫଳସ୍ୱରୂପ ଗୋଲକବିହାରୀଙ୍କ ସହ ବୈକୁଣ୍ଠରେ ଲକ୍ଷ୍ମୀଙ୍କ ସହ ବିଷ୍ଣୁପ୍ରିୟା ହୋଇ ରହିଲେ। ତୁଳସୀଙ୍କ ମରଶରୀର ଗଣ୍ଡକୀ ନଦୀ ହେଲା, କେଶରାଶିରୁ ତୁଳସୀ ବୃକ୍ଷ ସୃଷ୍ଟି ହେଲା। ଲୀଳାମୟ ଠାକୁର ଶ୍ରୀଜଗନ୍ନାଥଙ୍କୁ ରସିକରାଜ କୁହାଯାଏ। ତାଙ୍କର ବିଭିନ୍ନ ନୀତି ଓ ବେଶରେ ଭିନ୍ନ ଭିନ୍ନ ରଙ୍ଗ ଓ ବାସ୍ନାର ଫୁଲ ଲାଗିଥାଏ। ଶ୍ରୀମନ୍ଦିରରେ ହେଉ କି ପହଣ୍ଡିରେ ଅବା ରଥ ଉପରେ ଫୁଲରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ତେବେ ମଥାରେ ସର୍ବଦା ତୁଳସୀ ଶୋଭାପାଏ। ତୁଳସୀ ଓ ଦୟଣା ପ୍ରିୟ ହେଉଛନ୍ତି ଶ୍ରୀଜଗନ୍ନାଥ। ତାଙ୍କ ପୂଜାରେ ତୁଳସୀ, ମସ୍ତକରେ ତୁଳସୀ, ଆଉ ମହାପ୍ରସାଦରେ ବି ତୁଳସୀ। ତୁଳସୀ ପଡ଼ିଲେ ହିଁ ଭୋଗ ପାଲଟେ ମହାପ୍ରସାଦ। ତୁଳସୀପ୍ରିୟ ଠାକୁର ସୋ ସେଇଥିପାଇଁ ତ ମହାପ୍ରଭୁଙ୍କ ଟାହିଆ, ଟୋପର, ଗୁଣା, ନାକଚଣା ସମେତ ପ୍ରତିଟି ପୁଷ୍ପାଳାଙ୍କାରରେ ତୁଳସୀ ବ୍ୟବହୃତ ହୋଇଥାଏ। ପ୍ରଭୁ ଜଗନ୍ନାଥଙ୍କ ଛଡ଼ାତୁଳସୀ ଟିକେ ପାଇଗଲେ ଭକ୍ତର ମନ ପୂରିଉଠେ। ତୁଳସୀରେ ପୂଜା, ତୁଳସୀରେ ଉପଚାର, ତୁଳସୀରେ ଆଜ୍ଞା ଓ ତୁଳସୀରେ ଅନୁରାଗ। ପ୍ରଭୁଙ୍କର ଏମିତି କୌଣସି ନୀତି ନାହିଁ, ଯେଉଁଠି ତୁଳସୀ ନ ଥାଏ। ଭଗବାନ ବିଷ୍ଣୁଙ୍କର ଅତି ପ୍ରିୟ ତୁଳସୀ। ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରତିଦିନ ପୁଷ୍ପମଣ୍ଡିତ ସମୟରେ ଫୁଲମାଳାରେ ତୁଳସୀ ଦିଆଯାଇଥାଏ। ମହାପ୍ରଭୁ ତୁଳସୀର ମାଳ ପିନ୍ଧିବାକୁ ଭଲ ପାଆନ୍ତି। ଶ୍ରୀଅଙ୍ଗରେ ତୁଳସୀ ମଞ୍ଜରୀ ପ୍ରଦାନ କଲେ ମହାପ୍ରଭୁ ସମସ୍ତ ମନୋବାଞ୍ଛା ପୂରଣ କରିଥାଆନ୍ତି ବୋଲି ବିଶ୍ୱାସ ରହିଛି। ଏମିତି ବି କୁହାଯାଏ ଯାହା ଘରେ ତୁଳସୀ ଚଉରା ଥାଏ ସେ ଘରେ ଦୈବୀ ଦୁର୍ବିପାକ ହୋଇ ନ ଥାଏ। ତୁଳସୀ ପୂଜା ସମୟରେ ନିମ୍ନ ଲିଖିତ ମନ୍ତ୍ର ଜପ କରିଲେ ବହୁ ଶୁଭ ଫଳ ମିଳେ - "ୟନ୍ ମୂଳେ ସର୍ବ ତୀର୍ଥାନୀ ୟନ୍ ମଧେ ସର୍ବ ଦେବତା / ୟଦାଗ୍ରେ ସର୍ବ ବେଦାଶ୍ଚ ତୁଳସୀ ତ୍ୱଂ ନମାମ୍ୟହମ୍।"

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ୍: ୮୨୪୯୫୦୨୭୭୬

# ୟୁପିଆଇରେ ନିକ୍ ନେମ୍ ନିଷିଦ୍ଧ

ଡକ୍ଟର ତପନ କୁମାର ପାଲ



ଆମ ଭିତରୁ ଅଧିକାଂଶ ନିଜେ ନିଜର ନିକ୍ ନେମକୁ ନେଇ ବହୁ ପସନ୍ଦ କରିଥାଉ ଆଉ ଅନ୍ୟ ମାନଙ୍କୁ ସମ୍ବୋଧନ ମଧ କରିଥାଉ। ତେବେ ପୂର୍ବ ବ୍ୟବସ୍ଥିତ ଡିଜିଟାଲ ବ୍ୟବସ୍ଥାର ୟୁପିଆଇରେ ନିକ୍ ନେମ ନିଷିଦ୍ଧ ହେବାକୁ ଯାଉଛି। ଏହା ସତ୍ୟ ଯେ ଆଜିକାଲି ବହୁଳ ଭାବରେ ଆମ୍ଭେମାନେ ୟୁପିଆଇର ବ୍ୟବହାର କରୁଛେ। ନିକଟରେ ଏହାର କାରବାରକୁ ସ୍ୱଚ୍ଛ ରଖିବା ସହ ଉପଭୋକ୍ତାମାନେ କିପରି ଅଧିକରୁ ଅଧିକ ସୁରକ୍ଷିତ ଓ ତତ୍କାଳ ସେବା ପାଇବେ ସେ ନେଇ ଉଭୟ ସରକାରୀ ଓ ବେସରକାରୀ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଭାରତର ସବୁଠାରୁ ବଡ଼ ବ୍ୟାଙ୍କ କୁହାଯାଉଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ମଧ ଏକ ସୂଚନାଧର୍ମୀ ବିଶାଳ କାର୍ଯ୍ୟକ୍ରମ କରିବାକୁ ଯାଉଛି। ଡିଜିଟାଲ କାରବାରରେ ଉପଭୋକ୍ତାଙ୍କ ସୁରକ୍ଷା ଓ ସ୍ୱଚ୍ଛତା ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଭାରତୀୟ ଜାତୀୟ ପେମେଣ୍ଟ ୟୁନିଫାଏଡ




ପେମେଣ୍ଟସ୍ ଇଣ୍ଟରଫେସ ୟୁପିଆଇ ଆପ୍ଲିକେସନସ ଗୁଡ଼ିକୁ ପିଅର ଟି ପିଅର ଓ ପିଅର - ଟୁ -ମର୍ଚ୍ଚାଣ୍ଟ କାରବାର ସମୟରେ କେବଳ ଅଲଟିମେଟ ବେନିଫିସିଆରି ନେମ୍ ପ୍ରଦର୍ଶନ କରିବାକୁ ନିର୍ଦ୍ଧେଷ ଦେଇଛି। ଏହା ପୂର୍ବରୁ ଅର୍ଥାତ୍ ଏନପିସିଆଇର ପୂର୍ବ ନିର୍ଦ୍ଧେଶାବଳୀ ଅନୁସାରେ, ୟୁପିଆ ଆପଗୁଡ଼ିକ କେବଳ ଗ୍ରହଣକାରୀଙ୍କ ବ୍ୟାଙ୍କ ପଞ୍ଜୀକୃତ ନାମକୁ ହିଁ ଟ୍ରାଞ୍ଜାକ୍ସନ କନଫର୍ମମେସନ ସ୍କିନ ଓ ଟ୍ରାଞ୍ଜାକ୍ସନ ହିଷ୍ଟ୍ରିରେ ଦେଖାଇବାକୁ ବାଧତାମୂଳକ କରାଯାଇଥିଲା। ଏନପିସିଆଇ ଅନୁସାରେ ଅଲଟିମେଟ ବେନିଫସିଆରି ହେଉଛି ସେହି ବ୍ୟକ୍ତି କିମ୍ବା ସଂସ୍ଥା, ଯିଏ ପ୍ରଦାନ କରାଯାଇଥିବା ସେବା କିମ୍ବା ସାମଗ୍ରୀ ପାଇଁ ପାଣ୍ଠି ଗ୍ରହଣ କରନ୍ତି। ଏପିଆଇ ବୈଧ ଠିକଣାରୁ ଅଣାଯାଇଥିବା ନାମ (ଯାହାକି ସରକାରୀ ବ୍ୟାଙ୍କ ନାମ ପୁନରୁଦ୍ଧାର କରିବା ପାଇଁ ବ୍ୟବହୃତ ହୁଏ)। କେବଳ ଦେୟକର୍ତ୍ତାଙ୍କୁ ଦେଖାଯିବ। କ୍ୟୁଆର କୋଡ଼, କଣ୍ଟାକ୍ଟ ଲିଷ୍ଟ କିମ୍ବା ୟୁଜର ଡିଫାଇନଡ ଲେବଲରୁ ପ୍ରାପ୍ତ ନାମ ଗୁଡ଼ିକୁ ଆଉ ଅନୁମତି ଦିଆଯିବ ନାହିଁ। ଅନେକ ୟୁପିଆଇ ଆପ ବ୍ୟବହାର କାରୀଙ୍କୁ ପ୍ରାପ୍ୟ ପ୍ରଦର୍ଶନ ନାମ ବଦଳାଇବାକୁ କିମ୍ବା ଉପନାମ ସୃଷ୍ଟି କରିବାକୁ ଅନୁମତି ଦିଏ, ଯାହା ଠକମାନଙ୍କ ପାଇଁ ବିଶ୍ୱସ୍ତ ବ୍ରାଣ୍ଡ କିମ୍ବା ବ୍ୟକ୍ତିଙ୍କୁ ନକଲ କରିବା ସହଜ କରିଥାଏ। ଆଗକୁ ଏହି ଲୁପ ବନ୍ଦ ହୋଇଯିବ। ବ୍ୟବହାରକାରୀଙ୍କୁ ଏପରି ଅପସନ ଦେଉଥିବା ବୈଶିଷ୍ଟ୍ୟକୁ ଅକାମୀ କରିବାକୁ ଏନପିସିଆଇ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛି।

ଏହି ପରିବର୍ତ୍ତନ ବିଶେଷ ଭାବରେ ପିଟୁପିଏମ ବର୍ଗରେ ଆସୁଥିବା ରାସନ ଷ୍ଟୋର ମାଲିକ କିମ୍ବା ରାସ୍ତାକଡ଼ ବିକ୍ରେତା ଭଳି ଛୋଟ ବ୍ୟବସାୟୀ ମାନଙ୍କୁ ପ୍ରଭାବିତ କରିବ। ତେବେ ଏହା ୟୁପିଆଇ ପେମେଣ୍ଟକୁ ଅଧିକ ସୁରକ୍ଷିତ ଓ ସ୍ୱଚ୍ଛ ରଖିବା ସହ ହେରଫେର ଆଶଙ୍କା ଯଥେଷ୍ଟ କମ କରିବ ବୋଲି ଆଶା କରାଯାଏ। ଦିନକୁ ଦିନ ଡିଜିଟାଲ ବ୍ୟବସ୍ଥା ଭାରତୀୟ ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଦିଗ ନିର୍ବାହ କରୁଥିବାବେଳେ ବିଶେଷକରି ୟୁପିଆଇ ପେମେଣ୍ଟର ବ୍ୟବହାରିତା ସମ୍ପର୍କରେ ଅଧିକ ସୁରକ୍ଷା ଓ ସ୍ୱଚ୍ଛତା ଜରୁରୀ। ତେବେ ଏ କ୍ଷେତ୍ରରେ କୌଣସି କାର୍ଡ଼ ଉପଭୋକ୍ତା ବା ଆକାଉଣ୍ଟ ହୋଲଡ଼ର ସମସ୍ୟାକୁ ସାମ୍ନା କରିବା ମାତ୍ରେ ନିକଟସ୍ଥ ବ୍ୟାଙ୍କର ଶାଖା କେନ୍ଦ୍ର କିମ୍ବା ସୂଚୀତ ହୋଇଥିବା ଟୋଲ ନଂ ସହିତ ଯୋଡ଼ିହେବା ଜରୁରୀ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସହଯୋଗ ଗଲେ ଡିଜିଟାଲ ବ୍ୟବସ୍ଥା ଓ ୟୁପିଆଇ ପେମଣ୍ଟ ଅଧିକ ସୁବିଧାଜନକ ଓ ସ୍ୱଚ୍ଛ ହୋଇପାରିବ।

ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ, ମୋବାଇଲ୍: ୯୯୩୭୬୫୮୩୬୨

### ଜଳୁଛି ବାଂଲାଦେଶ, ୧୦ ଦିନ ପରେ ଆମେରିକାର ପ୍ରତିକ୍ରିୟା

# ହିଂସାକାଣ୍ଡକୁ ନିନ୍ଦା, ୟୁନୁସଙ୍କୁ ପ୍ରଶଂସା

ନୂଆଦିଲ୍ଲୀ,୨୮।୧୨: ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ନିର୍ମମ ହତ୍ୟା ମାମଲାରେ ଆମେରିକା ପ୍ରତିକ୍ରିୟା ପ୍ରକାଶ କରିଛି। ଦୀପୁ ଦାସ ହତ୍ୟାକାଣ୍ଡର ୧୦ ଦିନ ପରେ ବାଂଲାଦେଶରେ ସାମ୍ପ୍ରଦାୟିକ ହିଂସାକୁ ନିନ୍ଦା କରିଛି ଆମେରିକାର ବୈଦେଶିକ ବିଭାଗ। ବାଂଲାଦେଶରେ ଜାରି ହିଂସା, ଭୟଙ୍କର ବୋଲି କହିଛି ଆମେରିକା। ଏହା ସହ ସାଂପ୍ରଦାୟିକ ହିଂସାକୁ ରୋକିବା ଲାଗି ବାଂଲାଦେଶ ସରକାରଙ୍କୁ ଆହ୍ୱାନ ଦେଇଛି ଟ୍ରମ୍ପ ପ୍ରଶାସନ।

ଯୁକ୍ତରାଷ୍ଟ୍ର ଧର୍ମ, ଅଭିବ୍ୟକ୍ତିର ସ୍ୱାଧୀନତା, ଶାନ୍ତିପୂର୍ଣ୍ଣ ସମାବେଶ ଏବଂ ସଂଗଠନର ସ୍ୱାଧୀନତାକୁ ସମର୍ଥନ କରେ। ଆମେରିକା ସମସ୍ତ ପ୍ରକାରର ଧାର୍ମିକ ହିଂସାକୁ ସ୍ପଷ୍ଟ ଭାବରେ ନିନ୍ଦା କରେ। ଆମେରିକାର ବୈଦେଶିକ ବିଭାଗ ନିଜ ବିବୃତ୍ତିରେ ବାଂଲାଦେଶର ଅନ୍ତରୀଣ ସରକାରଙ୍କୁ ସମାଲୋଚନା କରିନାହିଁ। ଏଥିରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, ହିଂସା ସତ୍ତ୍ୱେ ଆମେରିକା ମହମ୍ମଦ ୟୁନୁସଙ୍କ ସହିତ ଠିଆ ହୋଇଛି। ସମସ୍ତ ସମ୍ପ୍ରଦାୟର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବାଂଲାଦେଶର ଅନ୍ତରୀଣ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ




ଆମେ ସ୍ୱାଗତ କରୁଛୁ ବୋଲି କହିଛି ଆମେରିକାର ବୈଦେଶିକ ବିଭାଗ।

ଡିସେମ୍ବର ୧୨ ତାରିଖରେ ଛାତ୍ର ନେତା ଉସମାନ ହାଦିଙ୍କୁ ଢାକାରେ ଦୁଇଜଣ ଯୁବକ ଗୁଳିମାଡ଼ କରିଥିଲେ। ୬ ଦିନ ପରେ, ଡିସେମ୍ବର ୧୮ ତାରିଖ ରାତିରେ ହାଦି ସିଙ୍ଗାପୁରର ଏକ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ସେହି ରାତିରେ, ଜଣେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ଏକ ଭିଡ଼ ନିର୍ମମ ଭାବରେ ହତ୍ୟା କରିଥିଲା। ଅଭିଯୁକ୍ତମାନେ ପ୍ରଥମେ ଦୀପୁଙ୍କୁ ପିଟିଥିଲେ, ତା'ପରେ ତାଙ୍କୁ ଗଛରେ ଟାଙ୍ଗି ତାଙ୍କ ଶରୀରରେ ନିଆଁ ଲଗାଇ ଦେଇଥିଲେ। ଭିଡିଓଟି ଭାଇରାଲ ହେବା ପରେ, ସାରା ବିଶ୍ୱ ଏହି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିଥିଲା।

## ଭାରତର ଅଭିଯୋଗକୁ ବାଂଲାଦେଶର ଖଣ୍ଡନ

ନୂଆଦିଲ୍ଲୀ,୨୮।୧୨: ବାଂଲାଦେଶରେ ହିନ୍ଦୁ ସଂଖ୍ୟାଲଘୁଙ୍କ ସୁରକ୍ଷା ନେଇ ଭାରତ ଯେଉଁ ଚିନ୍ତା କରିଥିଲା ରବିବାର ବାଂଲାଦେଶ ସରକାର ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ହିନ୍ଦୁଙ୍କ ସହ ହେଉଥିବା ଅତ୍ୟାଚାର ସମ୍ପୂର୍ଣ୍ଣ ଅଲଗା ଘଟଣା। ଏହା ବାଂଲାଦେଶ ସରକାରଙ୍କ ବ୍ୟବସ୍ଥାଗତ ନିର୍ଯାତନା ନୁହେଁ ବୋଲି ୟୁନୁସ ସରକାର କହିଛନ୍ତି। ଢାକା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ଭାରତ ଦେଇଥିବା ମନ୍ତବ୍ୟ ବାସ୍ତବ ତଥ୍ୟକୁ ପ୍ରତିଫଳିତ କରୁନାହିଁ। ଏହା ଭୁଲ ଏବଂ ଅତିରଞ୍ଜିତ ବର୍ଣ୍ଣନା। ବାଂଲାଦେଶ ଓ ଏହାର ଜନତା ଏବଂ ଭାରତରେ ଥିବା ଏହାର କୂଟନୈତିକ ମିଶନ ବିରୁଦ୍ଧରେ ଶତ୍ରୁତା ସୃଷ୍ଟି କରିବା ପାଇଁ ଏପରି କାହାଣୀଗୁଡ଼ିକୁ ବାଛିବାଛି ଭୁଲ ଭାବରେ ଉପସ୍ଥାପନ କରାଯାଉଛି ବୋଲି ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ କହିଛି।

### ମୋଦିଙ୍କ ବର୍ଷ ଶେଷ 'ମନ୍ କି ବାତ୍' କାର୍ଯ୍ୟକ୍ରମ

# ଦେଶର ସୁରକ୍ଷା ସହ ସାଲିସ କରାଯିବନି

ନୂଆଦିଲ୍ଲୀ, ୨୮।୧୨: ନୂଆବର୍ଷ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିଛନ୍ତି ବର୍ଷର ଶେଷ ମନ କି ବାତ୍। ୨୦୨୫ରେ ଘଟିଥିବା ଅନେକ ଘଟଣାକୁ ସେ ମନେ ପକାଇଛନ୍ତି। ମହାକୁମ୍ଭ ମେଳାଠୁ ଅପରେସନ ସିନ୍ଦୂରକୁ ସେ ବର୍ଷର ଶେଷ ମନ କି ବାତରେ ସ୍ଥାନ ଦେଇଛନ୍ତି।



**ମହାକୁମ୍ଭ ମେଳାଠୁ ଅପରେସନ ସିନ୍ଦୂର ସ୍ଥାନ ପାଇଛି**

ମୋଦୀ କହିଛନ୍ତି ଯେ, ବିଶ୍ୱ ନୂଆ ଭାରତ ଦେଖୁଛି। ଭାରତ ଏବେ କୌଣସି ପ୍ରକାରେ ନିଜ ସୁରକ୍ଷା ସହ ସାଲିସ କରିବ ନାହିଁ। ଅପରେସନ ସିନ୍ଦୂର ହେଉଛି ଏହାର ପ୍ରମାଣ। ଅପରେସନ ବେଳେ ସାରା ଦେଶ ଭାରତ ମାତା ପ୍ରତି ଭଲ ପାଇବା ଏବଂ ସ୍ନେହ ଦେଖାଇଥିଲା। ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଦେଶବାସୀ ସମାନ ଦେଶଭକ୍ତି ପ୍ରଦର୍ଶନ କରିଥିଲେ।

ସେ ଆହୁରି କହିଥିଲେ ଯେ, ଭାରତ ବହୁତ କିଛି ଉପଲବ୍ଧି ହାସଲ କରିପାରିଛି। ଜାତୀୟ ସୁରକ୍ଷାଠୁ ଆରମ୍ଭ କରି ଖେଳଯାଏଁ, ସବୁଠି ଦେଶ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଚଳିତ ବର୍ଷ ଅପରେସନ ସିନ୍ଦୂର ଭାରତ ପାଇଁ ଗର୍ବ ଆଣିଛି। ସେହିପରି ମହାକାଶ କ୍ଷେତ୍ରରେ ଶୁଭାଂଶୁ ଶୁକ୍ଲା ପାରିଦର୍ଶୀତା ଦେଖାଇଛନ୍ତି। ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନରେ ସେ ପାଦ ଦେଇଛନ୍ତି। ଦେଶ ପରିବେଶ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷାରେ ଅନେକ କିଛି ପଦକ୍ଷେପ ହାତକୁ ନେଇଛି।

ମହାକୁମ୍ଭ ମେଳାକୁ ନେଇ ମୋଦୀ କହିଛନ୍ତି ଯେ, ଏହା ହେଉଛି ବିଶ୍ୱାସ, ସଂସ୍କୃତି ଏବଂ ଭାରତର ଅନନ୍ୟ କଳାର ପରିଚୟ। କୁମ୍ଭକୁ ଆୟୋଜନ କରିଥିବା ଆୟୋଜକ ସାରା ବିଶ୍ୱକୁ ଚକିତ କରିଥିଲେ। ଏତେ ବଡ କାର୍ଯ୍ୟକ୍ରମ ହାତକୁ ନେବା ସହଜ କଥା ନୁହେଁ। ବର୍ଷର ଶେଷରେ ରାମ ମନ୍ଦିରରେ ଧ୍ୱଜା ଲାଗିଥିଲା। ଯାହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ବିଷୟ ହୋଇ ରହିବ। ପ୍ରଧାନମନ୍ତ୍ରୀ ରଚନା ପ୍ରତିଯୋଗିତା ବାବଦରେ ଉଲ୍ଲେଖ କରିଥିଲେ। ଏଥିରେ ତାମିଲନାଡୁ ପ୍ରଥମ ହୋଇଥିଲା। ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ନିଜର ମତ ପ୍ରକାଶ କରିଥିଲେ। ଦେଶରେ ଯୁବକ ଏବଂ ଛାତ୍ରଙ୍କ ବିକାଶ ପାଇ ଅନେକ ଯୋଜନା ହେଉଛି। ସେମାନଙ୍କ ସାମଗ୍ରିକ ବିକାଶ ପାଇଁ ଅନେକ କିଛି ପ୍ରୟାସ କରାଯାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ୩୦ ଘଣ୍ଟାରେ ଅନୁଭୂତ ହେଲାଣି ୨୪ ଥର କମ୍ପନ

କଚ୍ଛ, ୨୮।୧୨: ଗୁଜରାଟ କଚ୍ଛ କ୍ଷେତ୍ରରେ ଶୁକ୍ରବାର ପ୍ରତ୍ୟୁଷରେ ଯେତେବେଳେ ସାରା ଦେଶ ସୁପ୍ତ ଥିଲା ଅଚାନକ ମାଟି କମ୍ପିବାକୁ ଲାଗିଥିଲା। ରିକ୍ଟର ସ୍କେଲରେ ଏହି କମ୍ପନର ତୀବ୍ରତା ୪.୬ ଥିଲା। ଏଥି ଯୋଗୁ ସେପରି ବଡ଼ ଧରଣର କୌଣସି କ୍ଷୟକ୍ଷତି ହୋଇ ନଥିଲେ ମଧ ୨୦୦୧ର ସେହି ଭୟାନକ ଭୂମିକମ୍ପ ସ୍ମୃତିକୁ ତାଜା କରିଦେଇଛି। ଶୁକ୍ରବାର ସକାଳର କମ୍ପନ ପରେ ଏ ପର୍ଯ୍ୟନ୍ତ ୨୩ଥର ପରବର୍ତ୍ତି କମ୍ପନ ଅନୁଭୂତ ହେଲାଣି। ଏବେ ଭୂମିକମ୍ପ ଚିନ୍ତାର କାରଣ ନୁହେଁ ବରଂ ଏହା ପରେ ମାଟି ତଳେ ହେଉଥିବା ପରିବର୍ତ୍ତନ ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟ କରିଛି। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ, କଚ୍ଛ ତଳେ ଏପରି ୩ଟି ଫଲ୍ଟ ଲାଇନ ସକ୍ରିୟ ହୋଇଯାଇଛି ଯାହା କୌଣସି ମୁହୂର୍ତ୍ତରେ ବଡ଼ ବିନାଶକୁ ଡାକିଆଣିପାରେ। ଶୁକ୍ରବାର ଭୋର ଭୂମିକମ୍ପ ପରେ ଏପର୍ଯ୍ୟନ୍ତ ୨୩ ଥର ପରବର୍ତ୍ତି କମ୍ପନ ହେଲାଣି। ଏହି କମ୍ପନ ନର୍ଥ ୱାଗଡ ଫଲ୍ଟରୁ ସୃଷ୍ଟି ହେଉଛି। ବୈଜ୍ଞାନିକଙ୍କ କହିବା କଥା ହେଉଛି ଏହି କମ୍ପନ ମାଟି ତଳେ ହେଉଥିବା ପରିବର୍ତ୍ତନ ଆଡକୁ ଇଶାରା କରୁଛି। ନିକଟ ଭବିଷ୍ୟତରେ ସେପରି ବଡ଼ ଧରଣର ଭୂମିକମ୍ପ ବିପଦ ନାହିଁ ବୋଲି ଅନୁମାନ କରାଯାଉଛି। ହେଲେ ଏପରି ହେବନି ବୋଲି ମଧ ଶତ ପ୍ରତିଶତ ଗ୍ୟାରେଣ୍ଟି ଦେଇ ହେବନି ବୋଲି ବୈଜ୍ଞାନିକ କହୁଛନ୍ତି। ୨୦୦୧ ମସିହାରେ ହୋଇଥିବା ୭.୭ ତୀବ୍ରତାର ଭୂମିକମ୍ପ ଏବେ ବି ଲୋକଙ୍କ ମନରୁ ଲିଭିନି। ସେତେବେଳେ କଚ୍ଛରେ ମେନଲ୍ୟାଣ୍ଡ ଫଲ୍ଟ ଭାଙ୍ଗି ଯାଇଥିଲା ,ହେଲେ ଏବେ ବିପଦ ନୂଆ ଅଞ୍ଚଳକୁ ସିଫ୍ଟ ହୋଇଯାଇଛି। ଏଣୁ ବୈଜ୍ଞାନିକମାନେ ଏହି ଭୂମିକମ୍ପକୁ ଶେଷ ସତର୍କତା ଭାବେ ଗ୍ରହଣ କରିବାକୁ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି।

**ଦେଶରେ ଆସିପାରେ ବଡ଼ ଭୂମିକମ୍ପ**

**ସତର୍କତା କରାଇଲେ ବୈଜ୍ଞାନିକ**

### ବିହାରରେ ମାଲବାହୀ ଟ୍ରେନ ଦୁର୍ଘଟଣା

## ଲାଇନଚ୍ୟୁତ ପରେ ନଦୀକୁ ଖସିଲା ୫ ବଗି

ନୂଆଦିଲ୍ଲୀ ୨୮।୧୨; ବିହାରର ଜାମୁଇ ଜିଲ୍ଲାର ତେଲୱା ବଜାର ରେଳ ଷ୍ଟେସନ ନିକଟରେ ରେଳ ଦୁର୍ଘଟଣା ଘଟିଛି। ଏକ ସିମେଣ୍ଟ ବୋଝେଇ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଦୁର୍ଘଟଣାରେ ୧୫ଟି ଡବା ଲାଇନଚ୍ୟୁତ ହୋଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବିଭିନ୍ନ ସ୍ଥାନର ଟ୍ରାକ୍ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ଫଳସ୍ୱରୂପ, ଏହି ରୁଟ୍ ଆସିବାକୁ ଥିବା ଟ୍ରେନକୁ ଅଟକାଇ ଦିଆଯାଇଥିଲା। ତଥାପି, ଲାଇନଚ୍ୟୁତ ହେବାର କାରଣ ଏପର୍ଯ୍ୟନ୍ତ ଜଣାପଡି ନାହିଁ।



ପୂର୍ବତନ ଆସାନସୋଲ ଡିଭିଜନର ଜସିଡିହ-ସିମୁଲତାଲା ସେକ୍ସନରେ ଜାମୁଇ ଜିଲ୍ଲାର ତେଲୱା ବଜାର ହଲ୍ଟ ନିକଟରେ ବରୁଆଁ ନଦୀ ଉପରେ ଥିବା ରେଳପଥ ବ୍ରିଜ ଉପରେ ଏକ ମାଲବାହୀ ଟ୍ରେନ୍ ଓଲଟି ପଡ଼ିଥିଲା। ଟ୍ରେନ୍ ଟି ଆସାନସୋଲରୁ ଝାଜ୍ଜା ଅଭିମୁଖେ ସିମେଣ୍ଟ ନେଇ ଯାଉଥିଲା। ଏହି ସମୟରେ, ଶନିବାର ରାତି ପ୍ରାୟ ୧୧:୪୦ ସମୟରେ ଅପ-ଲାଇନ୍ ମାଲବାହୀ ଟ୍ରେନ୍ ହଠାତ୍ ଲାଇନଚ୍ୟୁତ ହୋଇଥିଲା। ଦୁର୍ଘଟଣାରେ ମାଲବାହୀ ଟ୍ରେନର ମୋଟ ୧୫ଟି ବଗି ଟ୍ରାକରୁ ଓଲଟି ପଡିଥିଲା, ଯାହା ମଧ୍ୟରୁ ୧୦ଟି ରେଳପଥ ବ୍ରିଜ ଉପରେ ଓଲଟି ପଡ଼ିବାରୁ, ୫ଟି ବଗି ବ୍ରିଜ୍ ତଳେ ଥିବା ବାରୁଆଁ ନଦୀରେ ପଡ଼ିଥିଲା।ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଅନେକ ସ୍ଥାନରେ ଟ୍ରାକ୍ ଉପୁଡ଼ି ଯାଇଥିଲା। ଦୁର୍ଘଟଣା ପରେ, ଜସିଡିହ ସେକ୍ସନର ଅପଲାଇନ୍ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଯେତେବେଳେ ସୁରକ୍ଷା ଦୃଷ୍ଟିରୁ ଡାଉନଲାଇନରେ ଚଳାଚଳ ମଧ ବନ୍ଦ କରାଯାଇଥିଲା। ଏହି ରୁଟ୍ ଦେଇ ଯାଉଥିବା ଅନେକ ଯାତ୍ରୀବାହୀ ଟ୍ରେନକୁ ନିକଟବର୍ତ୍ତୀ ଷ୍ଟେସନରେ ଅଟକାଇ ଦିଆଯାଇଥିଲା, ଯାହା ଫଳରେ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

### ଆରାବଳୀ ମାମଲାରେ ହସ୍ତକ୍ଷେପ କଲେ ସୁପ୍ରିମ୍‌କୋର୍ଟ

## ଆଜି ଶୁଣାଣି କରିବେ ୩ ଜଣିଆ ଖଣ୍ଡପୀଠ

ନୂଆଦିଲ୍ଲୀ,୨୮।୧୨: ଆରାବଳି ପାହାଡ଼ ମାମଲାରେ ହସ୍ତକ୍ଷେପ କରିଛନ୍ତି ସୁପ୍ରିମକୋର୍ଟ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ସୋମବାରଠାରୁ ଏହି ମାମଲାର ଶୁଣାଣି ହେବ। ଆରାବଳୀ ପାହାଡ଼କୁ ନେଇ ଅନେକ ଅଞ୍ଚଳରେ ବିରୋଧ ପ୍ରଦର୍ଶନ ହୋଇଛି। କଂଗ୍ରେସ ଅଭିଯୋଗ କରିଛି ଯେ, ବଡ଼ ଧରଣର ଖଣି ଖନନକୁ ଅନୁମତି ଦେବା ପାଇଁ ଆରାବଳୀ ପାହାଡ଼ର ପରିଭାଷା ପରିବର୍ତ୍ତନ କରାଯାଇଛି। ତଥାପି, ସରକାର ଏହି ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ସରକାର କହିଛନ୍ତି ଯେ ଆରାବଳି ପାହାଡ଼ କୌଣସି ବିପଦରେ ନାହିଁ।



କେନ୍ଦ୍ର ସରକାର ଆରାବଳିରେ କୌଣସି ନୂତନ ଖଣି ଲିଜ୍ ପ୍ରଦାନ କରିବା ଉପରେ ସମ୍ପୂର୍ଣ୍ଣ ନିଷେଧ ଲାଗୁକରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିଷେଧ ସମଗ୍ର ଆରାବଳୀ ଅଞ୍ଚଳରେ ସମାନ ଭାବରେ ପ୍ରଯୁଜ୍ୟ ଏବଂ ପର୍ବତମାଳାର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ନିର୍ଦ୍ଦେଶାବଳୀ ପାହାଡ଼କୁ ଗୁଜୁରାଟରୁ ଜାତୀୟ ରାଜଧାନୀ ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତାରିତ ଏକ ନିରନ୍ତର ଭୂତାତ୍ତ୍ୱିକ ଶୃଙ୍ଖଳ ଭାବରେ ସୁରକ୍ଷା ଦେବା ଏବଂ ସମସ୍ତ ଅନିୟନ୍ତ୍ରିତ ଖଣି କାର୍ଯ୍ୟକଳାପକୁ ରୋକିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଭାରତୀୟ ବନ ଗବେଷଣା ଏବଂ ଶିକ୍ଷା ପରିଷଦକୁ ସମଗ୍ର ଆରାବଳୀ ଅଞ୍ଚଳ ପାଇଁ ସ୍ଥାୟୀ ଖଣି ପାଇଁ ଏକ ବ୍ୟାପକ, ବିଜ୍ଞାନ-ଆଧାରିତ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଯୋଜନା ପରିବେଶଗତ ପ୍ରଭାବ ଏବଂ ପରିବେଶଗତ ବହନ କ୍ଷମତା ମୂଲ୍ୟାଙ୍କନ କରିବ। ପରିବେଶଗତ ଭାବରେ ସମ୍ବେଦନଶୀଳ ଏବଂ ସଂରକ୍ଷଣ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବ ଏବଂ ପୁନରୁଦ୍ଧାର ଏବଂ ପୁନର୍ବାସ ପଦକ୍ଷେପ ସ୍ଥିର କରିବ।

କେନ୍ଦ୍ର ସରକାର ଏହା ମଧ ନିର୍ଦ୍ଦେଶ ଦେଇଛନ୍ତି ଯେ, ସମ୍ପୃକ୍ତ ରାଜ୍ୟ ସରକାରମାନେ ପୂର୍ବରୁ କାର୍ଯ୍ୟକ୍ଷମ ଖଣି ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ପରିବେଶ ସୁରକ୍ଷା ବ୍ୟବସ୍ଥାର କଡ଼ାକଡ଼ି ପାଳନ ନିଶ୍ଚିତ କରନ୍ତୁ। ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ଖଣି ଅଭ୍ୟାସର ପାଳନ ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ କଟକଣା ସହିତ ଚାଲୁଥିବା ଖଣି କାର୍ଯ୍ୟକଳାପକୁ କଡ଼ାକଡ଼ି ନିୟନ୍ତ୍ରଣ କରାଯିବା ଉଚିତ। କେନ୍ଦ୍ର ସରକାର ଆରାବଳି ଇକୋସିଷ୍ଟମର ଦୀର୍ଘକାଳୀନ ସଂରକ୍ଷଣ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ସରକାର ବିଶ୍ୱାସ କରନ୍ତି ଯେ, ମରୁଭୂମିକରଣ ମୁକାବିଲା, ଜୈବ ବିବିଧତା ସଂରକ୍ଷଣ, ଜଳଭଣ୍ଡାର ପୁନଃଚାର୍ଜ ଏବଂ ଅଞ୍ଚଳକୁ ପରିବେଶଗତ ସେବା ପ୍ରଦାନ କରିବାରେ ଆରାବଳି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

### ବାଂଲାଦେଶ ପୁଲିସର ବଡ଼ ଦାବି

## ହାଦି ହତ୍ୟାରେ ଜଡ଼ିତ ୨ ଅଭିଯୁକ୍ତ ଭାରତରେ

ଢାକା,୨୮।୧୨ : ବାଂଲାଦେଶ ଢାକାରେ ଛାତ୍ରନେତା ଶରିଫ ଉସ୍ମାନ ହାଦିଙ୍କ ହତ୍ୟାରେ ସାମିଲ ଥିବା ଦୁଇ ମୁଖ୍ୟ ଅଭିଯୁକ୍ତ ଭାରତ ଖସି ଆସିଥିବା ଢାକା ମେଟ୍ରୋପଲିଟନ ପୁଲିସ ଦାବି କରିଛି। ଅଭିଯୁକ୍ତକୁ ସାହାଯ୍ୟ କରିଥିବା ଦୁଇଜଣଙ୍କୁ ଭାରତୀୟ ଅଧିକାରୀ ଗିରଫ କରିନେଇଛନ୍ତି। ବାଂଲାଦେଶ ସରକାର ଭାରତରୁ ଅଭିଯୁକ୍ତଙ୍କୁ ଗିରଫ ଏବଂ ପ୍ରତ୍ୟାର୍ପଣ ପାଇଁ କଥାବାର୍ତ୍ତା କରୁଛନ୍ତି। ଖବର ମୁତାବକ, ଡିଏମପି ମିଡିଆ ସେଣ୍ଟରରେ



ଏକ ପ୍ରେସ ବ୍ରିଫିଂକୁ ସମ୍ବୋଧିକ କରି ଅତିରିକ୍ତ ଆୟୁକ୍ତ ଏନଏନ ନଜରୁଲ ଇସଲାମ କହିଛନ୍ତି, ହାଦିଙ୍କ ହତ୍ୟାରେ ସାମିଲ ସନ୍ଦିଗ୍ଧ ଫୈସଲ କରୀମ ମସୁଦ ଏବଂ ଆଲମଗିର ଶେଖ ସ୍ଥାନୀୟ ସହଯୋଗୀଙ୍କ ସହାୟତାରେ ହଲୁଆଘାଟ ସୀମା ଦେଇ ଭାରତରେ ପ୍ରବେଶ କରିସାରିଛନ୍ତି। ଆଉ ସନ୍ଦିଗ୍ଧଙ୍କୁ ସହାୟତା କରିଥିବା ୨ ଜଣ ବ୍ୟକ୍ତିଙ୍କୁ ଭାରୀତୀୟ ଅଧିକାରୀ ଗିରଫ କରିସାରିଛନ୍ତି। ଏନେଇ ବାଂଲାଦେଶ ସରକାର ସେମାନଙ୍କୁ ପ୍ରତ୍ୟାର୍ପଣ ପାଇଁ ଭାରତ ସରକାରଙ୍କ ସହିତ କଥାବାର୍ତ୍ତା କରୁଛନ୍ତି। ପୁଲିସ ଏହି ମାମଲାରେ ଯାଞ୍ଚ କରୁଛି। ଆଉ ଯେଉଁମାନେ ଏଥିରେ ସାମିଲ ହେବେ ସେମାନଙ୍କୁ କଦାପି ଛଡାଯିବ ନାହିଁ।

### ଯମୁନା ଏକ୍ସପ୍ରେସ ୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

## ରାସ୍ତା ମଝିରେ ଜଳିଗଲା ଦୁଇ କାର୍



ନୋଏଡା,୨୮।୧୨ : ଗ୍ରେଟର ନୋଏଡାର ଯମୁନା ଏକ୍ସପ୍ରେସରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଜେୱରରୁ ନୋଏଡାକୁ ଆସୁଥିବା ୩ଟି କାର୍ ପରସ୍ପର ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଦୁଇଟି ଗାଡ଼ିରେ ନିଆଁ ଲାଗିଯାଇଥିଲା। ଗାଡ଼ିରେ ନିଆଁ ଲାଗିବା ଦେଖି ଏଥିରେ ଥିବା ଲୋକ ଚତୁରତାର ସହିତ ନିଜ ଜୀବନ ବଞ୍ଚାଇ ବାହାରକୁ ନେଇଆସିଥିଲେ। ତେବେ ଘଟଣାରେ ଜନହାନୀ ହୋଇନାହିଁ। ଘଟଣା ପରେ ଯମୁନା ଏକ୍ସପ୍ରେସ ୱେରେ ଭିଡ଼ ଲାଗି ରହିଥିଲା।

ଘଟଣା ବିଷୟରେ ସୂଚନା ମିଳିବା ପରେ ପୁଲିସ ଏବଂ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ ଟିମ କଡ଼ା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲା। ନିଆଁ ଯୋଗୁଁ ଦୁଇଟି ଯାକ ଗାଡ଼ି ସଂପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଦୁଇ ଜଣ ଆହତ ହୋଇଥିବା ଜଣାପଡିଛି। ସେମାନଙ୍କୁ ଚିକିତ୍ସା ପାଇଁ ହସପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ କ୍ଷତିଗ୍ରସ୍ତ ଗାଡ଼ିକୁ କ୍ରେନ ସହାୟତାରେ ରାସ୍ତାରୁ ହଟାଇଛି। ଏହାପରେ ଯମୁନା ଏକ୍ସପ୍ରେସରେ ବାଧା ଉପୁଜିଛି। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡିଛି ଯେ, ଦ୍ରୁତଗତିରେ ଗାଡ଼ି ଚଲାଇବା ଯୋଗୁଁ ଦୁର୍ଘଟଣା ହୋଇଥିବା ଜଣାପଡିଛି। ପୁଲିସ ମାମଲାର ଯାଞ୍ଚ କରୁଛି ।

● ମହିଳାଙ୍କୁ ୬ ମାସ ଧରି ଦୁଷ୍କର୍ମ ପରେ ହତ୍ୟା ଧମକ

## କାଉନସିଲରଙ୍କ ସ୍ୱାମୀ ଗିରଫ

ନୂଆଦିଲ୍ଲୀ: ମଧପ୍ରଦେଶର ଜଣେ ବିଜେପି କଉନସିଲରଙ୍କ ସ୍ୱାମୀ ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଏହା ପୂର୍ବରୁ ତାଙ୍କର ଭିଡିଓ ସାମ୍ନାକୁ ଆସିଥିଲା। ଯେଉଁଠାରେ ସେ ମହିଳାଙ୍କୁ ତାଙ୍କ ପତିଆରା ଦେଖାଇ ଧମକାଉଥିବା ଦେଖିବାକୁ ମିଳିଥିଲା। ପୀଡ଼ିତାଙ୍କ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁକରି ତାଙ୍କୁ ଗିରଫ କରିଛି।

ପୁଲିସର ସୂଚନା ଅନୁସାରେ, ମହିଳା ଜଣକ ଡିସେମ୍ବର ୨୨ ତାରିଖରେ ସତନା ଜିଲ୍ଲାର ପୁଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ, ଜଣେ ବିଜେପି କାଉନସିଲରଙ୍କ ସ୍ୱାମୀ ଅଶୋକ ସିଂହ ତାଙ୍କୁ ଗତ ଛଅ ମାସ ଧରି ମାନସିକ ଏବଂ ଶାରୀରିକ ଭାବରେ ନିର୍ଯାତନା ଦେଉଥିଲେ। ମହିଳା ଜଣକ ତାଙ୍କ ଅଭିଯୋଗରେ ଏହା ବି ଦର୍ଶାଇଛନ୍ତି ଯେ ସିଂହ ତାଙ୍କୁ ଛୁରୀ ଦେଖାଇ ଦୁଷ୍କର୍ମ କରିଥିଲେ। ଘଟଣାର ଭିଡିଓ ରେକର୍ଡିଂ କରିବା ସହ ଭିଡିଓକୁ ଭାଇରାଲ କରିବାକୁ ଧମକ ଦେଇଥିଲେ। ସେ ଆହୁରି ମଧ ଅଭିଯୋଗ କରିଛନ୍ତି ଯେ ସିଂହ ତାଙ୍କୁ ବାରମ୍ବାର ଅନୈତିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ ଏବଂ ଯେତେବେଳେ ସେ ବିରୋଧ କରୁଥିଲେ ସେତେବେଳେ ତାଙ୍କୁ ହତ୍ୟା ଧମକ ଦେଉଥିଲେ। ଭିଡିଓଟି ବ୍ୟାପକ ଭାବେ ଭାଇରାଲ ହେବା ଏବଂ ମାମଲାକୁ ନେଇ ଲୋକଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଥିଲା। ରାମପୁର ପୁଲିସ ଅଶୋକ ସିଂହଙ୍କ ବିରୋଧରେ ବହୁ ଧାରା ଅନୁଯାୟୀ ମାମଲା ରୁଜୁ କରିଛି।

### ପାକିସ୍ତାନ ଉପ-ପ୍ରଧାନମନ୍ତ୍ରୀଙ୍କ ବଡ଼ ସ୍ୱୀକାରୋକ୍ତି

# ୩୬ ଘଣ୍ଟାରେ ୮୦ ଡ୍ରୋନ୍ ମାଡ଼ କରାଯାଇଥିଲା



ଇସଲାମାବାଦ,୨୮।୧୨: ଅପରେସନ୍ ସିନ୍ଦୂରରେ ପାକିସ୍ତାନ କେତେ କ୍ଷତି ସହିଛି, ତାହା ସେହି ଦେଶର ଉପ-ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟରୁ ଜଣାପଡ଼ିଛି। ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ଇସାକ ଦାରଙ୍କ ବୟାନ ହଇଚଇ ସୃଷ୍ଟି କରିଛି। ଇସାକ ଦାର କହିଛନ୍ତି ଯେ, ଭାରତ ୩୬ ଘଣ୍ଟା ମଧରେ ପ୍ରାୟ ୮୦ଟି ଡ୍ରୋନ୍ ମାଡ଼ କରିଥିଲା। ସେ ଏହା ମଧ ସ୍ୱୀକାର କରିଛନ୍ତି ଯେ, ଭାରତୀୟ ଡ୍ରୋନ୍ ଆକ୍ରମଣରେ ରାୱଲପିଣ୍ଡିର ନୂର ଖାନ ଏୟାରବେସ୍ ମଧ କ୍ଷତିଗ୍ରସ୍ତ ହୋଇଛି। ବର୍ଷ ଶେଷରେ ଏକ ସାମ୍ବାଦିକ ସମ୍ମିଳନୀରେ ଇସାକ ଦାର ଅପରେସନ ସିନ୍ଦୂର ସମୟରେ ହୋଇଥିବା କ୍ଷତିକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ସେଠାରେ ନିୟୋଜିତ ସୈନିକମାନେ ମଧ ଆହତ ହୋଇଛନ୍ତି।

ଇଶାକ ଦାର କହିଛନ୍ତି, 'ଭାରତ ଅଳ୍ପ ସମୟ ମଧରେ ପାକିସ୍ତାନୀ ଅଞ୍ଚଳରେ ବହୁ ସଂଖ୍ୟକ ଡ୍ରୋନ ମାଡ଼ କରିଥିଲା। ଗୋଟିଏ ଡ୍ରୋନ ଏକ ସାମରିକ ଘାଟି ଉପରେ ପଡ଼ିଥିଲା। ଯେଉଁଥିରେ ଅନେକ ଲୋକ ଆହତ ହୋଇଥିଲେ। ନୁର ଖାନ ଏୟାରବେସ୍ ହେଉଛି ରାୱଲପିଣ୍ଡିରେ ଅବସ୍ଥିତ ଏକ ପ୍ରମୁଖ ପାକିସ୍ତାନ ବାୟୁସେନା ଏୟାରବେସ୍। ଏହା ଅପରେସନ୍ ସିନ୍ଦୁର ସମୟରେ ଭାରତୀୟ ଆକ୍ରମଣ ଦ୍ୱାରା ଟାର୍ଗେଟ କରାଯାଇଥିବା ୧ ଟି ଏୟାରବେସ୍ ମଧ୍ୟରୁ ଗୋଟିଏ ଥିଲା। ଭାରତୀୟ ସାମରିକ କାର୍ଯ୍ୟାନୁଷ୍ଠାନରେ ସରଗୋଧା, ରଫିକି, ଜାକୋବାବାଦ ଏବଂ ମୁରିଦକେ ଏୟାରବେସ୍ ମଧ ଧ୍ୱଂସ ପାଇଥିଲା। ଭାରତୀୟ ସେନା ଦ୍ୱାରା ୭ ମଇ ସକାଳେ ଏହି ଅପରେସନ୍ ଆରମ୍ଭ କରାଯାଇଥିଲା। ଏହା ୨୨ ଏପ୍ରିଲରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଏକ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଥିଲା। ଭାରତୀୟ ଆକ୍ରମଣରେ ପାକିସ୍ତାନ ଏବଂ ପିଓକେରେ ଥିବା ନଅଟି ଆତଙ୍କବାଦୀ ଶିବିର ଏବଂ ଅନେକ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରାଯାଇଥିଲା। ପାକିସ୍ତାନୀ ବାୟୁସେନା ଘାଟିଗୁଡ଼ିକ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଛି।

### 'ଅପରେଶନ ସିନ୍ଦୂର' ନେଇ ଭାରତର ଦାବି

## ୫୦୦ ପାକିସ୍ତାନୀ ପ୍ରାଣ ହରାଇଥିଲେ



ନୂଆଦିଲ୍ଲୀ, ୨୮।୧୨: ପାକିସ୍ତାନ ବୈଦେଶିକ ମନ୍ତ୍ରୀ ଇସାକ ଦାରଙ୍କ ବୟାନ ସମ୍ପର୍କରେ ଭାରତର ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) କେଜେଏସ୍ ଢିଲୋନ୍ କହିଛନ୍ତି ଯେ, ଅପରେସନ ସିନ୍ଦୂରରେ ଅତିକମରେ ୫୦୦ ପାକିସ୍ତାନୀ ପ୍ରାଣ ହରେଇଥିଲେ। ସେ ଆହୁରି ମଧ କହିଛନ୍ତି ଯେ ଇସାକ ଦାର ଜଣେ ପୁରୁଣା ମିଛୁଆ, କିନ୍ତୁ ଶେଷରେ ସେ ସତ କଥା କହିଛନ୍ତି। ସେ କହିଛନ୍ତି, ପାକିସ୍ତାନର ସମା ଟିଭି ୱେବସାଇଟ୍ ୧୪ ଅଗଷ୍ଟ ୨୦୨୫ରେ ଅପରେସନ ସିନ୍ଦୂର ସମୟରେ ଭାରତୀୟ କାର୍ଯ୍ୟାନୁଷ୍ଠାନରେ ପ୍ରାଣ ହରାଇଥିବା ୧୩୮ ବୀରତ୍ୱ ପୁରସ୍କାର ବିଜେତାଙ୍କ ନାମ ପ୍ରକାଶ କରିଥିଲା। ଏହି ପୁରସ୍କାରଗୁଡ଼ିକ ସେମାନଙ୍କୁ ମରଣୋତ୍ତର ଭାବରେ ପ୍ରଦାନ କରାଯାଇଥିଲା। କେଜେଏସ ଢିଲୋନ୍ କହିଛନ୍ତି ଯେ, ଯଦି ୧୩୮ ଜଣଙ୍କୁ ମରଣୋତ୍ତର ଭାବରେ ପୁରସ୍କୃତ କରାଯାଇଥିଲା, ତେବେ ଏହାର ଅର୍ଥ ହେଉଛି ଅପରେସନ ସିନ୍ଦୁର ସମୟରେ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅତି କମରେ ୪୦୦ରୁ ୫୦୦ ପାକିସ୍ତାନୀ ମୃତ୍ୟୁବରଣ କରିଥିଲେ। ତାଙ୍କ ପକ୍ଷରୁ କିଛି ଲୋକ ସାମାନ୍ୟ ଆହତ ହୋଇଥିବା କହିବା ବାସ୍ତବତା ସହିତ ମେଳ ଖାଉନାହିଁ। ଭାରତର ଆକ୍ରମଣ ପରେ ନୂର ଖାନ ବାୟୁସେନା ଘାଟିରେ ନିଆଁ ଲାଗିଥିଲା। ଭିଡିଓଗୁଡ଼ିକ ପାକିସ୍ତାନୀ ନାଗରିକଙ୍କ ଦ୍ୱାରା ଜାରି କରାଯାଇଥିଲା। ସେମାନଙ୍କର ସମସ୍ତ ଏଗାରଟି ବାୟୁସେନା ଘାଟି ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ଆମେ କ୍ଷତିର ବିଭିନ୍ନ ଫଟୋ ଏବଂ ଭିଡିଓ ଦେଖାଇଛୁ, କିନ୍ତୁ ସେମାନେ ସେମାନଙ୍କର ମିଛ କହିବା ଜାରି ରଖିଛନ୍ତି।

## ବଙ୍କର ଭିତରେ ଲୁଚିବାକୁ ବାଧ କରିଥିଲା ଭାରତ

ଇସଲାମାବାଦ,୨୮।୧୨: ପାକିସ୍ତାନକୁ ଡରାଇଥିଲା ଅପରେସନ ସିନ୍ଦୂର। ଜୀବନ ବଞ୍ଚାଇବାକୁ ବଙ୍କର ଭିତରେ ଲୁଚିଥିଲା ପାକିସ୍ତାନୀ ସେନା। ସ୍ୱୀକାର କଲେ ପାକିସ୍ତାନ ରାଷ୍ଟ୍ରପତି ଆସିଫ୍ ଅଲୀ ଜରଦାରୀ। ୨୨ଏପ୍ରିଲରେ ରକ୍ତରେ ହୋଲି ଖେଳିଥିଲେ ଆତଙ୍କୀ। ଭାରତ ଆସି ୨୬ ନୀରିହଙ୍କ ଜୀବନ ନେଇଥିଲେ ପାକ୍ ଆତଙ୍କବାଦୀ। ବିଶ୍ୱ ଦେଖିଥିଲା ଛାତିଥରା ଘଟଣାର ଅନେକ ଦୃଶ୍ୟ। ଏହାର ଜବାବରେ ମେ' ୬-୭ତାରିଖ ରାତିରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା ଭାରତ। ପାକିସ୍ତାନ ଭିତରେ ପଶି ଆତଙ୍କବାଦୀଙ୍କୁ ଟାର୍ଗେଟ କରିଥିଲେ ଭାରତୀୟ ସେନା।



ଏହି ଆକ୍ରମଣ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଥିଲା। ଏମିତି କି ପାକିସ୍ତାନ ସେନା ଜୀବନ ବଞ୍ଚାଇବାକୁ ବଙ୍କର ଭିତରେ ଲୁଚିବାକୁ ବାଧ ହୋଇଥିଲେ। ଏକଥା ନିଜେ ପାକିସ୍ତାନ ରାଷ୍ଟ୍ରପତି ଆସିଫ୍ ଅଲୀ ଜରଦାରୀ ସ୍ୱୀକାର କରିଛନ୍ତି। ଭାରତର ଆକ୍ରମଣ ପାକିସ୍ତାନ ସେନାକୁ ଥରହର କରିଥିଲା ବୋଲି ସେ କହିଛନ୍ତି। ତାଙ୍କ କହିବା ମୁତାବକ, "ଭାରତ ଆକ୍ରମଣ କରିବା ପରେ ମୋତେ ବଙ୍କର ଭିତରକୁ ଯିବାକୁ କୁହାଗଲା। ଜୀବନ ବଞ୍ଚାଇବା ପାଇଁ ସେନା ମୋତେ ଏଭଳି କରିବାକୁ କହିଥିଲା। ହେଲେ ମୁଁ ଗଲି ନାହିଁ। ମୁଁ କହିଥିଲି, ଯଦି ସହିଦ୍ ହେବାର ଅଛି ତେବେ ଏଇଠି ହେବି। ବଙ୍କରକୁ ଲୁଚିବାକୁ ଯିବି ନାହିଁ। ନେତାମାନେ ବଙ୍କର ଭିତରେ ନୁହେଁ, ଯୁଦ୍ଧକ୍ଷେତ୍ରରେ ସହିଦ୍ ହୁଅନ୍ତି। ପାକିସ୍ତାନ ପିପୁଲ୍ସ ପାର୍ଟିର ସବୁ କର୍ମୀ ଦେଶ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ। ଆମେ ପଛକୁ ହଟିବୁ ନାହିଁ।"

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ଧମକ ଉପରେ ମଧ ପ୍ରତିକ୍ରିୟା ରଖିଛନ୍ତି ଜରଦାରୀ। ପାକିସ୍ତାନ ବାରମ୍ବାର ଆକ୍ରମଣ କରିବାର ଧମକ ଦେଉଥିବା ଦେଖି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଶାନ୍ତିରେ ନିଜ ଖାଦ୍ୟ ଖାଅ। ନଚେତ୍ ମୋ ଗୁଳି ତୁମମାନଙ୍କ ପାଇଁ ପ୍ରସ୍ତୁତ ଅଛି। ଏହାର ଜବାବ ଦେଇ ଜରଦାରୀ କହିଛନ୍ତି, ତୁମେ କ'ଣ ଆମକୁ ଗୁଳି ମାରିବ। ଆମେ ତୁମକୁ ଗୁଳି ମାରିବୁ। ଆମ ଦେଶବାସୀ ବଳିଦାନ ଦେବାକୁ ପ୍ରସ୍ତୁତ ଅଛନ୍ତି। ଦେଶକୁ ବଞ୍ଚାଇବା ପାଇଁ ବନ୍ଧୁକ ଧରିବାକୁ ପ୍ରସ୍ତୁତ ଅଛନ୍ତି। ଭାରତ ଆମଠାରୁ ୧୦ଗୁଣ ଅଧିକ ଧନୀ ହୋଇଥାଇପାରେ। ହେଲେ ଗୁଳି ମାରିବାର ସାହସ କୋଉଠୁ ଆଣିବ। ଆମେ କୋଉ ଦେଶ ସହ ଲଢ଼ିବାକୁ ଚାହୁଁନାହୁଁ। ହେଲେ ଆମ ସହ ଲଢ଼ିଲେ ଆମେ କାହାକୁ ଛାଡ଼ିବୁ ନାହିଁ। ଆମ ସେନା ସେମାନଙ୍କୁ ଜବାବ ଦେବ।

କିଶୋରନଗରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

# ୧୫୦ କୋଟିର ପ୍ରକଳ୍ପ ଲୋକଙ୍କ ଜୀବନରେ ସୁଧାର ଆଣିବ: ଧର୍ମେନ୍ଦ୍ର

- କୃଷି ଯନ୍ତ୍ରପାତି ମେଳାରେ ୨୨୯ ହିତାଧିକାରୀଙ୍କୁ ସରକାରୀ ସୁବିଧା ବିତରଣ
- ସରକାର କୃଷି କ୍ଷେତ୍ରର ବିକାଶ ଓ ଚାଷୀଙ୍କ ଆୟକୁ ଦୁଇଗୁଣା କରିବାକୁ ସଙ୍କଳ୍ପବଦ୍ଧ



**ଆଠମଲ୍ଲିକ,୨୮।୧୨(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଅନୁଗୋଳ ଜିଲ୍ଲା ଆଠମଲ୍ଲିକ କିଶୋରନଗର ଠାରେ ଆୟୋଜିତ 'ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୫'ରେ ଯୋଗଦେବା ସହ ଅଞ୍ଚଳର ପ୍ରଗତି ପାଇଁ ୧୧୮ କୋଟି ଟଙ୍କା ମୂଲ୍ୟର ୩୬ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଏବଂ ୩୧ କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଉଦଘାଟନ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରାୟ ୧୫୦ କୋଟିରୁ ଅଧିକ ମୂଲ୍ୟର ଏହି ପ୍ରକଳ୍ପ ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସାମାଜିକ କଲ୍ୟାଣ ସହ ଜଡ଼ିତ ଏହି ସମସ୍ତ ପ୍ରକଳ୍ପ ସାଧାରଣ ଜନତାଙ୍କ ଜୀବନଶୈଳୀରେ ବ୍ୟାପକ ସକାରାତ୍ମକ ପରିବର୍ତ୍ତନ ଆଣିବ। ସେ କହିଥିଲେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର କୃଷି କ୍ଷେତ୍ରର ବିକାଶ ଓ ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ସଙ୍କଳ୍ପବଦ୍ଧ ଭାବେ କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାରଙ୍କ ସହଯୋଗରେ ଏହି ଜିଲ୍ଲାରେ ଜଳସେଚନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରାଯିବା ସହ କୃଷିଜାତ ଦ୍ରବ୍ୟ, ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟଚାଷ ଓ ଦୁଗ୍ଧ ଚାଷ ଭଳି ଆନୁଷାଙ୍ଗିକ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଁ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯିବ।

ଏଥିରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ୫୦.୧୩ କୋଟିର ୫ଟି ପ୍ରକଳ୍ପ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୩.୮୦ କୋଟିର ୧୮ଟି ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗର ୫୧.୪୦ କୋଟିର ୯ଟି ପ୍ରକଳ୍ପ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ୧୦.୧୬ କୋଟିର ୨ଟି ପ୍ରକଳ୍ପ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୨.୮୬ କୋଟି ମୂଲ୍ୟର ୨ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ ରହିଛି। ଏହାସହ ଜନସାଧାରଣଙ୍କ ସେବା ନିମନ୍ତେ ୩୧.୨୧ କୋଟି ବ୍ୟୟରେ ନିର୍ମିତ ୨୨ଟି ପ୍ରକଳ୍ପର ଉଦଘାଟନ ମଧ କରାଯାଇଛି। ଏଥିରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ୧୩.୬୩ କୋଟିର ୨ଟି ପ୍ରକଳ୍ପ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୨.୫୪ କୋଟିର ୧୪ଟି ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗର ୩.୧୫ କୋଟିର ୧ଟି ପ୍ରକଳ୍ପ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ୩.୮୧ କୋଟିର ୧ଟି ପ୍ରକଳ୍ପ, ସ୍କୁଲ ଓ ଗଣଶିକ୍ଷା ବିଭାଗର ୭.୧୬ କୋଟିର ୨ଟି ପ୍ରକଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୦.୯୨ କୋଟିର ୨ଟି ପ୍ରକଳ୍ପ ସାମିଲ ଅଛି। ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ୨୨୯ ହିତାଧିକାରୀମାନଙ୍କୁ ସରକାରୀ ସୁବିଧା ବିତରଣ ଯାଇଥିଲା ।

'କିଶୋରନଗର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କପ୍'

## ଖେଳ ଅନୁଶାସନ ଓ ଏକତା ଶିଖାଇଥାଏ

- ଫାଇନାଲ୍ ବିଜୟୀ ଦଳକୁ ପୁରସ୍କୃତ କଲେ କେନ୍ଦ୍ରମନ୍ତ୍ରୀ



**ଅନୁଗୋଳ,୨୮।୧୨(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କିଶୋରନଗର ଠାରେ ଆୟୋଜିତ 'କିଶୋରନଗର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କପ୍ ୨୦୨୫-୨୬' ରେ ଯୋଗଦେଇ ଫାଇନାଲ୍ ବିଜୟୀ ଦଳକୁ ପୁରସ୍କୃତ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଛନ୍ତି।

ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କ ଉତ୍ସାହ ଓ ଉଦ୍ଦୀପନାକୁ ଶ୍ରୀ ପ୍ରଧାନ ଉଚ୍ଚପ୍ରଶଂସା କରିଛନ୍ତି। ସ୍ଥାନୀୟ ସ୍ତରରେ କ୍ରୀଡ଼ା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଆୟୋଜକଙ୍କ ଏଭଳି ପ୍ରୟାସକୁ ସେ ସ୍ୱାଗତ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଖେଳ କେବଳ ମନୋରଞ୍ଜନ ନୁହେଁ, ବରଂ ଏହା ଅନୁଶାସନ ଓ ଏକତା ଶିଖାଇଥାଏ। କିଶୋରନଗର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଯୁବ ଖେଳାଳିଙ୍କ ମଧରେ ଯେଉଁ ଉତ୍ସାହ ଦେଖିବାକୁ ମିଳିଲା, ତାହା ପ୍ରଶଂସନୀୟ। ଆଗାମୀ ଦିନରେ ଏହି ଅଞ୍ଚଳରୁ ଅନେକ ପ୍ରତିଭା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନାମ ରଖିବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

- ଶିଶୁପୁତ୍ରକୁ ନୃଶଂସ ଭାବେ ମାରିଲା ବାପା

## ବେକରେ ପଥର ବାନ୍ଧି ପୋଖରୀକୁ ଠେଲିଦେଲେ

**ଡାବୁଗାଁ,୨୮।୧୨(ସଂଚାର ବ୍ୟୁରୋ):** ଜଣେ ଶିଶୁ ହତ୍ୟାକାରୀ ପିତା ନିଜ ତିନି ବର୍ଷର ଶିଶୁପୁତ୍ରକୁ ହତ୍ୟା କରି ପୋଖରୀରେ ଫିଙ୍ଗି ଦେବା ପରି ଏକ ଜଘନ୍ୟ ହତ୍ୟାକାଣ୍ଡର ଖୁଲାସ କରିଛି ଛତିଶଗଡ ପୁଲିସ। ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଡାବୁଗାଁ ଥାନା ଅନ୍ତର୍ଗତ ସିଂସାରି ଫାଣ୍ଡି ନିକଟରେ ଘଟିଛି ଏଭଳି ହୃଦୟ ବିଦାରକ ଘଟଣା। ମୃତ ଶିଶୁକୁ ସିଂସାରି ଫାଣ୍ଡି ଅନ୍ତର୍ଗତ ଓଲମାଗୁଡା ଜଙ୍ଗଲ ମଧରେ ଥିବା ଏକ ପୋଖରୀ ମଧରୁ ଡାବୁଗାଁ ପୁଲିସ ଶନିବାର ଉଦ୍ଧାର କରିଥିଲା।

ସୂଚନା ଅନୁଯାୟୀ ଛତିଶଗଡ଼ ରାଜ୍ୟ କଣ୍ଡାଗାଁ ଜିଲ୍ଲା ପରସଗାଁ ଥାନା ଅନ୍ତର୍ଗତ ଗୁହାବରନ ଗ୍ରାମର ରୋହିତ ସେଠିଆଙ୍କ ତିନି ବର୍ଷର ପୁଅ ନିଖୋଜ ହୋଇଥିବା ନେଇ ଗତ ନଭେମ୍ବର ୨୨ ତାରିଖରେ ପରସଗାଁ ଥାନାରେ ଅଭିଯୋଗ ହୋଇଥିଲା।ଅଭିଯୋଗ ପ୍ରକାରେ ଛତିଶଗଡ଼ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ସବୁ ଦିଗକୁ ବିଚାର କରି ପୁଲିସ ଶିଶୁପୁତ୍ରଙ୍କର ବାପା ରୋହିତ ସେଠିଆଙ୍କ ଉପରେ ସନ୍ଦେହ ପ୍ରକାଶ କରି ଥାନାରେ ଆଣି ପଚରା ଉଚୁରା କରିବା ପରେ ରୋହିତ ନିଜ ପୁଅକୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ନିଜର ଦୁଇ ସାଥୀ ସହ ତିନି ବର୍ଷର ଶିଶୁ ପୁତ୍ରକୁ ହତ୍ୟା କରି ତାକୁ ଏକ ପଥରରେ ବାନ୍ଧି ସୀମାନ୍ତ ଜଙ୍ଗଲ ମଧରେ ଏକ ପୋଖରୀରେ ଫିଙ୍ଗି ଦେଇଥିବା କହିଥିଲେ। ସିଂସାରି ଫାଣ୍ଡି ଅଧିକାରୀ ହରିହର ଭତରା ଘଟଣାର ତଦନ୍ତ କରୁଥିବା ବେଳେ ତିନି ବର୍ଷର ଶିଶୁ ପୁତ୍ର ହତ୍ୟାକାରୀ ବାପାକୁ ଛତିଶଗଡ ପୁଲିସ ଗିରଫ କରିଛି।

## ନାଟ୍ୟ ନିର୍ଦ୍ଦେଶକ ତୁଷାରକାନ୍ତ ବେହେରାଙ୍କୁ କଳାରତ୍ନ ସମ୍ମାନ



**କୋଲକାତା,୨୮।୧୨ (ସଂଚାର ବ୍ୟୁରୋ):** କୋଲକାତାର ସମାଜସେବୀ ତଥା ନାଟ୍ୟ ନିର୍ଦ୍ଦେଶକ ତୁଷାରକାନ୍ତ ବେହେରାଙ୍କୁ କଲଚରାଲ ଡେଭଲପମେଣ୍ଟ ଫାଉଣ୍ଡେଶନ ପକ୍ଷରୁ ଓଡିଶାର ପୁରୀର ଅନ୍ନପୂର୍ଣ୍ଣା ଥିଏଟରରେ କଳାରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। 'କଳାରତ୍ନ' ସମ୍ମାନରେ ତାଙ୍କୁ ଅନୁଷ୍ଠାନର ସଭାପତି ଡଃ ଉପେନ୍ଦ୍ର କୁମାର ଶର୍ମା, ଜଲିଉଡ୍ ଇଣ୍ଡଷ୍ଟ୍ରିର ନାୟକ ସମରେନ୍ଦ୍ର ପଣ୍ଡା (ବାପି ପଣ୍ଡା), ଶରତ କୁମାର ମହାନ୍ତି, ଅନ୍ନପୂର୍ଣ୍ଣା ଥିଏଟରର ବରିଷ୍ଠ କଳାକାର ପ୍ରସନ୍ନ ମିଶ୍ର, ଅରୁଣ କୁମାର ପାତ୍ର, ରାଜ୍ୟ କଳାକାର ସଂଘର ସଭାପତି ଚୈତନ ପାଇକ ସମ୍ବର୍ଦ୍ଧିତ କରିଛନ୍ତି। ତୁଷାରକାନ୍ତ ବେହେରା ଟାଟା ଷ୍ଟିଲ କମ୍ପାନୀରୁ ଅବସର ପରେ କୋଲକାତା ସହିତ ଓଡିଶାର ବିଭିନ୍ନ ପ୍ରାନ୍ତରେ ସେ ନାଟ୍ୟ ନିର୍ଦ୍ଦେଶନା ଭାବରେ ନିଜକୁ ପରିଚିତ କରାଇ ପାରିଛନ୍ତି। ତାଙ୍କୁ କଲଚରାଲ ଡେଭଲପମେଣ୍ଟ ଫାଉଣ୍ଡେଶନ ଅଣ୍ଡର ଭଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଦ୍ୱାରା ପରିଚାଳିତ ଏହି ସଂସ୍ଥା ଦ୍ୱାରା କଳାରତ୍ନ ସମ୍ମାନ ମିଳିଥିବାରୁ ତାଙ୍କୁ ପ୍ରବାସୀ ଓଡିଆ ସମାଜ ପକ୍ଷରୁ ଅଭିନନ୍ଦିତ କରାଯାଇଛି।

## ମେସି କାଣ୍ଡ: କୋର୍ଟରେ ହାଜର ହେଲେ ସତଦ୍ରୁ ଦତ୍ତ

**କୋଲକାତା,୨୮।୧୨(ସଂଚାର ବ୍ୟୁରୋ):** ମେସି କାଣ୍ଡରେ ଗିରଫ ହୋଇଥିବା ସୁତଦ୍ରୁ ଦତ୍ତ କଳା ସ୍ୱେଟସାର୍ଟ ଏବଂ ଟ୍ରାଉଜର ପିନ୍ଧି, ମୁହଁରେ ଧଳା ମାସ୍କ, ମୁଣ୍ଡରେ କଳା ଟୋପି ଏବଂ ଡାହାଣ ହାତରେ ଗୀତା ଧରି ବିଧାନନଗର ମହକୁମା କୋର୍ଟରେ ହାଜର ହୋଇଥିଲେ। ଯୁବ ଭାରତୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ଲିଓନେଲ ମେସି ମାମଲାରେ ବିଧାନନଗର ପୁଲିସ ସୁତଦ୍ରୁଙ୍କୁ ଅନେକ ଥର ପଚରାଉଚରା କରିଛି। ପୁଲିସ ସୁତଦ୍ରୁଙ୍କ ତିନୋଟି ମୋବାଇଲ୍ ଫୋନ୍ ଜବତ କରିଛି। ଏହା ସହିତ ଗିରଫ ହେବା ପରେ ତାଙ୍କ ରିଷିଡାସ୍ଥିତ ବାସଭବନରେ ତଲାସି କରାଯାଇଥିଲା। ଉଲ୍ଲେଖନୀୟ ଯେ ଡିସେମ୍ବର ୧୩ ତାରିଖରେ ଯୁବ ଭାରତୀରେ ମେସିଙ୍କୁ ଦେଖିବା ପାଇଁ ଉତ୍ସାହିତ ଦର୍ଶକମାନେ ଷ୍ଟାଡିୟମରେ ଭଙ୍ଗାରୁଜା ଏବଂ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ପ୍ରଶାସନ ଏହି ଘଟଣା ପାଇଁ ସୁତଦ୍ରୁଙ୍କୁ ଦାୟୀ କରିଛି।

- ପିଏସ୍‌ଓଙ୍କୁ ମାଡ଼ ଘଟଣା

## ହୁମାୟୁନ କବୀରଙ୍କ ପୁଅ ଗିରଫ



**କୋଲକାତା,୨୮।୧୨(ସଂଚାର ବ୍ୟୁରୋ):** ହୁମାୟୁନ୍ କବୀର ଏକ ନୂତନ ରାଜନୈତିକ ଦଳ ଗଠନ କରିବା ପ୍ରକ୍ରିୟାରେ ଥିବା ବେଳେ ଏକ ବିଶାଳ ପୁଲିସ ବାହିନୀ ତାଙ୍କ ଘରେ ଚଢାଉ କରିଛି। ରବିବାର ମୁର୍ଶିଦାବାଦର ଶକ୍ତିପୁରରେ ହୁମାୟୁନଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ (ପିଏସଓ) ଉପରେ ଆକ୍ରମଣ ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ହୁମାୟୁନଙ୍କ ପୁତ୍ର ରବିନଙ୍କୁ ଗିରଫ କରାଯାଇଛି। ସୁରକ୍ଷା କର୍ମୀ ଜୁମ୍ମା ଖାନଙ୍କ ଅଭିଯୋଗ ଆଧାରରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡିଛି। ଜୁମ୍ମା ଘରକୁ ଯିବା ପାଇଁ ଛୁଟି ମାଗିବାରୁ ହୁମାୟୁନ କବୀରଙ୍କ ପୁତ୍ର ରବିନ ତାଙ୍କ ଉପରେ ଆକ୍ରମଣ କରିଥିଲେ। ରବିନଙ୍କୁ ପୁଲିସ ହେପାଜତକୁ ନିଆଯାଇଛି। ଏହା ଜାଣିବା ପରେ ହୁମାୟୁନ ରାଗି ଯାଇ ପୁଲିସକୁ ସମାଲେଶଚନା କରିଛନ୍ତି। ଏନେଇ ଏସପିଙ୍କ କାର୍ଯ୍ୟାଳୟ ଘେରାଉ ଲଶଗି ଚେତାବନୀ ମଧ ଦେଇଛନ୍ତି।

- କାୟା ମେଲାଉଛି କିଡ୍‌ନୀ ରୋଗ

## ଗୋଟିଏ ଗାଁରୁ ନେଲାଣି ୨୦ ମୁଣ୍ଡ

**ସବର୍ଣ୍ଣପୁର, ୨୮।୧୨(ସଂଚାର ବ୍ୟୁରୋ):** ର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଉପାନ୍ତ ଅଞ୍ଚଳରେ ଥିବା ସୁନାପାଲି ଗାଁରେ କିଡନୀ ରୋଗ ମହାମାରୀର ରୂପ ନେଉଛି। ବିଗତ ଦିନରେ ଗାଁର ପ୍ରାୟ ୨୦ ଜଣ ରୋଗୀ ଏଥିରେ ମୃତ୍ୟୁବରଣ କଲେଣି। ଜୀବନ ବଞ୍ଚାଇବା ପାଇଁ ଲୋକେ ଏବେ ଚିନ୍ତାରେ ରହୁଥିବା ବେଳେ ଅନେକ ପିଲାଙ୍କ ପାଠପଢ଼ାରେ ଡୋରି ଲାଗିଛି। ହେଲେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି।

ଏଠାରେ ପ୍ରାୟ ୪ଶହରୁ ଉର୍ଦ୍ଧ ଲୋକ ବସବାସ କରୁଛନ୍ତି। ଗାଁରେ ଧୀରେଧୀରେ କିଡନୀ ରୋଗ କାୟା ବିସ୍ତାର କରୁଛି। ଭୟରେ ଲୋକ ଭିଟାମାଟି ଛାଡ଼ିବା ଭଳି କଥା ସାମ୍ନାକୁ ଆସୁଛି। ଏବେ ବି ୮- ୧୦ଜଣ ଯୁବକ କିଡନୀ ରୋଗରେ ଆକ୍ରାନ୍ତ। ଦିନ ମଜୁରି କଲେ ଘରେ ଚୁଲି ଜଳେ, ତେଣୁ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଏନେଇ ଗାଁ ଲୋକ ବାରମ୍ବାର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ସହଯୋଗ ବଦଳରେ ନିରାଶା ମିଳିଥିବା ଅଭିଯୋଗ ହୋଇଛି।

ସୁନାପାଲି ଗାଁରେ ରହିଛି ୩ଟି ନଳକୂପ। ମାତ୍ର ଗୋଟିଏରୁ ପିଇବା ଯୋଗ୍ୟ ପାଣି ବାହାରୁଛି। ଅନ୍ୟଗୁଡ଼ିକ ଅନେକ ସମୟରେ ଅଚଳ। ସରକାରୀ ପାଇପ ପିଇବା ପାଣି ଏଠିକାର ଠିକଣା ପାଉନି, ବସୁଧା ଯୋଜନା କେବଳ ବାହାସ୍ଫୋଟ। ସୁନାପାଲି ଗ୍ରାମବାସୀଙ୍କ ପାଇଁ ବିଶୁଦ୍ଧ ପାଣି ଏକ ସ୍ୱପ୍ନ। ଗାଁରେ ପ୍ରତିବର୍ଷ ଏକାଧିକ ଲୋକ କିଡ୍‌ନୀ ରୋଗରେ ପୀଡ଼ିତ ହେଉଛନ୍ତି, ବିଡମ୍ବନା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପାଖରେ ଏହାର ଖବର ନାହିଁ। ଯେକୌଣସି କାରଣ ପାଇଁ ହେଉନା କହିଁକି କିଡ୍‌ନୀ ରୋଗରେ ସୁନାପାଲି ଗାଁରେ ଲୋକେ ମୃତ୍ୟୁବରଣ କରିବା ସହିତ ଯୁବକମାନେ ରୋଗାକ୍ରାନ୍ତ ହେବା ଚିନ୍ତାର କାରଣ ହୋଇଛି। ଖୁବଶୀଘ୍ର ଡାକ୍ତର ଟିମ୍ ସୁନାପାଲିରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ଚିକିତ୍ସା ଯୋଗାଇବା ଜରୁରୀ ହୋଇପଡିଛି।

- ଚତୁର୍ଥ ଟି-୨୦ରେ ବି ହାରିଲା ଶ୍ରୀଲଙ୍କା, ଭାରତ ୪-୦

## ମନ୍ଧାନାଙ୍କ ରେକର୍ଡ: ୧୦ ହଜାର ରନ୍‌ରେ ଦ୍ରୁତତମ



**ତିରୁବନନ୍ତପୁରମ୍,୨୮।୧୨:** ଚଳିତ ଶ୍ରୀଲଙ୍କା ବିପକ୍ଷ ଟି-୨୦ ସିରିଜ୍‌ରେ ଆଜି ଭାରତ ୪-୦ରେ ଆଗୁଆ ରହିଛି। ଆଜି ଏଠାରେ ଖେଳାଯାଇଥିବା ଚତୁର୍ଥ ଟି-୨୦ରେ ଦଳ ପ୍ରତିପକ୍ଷ ଶ୍ରୀଲଙ୍କାକୁ ୩୦ ରନ୍‌ରେ ପରାସ୍ତ କରିଛି। ମ୍ୟାଚ୍‌ରେ ଉଭୟ ଓପନର ସ୍ମୃତି ମନ୍ଧାନା ଓ ଶେଫାଳୀ ବର୍ମା ଚମତ୍କାର ବ୍ୟାଟିଂ କରି ୧୬୨ ରନ୍ ଯୋଡ଼ିବା ସହ ଦଳୀୟ ସ୍କୋର୍‌କୁ ୨୦୦ ପାର୍ କରାଇବାରେ ମୁଖ୍ୟ ଭୂମିକା ନେଇଥିଲେ। ଭାରତ ୨୨୨ ରନ୍‌ର ଟାର୍ଗେଟ୍ ଦେଇଥିବା ବେଳେ ଶ୍ରୀଲଙ୍କା ୬ ୱିକେଟ୍‌ରେ ରେକର୍ଡ ୧୯୧ ରନ୍ କରିଥିଲେ ହେଁ ବିଜୟଠାରୁ ଢେର୍ ଦୂରରେ ରହିଯାଇଥିଲା। କ୍ୟାରିୟର୍‌ର ୨୮୧ତମ ମ୍ୟାଚ୍‌ରେ ମନ୍ଧାନା ଟି-୨୦ କ୍ରିକେଟ୍‌ରେ ୧୦ ହଜାର ରନ୍ କରି ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଭାରତୀୟଙ୍କ ମଧରେ ଦ୍ୱିତୀୟ ଓ ବିଶ୍ୱରେ ଚତୁର୍ଥ ବ୍ୟାଟ୍ସମ୍ୟାନ୍ ଭାବେ ଏହି ଗୌରବ ଅର୍ଜନ କରିଛନ୍ତି। କିନ୍ତୁ ସମସ୍ତଙ୍କ ମଧରେ ସେ ସବୁଠାରୁ କମ୍ ମ୍ୟାଚ୍ ଖେଳି ୧୦ ହଜାର ପୂରଣ କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ୪୮ ବଲ୍‌ରେ ୮୦ ରନ୍ କରିଥିବା ସମୟରେ ସେ ଭାରତ ପକ୍ଷରୁ ମିତାଲି ରାଜ୍(୨୯୧)ଙ୍କ ପରେ ଦ୍ୱିତୀୟ ଭାରତୀୟ ହେବା ସହ ନ୍ୟୁଜିଲାଣ୍ଡ୍‌ର ସୁଜି ବେଟ୍ସ ଓ ଇଂଲଣ୍ଡର ଚାର୍ଲଟ୍ ଏଡ୍‌ୱାର୍ଡ୍ସଙ୍କ ସମକକ୍ଷ ହୋଇଥିଲେ। ଆଜିର ମ୍ୟାଚ୍‌ରେ ଭାରତ ପକ୍ଷରୁ ଶେଫାଳି ୭୯ ରନ୍ କରିଥିବା ବେଳେ ଶ୍ରୀଲଙ୍କା ପକ୍ଷରୁ ଅଧିନାୟିକା ଚମାରି ଅଟାପଟ୍ଟୁ ୫୨ ରନ୍ କରିଥିଲେ। ମନ୍ଧାନା ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଓଡ଼ିଶୀ ନୃତ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା

## ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାକୁ ଉଜ୍ଜୀବିତ କଲେ ସଙ୍ଗୀତା



**ଭୁବନେଶ୍ୱର,୨୮।୧୨(ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାକୁ ଓଡ଼ିଶୀ ନୃତ୍ୟରେ ଉଜ୍ଜୀବିତ କରିଛନ୍ତି ନୃତ୍ୟଶିଳ୍ପୀ ଗୁରୁ ସଙ୍ଗୀତା ଦାଶ।

"କେଡେ ଛନ୍ଦ ଜାଣେ ଲୋ ସହି" ଓଡ଼ିଶୀ ଅଭିନୟରେ ଶ୍ରୀକୃଷ୍ଣଙ୍କ ବାଲ୍ୟକାଳ ଲୀଳା ସମୂହ - ପୁତନା ବଧ, ଗୋବର୍ଦ୍ଧନ ପର୍ବତ ଧାରଣ, କାଳିଆ ଦଳନ, ମା' ଯଶୋଦାଙ୍କ ଶ୍ରୀକୃଷ୍ଣଙ୍କ ପ୍ରତି ରହିଥିବା ବାତ୍ସଲ୍ୟ ମମତାକୁ ଓଡ଼ିଶୀର ଭଙ୍ଗୀ ପ୍ରଦାନ କରିଥିଲେ ଗୁରୁ ସଙ୍ଗୀତା ଦାଶ।

ଆଜି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଗୋଡମେକର୍ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟାଭିନୟ ମଙ୍ଗଳାଚରଣ "ନୀଳଦ୍ରୌ ଶଙ୍ଖ ମଧେ ଶତଦଳ କମଳେ" ପରିବେଷଣ ହୋଇଥିଲା। ପରେ ପରେ ଓଡ଼ିଶୀ ଏକକ ନୃତ୍ୟ ପର୍ଯ୍ୟାୟରେ ଇଶାନି ମିଶ୍ରଙ୍କ ଦ୍ୱାରା ଅଭିନୟ "ରାଧାରାଣୀ ସଙ୍ଗେ ନାଚେ ମୁରଲୀ ପାଣି", ହିମାନୀ ସାରଥୀଙ୍କ ଦ୍ୱାରା "ସାବେରୀ ପଲ୍ଲବୀ", ଶୁଭଶ୍ରୀ ଶୁଭସ୍ମିତା ମହାପାତ୍ରଙ୍କ ଦ୍ୱାରା "ଦରବାରୀ ପଲ୍ଲବୀ" ପରିବେଷିତ ହୋଇଥିଲା। ଓଡ଼ିଶୀ ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ତେଜସ୍ୱିନୀ ବାରିକ୍ ଏବଂ ରିଷିତା ପାତ୍ରଙ୍କ ଦ୍ୱାରା "ମଙ୍ଗଳାଚରଣ ତାରା ତାରିଣୀ", ଏକକ ନୃତ୍ୟରେ ଆଦ୍ୟାଶା ଅନିନ୍ଦିତାଙ୍କ ଦ୍ୱାରା "ଓଡ଼ିଶୀ ଅଭିନୟ", ଅଜୟ ଗଙ୍ଗାଧର ଶିନ୍ଦେଙ୍କ ଦ୍ୱାରା "ପଲ୍ଲବୀ', ପ୍ରଚେତି ହେମନ୍ତ ଡାଙ୍ଗେଙ୍କ ଦ୍ୱାରା ଅଭିନୟ "ପ୍ରାଣ ସଙ୍ଗିନୀରେ" ପରିବେଷିତ ହୋଇଥିଲା ଓ ଶେଷରେ ଦଳଗତ ନୃତ୍ୟରେ ଶ୍ରୀ ବିଦ୍ୟା ସଙ୍ଗୀତ ଓ କଳା ପ୍ରତିଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଅଭିନୟ "ଦଶ ମହାବିଦ୍ୟା" ପରିବେଷିତ ହୋଇଥିଲା।

ସେହିପରି ଅପରାହ୍ନ ଅଧିବେଶନରେ ମୁମ୍ବାଇର ଶିଳ୍ପୀଙ୍କ ଦ୍ୱାରା ଅଭିନୟ "ଦୁର୍ଗାସ୍ତୁତି" ପରିବେଷିତ ହୋଇଥିଲା। ପରେ ପରେ ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ସାଇ ଦୀପା ଦାସ ଓ ଶୁଭଶ୍ରୀ ରାୟଙ୍କ ଦ୍ୱାରା ଅଭିନୟ "ଶିବାଷ୍ଟକ", ଏକକ ନୃତ୍ୟରେ ସୁବ୍ରତା ପଣ୍ଡାଙ୍କ ଦ୍ୱାରା ଅଭିନୟ "ଅଷ୍ଟପଦୀ", ଦ୍ୱୈତ ନୃତ୍ୟରେ ଅଦ୍ରିକା ଚଟ୍ଟୋପାଧ୍ୟାୟ ଓ ପ୍ରିୟଙ୍କା ଘୋଷଙ୍କ ଦ୍ୱାରା ଅଭିନୟ "କସ୍ତୁରୀ ତିଳକ ଲଲାଟ ପଟଳେ", ଏକକ ନୃତ୍ୟରେ ମୌମିତ ବାସ୍ତ ଘୋଷଙ୍କ ଦ୍ୱାରା "ଛାୟାପଟ ପଲ୍ଲବୀ", ଦ୍ୱୈତ ନୃତ୍ୟଶିଳ୍ପୀ ସମ୍ପୂର୍ଣ୍ଣ ଇନ୍ଦୁ ପାଣି ଓ ସଞ୍ଜନା ଗୌଡଙ୍କ ଦ୍ୱାରା ଅଭିନୟ "ଶ୍ୟାମ ଶିଖଣ୍ଡ ଚୂଳ", ଏକକ ନୃତ୍ୟରେ ସୁଦୂର ଜର୍ମାନୀରୁ ଆସିଥିବା ଡକ୍ଟର ଅନୀଶ ରାଘବନଙ୍କ ଦ୍ୱାରା "ବିଳହାରୀ ପଲ୍ଲବୀ" ଓ ଶେଷରେ କଲ୍ପୋଦୀପ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଅଭିନୟ "ଶିବତାଣ୍ଡବ" ପରିବେଷିତ ହୋଇଥିଲା। ଏହାଛଡ଼ା ସନ୍ଧ୍ୟା ଅଧିବେଶନରେ ଶ୍ରୀଦତ୍ତ ଭୋଳଙ୍କ ଦ୍ୱାରା ଏକକ ନୃତ୍ୟ, ଅଞ୍ଜଳି ଦାଶ ଓ ଲୋପାମୁଦ୍ରା ସାହୁଙ୍କ ଦ୍ୱାରା ଦ୍ୱୈତ ନୃତ୍ୟ ପରିବେଷିତ ହୋଇଥିଲା। ସୋନାମ ପଣ୍ଡା, ଦେବଯାନୀ ଦାସ, ଶ୍ରୁତିଶ୍ରୀ ରାଉତ ଓ ତନୁଶ୍ରୀ ସାହୁ, ସମ ଗୋରୟା, ଟୁବୁଲା କୁମାର ସଂଧା ଆଦି ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଅଦ୍ୟାଶା ଫାଉଣ୍ଡେସନ ଅନୁଷ୍ଠାନର ଶିଳ୍ପୀମାନେ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## ନୂଆବର୍ଷରେ ମଧରାତ୍ରରୁ ଶ୍ରୀମନ୍ଦିର ଖୋଲାକୁ ବିରୋଧ

- ଚିଠି ଲେଖିଲେ ପରିଚାଳନା କମିଟି ସଦସ୍ୟ



**ପୁରୀ,୨୮।୧୨ (ସଂଚାର ବ୍ୟୁରୋ):** ପାଖେଇ ଆସୁଛି ନୂଆବର୍ଷ। ହାତରେ ମାତ୍ର ଆଉ ଦୁଇ ଦିନ ରହିଥିବା ବେଳେ ଏ ନେଇ ସମସ୍ତେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ନୂଆବର୍ଷ ଓ ଏହାର ପୂର୍ବଦିନ ଅର୍ଥାତ୍ ଆସନ୍ତା ବୁଧବାର ବ୍ୟାପକ ମାତ୍ରାରେ ଦର୍ଶକ ପୁରୀ ଆସିବେ। ଜଗନ୍ନାଥଙ୍କୁ ଦର୍ଶନ କରି ନିଜର ନୂଆବର୍ଷ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଥିବା ଭକ୍ତମାନଙ୍କୁ ନିୟନ୍ତ୍ରଣ କରିବା ସକାଶେ ପୁଲିସ୍ ପକ୍ଷରୁ ମଧ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ନୂଆବର୍ଷ ପାଇଁ ମଧରାତ୍ରରେ ଶ୍ରୀମନ୍ଦିର ଖୋଲାଯିବା ସକାଶେ ପ୍ରଶାସନ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ ପରିଚାଳନା କମିଟି ପକ୍ଷରୁ ବିରୋଧ କରାଯାଇଛି। ଏନେଇ କମିଟିର ସଦସ୍ୟ ମହେଶ କୁମାର ସାହୁ ଚିଠି ମଧ ଲେଖିଛନ୍ତି। ସେ ଏପରି ନିଷ୍ପତ୍ତିକୁ ବିରୋଧ କରିବା ସହ ଏ ଦିଗରେ ପଦକ୍ଷେପ ନେବା ସକାଶେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କୁ ଚିଠି ଲେଖିଛନ୍ତି। ସେ ଉକ୍ତ ଚିଠିରେ ଦର୍ଶାଇଛନ୍ତି ଯେ ଧାର୍ମିକ ତଥା ପରମ୍ପରା ଦୃଷ୍ଟିକୋଣରୁ ଏପରି ନିଷ୍ପତ୍ତି ଆଦୌ ସମୀଚୀନ ନୁହେଁ। ପ୍ରତିବର୍ଷ ଧର୍ମଶାସ୍ତ୍ରବିତ ଓ ସଂସ୍କୃତି ବିଶାରଦ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ତେଣୁ ଜାନୁଆରୀ ୧ ପାଇଁ ମହାପ୍ରଭୁଙ୍କୁ ରାତିରେ ଅନିଦ୍ରା ରଖା ନ ଯାଉ। ମହାପ୍ରଭୁଙ୍କ ସ୍ୱାଭାବିକ ଦୈନନ୍ଦିନ ନୀତିକାନ୍ତିର ବ୍ୟବସ୍ଥା କରାଯାଉ ବୋଲି ସେ ତାଙ୍କ ଚିଠିରେ ଉଲ୍ଲେଖ କରିଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲୁକ୍କାୟିତ...

ଏହାଦ୍ୱାରା ସ୍କୁଲରେ ଡ୍ରପ୍‌ଆଉଟ୍ ହାର କମିବା ଆରମ୍ଭ ହୋଇଛି। ଏନ୍‌ପି ଲାଗୁ ହୋଇଥିବାରୁ ସରକାର ରାଜ୍ୟର ୪୫ ହଜାର ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରିଛନ୍ତି। ଛୋଟ ପିଲାମାନଙ୍କର ଯତ୍ନ ଓ ପ୍ରାରମ୍ଭିକ ଶିକ୍ଷା ପାଇଁ ଶିଶୁ ସେବିକାଙ୍କୁ ନିଯୁକ୍ତି ଦିଆଯିବ। ଏଥିସହ ଶିକ୍ଷାର୍ଥୀମାନଙ୍କୁ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ କରିବା ସକାଶେ ରାଜ୍ୟର ସମସ୍ତ ମାଧମିକ ବିଦ୍ୟାଳୟରେ 'ଆକାଂକ୍ଷୀ ପାଠ୍ୟକ୍ରମ' କାର୍ଯ୍ୟକାରୀ ହେଉଛି। ସେମାନଙ୍କୁ ପ୍ରକଳ୍ପ କାର୍ଯ୍ୟ ଆଇଟି (କୋଡିଂ) ଦକ୍ଷତା, ପୁସ୍ତକ ସମୀକ୍ଷା ଓ କ୍ରୀଡା ଆଧାରିତ ଜୀବନ କୌଶଳ ଶିକ୍ଷା ଦିଆଯାଉଛି। ରାଜ୍ୟ ସରକାର ଶିକ୍ଷାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇଛନ୍ତି। ତେଣୁ ଗତ ବଜେଟରେ ସରକାର ରେକର୍ଡ ୪୧ ହଜାର ୨୭୩ କୋଟି ଟଙ୍କାର ପ୍ରାବଧାନ କରିଛନ୍ତି, ଯାହାକି ରାଜ୍ୟ ଜିଡିପିର ୩.୯ ପ୍ରତିଶତ। ଓଡ଼ିଶାରେ ମଧ ସବୁ ବିଭାଗରୁ ଶିକ୍ଷା ବିଭାଗରେ ଖର୍ଚ୍ଚ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ସବୁଠାରୁ ଅଧିକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ସମାଜସେବୀ ଶୁକଦେବ ମହାନ୍ତ, ବିଦ୍ୟାଳୟର ସଭାପତି ରାମଚନ୍ଦ୍ର ମହାନ୍ତ, ସମ୍ପାଦକ କୈଳାସ ଚନ୍ଦ୍ର ସେଠୀ, ପ୍ରଧାନଶିକ୍ଷକ ବିଶ୍ୱନାଥ ଦେହୁରୀ ଉପସ୍ଥିତ ଥିଲେ।

### ସ୍ୱାମୀ...

ଅଟକାଇବା ଫଳରେ ଘଟଣା ବିଷୟରେ ସବୁକିଛି ଜଣାପଡ଼ିଥିଲା।

ତୁରନ୍ତ ସ୍ଥାନୀୟ ଲୋକେ କୁଣ୍ଢେଇଗୋଳା ଥାନା ଖଇରପାଲି ଫାଣ୍ଡି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ସମସ୍ତଙ୍କୁ ଉଦ୍ଧାର କରି ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ତେବେ ସେଠାରେ ଡାକ୍ତର ଦୁଷ୍ମନ୍ତଙ୍କୁ ମୃତ ଘୋଷଣା କରିଥିଲେ ଏବଂ ରିଙ୍କିଙ୍କ ଅବସ୍ଥା ଗୁରୁତର ଥିବାରୁ ସେଠାରୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କ ଚିକିତ୍ସା ଜାରି ରହିଥିବା ବେଳେ ଶିଶୁପୁତ୍ର ମଧ କୀଟନାଶକ ଖାଇଥିବା ସନ୍ଦେହ କରି ଡାକ୍ତରମାନେ ତାଙ୍କର ବି ଚିକିତ୍ସା କରୁଥିବା ଜଣାପଡ଼ିଛି।

### କୃଷିକୁ...

ମେଡିକାଲ ୟୁଜି ପିଜି ସିଟ୍‌ରେ ଓବିସିଙ୍କୁ ସର୍ବଭାରତୀୟ କୋଟାରେ ୧୫ ପ୍ରତିଶତ ସଂରକ୍ଷଣ ସୁବିଧା ମିଳୁଛି। ପେଟ୍ରୋଲ ପମ୍ପ ଆବଣ୍ଟନରେ ମଧ ୨୭ ପ୍ରତିଶତ ଓବିସି ସଂରକ୍ଷଣ ବ୍ୟବସ୍ଥା ରହିଛି। ପ୍ରଧାନମନ୍ତ୍ରୀ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସ୍ୱପ୍ନ ପୂରଣ କରିବାକୁ ହେଲେ କୃଷିକୁ ପାରମ୍ପରିକତାଠାରୁ ଉପରକୁ ଉଠିବାକୁ ପଡ଼ିବ। ବର୍ତ୍ତମାନ ବିଶ୍ୱ ସ୍ତରରେ ଜୈବିକ ଓ ପ୍ରାକୃତିକ ଚାଷର ଚାହିଦା

ବଢୁଥିବାରୁ ଓଡ଼ିଶାର ପନିପରିବା ଓ କୃଷିଜାତ ଦ୍ରବ୍ୟକୁ ବିଦେଶ ବଜାରକୁ ପଠାଇବା ପାଇଁ ଉନ୍ନତ ବ୍ୟବସ୍ଥା କରାଯିବ। ଓଡ଼ିଶାରେ ଚାଷ ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକ ବୃହତ୍ତର ମଞ୍ଚରେ ପ୍ରତିଷ୍ଠିତ କରିବା ସହ ସାମ୍ବିଧାନିକ ଅଧିକାର ଓ ସାମାଜିକ ଦାୟିତ୍ୱ ମଧରେ ସମନ୍ୱୟ ରକ୍ଷା ଆମର ମୁଖ୍ୟ ଲକ୍ଷ୍ୟ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

### ଧନୁଯାତ୍ରା...

କ୍ୟାବିନେଟ୍‌ର ଏକ ପ୍ରମୁଖ ସଦସ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପହଞ୍ଚିଛନ୍ତି। ଏହି ଅବସରରେ ସେ ଧନୁଯାତ୍ରା ପାଇଁ ଦେଢ଼ କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି। ଏଥିସହ ଧନୁଯାତ୍ରାକୁ ଆଗାମୀ ଦିନରେ ବିଶ୍ୱପ୍ରସିଦ୍ଧ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିଣତ କରିବା ସକାଶେ ୟୁନେସ୍କୋ ମାନ୍ୟତା ପ୍ରଦାନ ଦିଗରେ ମଧ ସରକାର ଉଦ୍ୟମ କରୁଥିବା ଶ୍ରୀ ସୂରଜ କହିଛନ୍ତି।

### ଯୁବନେତା...

ଯୋଜନା କରିଛି। ଏଥିରେ ଯୁବ ନେତୃତ୍ୱକୁ ଆଗକୁ ଅଣାଯିବ ଓ ମାର୍ଗଦର୍ଶକ ସାଜିବେ ଅଭିଜ୍ଞ ନେତା। ଏହି କ୍ରମରେ ନିତୀନ ନବୀନ ଖୁବ୍‌ଶୀଘ୍ର ନିଜ ପାଇଁ ଯୁବ ଟିମ ଗଠନ କରିବେ ଆଉ ଏଥିରେ ମୋଦି ଓ ଶାହ ତାଙ୍କୁ ଆବଶ୍ୟକ ପରାମର୍ଶ ପ୍ରଦାନ କରିବେ।

### ଜାନୁଆରୀ...

ସେହିପରି ସ୍ୱାଧୀନତା ପରେ ଶ୍ରୀମତୀ ଗିରି ସମାଜର ଦଳିତ ବର୍ଗକୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବା ସକାଶେ ଯଥେଷ୍ଟ ଉଦ୍ୟମ କରିଥିଲେ।

ଅସହାୟଙ୍କ ସକାଶେ ସେ ଅନେକ ଅନାଥାଶ୍ରମ ପ୍ରତିଷ୍ଠା କରି ସହ ସେବା ସହ ଜଡ଼ିତ ଅନେକ ପଦକ୍ଷେପ ବି ନେଇଥିଲେ। ତାଙ୍କ ପ୍ରେରଣାଦାୟୀ ଜୀବନ ପ୍ରତି ପିଢ଼ିକୁ ସମାଜସେବା ପାଇଁ ବ୍ରତୀ ହେବା ଦିଗରେ ଉତ୍ସାହିତ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଶେଷରେ ଶ୍ରୀମତୀ ଗିରିଙ୍କୁ ଓଡ଼ିଆରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ବୋଲି କହି ପ୍ରଧାନମନ୍ତ୍ରୀ ତାଙ୍କ କାର୍ଯ୍ୟକ୍ରମ ଶେଷ କରିଥିଲେ।

### ବିଜୁ...

କଲାଣି ବୋଲି ଚର୍ଚ୍ଚା ଜୋର୍ ଧରିଛି।

ଉଲ୍ଲେଖନୀୟ ଯେ ନୂଆପଡ଼ା ଉପନିର୍ବାଚନ ପରେ ବିଜେଡିରେ ଦାୟିତ୍ୱ ହସ୍ତାନ୍ତର ନେଇ ଆଲୋଚନା ଆରମ୍ଭ ହୋଇଥିବା ବେଳେ ଗତ କିଛିଦିନ ହେଲା ଦଳ ଭିତରେ ଅସନ୍ତୋଷ ବଢ଼ିବା ସହିତ ନେତାମାନେ ବିଭିନ୍ନ ସ୍ଥାନରେ ମେଳି ହୋଇ ଆଲୋଚନା

ଚଳାଇଛନ୍ତି। ପ୍ରଥମେ ଏମାନେ ଝୁମୁକା ଡ୍ୟାମରେ ମେଳି ହୋଇଥିବା ବେଳେ ପରେ ଲିଙ୍ଗରାଜ ମନ୍ଦିରରେ ବୈଠକ କରିଥିଲେ। ଆଜି ଜଣେ ପୂର୍ବତନ ବିଧାୟକଙ୍କ ଘରେ ମେଳି ହୋଇ ଘମାଘୋଟ ଆଲୋଚନା ଚଳାଇଛନ୍ତି। ପରଦା ପଛରେ ରହି ଏଭଳି ମେଳିକୁ କ୍ରୀତଦାସ ପରିଚାଳନା କରୁଥିବା ବେଳେ ଦଳର ଜଣେ ରାଜ୍ୟସଭା ସାଂସଦ ଏହାର ନେତୃତ୍ୱ ନେଉଛନ୍ତି।

ଗୋଟିଏ ପଟେ ବିଜେଡିର ଅସନ୍ତୁଷ୍ଟମାନେ ଘନ ଘନ ବୈଠକ ଚଳାଇଥିବା ବେଳେ ଅନ୍ୟପଟେ ରାଜ୍ୟରେ ନୂଆ ଦଳ ଗଠନ ନେଇ ବି ପ୍ରକ୍ରିୟା ଧିରେ ଧିରେ ଆଗକୁ ବଢୁଛି।

ଏଭଳି ସ୍ଥିତିରେ ବିଜେଡିର ଅସନ୍ତୁଷ୍ଟ ନେତା ଓ ଦଳ ମୁଖ୍ୟ ନବୀନଙ୍କ ଆଗାମୀ ପଦକ୍ଷେପ ଉପରେ ଏବେ ରାଜ୍ୟବାସୀଙ୍କ ନଜର ରହିଛି।

## ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଦୌଡ଼ରେ ଜିତେନ୍



ମାର୍ଶାଘାଇ, ୨୮।୧୨ (ସଂଚାର ବ୍ୟୁରୋ): ଦୀର୍ଘ ବର୍ଷର କ୍ଷମତା ଲଢ଼େଇ ପରେ ବିଜେପି ରାଜ୍ୟରେ ସରକାର କରିଛି। ବର୍ତ୍ତମାନ ପ୍ରତି ଅଞ୍ଚଳରୁ ଯୁବ କାର୍ଯ୍ୟକର୍ତ୍ତା ମାନଙ୍କୁ ସଙ୍ଗଠିତ କରିବାକୁ ଦଳ ପକ୍ଷରୁ ଆହ୍ୱାନ ଦିଆଯାଉଛି । ଦଳୀୟ ସଙ୍ଗଠନକୁ ଆହୁରି ମଜବୁତ କରିବା ପାଇଁ ଦଳ ମଧ ପ୍ରୟାସ ଆରମ୍ଭ କରିଛି। ସେଥିପାଇଁ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ପଦବୀ ଚୟନକୁ ଜୋରଦାର କରାଯାଇଛି। ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଭାବେ ଅଭିଳାଷ ପଣ୍ଡାଙ୍କୁ ମନୋନୀତ କରାଯିବା ପରେ ଏବେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଚୟନ ପ୍ରକ୍ରିୟା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

କେନ୍ଦ୍ରାପଡ଼ା ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ପଦ ପାଇଁ ମହାକାଳପଡ଼ାରୁ ମାର୍ଶାଘାଇ ବ୍ଲକ ୨୬ ନମ୍ବର ଜୋନର ଯୁବ ବିଜେପି ସଂଗଠକ ଜିତେନ ବେହେରାଙ୍କ ନାମ ସାମ୍ନାକୁ ଆସିଛି। ପୂର୍ବରୁ ମଧ ଦୁଇ ଯୁବ ସଙ୍ଗଠକ କ୍ରିଷ୍ଟପଦ ମଣ୍ଡଳ ଓ ଚନ୍ଦ୍ରକାନ୍ତ ସ୍ୱାଇଁଙ୍କ ନାମ ରହିଥିବା ଜଣାପଡିଥିଲା । ସେମାନଙ୍କ ପ୍ରଶଂସକମାନେ ସାମାଜିକ ଗଣମାଧମରେ ଏନେଇ ଜୋରଦାର ପ୍ରଚାର ପ୍ରସାର ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ଜୀତେନ୍ଙ୍କ ପ୍ରସଂଶକ ସାମାଜିକ ଗଣମାଧମରେ ଚର୍ଚ୍ଚା ଆରମ୍ଭ କରିଦେଇଛନ୍ତି । ସଭାପତି ପଦ ପାଇଁ ଜଣେ ଦକ୍ଷ ସଙ୍ଗଠକ ଓ ନିର୍ମଳ ଭାବମୂର୍ତ୍ତି ଥିବା କାର୍ଯ୍ୟକର୍ତ୍ତାଙ୍କୁ ଦଳର ଶୀର୍ଷ ନେତୃତ୍ୱ ମୋହର ମାରିବେ ବୋଲି ଜଣାପଡିଛି। ଏହି କ୍ରମରେ ଦେଖିବାକୁ ଗଲେ ଜିତେନ୍ ବେହେରା ୨୦୦୮ରୁ ପରକୁଳା ପଞ୍ଚାୟତର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଦିର୍ଘ ବର୍ଷ ଧରି ବିଶ୍ୱହିନ୍ଦୁ ପରିଷଦର ସଦସ୍ୟ ହୋଇ ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ପ୍ରଶଂସା ମଧ ସାଉଁଟିଛନ୍ତି। ୨୦୦୮ ରୁ ବିଜେପିର ସଦସ୍ୟତା ଗ୍ରହଣ କରିବା ପରେ ଦଳର ଜଣେ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା ଭାବରେ ସେ ବିଭିନ୍ନ ସମୟରେ ଦଳର ସାଙ୍ଗଠନିକ କାର୍ଯ୍ୟ କରି ଆସୁଛନ୍ତି ।

## ବୈବ୍ରତ ରାଜ୍ୟ ବିଜୁଛାତ୍ର ଜନତା ଦଳର ଉପସଭାପତି



ରାଜନଗର, ୨୮।୧୨ (ସଂଚାର ବ୍ୟୁରୋ): ଆଜି ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ନୂତନ ଟିମ ଘୋଷଣା କରାଯାଇଛି। ରାଜନଗର ନିର୍ବାଚନ ମଣ୍ଡଳୀରୁ ଛାତ୍ର ନେତା ବୈବ୍ରତ ନାରାୟଣ ବିଶ୍ୱାଳଙ୍କୁ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ଉପସଭାପତି ଭାବରେ ନିଯୁକ୍ତ କରିଛନ୍ତି ।ପୂର୍ବରୁ ଶ୍ରୀ ବିଶ୍ୱାଳ ରାଜ୍ୟ ଛାତ୍ର ଜନତା ଦଳର ସମ୍ପାଦକ ଭାବରେ ସଫଳତାର ସହ କାର୍ଯ୍ୟ କରିଛନ୍ତି । କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ରୁ ଛାତ୍ର ସଭାପତି ହୋଇ ରାଜନୈତିକ ଆରମ୍ଭ କରିଥିବା ଶ୍ରୀ ବିଶ୍ୱାଳ ଦଳ ର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଏବଂ ମାନ୍ୟବର ବିଧାୟକ ଧ୍ରୁବ ସାହୁଙ୍କୁ କୃତଜ୍ଞତା ଜଣାଇ ଅଛନ୍ତି । ଏହି ଖବର ପାଇବା ପରେ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବ୍ଲକ ଅଧକ୍ଷା ପ୍ରତିଭା ପାତ୍ର, ବରିଷ୍ଠ ବିଜେଡି ନେତା ବିଜୟ ନାୟକ, କୈଳାଶ ପରିଡା,ଅଶୋକ ମହାନ୍ତି, ରବୀନ୍ଦ୍ର ସେଠୀ ସୁଦର୍ଶନ ଦାସ, ପ୍ରମୋଦ ପ୍ରଧାନ, ଆତ୍ମା ଅଧକ୍ଷ ଗୋବର୍ଦ୍ଧନ ପ୍ରଧାନ, ବ୍ଲକ ଯୁବ ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଯୁବ ନେତା ସରୋଜ ରାଉତ, ସଞ୍ଜୟ ସ୍ୱାଇଁ, ରାକେଶ ନାୟକ, ରବୀନ୍ଦ୍ର ସିଂ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଅଛନ୍ତି,ବ୍ଲକ ଛାତ୍ର ସଭାପତି ମନୋଜ ମଲ୍ଲିକ, ଛାତ୍ର ନେତା ସୁଶାନ୍ତ ବେହେରା, ଅଂଶୁମାନ ପରିଡା,ପବିତ୍ର କରଣ ପରମେଶ୍ୱର ଦାସ, ସାଗର ବଳ, ଶୁଭେନ୍ଦୁ ଓଝା, ନିରଞ୍ଜନ ରାଉତ, ସର୍ବେଶ୍ୱର ବଳ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

### ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରଶାସନିକ ଅବ୍ୟବସ୍ଥା

# ଜୁନିୟର ମେକାନିକଙ୍କୁ ଦିଆଯାଇଛି ପରୀକ୍ଷା ବିଭାଗର ଦାୟିତ୍ୱ

ଯାଜପୁର, ୨୮।୧୨ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ସର୍ବପୁରାତନ ଓ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୁରୁତର ପ୍ରଶାସନିକ ଅବ୍ୟବସ୍ଥା ସାମ୍ନାକୁ ଆସିଛି। କଲେଜରେ ଯାହାଙ୍କ ମୂଳ କାର୍ଯ୍ୟ ମେକାନିକାଲ୍ କାମ କରିବା, ସେହି ଜୁନିୟର ମେକାନିକଙ୍କୁ ଏକ୍ସାମିନେସନ୍ ସେକ୍ସନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

ଆଶ୍ଚର୍ଯ୍ୟଜନକ କଥା ହେଲା, ଏହି ସୂଚନା କୌଣସି ଗୁପ୍ତ ଦଲିଲରୁ ନୁହେଁ, ବରଂ କଲେଜ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ଆଡମିଟ କାର୍ଡ ଡାଉନଲୋଡ ପାଇଁ




ଯେଉଁ ୱେବସାଇଟ ଦିଆଯାଇଛି, ସେଠାରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଏହା ଦେଖି ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଗଭୀର ଚିନ୍ତା ଓ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷାବିତ୍ମାନଙ୍କ ମତରେ, ପରୀକ୍ଷା ବିଭାଗ ହେଉଛି କୌଣସି ଶିକ୍ଷାନୁଷ୍ଠାନର ସବୁଠାରୁ

### ଚିନ୍ତାରେ ଛାତ୍ରଛାତ୍ରୀ ଓ ଅଭିଭାବକ

ସଂବେଦନଶୀଳ ଓ ଦାୟିତ୍ୱପୂର୍ଣ୍ଣ ଶାଖା। ସେଠାରେ ଯୋଗ୍ୟ, ପ୍ରଶିକ୍ଷିତ ଓ ଶିକ୍ଷାସମ୍ବନ୍ଧୀୟ ଅନୁଭବ ଥିବା କର୍ମଚାରୀ ନିଯୁକ୍ତି ଅତ୍ୟାବଶ୍ୟକ। ତେଣୁ ଜୁନିୟର ମେକାନିକଙ୍କୁ ଏପରି ଦାୟିତ୍ୱ ଦିଆଯିବା ମହାବିଦ୍ୟାଳୟର ପ୍ରଶାସନିକ ଅଦୂରଦର୍ଶିତାକୁ ପ୍ରକାଶ କରୁଛି।

ଏହି ଘଟଣାରୁ ସ୍ପଷ୍ଟ ହେଉଛି ଯେ, ଯାଜପୁର ଜିଲ୍ଲାର ଏହି ପ୍ରତିଷ୍ଠିତ ଓ ପୁରାତନ କଲେଜର ଭବିଷ୍ୟତ ଧୀରେ ଧୀରେ ଅନ୍ଧାର ଦିଗକୁ ଯାଉଛି। ଏପରି ଅବ୍ୟବସ୍ଥା ଚାଲିଥିଲେ ଛାତ୍ରଛାତ୍ରୀଙ୍କ ଶିକ୍ଷାଜୀବନ ଓ କଲେଜର ସ୍ୱମର୍ଯ୍ୟାଦା ଉପରେ ଗଭୀର ପ୍ରଭାବ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଉଛି।ଏଥିପ୍ରତି ଓଡ଼ିଶା ସରକାର ଓ ଯାଜପୁର ଜିଲ୍ଲା ପ୍ରଶାସନ ତୁରନ୍ତ ଧ୍ୟାନ ଦେଇ ସଠିକ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଉଚିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ଉଠିଛି। ନଚେତ ଆଗାମୀ ଦିନରେ ବିରାଟ ଛାତ୍ର ଆନ୍ଦୋଳନ ଦାନା ବାନ୍ଧୁଥିବାର ଶୁଣିବାକୁ ମିଳୁଛି।

# ବିଦେଶକୁ ଗଲା ନବରଙ୍ଗପୁର ଚାଷୀଙ୍କ ପନିପରିବା

ନବରଙ୍ଗପୁର,୨୮।୧୨ (ସଂଚାର ବ୍ୟୁରୋ): ଏକ ଗୌରବମୟ ଘଟଣାକ୍ରମରେ ନବରଙ୍ଗପୁର ଜିଲ୍ଲାର ଉମରକୋଟର ଚାଷୀମାନେ ସେମାନଙ୍କ ଉତ୍ପାଦକୁ ପ୍ରଥମ ଥର ପାଇଁ ସିଧାସଳଖ ବିଦେଶ ବଜାରକୁ ପଠାଇଛନ୍ତି। ପନିପରିବାରେ ସ୍ୱାବଲମ୍ବି ହେବାକୁ ଥିବା ନବରଙ୍ଗପୁର ଜିଲ୍ଲାର ଚାଷୀଙ୍କ ପରିଶ୍ରମ ଆନ୍ତରିକତା ଓ ପରୀକ୍ଷାପୂର୍ଣ୍ଣ ପ୍ରୟାସ ଏବେ ଆନ୍ତର୍ଜାତୀୟ ବଜାର ପହଞ୍ଚିବାର ଆରମ୍ଭ କରିଛି। ଏଥିପାଇଁ ସରକାରୀସ୍ତରରେ ସହାୟତା ମିଳିବା ସହ ଭୀଲ୍ଲାମାର୍ଟ ପ୍ରା. ଲିମିଟେଡ଼ ମଧ୍ୟ ସହାୟତା କରିଛନ୍ତି।




ବର୍ତ୍ତମାନ ଏହି ଚାଷୀମାନେ ପ୍ରଥମ ଥର ପାଇଁ ସିଧାସଳଖ ଭାବେ ଦୁବାଇକୁ ସେମାନଙ୍କ ପନିପରିବା ଉତ୍ପାଦ ରସୁଣ, ଫ୍ରେଞ୍ଚ ବିନ୍ସ, ଆଳୁ, ପତ୍ର କୋବି ଓ ଅମୃତଭଣ୍ଡାର ଏକ କନ୍ସାଇନମେଣ୍ଟ ପଠାଇଛନ୍ତି। ଉଦ୍ୟାନ କୃଷି ବିଭାଗ ସହଯୋଗରେ ଏହା ପ୍ରଥମ ୧,୦୦୦ କିଲୋର କନ୍ସାଇନମେଣ୍ଟକୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ ଠାରୁ ଦୁବାଇ ପଠାଯାଇଛି। ଉମରକୋଟ ଓ ରାଇଘର ବ୍ଲକର କିଛି ଚାଷୀ ବର୍ତ୍ତମାନ ବିଦେଶକୁ ପଠାଇବା ସହ ଭଲ ରୋଜଗାର ମଧ ପାଉଛନ୍ତି। ଆଗକୁ ଅଧିକରୁ ଅଧିକ ଚାଷୀ କିପରି ବିଦେଶକୁ ପରିବା ରପ୍ତାନି କରିପାରିବେ ତାହା ଚାଷୀ ମିଳିମିଶି ପ୍ରୟାସ କରିବେ ବୋଲି ପ୍ରକାଶ କରିଛନ୍ତି।

ଏହି ପଦକ୍ଷେପ ଚାଷୀମାନଙ୍କ ପାଇଁ ସମ୍ଭାବ୍ୟ ବିଶ୍ୱ ବଜାର ମୁକାବିଲା ଦ୍ୱାର ଖୋଲିଛି, ଯେଉଁଠାରେ ସେମାନେ ସିଧାସଳଖ ନିଜ ଉତ୍ପାଦ ବିକ୍ରୟ କରି ପାରିବେ ଓ ଆୟ ବୃଦ୍ଧି କରିବେ। ଏଭଳି ଆଦ୍ୟ ପ୍ରୟାସ ଭବିଷ୍ୟତରେ ଅନେକ କୃଷକ ଓ କୃଷକ ଉତ୍ପାଦକ ସଙ୍ଘକୁ ଆନ୍ତର୍ଜାତୀୟ ବଜାର ସହିତ ଯୋଡି ପାରିବ ବୋଲି ଆଶା କରାଯାଉଛି। ଆଗାମୀ ଦିନରେ ନବରଙ୍ଗପୁରର ଚାଷୀମାନେ ବୃହତ ମାନକରେ ଜାତୀୟ ଓ ଆନ୍ତର୍ଜାତୀୟ ଦେଶରେ ପହଞ୍ଚିବାର ରାସ୍ତା ଉନ୍ମୁକ୍ତ ହୋଇଛି।

## ରଡ଼ ଚୋରିକରି ଜେଲ ଗଲେ ୩ ଅଭିଯୁକ୍ତ



ନୀଳଗିରି,୨୮।୧୨ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ଅଯୋଧା ପଞ୍ଚାୟତ ଅଫିସ ସମ୍ମୁଖରେ ଅଯୋଧା ଗ୍ରାମର ଧର୍ମାନନ୍ଦ ରାଉତଙ୍କ ରଡ଼ ସିମେଣ୍ଟର ହାଡ଼ୱାର ଷ୍ଟୋର ଅଛି। ଉକ୍ତ ଦୋକାନରୁ ଗତ ୨୧ ତାରିଖ ରାତ୍ରିରେ ୬ ବଣ୍ଡଲ ରଡ଼ ଚୋରି ହୋଇଥିଲା। ଏନେଇ ଧର୍ମାନନ୍ଦ ଅଯୋଧା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଫାଣ୍ଡି ଅଧିକାରୀ ବିକାଶ ଦାସ ତଦନ୍ତ କରି ଅଭିଯୁକ୍ତ ଙ୍କ ନାମରେ ୫୫୬/୨୫ ଏକ ମାମଲା ରୁଜୁ କରି ଆଜି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଅଡ଼ିଛି। ଅଭିଯୁକ୍ତ ମାନେ ହେଲେ ଅଯୋଧା ଗ୍ରାମର ଯୋଗେନ୍ଦ୍ର ସିଂ ଙ୍କ ପୁଅ ଶ୍ରୀକାନ୍ତ ସିଂ(୪୩), ସ୍ୱର୍ଗତ ସୁକୁରା ସିଂ ର ପୁଅ ଜଗା ସିଂ (୨୨), ନୀଳଗିରି ଥାନା ମଧୁକର ଖୁଣ୍ଟା ଗ୍ରାମର ସ୍ୱର୍ଗତ ନନିଆ ମଲ୍ଲିକ ର ପୁଅ ଜୟନ୍ତ ମଲ୍ଲିକ (୨୮), ଯିଏ କି ଅଯୋଧା ଗ୍ରାମର ଶ୍ୱଶୁର ଘରେ ଆଗରୁ ରହିଆସୁଥିଲେ।

### ● ଖବର ପ୍ରକାଶ ପରେ ଚେତିଲା ଗ୍ରାମ୍ୟ ଉନ୍ନୟନ ବିଭାଗ

## ଦୁଇଦିନ ଟିଷ୍ଟି ନଥିଲା ପିଚୁ କାମ, ପୁନର୍ବାର କଲା ମରାମତି



ସଂଚାର ପ୍ରଭାବ

ଆଳି,୨୮।୧୨(ସଂଚାର ବ୍ୟୁରୋ): ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗର ନିମ୍ନମାନର କାର୍ଯ୍ୟକୁ ନେଇ ଗତ ୨୪ ତାରିଖ ସଂଚାରରେ ଖବର ପ୍ରକାଶ ପାଇବା ପରେ ବିଭାଗ ତତ୍ପରତା ଦେଖାଇ କାର୍ଯ୍ୟକୁ ପୁନର୍ବାର କରିଥିବା ଦେଖାଯାଇଛି। ଯାହାଫଳରେ ମଟର ସାଇକେଲ ଆରୋହୀ ସନ୍ତୋଷ ପ୍ରକଟ କରିଛନ୍ତି। ସୂଚନା ଅନୁଯାୟୀ ଆଳି ଭୁଇଁପୁର ତାରିଣୀ ମନ୍ଦିର ଠାରୁ ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ପିଚୁ କାର୍ଯ୍ୟ ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କରାଯାଇଥିଲା। ଯାହା ଅତି ନିମ୍ନମାନର କାର୍ଯ୍ୟ ଠିକାଦାର କରି ଥିବାରୁ ତାର ଦୁଇ ଦିନ ପରେ ରାସ୍ତାରୁ ଗୋଡି ବାହାରି ଯିବା ସହ ମଟର ସାଇକେଲ ଆରୋହୀମାନେ ଅସୁବିଧା ସମ୍ମୁଖୀନ ହେବା ସହ ମଟର ସାଇକେଲରୁ ପଡ଼ି ଆହତ ସହ ଖଣ୍ଡିଆ ଖାବରା ହୋଇଥିଲେ। ଏହାକୁ ନେଇ ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠି ଥିଲା। ଯାହାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଯାଇଥିଲା। ଏହା ପରେ ପୁନର୍ବାର ସଠିକ୍ କାର୍ଯ୍ୟ କରାଯାଇଥିବାରୁ ଅଞ୍ଚଳରେ ଖୁସି ବ୍ୟକ୍ତ କରିବା ସହ 'ସଂଚାର'କୁ ପ୍ରଶଂସା କରିଛନ୍ତି ।

## ମାଇକ୍ରୋ ୱେଭ ଅଫିସ୍‌ରେ ଆଡ୍ଡା ଜମାଉଛନ୍ତି ନିଶାଡ଼ି ଓ ଅପରାଧୀ

କେନ୍ଦ୍ରାପଡା,୨୮।୧୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଜଇପୁରା (ଖଡିଅଙ୍ଗ) ଗ୍ରାମରେ ଥିବା ମାଇକ୍ରୋ ୱେଭ ଅଫିସ ଏବେ ଗୁହାଳ ଘର, ନିଶାଡି ଓ ଅପରାଧୀଙ୍କ ଆଡ୍ଡାସ୍ଥଳ ପାଲଟିଛି। ୧୯୯୮ ମସିହାରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ୱାକଫ ସମ୍ପତିରେ ତିଆରି ହୋଇଥିବା ଏହି ଅଫିସଟି କାଳକ୍ରମେ ବନ୍ଦ ହୋଇଯିବା ପରେ ଏହାର ଉଭୟ ପାଶ୍ୱର୍ରେ ୯୦ ଫୁଟ ଉଚ୍ଚର ଉଚ୍ଚ ସମ୍ପନ୍ନ ଟେଲିଫୋନ ଟାୱାର ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇ ଥିଲା। ଫଳରେ ଟେଲିଫୋନ (ଲ୍ୟାଣ୍ଡ ଫୋନ) ଯୋଗାଯୋଗରେ ସୁବିଧା ହୋଇଥାନ୍ତା। କିନ୍ତୁ ଏହା କାର୍ଯ୍ୟକାରୀ ନହେବାରୁ ବିଭାଗ ଏହାକୁ ଟେଲିଫୋନ ବିଭାଗକୁ ହସ୍ତାନ୍ତର କରି ଦେଇଛି । ଦୀର୍ଘ ୨୦ ବର୍ଷ ହେବ ଟେଲିଫୋନ ବିଭାଗ



ଏଥିପ୍ରତି ଦୃଷ୍ଟି ନଦେବାରୁ ଏହା ଭିତରେ ଥିବା ମୂଲ୍ୟବାନ ସାମଗ୍ରୀକୁ ଅପରାଧୀ ମାନେ ଲୁଟି ନେଇଥିବା ବେଳେ ଝରକା କବାଟ ସବୁ ଭାଙ୍ଗି ଅଫିସ ଭିତରେ ମଦୁଆ ଓ ଗଞ୍ଜେଡିଆ ନିଶାଡି ଅପରାଧୀମାନେ ମାନଙ୍କ ଆଡ୍ଡା ପାଲଟିଛି ।

ଏହା ପାଖରେ ଥିବା କାର୍ଯ୍ୟାଳୟ ଘର ମଧରେ ଗୁହାଳ କରି ସ୍ଥାନୀୟ ଲୋକ ଗାଈ, ଛେଳି, ମେଣ୍ଢା ଆଦି ବାନ୍ଧୁଛନ୍ତି । ବଡ ବଡ ଅପରାଧ ଘଟାଇ ଅପରାଧୀ ମାନେ ଏହା ଭିତରେ ରାତିରେ ଆଶ୍ରୟ ନେଉଥିବା ବେଳେ ଅନୈତିକ କାର୍ଯ୍ୟରେ ଲିପ୍ତ ରହିଥାନ୍ତି। ଏହି ବାଟ ଦେଇ ଯିବା ଆସିବା କରୁଥିବା ଗ୍ରାମବାସୀ ଏମାନଙ୍କର ଆକ୍ରୋଶର ମଧ ଶିକାର ହେଉଛନ୍ତି । ତୁରନ୍ତ ଏହି ପରିତ୍ୟକ୍ତ ମାଇକ୍ରୋ ୱେଭ ଅଫିସ କୁ କାର୍ଯ୍ୟରେ ଲଗାଇବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

### ମହିଳାଙ୍କୁ ଅସଦାଚରଣ ପରେ ହତ୍ୟା ଉଦ୍ୟମ

## ଅଭିଯୁକ୍ତଙ୍କୁ ଅନୁକମ୍ପା ଦେଖାଉଛି ପୁଲିସ

କେନ୍ଦ୍ରାପଡ଼ା, ୨୮।୧୨ (ସଂଚାର ବ୍ୟୁରୋ): ଗତ ୨୧ ଡିସେମ୍ବର ୨୦୨୫ ତାରିଖରେ କେନ୍ଦ୍ରାପଡ଼ା ସଦର ଥାନା ଅଧୀନସ୍ଥ ନରହରିପୁର ଗ୍ରାମରେ ବନସ୍ମିତା ମଣ୍ଡଳ ନାମକ ମହିଳାଙ୍କୁ ଅସଦାଚରଣ ପରେ ଏକ ଷ୍ଟିଲ ରଡ଼ରେ ତାଙ୍କ ପଛ ମୁଣ୍ଡକୁ ବାଡେଇ ଫଟାଇ ଦେଇଥିବା ଅଭିଯୋଗ ସଦର ଥାନା ଅଧିନସ୍ଥ ଚାନ୍ଦୋଳ ଫାଣ୍ଡିରେ ହୋଇଥିଲା ।

ବନସ୍ମିତାଙ୍କ କହିବା ଅନୁଯାୟୀ ତାଙ୍କ ଦେଢସୁର ସନ୍ତୋଷ ଙ୍କ ସହିତ ଗ୍ରାମର ଦୁଇଜଣ କୁନା ଦାସ ଏବଂ ଚୁଇଁଆ ଜେନା ତାଙ୍କୁ ଦେହ ସୁଖ ମାଗିବାରେ ବିଫଳ ହେବାରୁ ଏପରି କାଣ୍ଡ ଭିଆଇ ଅଛନ୍ତି ଯାହା ସେ ସେହିଦିନ ରକ୍ତାକ୍ତ ଅବସ୍ଥାରେ ଚାନ୍ଦୋଳ ଫାଣ୍ଡିରେ ଲିଖିତ ଜଣାଇଥିଲେ ସୁଦ୍ଧା ଅଭିଯୁକ୍ତ ମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯାଇ ଓଲଟା ଅଭିଯୁକ୍ତ ମାନେ ପୁନର୍ବାର ବିଳମ୍ବିତ ରାତ୍ରୀରେ ତାଙ୍କ କବାଟ ବାଡେଇବା ସହ ଥାନାରୁ କେସ ନ ଉଠାଇଲେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଚମକ ଦେଉଛନ୍ତି ।

ଅନ୍ୟପକ୍ଷରେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ରଥଙ୍କ ସୂଚନା ଅନୁସାରେ ପୀଡ଼ିତାଙ୍କ ଅଭିଯୋଗକୁ ୫୯୯/୨୫ରେ ରୁଜୁ କରି ଭାରତୀୟ ନ୍ୟାୟ ସଂହିତା ଦଫା ୨୯୬,୭ ୪,୧୧୫(୨),୧୧୭(୨),୩୫୧(୨),୩(୫ ) ଅନୁସାରେ ପ୍ରଥମ ପର୍ଯ୍ୟାୟ ତଦନ୍ତ କରୁଛି ପୋଲିସ । ତଦନ୍ତ ସମୟରେ ସାକ୍ଷୀ ମାନଙ୍କ ବୟାନ ମଧ ମିଳିଛି ।

ଅନ୍ୟ ପକ୍ଷରେ ପୋଲିସ ପୀଡ଼ିତାର କ୍ଷତ ଭଲ ଭାବରେ ଦେଖିବା ପରେ ଏବଂ ପୀଡ଼ିତା ଗତ କାଲି ଠାରୁ ଗୁରୁତର ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବେଳେ କାହିଁକି ଏବଂ କେଉଁ ପରିସ୍ଥିତିରେ ହତ୍ୟା ଉଦ୍ୟମ ପାଇଁ ଯେଉଁ ଦଫା ଲାଗିବା କଥା ବି:ଏନ୍:ଏସ୍ ୧୦୯(୧) ରୁଜୁ ହୋଇଥିବା ଅଭିଯୋଗରେ ନରଖି କୋହଳ ଦଫାରେ ପୋଲିସ ତଦନ୍ତ କାର୍ଯ୍ୟ ଆଗକୁ ନେଉଛି ଏବଂ ଏହା କୌଣସି ଯୋଜନା ବଦ୍ଧ ଭାବେ ଅଭିଯୁକ୍ତ ମାନଙ୍କୁ ଅନୁକମ୍ପା ଦେଖାଇ ବେଲ୍ କାର୍ଯ୍ୟରେ ସହଯୋଗ କରିବାକୁ ପୋଲିସ ଅଭିଯୁକ୍ତଙ୍କ ସହ ସାଲିସ କରିଛି ବୋଲି ଅଞ୍ଚଳରେ ଆଲୋଚନା ଜୋର୍ ଧରିଛି ।

ସରକାର ନାରୀ ସୁରକ୍ଷାକୁ ପ୍ରାଧାନ୍ୟ ଦେଉଥିବା ବେଳେ ଏକ ନାରୀକୁ ଏଭଳି ନିର୍ମମ ଭାବେ ଆକ୍ରମଣକୁ କାହିଁକି ପୋଲିସ ଗୁରୁତର ସହ ନନେଇ ଅଭିଯୁକ୍ତଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ କୋହଳ କରୁଛି ଏ ନେଇ ଆଗକୁ ପୀଡ଼ିତାଙ୍କ ସମେତ କିଛି ନାରୀ ନେତ୍ରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିବେ ବୋଲି ସୂଚନା ମିଳିଛି ।

## ବନକର୍ମଚାରୀଙ୍କୁ ଆକ୍ରମଣ କରି ଛଡ଼ାଇ ନେଲେ କାଠଗାଡ଼ି



### ୧୦ ଘଣ୍ଟା ପରେ କାଠଗାଡ଼ି ଜବତ

ନୀଳଗିରି, ୨୮।୧୨ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ଗତ ୨୨ ତାରିଖ ଶନିବାର ରାତ୍ରି ପ୍ରାୟ ୯ ଘଟିକା ସମୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏକ କାଠଭର୍ତ୍ତି ଟାଟା ଏସି ଗାଡ଼ିକୁ ଧରିବାକୁ ଯାଇ ବନ କର୍ମଚାରୀ କାଠ ମାଫିଆଙ୍କ ଆକ୍ରମଣର ଶିକାର ହୋଇଥିବା ବେଳେ ମାଫିଆ ଗୋଷ୍ଠୀ ବନବିଭାଗର ପାଟ୍ରୋଲିଂ ଗାଡ଼ିକୁ ଭଙ୍ଗାରୁଜା କରି କାଠ ଗାଡ଼ିକୁ ଛଡ଼ାଇ ନେବା ଘଟଣା ଅଞ୍ଚଳରେ ହଟଚମଟ ସୃଷ୍ଟି କରିଛି। ତେବେ ପ୍ରାୟ ୧୦ ଘଣ୍ଟା ପରେ ବନ ବିଭାଗ ଦ୍ୱାରା ଉକ୍ତ ଗାଡ଼ି ସହ କିଛି ମୂଲ୍ୟବାନ ପିଆଶାଳ ଲଗ୍ ଜବତ କରାଯାଇଛି।

ଗଣ୍ଡଗୋଳରେ ସାମିଲ ଥିବା ଛତ୍ରପୁର ଗ୍ରାମର ଅଭି ପାତ୍ର ଓ ବୁଲା ପାତ୍ରକୁ ଅଫିସକୁ ଧରିଆଣି ପଚରା ଉଚରା କରୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବରହମପୁର ଥାନା ଛତ୍ରପୁର ଅଞ୍ଚଳର କାଠଗାଡ଼ି ମାଲିକ ସିପୁନ ଓରଫ ପ୍ରକାଶ ମହାପାତ୍ର ଓ ଅନ୍ୟ ସହଯୋଗୀ ଫେରାର ଥିବାନେଇ ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଚୋରା କାଠ ଚାଲାଣ ରାକେଟ ରେ ସମ୍ପୃକ୍ତି ଅନ୍ୟ କାଠ ମାଫିଆ ଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି। ଏନେଇ ନୀଳଗିରି ବନବିଭାଗ ପକ୍ଷରୁ ୨୨/୨୦୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଶିଶିର ମଲିକ ସରକାରୀ ଓକିଲ ନିଯୁକ୍ତ



ପଟ୍ଟାମୁଣ୍ଡାଇ, ୨୮।୧୨ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଅଂଚଳର ଯୁବ ଆଇନଜୀବି ଶିଶିର କୁମାର ମଲିକଙ୍କୁ ରାଜ୍ୟ ସରକାର ପଟ୍ଟାମୁଣ୍ଡାଇ ତହସିଲରେ ଏ ପି ପି ଭାବେ ନିଯୁକ୍ତି ଦେଇଛନ୍ତି। ଏଥି ନେଇ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ତାଙ୍କର ନୂତନ ନିଯୁକ୍ତି ପାଇଁ ଯୁବ ଆଇନଜୀବି ଶିଶିର କୁମାର ମଲିକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସାଂସଦ ବୈଜୟନ୍ତ ପଣ୍ଡା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ରାଜନଗର ବିଜେପି ନେତା ଲଳିତ ବେହେରା , ବିଜେପି ଯୁବନେତା ମିଟୁ ମନୋଜ ନାୟକ, ନଗର ସଭାପତି ଅଶୋକ ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ସଡକ ଦୁର୍ଘଟଣାରେ ଚିକିତ୍ସାଧିନ ଯୁବକଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି, ୨୮।୧୨ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ଓଥକା ଗ୍ରାମର ଯୁବ ସଂଗଠକ ପ୍ରଶାନ୍ତ କୁମାର ମହାପାତ୍ର(ଟିଟୁଆ)ଙ୍କର ଦୁର୍ଘଟଣା ଜନିତ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି। ସ୍ଥାନୀୟ ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ର ସଂଗଠକ ଭାବେ ସେ ବେଶ୍ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ଗତ ୨୪ ତାରିଖ ଦିନ ପ୍ରଶାନ୍ତ ବାଇକ୍ ଯୋଗେ ଭୁବନେଶ୍ୱରରୁ ଘରକୁ ଫେରୁଥିଲା ବେଳେ କଟକ ଚାନ୍ଦବାଲି ରାସ୍ତାର ନାଳିଆମୁହଁ ନିକଟରେ ସଡକ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଛି। ତାଙ୍କର ଶବକୁ ବ୍ୟବଛେଦ କରାଯାଇ ପୈତୃକ ଗ୍ରାମକୁ ଅଣାଯିବା ପରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଶୋକାକୂଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ଫାର୍ମାସିଷ୍ଟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବୋରିଗୁମ୍ମା, ୨୮।୧୨ (ସଂଚାର ବ୍ୟୁରୋ): ବୋରିଗୁମ୍ମା ଅଞ୍ଚଳ ଡେଙ୍ଗପଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ କେଶବ ଆଚାର୍ଯ୍ୟ ପଦୋନ୍ନତି ପାଇ ସିନିୟର ଫାର୍ମାସିଷ୍ଟ ଭାବେ ବ୍ରହ୍ମପୁର ଜିଲ୍ଲା ମୁଖ୍ୟ ବଡ ମେଡିକାଲକୁ ବଦଳି ହୋଇଛନ୍ତି। ସ୍ଥାନୀୟ ବୋରିଗୁମ୍ମା ବ୍ଲକ ଡେଙ୍ଗପଦର ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀ ସମେତ ଗ୍ରାମବାସୀ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରି ବିଦାୟ ଜଣାଇଥିଲେ। ଫାର୍ମାସିଷ୍ଟ ଶ୍ରୀ ଆଚାର୍ଯ୍ୟ ଦୀର୍ଘ ୨୩ ବର୍ଷ ଧରି ଡେଙ୍ଗପଦର ଡାକ୍ତରଖାନାରେ କାର୍ଯ୍ୟ କରିବା ସହ ଅଞ୍ଚଳବାସୀଙ୍କୁ ଉତ୍ତମ ସେବପ୍ରଦାନ କରି ଅଞ୍ଚଳରେ ମେଳାପୀ ବ୍ୟକ୍ତି ଭାବେ ପ୍ରସିଦ୍ଧ ଲାଭ କରିଥିଲେ। ଫାର୍ମାସିଷ୍ଟ ଶ୍ରୀ ଆଚାର୍ଯ୍ୟଙ୍କୁ ଡେଙ୍ଗପଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ସହକର୍ମୀ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ ଅଭିନନ୍ଦନ ଜଣାଇବା ସହ ବିଦାୟ ସମ୍ବର୍ଦ୍ଧନା ମଧ ଦେଇଥିଲେ। ଡେଙ୍ଗପଦର ହସ୍ପିଟାଲର ସମସ୍ତ ଡାକ୍ତର ଓ କର୍ମଚାରୀମାନେ ଶ୍ରୀ ଆଚାର୍ଯ୍ୟଙ୍କୁ ହସ୍ପିଟାଲଠାରୁ ଗାଁର ପ୍ରମୁଖ ଛକ ପର୍ଯ୍ୟନ୍ତ ବାଜା ବାଜଣା ସହ ଏକ ଶୋଭାଯାତ୍ରାରେ ନେଇ ଯାଇଥିଲେ।

### ବଦଳିଛି ତରିକା

## ଏବେ ବଜାରରେ ଅଲୋଡ଼ା 'ଶୁଭେଚ୍ଛା କାର୍ଡ'

କାକଟପୁର/ଅସ୍ତରଙ୍ଗ,୨୮।୧୨ (ସଂଚାର ବ୍ୟୁରୋ): ଡିସେମ୍ବର ମାସ ବର୍ଷର ଶେଷ ମାସ। ଏହି ମାସ ଶେଷ ତାରିଖ ଡିସେମ୍ବର ୩୧ ତାରିଖ ପରେ ବଦଳି ଯାଇଥାଏ ପୁରୁଣା ବର୍ଷ, ପାଦ ଥାପିଥାଏ ନୂତନ ବର୍ଷ। ପୁରୁଣା ବର୍ଷ ଅପସରି ଯାଇଥିବା ବେଳେ, ନୂତନ ବର୍ଷକୁ ସ୍ୱାଗତ କରିଥାନ୍ତି ସମଗ୍ର ବିଶ୍ୱବାସୀ। ନୂଆବର୍ଷ ଆସିବା ସପ୍ତାହ ଅବା ଦୁଇ ସପ୍ତାହ ପୂର୍ବରୁ ନିଜର ବନ୍ଧୁ ପରିଜନ, ସହକର୍ମୀ ତଥା ସମ୍ପର୍କୀୟ ମାନଙ୍କୁ ଶୁଭେଚ୍ଛା କାର୍ଡ (ଗ୍ରୀଟିଙ୍ଗସ୍ )ମାଧ୍ୟମରେ ସକାରାତ୍ମକ ବାର୍ତ୍ତା ପଠାଯାଇଥାଏ। ନବେ ଦଶକରେ ଶୁଭେଚ୍ଛା କାର୍ଡ ନୂଆବର୍ଷ ଆଗମନରେ ପ୍ରାକ ସୂଚନା ପ୍ରଦାନ କରୁଥିଲା।

ମାତ୍ର ଏବେ ସମୟ ବଦଳିଛି। ହାପି ନ୍ୟୁ ଇୟରର ଶୁଭେଚ୍ଛା କାର୍ଡ ବଜାରରେ ଦେଖିବାକୁ ପ୍ରାୟତଃ ମିଳୁନାହିଁ। ଶୁଭେଚ୍ଛା କାର୍ଡ ଅଲୋଡ଼ା ହୋଇ ପଡ଼ିଥିବା



### ହଜିଗଲାଣି ଗ୍ରିଟିଙ୍ଗସ୍ କାର୍ଡ

ବେଳେ, ସୋସିଆଲ ମିଡ଼ିଆ ମାଧ୍ୟମରେ ଛାଇଯାଇଛି ଶୁଭେଚ୍ଛା ବାର୍ତ୍ତା।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ଶୁଭେଚ୍ଛା କାର୍ଡ (ଗ୍ରୀଟିଙ୍ଗସ୍) କାଁଭାଁ କେଉଁଠି ମିଳୁଛି, ତାହା ପୁଣି ଚଢା ଦାମ୍‌ରେ। ପୂର୍ବରୁ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ସମେତ ଅସ୍ତରଙ୍ଗ ବଜାରରେ ଥିବା ପ୍ରମୁଖ ଛକ ଓ ବଜାରରେ ସ୍ୱତନ୍ତ୍ର ଭାବେ ଷ୍ଟଲ ପକାଇ ଶୁଭେଚ୍ଛା କାର୍ଡ ଦୋକାନ ପସରା ମେଲାଉଥିଲେ ଅନେକ ଦୋକାନୀ। ଜଟଣୀ, କୋଲକତା ଆଦିରୁ ବିଭିନ୍ନ କିସମର ନାମୀଦାମୀ କାର୍ଡ ଗ୍ରାହକମାନଙ୍କ ଉଦେଶ୍ୟରେ ବିକ୍ରି ହେଉଥିଲା। ୫୦ପଇସାରୁ ଆରମ୍ଭ କରି ୫୦୦ଟଙ୍କା ମୂଲ୍ୟର ଶୁଭେଚ୍ଛା କାର୍ଡକୁ ଆଦରି ନେଉଥିଲେ ଗ୍ରାହକ। ଯାହାକି ଆଜି ସାତ ସପନ ହୋଇଯାଇଛି।

ନୂଆବର୍ଷ ଆସିବାକୁ ଦିନ କେଇଟା ବାକି ରହିଥିବା ବେଳେ, ଶୁଭେଚ୍ଛା କାର୍ଡର ଚାହିଦା ଯଦିଓ କମିଛି, ହେଲେ ଏହାର ତରିକା ବଦଳି ଯାଇ ମୋବାଇଲି ଅବା ଇଣ୍ଟରନେଟ ମାଧ୍ୟମରେ ନିଜ ପ୍ରିୟଜନ ମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିବା ପ୍ରାୟତଃ ଆରମ୍ଭ କରି ଦେଲେଣି ଶୁଭେଚ୍ଛାକାରୀ।

## ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ବାଲିଅନ୍ତା, ୨୮।୧୨ (ସଂଚାର ବ୍ୟୁରୋ): ପ୍ରତାପଶାସନ ପଞ୍ଚାୟତ ଅଧୀନ ରଥିଜେମା ଅରୁଣାଲୋକ କ୍ଲବ ଆନୁକୂଲ୍ୟରେ ଆଜି ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ହାଇଟେକ ହସ୍ପିଟାଲର ଅଧକ୍ଷ ତିରୁପତି ପାଣିଗ୍ରାହୀ ବାଲିଅନ୍ତା ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ସନ୍ତୋଷ କୁମାର ମହାନ୍ତି . ସମାଜସେବୀ ସୁବ୍ରତ କୁମାର ମହାନ୍ତି , ବରିଷ୍ଠ କଂଗ୍ରେସ ନେତା ବେଣୁଧର ଭୋଇ, ଅରୁଣାଲୋକର ସଭାପତି ବିଜୟ କୁମାର ବେହେରା ,ପୂର୍ବତନ ସଭାପତି ପ୍ରଫୁଲ୍ଲ ସାହୁ, ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ,ସଂପାଦକ ଶଙ୍କର ସାହୁ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଅଞ୍ଚଳର ମୋଟ ୨୧୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧପତ୍ର ବଣ୍ଟନ କରାଯାଇଥିଲା। ଶିବିରରେ ଭେଷଜ, ଦନ୍ତ,ଚକ୍ଷୁ ,ଅସ୍ଥିଶଲ୍ୟ, ଶିଶୁ ଓ ପ୍ରସୂତି ବିଭାଗର ଡାକ୍ତର ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ କୋଷାଧକ୍ଷ ପବିତ୍ର ସାହୁ, ଅଚ୍ୟୁତାନନ୍ଦ ସାହୁ, ବ୍ରଜ କିଶୋର ସାହୁ, ସୁଜିତ ବେହେରା,ଗୋପାଳ ବେହେରା,ଅଭିରାମ ସାହୁ , ରବୀନ୍ଦ୍ର ସାହୁ ଓ ଜୟଦେବ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସିଟି salad

### ଛକା ଛକିରେ ହଜିଗଲେ ବାଜପେୟୀ



ରାଜ୍ୟର ବିଭିନ୍ନ ସ୍ଥାନରେ ସଦ୍ୟ ପାଳିତ ହୋଇଛି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜୟନ୍ତୀ। ସମଗ୍ର ରାଜ୍ୟରେ ଏହା ଧୂମଧାମରେ ପାଳିତ ହୋଇଥିବାବେଳେ ହାତଗଣତି ଗୋଟିଏ ଦୁଇଟି ଖବରକାଗଜକୁ ବାଦ୍‌ଦେଲେ ଅନ୍ୟ କୌଣସି ପ୍ରମୁଖ ଖବର କାଗଜରେ ବାଜପେୟୀଙ୍କ ଉପରେ ଲେଖାଟିଏ ଦେଖିବାକୁ ମିଳିନାହିଁ। ଏହା ଏକ ପ୍ରକାର ବ୍ୟତିକ୍ରମ କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ଏ ସଂକ୍ରାନ୍ତରେ ଯାହା ସୂଚନା ମିଳିଛି ତାହା ଯେତିକି ଆଶ୍ଚର୍ଯ୍ୟଜନକ ସେତିକି ଦୁଃଖ ଦାୟକ ମଧ୍ୟ। ଏହି ସୂଚନା ଅନୁଯାୟୀ ବାଜପେୟୀଙ୍କ ଜୟନ୍ତୀରେ ତାଙ୍କ ଉପରେ ଲେଖାଟିଏ ଛପାଇବାକୁ ରାଜ୍ୟର ଆଗଧାଡିର ଗଣମାଧ୍ୟମଗୁଡ଼ିକ ଅପେକ୍ଷାକରି ରହିଥିଲେ। ସ୍ଥାନ ମଧ୍ୟ ଫାଙ୍କା ରଖିଥିଲେ। ଅପେକ୍ଷା କରିଥିଲେ ଦିଲ୍ଲୀ କିମ୍ବା ଭୁବନେଶ୍ୱରର ବଡ ବଡ ରାଜନେତାମାନେ ଲେଖା ପଠାଇବେ। ରାଜ୍ୟ ନେତା ଦିଲ୍ଲୀ ନେତାଙ୍କୁ ଚାହିଁଥିବାବେଳେ ଦିଲ୍ଲୀ ନେତାଙ୍କ ରାଜ୍ୟ ନେତାଙ୍କ ଉପରେ ଏହା ଏକପ୍ରକାର ଛାଡି ଦେଲେ। ଏଭଳି ଛକା ଛକି ଭିତରେ ଚାହିଁ ଚାହିଁ ସମୟ ଗଡିଗଲା ପଛେ ବାଜପେୟୀଙ୍କ ଉପରେ ଲେଖାଟିଏ ମିଳିଲା ନାହିଁ। ଫଳରେ ବାଧହୋଇ ଯେଉଁସବୁ ଲେଖାକୁ ପଛକୁ ଠେଲି ବାଜପେୟୀଙ୍କ ପାଇଁ ସ୍ଥାନ ଛାଡିଥିଲେ ସେହିସବୁ ଲେଖାକୁ ଶେଷ ମୂହୂର୍ତ୍ତରେ ବସାଇଲେ। ବାଜପେୟୀଙ୍କ ଭଳି ନେତାଙ୍କ କ୍ଷେତ୍ରରେ ପୂର୍ବରୁ ଏଭଳି କେବେ ହୋଇନଥିଲା ବୋଲି ବାଜପେୟୀଙ୍କୁ ଏବେ ବି ଭଲ ପାଉଥିବା ଅନେକ ଲୋକ ମତ ଦେଇଛନ୍ତି।

### ଅରୁଣଙ୍କ କୁଆଁଛୁଆ



ରାଜନୀତି ସହିତ ସାହିତ୍ୟକୁ ସମାନ୍ତରାଳ ଭାବେ ଆଗକୁ ବଢାଉଥିବା ଡକ୍ଟର ଅରୁଣ କୁମାର ସାହୁ ଏଥର ବି ତାଙ୍କର ନୂଆବର୍ଷ ଶୁଭେଚ୍ଛା କାର୍ଡରେ କୁଆଁଛୁଆ କୁ ସ୍ଥାନ ଦେଇଛନ୍ତି। ପୂର୍ବରୁ କୁଆଁଛୁଆ ନାମରେ କବିତା ଲେଖିଥିବାବେଳେ ଏଥର କିନ୍ତୁ ଏଥିରେ ତାଙ୍କ ମନ ଭିତରେ ଥିବା ବିଦ୍ରୋହ ଭାବକୁ କୁଆଁଛୁଆ ଚରିତ୍ର ମାଧ୍ୟମରେ ଉତାରିଛନ୍ତି। କୁଆଁଛୁଆଁ କିଭଳି ସାମ୍ପ୍ରତିକ ପରିସ୍ଥିତିରେ ବାଟବଣା ହୋଇଯାଉଛି ତାହାକୁ ସେ ନିଜର କବିତା ଜରିଆରେ ଉଲ୍ଲେଖ କରିଛନ୍ତି। ସେହିଭଳି ଗାଁ ଓ ସହର ଭିତରେ ବଢୁଥିବା ଫାଟକୁ ଦର୍ଶାଇବା ସହିତ ଏହି ଫାଟ ସୃଷ୍ଟିକାରୀଙ୍କ ଉପରେ ପ୍ରଶ୍ନ କରିଛନ୍ତି। ଏହାଛଡା ତାଙ୍କର ଶୁଭେଚ୍ଛାପତ୍ରରେ ଜୀବନ ଜୀଇଁବାର କଳାକୁ ମଧ ଦର୍ଶାଇଛନ୍ତି। କୁଆଁଛୁଆ କିଭଳି ଏହି ସନ୍ଦିହାନ ସମାଜ ଭିତରେ ଘାଣ୍ଟିହୋଇ ପୁଣିଥରେ ତାହାର ଲକ୍ଷ୍ୟପଥରେ ଆଗଉଛି ତାହା ଉଲ୍ଲେଖ କରି ଡକ୍ଟର ସାହୁ ସମସ୍ତଙ୍କୁ ନିଜର ନୂଆବର୍ଷ ଶୁଭେଚ୍ଛା ଜଣାଇଛନ୍ତି। ତେବେ ଏହା ପୂର୍ବରୁ ତାଙ୍କର ବିଧାନସଭାରେ ମହାନଦୀ ଓ ଦାଦନ କବିତା ବେଶ ଚର୍ଚ୍ଚିତ ହୋଇଥିଲା। ଏଥର ନୂଆବର୍ଷରେ ପୁଣିଥରେ ନୂଆ ଢଙ୍ଗର କବିତା ପରସି ଦେଇଛନ୍ତି। କାର୍ଡଟିରେ ଅରୁଣ ଦକ୍ଷିଣୀ ଅବତାରରେ ବସି ଓଡିଶାର ବାସ୍ତବ ସ୍ଥିତିକୁ ଯେଭଳି ନିଜ କଲମରେ ତୋଳି ଧରିଛନ୍ତି ତାହାକୁ ଯେତେ ପ୍ରଶଂସାକଲେ ମଧ କମ୍ ହେବ।

### ଗଣମାଧ୍ୟମ ଉପରେ ରାଗିଗଲେ ସୁଦାମ



ଗଣମାଧ୍ୟମ ପ୍ରଶ୍ନରେ ଚିହିଁକି ଉଠିଲେ ସୁଦାମ। କହିଲେ, ତୁମକୁ କ'ଣ ଖାଲି ଆମ ଦଳର ଖରାପ କଥା କିଶୁଛି। ଭଲ କିଛି ଦିଶୁ ନାହିଁ। ସୁଦାମଙ୍କର ରାଗ ତମ ତମ ମୁଖମଣ୍ଡଳକୁ ଦେଖି ପ୍ରଶ୍ନ କରିଥିବା କଲମଧାରୀମାନେ ତୁନି ପଡିଲେ। ଏ ସୁଦାମ ହେଉଛନ୍ତି ଓଡିଶା ସରକାରରେ ପୂର୍ବରୁ ମନ୍ତ୍ରୀ ଥିବା ବିଜେଡିର ବରିଷ୍ଠ ନେତା ସୁଦାମ ମାର୍ଣ୍ଡି। ବାବୁ ସୁଦାମ ଶଙ୍ଖଭବନରେ ପ୍ରତିଷ୍ଠାର ଦିବସ ପାଳନ କଲାବେଳେ ଉପସ୍ଥିତି ସାମ୍ବାଦିକମାନେ ଦଳ ଭିତରେ ଚାଲିଥିବା ତୁ ତୁ ମେ ମେ ସଂକ୍ରାନ୍ତରେ ପ୍ରଶ୍ନ ପଚାରିଦେଲେ। ଆଶା କରିଥିଲେ ସୁର ଭାଇଙ୍କ ଷ୍ଟାଇଲରେ ଉତ୍ତର ଆସିବ। ସେହି ଉତ୍ତରରୁ ଆଉ ଦୁଇଟି ଖବର ବାହାର କରିଦେବେ। ହେଲେ ଉତ୍ତର ଦେବେ କ'ଣ ସୁଦାମ ସିଧା ଆକ୍ରମଣ ଆରମ୍ଭ କରିଦେଲେ। କହିଲେ ତୁମକୁ ଖାଲି ଆମ ଦଳରେ କ'ଣ ସବୁ ହେଉଛି ଦେଖାଯାଉଛି। ଅନ୍ୟ ଦଳର କିଛି ଦିଶୁନି। ରାଗ ତମ ତମ ହୋଇ ସୁଦାମ ଏଭଳି କହିଲାବେଳକୁ ପ୍ରଶ୍ନ ପଚାରିଥିବା ସାମ୍ବାଦିକ ଟିକେ ନରମ ପଡିଗଲେ। ସୁଦାମ ଆଉ କିଛି କହିବା ପୂର୍ବରୁ କିଛି ଶଙ୍ଖନେତା ତାଙ୍କୁ ଆକଟ କରି ଭିତରକୁ ନେଇଗଲେ। ନହେଲେ ସେଠାରେ ଆଉ କିଛି ଖବର ସୃଷ୍ଟିହୋଇ ଯାଇଥାନ୍ତା। ହେଲେ କୃଷ୍ଣଙ୍କ ସୁଦାମ ଭଳି ସଦା ହସ ହସ ସୁଦାମ କାହିଁକି ଏମିତି ଆଚରଣ କଲେ ତାହାକୁ ଏପର୍ଯ୍ୟନ୍ତ ସାମ୍ବାଦିକମାନେ ଠଉରେଇ ପାରୁନାହାନ୍ତି।

### ସଭାସମିତିକୁ ଜିଲ୍ଲାପାଳଙ୍କ ନାଁ




ସଞ୍ଜ ହେଲେ ଯେମିତି ନେତାଙ୍କର ଫୁଲମାଳ ଖୋଜା ପଡେ ସେମିତି ଏବେ ଅଫିସରମାନଙ୍କର ବି ସଭାମଞ୍ଚ ଖୋଜା ପଡୁଛି। ନେତାଙ୍କ ସହିତ ବସିବାର ମଜା ନେବାପାଇଁ ଅନେକ ଜିଲ୍ଲାପାଳମାନେ କାର୍ଯ୍ୟକ୍ରମରେ ନିଜ ନାଁକୁ ସାମିଲ କରୁଛନ୍ତି। ହେଲେ ଜଗତ୍‌ସିଂହପୁର ଜିଲ୍ଲା ଏ କ୍ଷେତ୍ରରେ ଟିକେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଏଠାକାର ଜିଲ୍ଲାପାଳ ସଭା ସମିତିକୁ ଯିବାପାଇଁ ନିଜଆଡୁ ମନାକରି ଦେଉଛନ୍ତି। ଅତି ଜରୁରୀ ନହେଲେ ଯାଉ ନାହାନ୍ତି। ଏ ସଂକ୍ରାନ୍ତରେ ଆମେ ଶାରଳାପୀଠର ଜଣେ ଭକ୍ତଙ୍କୁ ପଚାରିବାରୁ ସେ କଥାଟାର ଖୁଲାସା କଲେ। କହିଲେ, ଏଠାରେ ନେତାଙ୍କ କଳିରେ ପଶିବାକୁ ଜିଲ୍ଲାପାଳ ଚାହୁଁ ନାହାନ୍ତି। ଜିଲ୍ଲାରେ ଏବେ ଅଛନ୍ତି ଦୁଇ ଜଣ ବିଜେପି ଓ ଦୁଇଜଣ ବିଜେଡି ବିଧାୟକ। ଏଠାକାର ସାଂସଦ ବି ବିଜେପି। ଦୁଇ ବିଜେଡି ବିଧାୟକ ଏକାଠି ଥିବାବେଳେ ବିଜେପିର ଦୁଇ ବିଧାୟକ ଓ ଜଣେ ସାଂସଦଙ୍କ ମୁହଁ ଭିନ୍ନ ଭିନ୍ନ ଦିଗରେ। ଏଠି ସାଂସଦଙ୍କର ମନ୍ତ୍ରୀଙ୍କ ସହିତ ପଡୁନାହିଁ, ମନ୍ତ୍ରୀଙ୍କର ବିଧାୟକ ସହିତ ପଡୁନାହିଁ, ବିଧାୟକଙ୍କର ସାଂସଦଙ୍କ ସହିତ ପଡୁନାହିଁ। ଏମାନେ ସଭା ସମିତିରେ ବି ଲଢିଯାଉଛନ୍ତି। ଏମାନଙ୍କ ରାଜନୀତିରେ ଏବେ ଜିଲ୍ଲାର ସରକାରୀ କର୍ମଚାରୀମାନେ ତ୍ରାହି ତ୍ରାହି ଡାକିଲେଣି। ନିକଟରେ ଅନୁଷ୍ଠିତ ପଶୁମେଳାରେ ଏହାର ଏକ ଝଲକ ଦେଖିବାକୁ ମିଳିଥିଲା। ତେଣୁ ଏଭଳି ସ୍ଥିତିରେ କାଦୁଅରେ ପଶିବି ନାହିଁ କି ଗୋଡ ଧୋଇବି ନାହିଁ, ନୀତିରେ ଜିଲ୍ଲାପାଳ ସମଦୂରତା ନୀତି ଅବଲମ୍ବନ କରୁଛନ୍ତି। ଏତକ ଶୁଣିବାପରେ ଆମେ ଭକ୍ତ ଜଣଙ୍କ ଉପରେ ମା' ଶାରଳାଙ୍କ ଆର୍ଶୀବାଦ ନିଶ୍ଚିତ ରହିଥିବା ଅନୁଭବ କଲୁ।

### ସରକାରୀ ଦପ୍ତରରେ ଟ୍ରେନର ମଜା

ଖାରବେଳ ଭବନରେ ଥିବା ସରକାରୀ ବାବୁମାନେ ଏବେ ଟ୍ରେନର ମଜା ପାଇବେ। ଅବଶ୍ୟ ଟ୍ରେନ ଯାତ୍ରାର ନୁହେଁ, ଟ୍ରେନ ଖଦ୍ୟର ମଜା ଉଠାଇବେ। ନିକଟରେ ଖାରବେଳ ଭବନରେ ଗୋଟିଏ ନୂଆ କ୍ୟାଣ୍ଟିନ ଖୋଲିଛି। ଏହାର ନାଁ ରହିଛି ସୃଜନ। ପୂରା ଓଡିଆ ମାର୍କା ନାଁ। ହେଲେ କ୍ୟାଣ୍ଟିନର ପରିଚାଳନା କୌଣସି ଓଡିଆ ବ୍ୟବସାୟୀଙ୍କ ହାତରେ ନାହିଁ। ଏହି ଦାୟିତ୍ୱ ହାତେଇ ନେଇଛନ୍ତି ଭାରତୀୟ ରେଳବାଇର ଆଇଆରସିଟିସି। ଏହି ସଂସ୍ଥାଟି ଟ୍ରେନ ଯାତ୍ରୀଙ୍କୁ ଉତ୍ତମ ଖାଦ୍ୟ ପରସିବାରେ ବେଶ୍ ସୁନାମ ଅର୍ଜନ କରିଛି। ତେଣୁ ଏଠାକାର ସରକାରୀ ବାବୁମାନଙ୍କୁ ମଧ ଟ୍ରେନ ଭଳି ଖାଦ୍ୟ ପରସିବ ବୋଲି ସମସ୍ତେ ଆଶା କରିଛନ୍ତି। ତେଣୁ ପ୍ରଥମ ଦିନରୁ ଭିଡ ଲାଗିଛି। ଆଳୁଚପ୍ ଖାଇବାକୁ ଲମ୍ବା ଧାଡି। ଖାଲି ଖାଦ୍ୟ ନୁହେଁ,ଏଠାରେ କୁଆଡେ ସରକାରୀ ବାବୁମାନେ ଟ୍ରେନ ଟିକଟ କାଟିବାର ସୁବିଧା ସହିତ ପର୍ଯ୍ୟଟନର ସୂଚନା ପାଇପାରିବେ। ସରକାରୀ ବାବୁମାନେ ଏବେ କ୍ୟାଣ୍ଟିନକୁ ନେଇ ଉତ୍ସାହିତ ଥିବାବେଳେ ଏହା ଭାରତୀୟ ଟ୍ରେନ ଭଳି ବିଳମ୍ବରେ ଗଡିବ ନା ସଠିକ ସମୟରେ ଚଳାଚଳ କରିବ ତାହା ଆଗାମୀ ଦିନରେ ଜଣାପଡିବ ବୋଲି ଖାରବେଳ ଭବନର ଜଣେ ବାବୁ ମନ୍ତବ୍ୟ ଦେଇଛନ୍ତି।



---

**ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘର ବାର୍ଷିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ**

# ଶିକ୍ଷକଙ୍କ ସମ୍ମାନଜନକ ଜୀବନ ରାଷ୍ଟ୍ର ନିର୍ମାଣର ଆଧାର

- ଶିକ୍ଷକତା 'ଟଏସ୍' ନୁହେଁ; ଆଗାମୀ ପିଢ଼ି ପାଇଁ ଏକ ଗୁରୁଦାୟିତ୍ୱ
- ସରକାରୀ ସ୍କୁଲରେ ପଢୁଥିବା ପିଲାଙ୍କ ଦାୟିତ୍ୱ ନେବାକୁ ପରାମର୍ଶ
- ସ୍କୁଲ ମ୍ୟାନେଜମେଣ୍ଟ କମିଟି ପାଇଁ ଆଗକୁ ନୂଆ ପଲିସି ଲାଗୁହେବ




**ଅନୁଗୋଳ, ୨୮।୧୨(ସଂଚାର ବ୍ୟୁରୋ):** ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ପାଇଁ ଯୁବପିଢ଼ି ଯଦି ଇଞ୍ଜିନ ହୁଅନ୍ତି, ତେବେ ଶିକ୍ଷକ ସମାଜ ହେଉଛନ୍ତି ସେମାନଙ୍କର ପ୍ରକୃତ ଦିଗଦର୍ଶକ। ଶିକ୍ଷକଙ୍କ ସମ୍ମାନଜନକ ଜୀବନ ହିଁ ରାଷ୍ଟ୍ର ନିର୍ମାଣର ପ୍ରକୃତ ଆଧାରଶୀଳା, ଯାହାଙ୍କ ବିକାଶ ପାଇଁ ଆମ ସରକାର ପ୍ରତିବଦ୍ଧ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ରବିବାର ଅନୁଗୋଳଠାରେ ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘ, ଓଡ଼ିଶା ପ୍ରାନ୍ତର ବାର୍ଷିକ ରାଜ୍ୟ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ କେବଳ ଏକ ଶିକ୍ଷକ ସଂଗଠନ ନୁହେଁ, ବରଂ ଏହା ଏକ ମହାନ ବିଚାରଧାରା। ଶିକ୍ଷକମାନଙ୍କର ଏକ ସମ୍ମାନଜନକ ଜୀବନ ବଞ୍ଚିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। ଏହି 'ସମ୍ମାନ' କେବଳ ସେମାନଙ୍କର ଜୀବିକା ମଧ୍ୟରେ ସୀମିତ ନୁହେଁ, ବରଂ ଏହା ସେମାନଙ୍କର କର୍ତ୍ତବ୍ୟ ଓ ନିଷ୍ଠା ସହ ଜଡ଼ିତ। ନିଜସ୍ୱ ତ୍ୟାଗ ଏବଂ ସମାଜ ପ୍ରତି ଥିବା ନିଃସ୍ୱାର୍ଥପର ସମର୍ପଣ ହିଁ ଶିକ୍ଷକ ସମାଜର ପ୍ରକୃତ ପରିଚୟ। ଶିକ୍ଷକତା କେବଳ ଏକ ବୃତ୍ତି ବା 'ଟଏସ୍' ନୁହେଁ; ଏହା ହେଉଛି ଆଗାମୀ ପିଢ଼ିର ଭବିଷ୍ୟତ ଗଢ଼ିବା ପାଇଁ ଏକ ଦୃଢ଼ ଇଚ୍ଛାଶକ୍ତି ଓ ଗୁରୁଦାୟିତ୍ୱ। ଓଡ଼ିଶାରେ ସରକାରୀ ଓ ବେସରକାରୀ ସ୍ତରରେ ପାଖାପାଖି ୭୫ ଲକ୍ଷ ସ୍କୁଲ ପିଲା ଅଛନ୍ତି। ଏହି ସମୟ ମଧ୍ୟରେ ସରକାରୀ ସ୍କୁଲର ପିଲାମାନଙ୍କୁ ସମର୍ଥ କରିବା ପାଇଁ ଶିକ୍ଷକ, ସରକାର ଓ ସମାଜକୁ ଏକାଠି ହୋଇ କାର୍ଯ୍ୟ କରିବାକୁ ପଡ଼ିବ। ସ୍କୁଲ ମ୍ୟାନେଜମେଣ୍ଟ କମିଟି ପାଇଁ ଆଗକୁ ନୂଆ ପଲିସି ଲାଗୁ ହେବାକୁ ଯାଉଛି, ଯାହାର ସଫଳ ରୂପାୟନର ସମ୍ପୂର୍ଣ୍ଣ ଦାୟିତ୍ୱ ହେଉଛି ସମାଜର। ନୂଆ ଜାତୀୟ ଶିକ୍ଷା ନୀତି ଅଧୀନରେ ଓଡ଼ିଶାରେ ସ୍ୱାଭିମାନ, ସ୍ୱାବଲମ୍ବନ ଓ ସଂସ୍କାରଭିତ୍ତିକ ନୂଆ ପାଠ୍ୟପୁସ୍ତକ ପ୍ରଣୟନ କରାଯିବା ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ।

---

**ହୋମଗାର୍ଡ ପରୀକ୍ଷା**

## ୧୦୨ ପୋଷ୍ଟ ପାଇଁ ୪ ହଜାର ପରୀକ୍ଷାର୍ଥୀ



**ଝାରସୁଗୁଡ଼ା, ୨୮।୧୨(ସଂଚାର ବ୍ୟୁରୋ):** ୧୦୨ ହୋମଗାର୍ଡ ପଦବୀ ପାଇଁ ୪ ହଜାର ପରୀକ୍ଷାର୍ଥୀ। ସୁନ୍ଦରଗଡ଼ ଏବଂ ସମ୍ବଲପୁର ପରେ ଝାରସୁଗୁଡ଼ାରୁ ଆସିଛି ସମାନ ଦୃଶ୍ୟ। ଝାରସୁଗୁଡ଼ା ଜିଲ୍ଲାରେ ୧୦୨ଟି ହୋମଗାର୍ଡ ପଦ ପାଇଁ ଆଜି ଲିଖିତ ପରୀକ୍ଷା ହୋଇଥିଲା। ଆଶାୟୀ ଅଛନ୍ତି ୪ ହଜାର ୪୦ ଜଣ ପ୍ରାର୍ଥୀ। ଏମାନେ ସମସ୍ତେ ପରୀକ୍ଷା ଦେବେ। ଓଏସ୍‌ଏପି ବାଟାଲିୟନ ପଡିଆରେ ପରୀକ୍ଷା ଆୟୋଜନ କରାଯାଇଛି।

ପରୀକ୍ଷା ପାଇଁ ଆଶାୟୀଙ୍କ ଗହଳି ଲାଗିଛି। ଲିଖିତ ପରୀକ୍ଷାରୁ ୧ ହଜାର ୧୦ ଜଣ ପ୍ରାର୍ଥୀ ମନୋନୀତ ହୋଇ ପରବର୍ତ୍ତୀ ଶାରୀରିକ ପରୀକ୍ଷାକୁ ଯିବେ। ଭିଡ଼କୁ ଦୃଷ୍ଟିରେ ରଖି ପରୀକ୍ଷା ସ୍ଥଳରେ ପର୍ଯ୍ୟାପ୍ତ ପୁଲିସ ମୁତୟନ କରାଯାଇଛି। ପୂର୍ବରୁ ସମ୍ବଲପୁର ଓ ସୁନ୍ଦରଗଡ଼ରୁ ଆସିଥିଲା ସମାନ ଚିତ୍ର। ଅଳ୍ପ ପୋଷ୍ଟକୁ ହଜାର ହଜାର ସଂଖ୍ୟାରେ ଆଶାୟୀ। ପୁଣି ଆଶାୟୀ ପ୍ରାର୍ଥୀଙ୍କ ଭିତରେ ବି-ଟେକ୍ , ଏମ-ଟେକ୍ ଓ ଏମବିଏ ଡିଗ୍ରୀଧାରୀ।

---

**ବଣିଆପାଟ ଶିଶୁମନ୍ଦିରର ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ**

## ଏନ୍‌ସିଇଆର୍‌ଟି ଢାଞ୍ଚାରେ ଏସ୍‌ସିଇଆର୍‌ଟି ହେବ

**ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ପାଠ୍ୟ ପୁସ୍ତକ ମିଳିବ**

**ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦିଏ ଶିଶୁମନ୍ଦିର**



**କେନ୍ଦୁଝର, ୨୮।୧୨(ସଂଚାର ବ୍ୟୁରୋ):** ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ମୂଳଭିତ୍ତି ରୂପରେ ଗ୍ରହଣ କରି ଶିକ୍ଷାଦାନ କରିଥାଏ ସରସ୍ୱତୀ ଶିଶୁ ମନ୍ଦିର। ଉତ୍ତମ ଶିକ୍ଷା ପରିବେଶ ଓ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନକୁ ଶିଶୁମନ୍ଦିର ଶିକ୍ଷା ପ୍ରଣାଳୀ ସବୁଠୁ ଅଧିକ ଗୁରୁତ୍ୱ ଦେଇଥାଏ ବୋଲି କେନ୍ଦୁଝରରେ ବଣିଆପାଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବଣିଆପାଟ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ସମଗ୍ର ଓଡ଼ିଶାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ସେହି ପରିବର୍ତ୍ତନ ଧାରାକୁ ଅବ୍ୟାହତ ରଖିବା ଦିଗରେ ଏହି ଶିକ୍ଷାନୁଷ୍ଠାନର ଭୂମିକା କୌଣସି ମାତ୍ରାରେ କମ୍ ନୁହେଁ। ଏଥି ସହିତ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ବା ଏନ୍‌ସିଏଫ୍ ଆଧାରରେ ଆମେ ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଆରମ୍ଭ କରୁଛୁ। ଏହାଦ୍ୱାରା ଶିକ୍ଷାର୍ଥୀମାନେ ଅଧିକ ସୃଜନଶୀଳ ଏବଂ ସ୍ୱାବଲମ୍ବୀ ହେବେ। ଆସନ୍ତା ଶିକ୍ଷାବର୍ଷରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ସରକାରଙ୍କ ତରଫରୁ ନିଃଶୁଳ୍କ ପୁସ୍ତକ ପ୍ରଦାନ କରାଯିବ। ପାଠ୍ୟ ପୁସ୍ତକରେ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଏନସିଇଆରଟି ଢ଼ାଞ୍ଚାରେ ଏସ୍‌ସିଇଆରଟିକୁ ବିକାଶ କରାଯିବ ଏବଂ ଉଚ୍ଚମାନର କୋର୍ସ ମେଟେରିଆଲ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ କରିବା ପାଇଁ ସରକାର ସ୍ଥିର କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଂପାଦକ ଭାଗିରିଥି ଗିରି ସ୍ୱାଗତ ଭାଷଣ ଦେଇଥିବା ବେଳେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ବିଦ୍ୟାଭାରତୀର ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ, ସମାଜସେବୀ ତଥା ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ଇପିଏଫଓ କମିସନର ଗୌରବ ଚନ୍ଦ୍ର ମହାନ୍ତି, ଶିଶୁ ବିଦ୍ୟାମନ୍ଦିରର ସଭାପତି ପ୍ରଫେସର ଅନୀଲ କୁମାର ଦାଶ, ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ ପ୍ରମୁଖ ଉପସ୍ଥି ଥିଲେ।

---

**ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ଉଦ୍‌ବେଗ**

## ମହାପ୍ରଭୁଙ୍କୁ କରନି ରାତି ଅନିଦ୍ରା

**ପୁରୀ, ୨୮।୧୨(ସଂଚାର ବ୍ୟୁରୋ):** ଡିସେମ୍ବର ୩୧ ତାରିଖ ରାତିରେ ମହାପ୍ରଭୁଙ୍କୁ ରାତି ଅନିଦ୍ରା ନକରିବା ସହ ରାତିଅଧରେ ଶ୍ରୀମନ୍ଦିର ନ ଖୋଲିବା ପାଇଁ ଚିଠି ଲେଖିଛନ୍ତି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଗଜପତି ମହାରାଜା ଓ ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ପରିଚାଳନା କମିଟି ସଦସ୍ୟ ପଣ୍ଡିତ ମହେଶ ସାହୁ। ମହାପ୍ରଭୁଙ୍କୁ ମଧ ରାତ୍ରିରୁ ଅନିଦ୍ରା ରଖିବା ପରମ୍ପରା ଦୃଷ୍ଟିକୋଣରୁ ଆଦୌ ଠିକ ହେଉନାହିଁ। ତେଣୁ ମହାପ୍ରଭୁଙ୍କୁ ରାତି ଅନିଦ୍ରା ନକରି ସ୍ୱାଭାବିକ ଦୈନନ୍ଦିନ ନୀତିକାନ୍ତି କରିବାକୁ ସେ ଚିଠିରେ ଲେଖିଛନ୍ତି। ପ୍ରଶ୍ନ ଉଠିବା ପରେ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ଦିରର ନୀତିକାନ୍ତିକୁ ବ୍ୟାଘାତ ନଦେଇ ଯାହା ଆବଶ୍ୟକତା ରହିଛି ତାହା କରାଯାଉଛି।

---

**ରାଜ୍ୟର ୧୩ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରି ତଳେ**

## ଆଉ ୫ ଦିନ ଘନ କୁହୁଡ଼ି, ୨ରୁ କମିବ ଶୀତ

**ଜି ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୩.୫ ଡିଗ୍ରି**

**ଭୁବନେଶ୍ୱର, ୨୮।୧୨(ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରବଳ ଶୀତ ଲହରୀ ଜାରି ରହିଛି, ତଥାପି ଆଗାମୀ ପାଞ୍ଚଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ତିନିଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଆସନ୍ତା ତିନି ଦିନ ପରେ ରାଜ୍ୟର ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ଧୀରେ ଧୀରେ ୨ ରୁ ୩ ଡିଗ୍ରି ସେଲସିୟସ୍ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ରାଜ୍ୟରେ ଶୀତ ଲହରୀ ଜାରି ରହିଥିବାରୁ ରବିବାର ସକାଳେ ରାଜ୍ୟର ୧୩ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରି ସେଲସିୟସ ତଳେ ଥିଲା।

କନ୍ଧମାଳ ଜିଲ୍ଲାର ଜି ଉଦୟଗିରି ରାଜ୍ୟର ସବୁଠାରୁ ଥଣ୍ଡା ସ୍ଥାନ ପାଲଟିଛି। ସେଠାରେ ସର୍ବନିମ୍ନ ତାପମାତ୍ରା ୩.୫ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି କନ୍ଧମାଳର ଦାରିଙ୍ଗବାଡି ଏବଂ ଫୁଲବାଣୀରେ ମଧ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି। ଉଭୟ ସ୍ଥାନରେ ତାପମାତ୍ରା ଯଥାକ୍ରମେ ୬ ଡିଗ୍ରି ସେଲସିୟସ୍ ପର୍ଯ୍ୟନ୍ତ ଖସିଯାଇଛି। ଆଇଏମଡି ଅନୁସାରେ ଜାନୁଆରି ୧ ସକାଳ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡ଼ି ଲାଗି ରହିବ। ତେବେ ଜାନୁଆରି ୨ ଠାରୁ ଶୀତ କମିବାର ସମ୍ଭାବନା ରହିଛି।

---

## ବିଜୁ ଯୁବ ଓ ଛାତ୍ର ଜନତା ଦଳର ରାଜ୍ୟ କମିଟି ଘୋଷିତ

- ୪ କାର୍ଯ୍ୟକାରୀ ସଭାପତି ସମେତ ବିଜୁ ଯୁବ ଜନତା ଦଳର ୧୬୦ କର୍ମକର୍ତ୍ତା ଘୋଷିତ
- ବିଜୁ ଛାତ୍ର ଜନତା ଦଳର ୫ କାର୍ଯ୍ୟକାରୀ ସଭାପତି ସମେତ ୧୪୫ କର୍ମକର୍ତ୍ତା ଘୋଷିତ



**ଭୁବନେଶ୍ୱର, ୨୮।୧୨(ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜେଡିର ଯୁବ ଓ ଛାତ୍ର ଶାଖାର ରାଜ୍ୟ କମିଟି କର୍ମକର୍ତ୍ତା ଘୋଷଣା କରାଯାଇଛି। ଯୁବ ବିଜେଡିର ୪ ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ମିଶାଇ ୧୬୦ଜଣ କର୍ମକର୍ତ୍ତା ଓ ଛାତ୍ର ବିଜେଡିର ୫ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ମିଶାଇ ୧୪୫ଜଣ କର୍ମକର୍ତ୍ତା ଘୋଷଣା କରାଯାଇଛି। ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଥିଲେ, ପ୍ରତିଷ୍ଠା ଦିବସରେ ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଥିଲେ ଯେ, ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ବିଜେଡି ରାଜ୍ୟବାସୀଙ୍କ ସ୍ୱର ଭାବେ କାର୍ଯ୍ୟକରିବ। ତଦନୁଯାୟୀ, ପ୍ରତିଷ୍ଠା ଦିବସ ପରେ ୧୧ଟି ଜିଲ୍ଲା କମିଟି ଘୋଷଣା ସହ ଯୁବ ଓ ଛାତ୍ର ଶାଖାର ଏକ ସଶକ୍ତ କମିଟି ଅନୁମୋଦନ କରିଛନ୍ତି।

ସେହିପରି ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଛନ୍ତି, ରାଜ୍ୟରେ ମହିଳା ବିରୋଧୀ ହିଂସା ଓ ଛାତ୍ରୀମାନଙ୍କ ଉପରେ ଅତ୍ୟାଚାର ଉଦବେଗଜନକ ଭାବେ ବୃଦ୍ଧି ପାଇଛି। ଛାତ୍ର ବିଜୁ ଜନତା ଦଳର ଏହି ନୂଆ କର୍ମକର୍ତ୍ତାମାନେ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନବିରୋଧୀ କାର୍ଯ୍ୟ ବିରୋଧରେ ସଶକ୍ତ ଲଢେଇ ଜାରି ରଖିବ। ତୃଣମୂଳସ୍ତରରେ ଦଳର କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି କମିଟି ଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିବେ।

---

**ଦିଦିଙ୍କୁ ମନମୋହନଙ୍କ ସମାଲୋଚନା**

# ଅଭିଯୋଗର କୌଣସି ଭିତ୍ତି କି ଆଧାର ନାହିଁ



**ଭୁବନେଶ୍ୱର ୨୮।୧୨ (ସଂଚାର ବ୍ୟୁରୋ):** ସମ୍ବଲପୁରରେ ପଶ୍ଚିମବଙ୍ଗ ଶ୍ରମିକଙ୍କୁ ପିଟି ମାରିଦେବା ପ୍ରସଙ୍ଗରେ ନିଜ 'ଏକ୍ସ' ହାଣ୍ଡେଲରେ ଲେଖିବା ପରେ ଏହାର ଜବାବ ରଖିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ମମତାଙ୍କୁ ଜବାବ ଦେଇ ମନମୋହନ କହିଛନ୍ତି, ସେ ଓଡ଼ିଶା ହେଉ କି ପଶ୍ଚିମବଙ୍ଗ କି ଭାରତ ବର୍ଷରେ ଯେଉଁଠି ବି ହେଉ, କେଉଁଠି ବି ନିର୍ଯାତନା, ଅତ୍ୟାଚାର ହେବା କଥା ନୁହେଁ। ମାନବିକ ଅଧିକାରକୁ ଉଲ୍ଲଙ୍ଘନ ହେବା କଥା ନୁହେଁ। ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ବୋଧେ ହୁଏ ମାର୍ଚ୍ଚ ମାସରେ ନିର୍ବାଚନ କାରଣ ପାଇଁ ମମତା ଏମିତି କହୁଛନ୍ତି କି ଅନ୍ୟ କିଛି ଉଦ୍ଦେଶ୍ୟ ଅଛି। ମମତାଙ୍କ ଅଭିଯୋଗର କୌଣସି ଭିତ୍ତି କି ଆଧାର ନାହିଁ। ଏଭଳି ଘଟଣାରେ ରାଜନୀତି ହେବା କଥା ନୁହେଁ, ଏହା ନିନ୍ଦନୀୟ ଘଟଣା। ସେମାନଙ୍କ ପାଇଁ ଆମେ କ'ଣ କରିବା, ଭବିଷ୍ୟତରେ ଏମିତି ଘଟଣା କେମିତି ନ ଘଟିବ ସେନେଇ ଚର୍ଚ୍ଚା ଆଲୋଚନା ହେବା ଦରକାର। ପ୍ରବାସୀ ଶ୍ରମିକମାନେ ଯେଉଁଠି ବି ନିର୍ଯାତନା ପାଉଛନ୍ତି ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ମନମୋହନ କହିଛନ୍ତି।

ମମତା ବାନାର୍ଜୀ ତାଙ୍କ 'ଏକ୍ସ' ହାଣ୍ଡେଲରେ ଲେଖିଛନ୍ତି, ସମ୍ବଲପୁର ଜାଙ୍ଗିପୁର ଅଞ୍ଚଳର କିଛି ପ୍ରବାସୀ ଶ୍ରମିକଙ୍କ ଉପରେ ଅତ୍ୟାଚାର ହୋଇଛି। ଡିସେମ୍ବର ୨୪ ତାରିଖରେ ସମ୍ବଲପୁରରେ ଜାଙ୍ଗିପୁରର ସୁଟି ଅଞ୍ଚଳର ଜଣେ ଯୁବ ପ୍ରବାସୀ ଶ୍ରମିକଙ୍କୁ ପିଟିପିଟି ହତ୍ୟା କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୁର୍ଶିଦାବାଦର ପ୍ରବାସୀ ଶ୍ରମିକମାନେ ଓଡ଼ିଶାରୁ ଭୟଭୀତ ହୋଇ ଘରକୁ ଫେରୁଛନ୍ତି। ଏହି ହୃଦୟ ବିଦାରକ ଘଟଣା ପରେ ଆମେ ତାଙ୍କ ପରିବାର ସହିତ ଛିଡ଼ା ହୋଇଛୁ ଏବଂ ମୃତକଙ୍କ ପରିବାର ନିକଟରେ ଆର୍ଥିକ ସହାୟତା ମଧ ପହଞ୍ଚିବ। ବଙ୍ଗାଳୀ ଭାଷାଭାଷୀ ଲୋକଙ୍କ ଉପରେ ହୋଇଥିବା ନିଷ୍ଠୁର ନିର୍ଯାତନାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ଆମେ ସେହି ପରିବାରକୁ ସମସ୍ତ ପ୍ରକାରର ସହାୟତା ଯୋଗାଇବୁ।

---

**● ବଙ୍ଗାଳୀ ଶ୍ରମିକଙ୍କୁ ପିଟିପିଟି ହତ୍ୟା ଘଟଣା**

## ତଦନ୍ତ ପାଇଁ ସମ୍ବଲପୁରରେ ପଶ୍ଚିମବଙ୍ଗ ପୁଲିସ

**ସମ୍ବଲପୁର ୨୮।୧୨(ସଂଚାର ବ୍ୟୁରୋ):** ସମ୍ବଲପୁରରେ ବଙ୍ଗାଳୀ ଶ୍ରମିକଙ୍କୁ ପିଟିପିଟି ହତ୍ୟା ଘଟଣାରେ ତଦନ୍ତ ପାଇଁ ସମ୍ବଲପୁରରେ ପହଞ୍ଚିଲେ ପଶ୍ଚିମବଙ୍ଗ ସୁତି ଥାନା ପୁଲିସ । ୩ ଜଣିଆ ପୁଲିସ ଟିମ୍ ଅଇଁଠାପାଲି ଥାନାରେ ପହଞ୍ଚିଛନ୍ତି। ପଶ୍ଚିମବଙ୍ଗ ଶ୍ରମିକଙ୍କୁ କାହିଁକି ହତ୍ୟା କରାଗଲା, କ'ଣ କାରଣ ରହିଛି ସେନେଇ କରିବେ ତଦନ୍ତ। ପଶ୍ଚିମବଙ୍ଗ ମୁର୍ସିଦାବାଦ ଯୁଙ୍ଗିପୁର ପୁଲିସ ଜିଲ୍ଲା ସୁତି ଥାନାର ଏସ୍‌ଆଇ ଏମ୍ ଡ଼ି ସାହାଜାହାନ, ଏଏସ୍‌ଆଇ ଗୁଲାମ ଯଫର ସିଦ୍ଧିକି, କନଷ୍ଟେବଳ ପରିମଳ ଓରାଓ ଅଇଁଠାପାଲି ଥାନାକୁ ଆସିଛନ୍ତି। ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ଦାନିପାଲିରେ ବଙ୍ଗାଳୀ ଶ୍ରମିକଙ୍କୁ ପିଟି ପିଟି ହତ୍ୟା ଘଟଣାରେ ଅଇଁଠାପାଲି ପୁଲିସ ୬ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି। ମୃତ ଯୁବକ ଜଣକ ହେଲେ ପଶ୍ଚିମବଙ୍ଗର ଜୁଏଲ୍ ଶେଖ୍।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୧,୨୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୯,୪୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୧,୨୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୯,୪୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୧,୨୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୯,୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୧,୩୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୯,୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୧,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୦,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୧,୨୨୦ ଓ ୧,୨୯,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୧,୦୦୦ ଟଙ୍କା ହୋଇଛି।




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ଡ୍ରାଇଭରଲେସ୍ ବାଇକ୍ ତିଆରି କଲେ ସୁରଟର ଇଞ୍ଜିନିୟରିଂ ଛାତ୍ର

ନୂଆଦିଲ୍ଲୀ, ୨୮।୧୨: ବିନା ଚାଳକରେ ଚାଲିବ ବାଇକ୍। ଆସିଗଲା ଡ୍ରାଇଭରଲେସ୍ ବାଇକ୍। ଭଏସ୍ କମାଣ୍ଡରେ ଦୌଡ଼ିବ ବାଇକ୍। କମାଲ କଲେ ଇଞ୍ଜିନିୟରିଂ ଛାତ୍ର। ଏବେ ଏମିତି ଏକ ବାଇକ୍ ଆସିଯାଇଛି, ଯାହା ଡ୍ରାଇଭର୍ ବିନା ସାହାଯ୍ୟରେ ହିଁ ରାସ୍ତାରେ ଦୌଡ଼ିବ। ଚାଳକମାନେ ଖାଲି ଗାଡ଼ିରେ ବସିବେ, ଆଉ ଭଏସ୍ କମାଣ୍ଡରେ ହିଁ ଗାଡ଼ି କଣ୍ଟ୍ରୋଲରେ ରହିବ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏକଥା ପୁରା ସତ। ଇନୋଭେସନ୍ ମାମଲାରେ ଭାରତୀୟ ଯୁବପିଢ଼ି ବହୁତ ଆଗରେ ପହଞ୍ଚିଛନ୍ତି। ସୁରଟର ତିନି ଜଣ ଛାତ୍ର ଏମିତି ଏକ ବାଇକ୍ ପ୍ରସ୍ତୁତ କରିଛନ୍ତି, ଯାହା ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତିଙ୍କ ମାଲିକାନାରେ ଥିବା କମ୍ପାନୀ ଟେସଲାକୁ ଟକ୍କର ଦେଇପାରିବ। ସୁରଟର ଇଞ୍ଜିନିୟରିଂ ଛାତ୍ରମାନେ କବାଡ଼ିଆ ଜିନିଷ ଏବଂ ସ୍ଥାନୀୟ ସାମଗ୍ରୀ ବ୍ୟବହାର କରି ଭାରତର ପ୍ରଥମ ଏଆଇ ସେଲ୍ଫ-ଡ୍ରାଇଭିଂ ଇଲେକ୍ଟ୍ରିକ୍ ସୁପରବାଇକ୍ ତିଆରି କରିଛନ୍ତି। ଗରୁଡ଼ ନାମକ ଏହି ସୁପରବାଇକ୍ କେବଳ ବିନା ଡ୍ରାଇଭର୍ ରେ ଚାଲିବ ତାହା ନୁହେଁ ବରଂ ଭଏସ୍ କମାଣ୍ଡ, ଅଟୋନୋମସ୍ ବ୍ରେକିଂ ଏବଂ ଲମ୍ବା ରେଞ୍ଜ ଭଳି ହାଇ କ୍ୱାଲିଟି ଫିଚର ଏଥିରେ ଲ୍ୟାସ କରାଯାଇଛି। ଇଞ୍ଜିନିୟରିଂ ଛାତ୍ରମାନଙ୍କ ଦ୍ୱାରା ତିଆରି ହୋଇଥିବା ଏହି ପ୍ରୋଜେକ୍ଟର ଖାସ୍ କଥା ହେଉଛି ଏଥିରେ ପ୍ରାୟ ୫୦ ପ୍ରତିଶତ କବାଡ଼ିଆ ଜିନିଷ ବ୍ୟବହାର କରାଯାଇଛି। ଟେସଲାର ଅଟୋନୋମୋସ୍ ଟେକ୍ନୋଲୋଜିକୁ ଆଧାର କରି ଛାତ୍ରମାନେ ପ୍ରମାଣ କରିଛନ୍ତି ଯେ କମ୍ ବଜେଟରେ ବି ଅନେକ ପ୍ରୋଜେକ୍ଟ ଡେଭଲପ୍ କରାଯାଇପାରିବ। ଗରୁଡ଼ ନାମକ ଏହି ବାଇକ୍‌ର 'ବ୍ରେନ୍' ହେଉଛି ଏକ ରାସ୍ପେରୀ ପାଇ ମଡ୍ୟୁଲ୍। ବାଇକ୍‌କୁ ୱାଇଫାଏ ଦ୍ୱାରା ଭଏସ୍ କମାଣ୍ଡ ବୁଝିବାକୁ ପାୱାର୍ ଦେଇଥାଏ ଏହି କମ୍ପ୍ୟୁଟର ସିଷ୍ଟମ୍। ଏହି ବାଇକ୍ କେବଳ "ଷ୍ଟପ୍" କହିଲେ ଅଟକିଯାଏ ନାହିଁ, ବରଂ ଏହାକୁ ଚଲାଇବା ପାଇଁ ତିନୋଟି ମୋଡ୍ ଆକ୍ଟିଭ୍ କରିବାକୁ ପଡ଼ିଥାଏ। ମାନୁଆଲ୍ ମୋଡ୍‌ରେ ବାଇକ୍‌ଟି ଏକ ସାଧାରଣ ବାଇକ୍ ପରି ଚାଲିଥାଏ। ଫୋନ୍-କଣ୍ଟ୍ରୋଲ ମୋଡ୍‌ରେ ବାଇକ୍‌ଟି ସ୍ମାର୍ଟଫୋନରୁ ଅପରେଟ୍ ହେଉଥିବା ବାଇକ୍ ପରି ଚାଲିଥାଏ। ଅଟୋନୋମୋସ୍ ମୋଡ୍‌ରେ ବାଇକ୍ ନିଜ ହିସାବରେ ଚାଲିଥାଏ। ଏହି ବାଇକର ଡିଜାଇନ୍ ଦମଦାର ରହିଛି। ମହଙ୍ଗା ଇଲେକ୍ଟ୍ରିକ୍ କାର୍‌ରେ ମିଳୁଥିବା ସମସ୍ତ ଫିଚର ଏଥିରେ ରହିଛି। ଟଚସ୍କ୍ରିନ୍ ଡ୍ୟାସବୋର୍ଡ ଏବଂ ଜିପିଏସ ନାଭିଗେସନ୍ ମଧ୍ୟ ଏଥିରେ ଉପଲବ୍ଧ। ଟ୍ରାଫିକ୍ ମନିଟରିଂ ପାଇଁ ବାଇକ୍ ର ଆଗ ଏବଂ ପଛରେ କ୍ୟାମେରା ରହିଛି। ଏଥିରେ ଆପଣଙ୍କ ମୋବାଇଲ୍ ଫୋନ୍‌କୁ ଚାର୍ଜ କରିବା ପାଇଁ ଏକ ବିଲ୍ଟ-ଇନ୍ ଡକ୍ ମଧ୍ୟ ଅଛି। ସୁରକ୍ଷା ପାଇଁ ବାଇକରେ ଅନେକ ହାଇ-ରେଞ୍ଜ୍ ସେନ୍ସର୍ ରହିଛି। ଯଦି ୧୨ ଫୁଟ୍ ଭିତରେ କିଛି ବି ଆସେ, ତେବେ ବାଇକ୍‌ଟି ଆପେ ଆପେ ସ୍ପିଡ୍ କମାଇଦିଏ। ୩ ଫୁଟ୍ ଭିତରେ ଯଦି କିଛି ସାମ୍ନାକୁ ଆସିଯାଏ, ତେବେ ବାଇକ୍ ଏମର୍ଜେନ୍ସି ବ୍ରେକ୍ ଲଗାଇବ। ପରଫରମାନ୍ସ ଦୃଷ୍ଟିରୁ ଗରୁଡ ଅନେକ ବଡ଼ ବଡ଼ କମ୍ପାନୀର ବାଇକକୁ ପଛରେ ପକାଇ ଦେଇଛି। ଏହାର ଲିଥିୟମ-ଆୟନ ବ୍ୟାଟେରୀ ଇକୋ ମୋଡରେ ୨୨୦ କିଲୋମିଟର ଏବଂ ସ୍ପୋର୍ଟ ମୋଡରେ ୧୬୦ କିଲୋମିଟର ପର୍ଯ୍ୟନ୍ତ ଚାଲିବ। ଏହି ବାଇକ୍ ମାତ୍ର ୨ ଘଣ୍ଟାରେ ଫୁଲ୍ ଚାର୍ଜ ହେଉଛି। ପ୍ରାୟ ଏକ ବର୍ଷର କଠିନ ପରିଶ୍ରମ ଏବଂ ୧.୮ ଲକ୍ଷ ଖର୍ଚ୍ଚ ପରେ ଏହି ବାଇକ୍ ତିଆରି ହୋଇଛି।



# ସୁନା-ରୁପା ଦର ବୃଦ୍ଧିରେ ଲାଗୁନି ବ୍ରେକ୍

ଭୁବନେଶ୍ୱର, ୨୮।୧୨: ସୁନା ଏବଂ ରୁପା ଦରବୃଦ୍ଧିରେ ଲାଗୁନି ବ୍ରେକ୍। ବିଭିନ୍ନ ପ୍ରକାର ଭୁ-ରାଜନୈତିକ ସମସ୍ୟା ମଧ୍ୟରେ ଉଭୟ ଧାତୁ ନିବେଶର ସୁରକ୍ଷିତ ମାଧ୍ୟମ ପାଲଟିଛି। ଚାହିଦା ବଢ଼ିବା ସହିତ ଧାତୁ ଦ୍ରବ୍ୟ ମହଙ୍ଗା ହୋଇଚାଲିଛି। ତେବେ ସୁନା ତୁଳନାରେ ରକେଟ୍ ବେଗରେ ବଢ଼ିଚାଲିଛି ରୁପା ଦର। ବର୍ଷକରେ ଏହା ୩ ଗୁଣା ମହଙ୍ଗା ହେଲାଣି। ଚାହିଦା ଏବଂ ଯୋଗାଣ ମଧ୍ୟରେ ପ୍ରଭେଦ ରୁପା ଦରକୁ ଦ୍ରୁତ ବେଗରେ ବଢ଼ାଇଚାଲିଛି।

ସୁନା ଲକ୍ଷେ ୪୧ ହଜାର ପାର୍ କରିଥିବାବେଳେ ରୁପା ୩ ଲକ୍ଷ ଆଡ଼କୁ ମୁହାଁଇଲାଣି। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ ଏବଂ ୨୨ କ୍ୟାରେଟ୍ ସୁନା ଦରରେ ଯଥାକ୍ରମେ ୧୨୦୦ ଟଙ୍କା ଏବଂ ୧୧୦୦ ଟଙ୍କା ବୃଦ୍ଧି ଘଟିଛି। ଫଳରେ ଉଭୟ ଯଥାକ୍ରମେ ୧,୪୧,୨୨୦ ଟଙ୍କା ଏବଂ ୧,୨୯,୪୫୦ ଟଙ୍କା ହୋଇଛି। ଅନ୍ୟପକ୍ଷରେ, କିଲୋଗ୍ରାମ ପିଛା ରୁପା ୨୦,୦୦୦ ଟଙ୍କା ମହଙ୍ଗା ହୋଇ ୨,୭୪,୦୦୦ ଟଙ୍କାରେ ପହଞ୍ଚିଥିବା ଜଣାପଡ଼ିଛି। ରୁପା ଦର ବଢ଼ିବାର ୪ଟି ବଡ଼ କାରଣ ରହିଛି। ସୋଲାର, ଇଲେକ୍ଟ୍ରୋନିକ୍ସ ଏବଂ ଇ-ଯାନର ବହୁଳ ବ୍ୟବହାର ଯୋଗୁ ରୁପା କେବଳ ଏକ ଗହଣା ନୁହେଁ, ଏହା ଜରୁରୀ କଞ୍ଚାମାଲ ପାଲଟିଛି। ଟ୍ରମ୍ପଙ୍କ ଟାରିଫ ଡରରେ ଆମେରିକୀୟ କମ୍ପାନିଗୁଡ଼ିକ ବଡ଼ ଆକାରରେ ରୁପା ଠୁଳ କରୁଛନ୍ତି। ଫଳରେ ଯୋଗାଣ ଅଭାବ ଯୋଗୁ ଦର ଉପରକୁ ଯାଉଛି। ଉତ୍ପାଦନ ବାଧା ପାଇବା ଡରରେ ଲୋକେ ଆଗୁଆ ରୁପା କିଣୁଛନ୍ତି। ଫଳରେ ଆଗାମୀ ଦିନଗୁଡ଼ିକରେ ରୁପା ଦର ଆହୁରି ବଢ଼ିବା ସମ୍ଭାବନା ରହିଛି। ନିବେଶକ ରୁପା ଇଟିଏଫ୍ ଜରିଆରେ ପ୍ରଚୁର ନିବେଶ କରୁଛନ୍ତି, ଯାହାଫଳରେ ଏହି ଧାତୁର ଚାହିଦା ବଢୁଛି। ଗୋଟିଏ ସପ୍ତାହରେ ରୁପା ୪୮,୦୦୦ ଟଙ୍କା ବଢ଼ିଯାଇଛି। ଅନ୍ୟପକ୍ଷରେ, ସୁନା ଦର ବଢ଼ିବାର ଅନେକ ପ୍ରମୁଖ କାରଣ ରହିଛି। ରୁଷ-ୟୁକ୍ରେନ ଯୁଦ୍ଧ ଏବଂ ବିଶ୍ୱବ୍ୟାପୀ ଅଶାନ୍ତି ମଧ୍ୟରେ ନିବେଶକ ସୁନାରେ ନିବେଶ କରିବାକୁ ସୁରକ୍ଷିତ ମଣୁଛନ୍ତି। ଏହା ଫଳରେ ଧାତୁର ଚାହିଦା ବୃଦ୍ଧି ପାଉଛି, ଯାହାକି ଦରବୃଦ୍ଧିର ପ୍ରମୁଖ କାରଣ। ସେହିଭଳି ଚୀନ୍ ଭଳି ଦେଶ ନିଜ ରିଜର୍ଭ ବ୍ୟାଙ୍କେ ସୁନା ଭରିଚାଲିଛି। ଏହା ଗୋଟିଏ ବର୍ଷରେ ପ୍ରାୟ ୯୦୦ ଟନ୍‌ରୁ ଊର୍ଦ୍ଧ୍ୱ ସୁନା କିଣୁଛି, ଯାହାକି ସୁନା ଦରକୁ ଉପରମୁହାଁ କରୁଛି। ବିଶ୍ୱବ୍ୟାପୀ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଡଲାର ଉପରୁ ନିର୍ଭରତା କମାଇବା ସହ ସୁନା ଭଣ୍ଡାର ବଢ଼ାଉ ଥିବାରୁ ଦର ଏବେ ବଢ଼ିଚାଲିଛି।

# ଭାରତୀୟ ଅର୍ଥବ୍ୟବସ୍ଥା ନିମନ୍ତେ ଐତିହାସିକ ସାବ୍ୟସ୍ତ ହେଲା ୨୦୨୫ ବର୍ଷ

ନୂଆଦିଲ୍ଲୀ ୨୮।୧୨: ବୈଶ୍ୱିକ ଚାପ ଓ ସାମରିକ ଉତ୍ତେଜନା ସତ୍ତ୍ୱେ ୨୦୨୫ ବର୍ଷ ଭାରତୀୟ ଅର୍ଥ ବ୍ୟବସ୍ଥା ନିମନ୍ତେ ଐତିହାସିକ ସାବ୍ୟସ୍ତ ହୋଇଛି। ବୈଶ୍ୱିକ ଆହ୍ୱାନ, ପଶ୍ଚିମ ସୀମାରେ ସାମରିକ ଉତ୍ତେଜନା ଓ ଆମେରିକା ଦ୍ୱାରା ୫୦% ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ ଲାଗୁ କରାଯିବା ସତ୍ତ୍ୱେ ଦେଶର ଅର୍ଥ ବ୍ୟବସ୍ଥା ଦୃଢ଼ତାର ସହ ଆଗକୁ ବଢୁଥିବା ଦେଖାଯାଉଛି। ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ କର ସୁଧାର, ସରକାର ଓ ରିଜର୍ଭ ବ୍ୟାଙ୍କ ମଧ୍ୟରେ ଉତ୍ତମ ତାଳମେଳ ନିରନ୍ତର ନୀତିଗତ ନିଷ୍ପତ୍ତି ଯୋଗୁ ଆଜି ଭାରତର ଅଧିକାଂଶ ଆର୍ଥିକ ସଂକେତ ସକରାତ୍ମକ ସ୍ଥିତିରେ ରହିଛି।



ଗତ ୨ଟି ତ୍ରୈମାସିକରେ ଦେଶର ଆର୍ଥିକ ବୃଦ୍ଧି ହାର ହାରାହାରି ୮% ଆଖପାଖରେ ରହିଛି। ଏହି ସମୟରେ ଖୁଚୁରା ମୁଦ୍ରାସ୍ଫୀତି ଦଶନ୍ଧୀର ସର୍ବ ନିମ୍ନ ସ୍ତରକୁ ପହଞ୍ଚିଛି। ରିଜର୍ଭ ବ୍ୟାଙ୍କ ମଧ୍ୟ ଚଳିତବର୍ଷ ଲଗାତାର ନୀତିଗତ ସୁଧହାର ହ୍ରାସ କରି ବିକାଶକୁ ଗତି ଦେଇଛନ୍ତି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ସତ୍ତ୍ୱେ ଚାଲୁ ଖାତା ଘାଟା ( କରେଣ୍ଟ ଆକାଉଣ୍ଟ ଡେଫିସିଟ୍) ସୀମିତ ରହିଛି। ଏହା ଛଡା ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ବର୍ଷ ତମାମ ୭୦୦ ବିଲିୟନ ଡଲାର ଆଖପାଖରେ ଦୃଢ ରହିଛି। ବୈଶ୍ୱିକ ରେଟିଂ ଏଜେନ୍ସୀମାନେ ଭାରତର ଆର୍ଥିକ ସ୍ଥିତିରେ ସୁଧାରର ନିରନ୍ତରତାକୁ ରାଜକୋଷୀୟ-ମୌଦ୍ରିକ ନୀତିର ଉନ୍ନତ ସମନ୍ୱୟର ପରିଣାମ ବୋଲି କହିଛନ୍ତି। ଏଣୁ ଜାରି ଆର୍ଥିକ ବର୍ଷରେ ଭାରତର ବିଦେଶୀ ଋଣ ଆକାଉଣ୍ଟରେ ସୁଧାର ଦେଖାଯାଇଛି। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତ୍ତ ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇଛି ଓ ଖୁବ୍ ଶୀଘ୍ର ତୃତୀୟ ବୃହତ୍ତ ଅର୍ଥବ୍ୟବସ୍ଥାରେ ପରିଣତ ହେବା ଲାଗି ଦ୍ରୁତ ଆଗକୁ ବଢୁଛି। ମେନୁଫେକ୍ଚରିଂ ଓ ସେବା କ୍ଷେତ୍ର କେତେ ମଜଭୁତ ହୋଇଛି ତାହା ପିଏମଆଇ ସୂଚକାଙ୍କରୁ ଜଣାପଡିଛି। ପିଏମଆଇ ସୂଚକାଙ୍କ ୫୦ ପଏଣ୍ଟରୁ ଉପରେ ରହିଛି। ଗତ ନଭେମ୍ବର ମାସରେ ମେନୁଫେକ୍ଚରିଂ ପିଏମଆଇ ୫୫.୭ ଓ ସେବା ପିଏମଆଇ ୫୯.୧ ପଏଣ୍ଟ ରେକର୍ଡ ହୋଇଛି।

ସରକାର ଘରୋଇ ଚାହିଦା ବୃଦ୍ଧି ନିମନ୍ତେ ଗତ ସେପ୍ଟେମ୍ବର ମାସରେ ଜିଏସଟି ସଂଶୋଧନ କରିଥିଲେ। ଜିଏସଟି ପରିଷଦ ୪ ଥାକିଆ ବ୍ୟବସ୍ଥାକୁ କୋହଳ କରି ୨ ଥାକିଆ ବ୍ୟବସ୍ଥା ଲାଗୁ କରିଛନ୍ତି। ଏଣୁ ୯୦%ରୁ ଅଧିକ ସାମଗ୍ରୀ ଶସ୍ତା ହୋଇଯାଇଛି। ଜିଏସଟି ସଂଶୋଧନ ପରେ ଖୁଚୁରା ମୁଦ୍ରାସ୍ଫିତି ଅକ୍ଟୋବରରେ ୦.୨୫ ଓ ନଭେମ୍ବରରେ ୦.୭୧%କୁ ପହଞ୍ଚିଛି। ଏଣୁ ନିବେଶ ଓ ଉପଭୋକ୍ତା ଚାହିଦା ବଢ଼ିଛି। କର ହ୍ରାସ ଯୋଗୁ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ରେକର୍ଡ କିଣାବିକା ହୋଇଛି। ଏହା ସତ୍ତ୍ୱେ ନଭେମ୍ବରରେ ଜିଏସଟି ସଂଗ୍ରହ ବଢ଼ି ୧.୭୦ଲକ୍ଷ କୋଟି ଟଙ୍କାକୁ ପହଞ୍ଚିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ମାସରେ ବଜେଟ୍ ଉପସ୍ଥାପନ କରିଥିଲେ। ଏଥିରେ ସେ ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ କରମୁକ୍ତ କରିଥିଲେ। ଏହାକୁ ମଧ୍ୟମ ଆୟକାରୀ ବର୍ଗଙ୍କ ଲାଗି ଏ ପର୍ଯ୍ୟନ୍ତର ସବୁଠୁ ବଡ଼ ଆର୍ଥିକ ଆଶ୍ୱସ୍ତି ମନେ କରାଯାଉଛି। ନୂଆ ଆୟକର ଅଧିନିୟମ ସଂସଦରେ ଗୃହୀତ ହୋଇ ସାରିଛି। ଏହା ଏପ୍ରିଲ ୨୦୨୬ରୁ ଦେଶରେ କାର୍ଯ୍ୟକାରୀ ହେବ। ଏହାର ଉଦ୍ଦେଶ୍ୟ ଦେଶର କର ପ୍ରଣାଳୀକୁ ଶରଳ ଓ ପାରଦର୍ଶୀ କରିବା। ଅପ୍ରେଲ-ନଭେମ୍ବର ୨୦୨୫ରେ ବସ୍ତୁ ଓ ସେବା ରପ୍ତାନୀ ୫୬୨ ବିଲିୟନ ଡଲାର ପର୍ଯ୍ୟନ୍ତ ପହଞ୍ଚିଛି। ଏଥିରେ ସେବା ରପ୍ତାନୀରେ ସବୁଠୁ ଦ୍ରୁତ ବୃଦ୍ଧି ହୋଇଛି। ଏଥିରୁ ଏପ୍ରିଲ-ସେପ୍ଟେମ୍ବର ତ୍ରୈମାସିକରେ ଦେଶକୁ ୫୦.୩୬ ବିଲିୟନ ଡଲାରର ପ୍ରତ୍ୟକ୍ଷ ବିଦେଶୀ ନିବେଶ ଆସିଛି। ଏହା ଏପର୍ଯ୍ୟନ୍ତର ସର୍ବାଧିକ ଅର୍ଦ୍ଧବାର୍ଷିକ ତଥ୍ୟ। ଏହା ଛଡା ସରକାର ଶ୍ରମ ଆଇନ, ବୀମା କ୍ଷେତ୍ରକୁ ୧୦୦% ପର୍ଯ୍ୟନ୍ତ ଏଫଡିଆଇ, ପରମାଣୁ ଶକ୍ତି କ୍ଷେତ୍ରରେ ଘରୋଇ ନିବେଶ ଅନୁମତି ଦେଇ ବଡ଼ ଧରଣର ସଂରଚନାତ୍ମକ ସୁଧାର କରିଛନ୍ତି। ବୈଶ୍ୱିକ ଅନିଶ୍ଚିତତା ମଧ୍ୟରେ ଭାରତ ଏହା ସ୍ପଷ୍ଟ କରିଦେଇଛି ଯେ ନିରନ୍ତର ସୁଧାର ଓ ଦୃଢ଼ ନୀତି ମାଧ୍ୟମରେ ଅର୍ଥ ବ୍ୟବସ୍ଥା ବିକାଶ ରାସ୍ତାରେ ଦୃଢ଼ତାର ସହ ଆଗକୁ ବଢୁଛି।

# ଖାଦ୍ୟଠାରୁ ବସ୍ତ୍ର, ଭାରତ ଉପରେ କେତେ ନିର୍ଭରଶୀଳ ବାଂଲାଦେଶ ?

ନୂଆଦିଲ୍ଲୀ, ୨୮।୧୨: ଇଣ୍ଡିଆ-ବାଂଲାଦେଶରେ ଶେଖ ହସିନାଙ୍କ ସରକାରର ପତନ ପରେ ସେଠାରେ ଅସ୍ଥିରତା ଲାଗି ରହିଛି। ହିଂସା,ସଂଖ୍ୟାଲଘୁଙ୍କ ପ୍ରତି ଅତ୍ୟାଚାର,ଲୁଟପାଟ ଓ ହତ୍ୟାଭଳି ଘଟଣା ପ୍ରତିଦିନ ଘଟୁଛି। ଯେହେତୁ ଶେଖ୍ ହସିନା ଭାରତରେ ଶରଣ ନେଇଛନ୍ତି ତେଣୁ ବାଂଲାଦେଶ ବର୍ତ୍ତମାନ ଭାରତକୁ ନିଜର ପ୍ରଥମ ଶତ୍ରୁ ବୋଲି ଭାବୁଛି। ଫଳରେ ଦୁଇ ଦେଶର ସମ୍ପର୍କରେ ବଡ଼ ଫାଟ ସୃଷ୍ଟି ହୋଇଛି। ତେବେ ନିକଟରେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁ ଯୁବକଙ୍କୁ ମିଛ ଅଭିଯୋଗରେ ନୃଶଂସରେ ହତ୍ୟା କରିବା ଘଟଣାକୁ ଆହୁରି ବଢ଼ାଇ ଦେଇଛି। କଥା ଯୁଦ୍ଧ ପର୍ଯ୍ୟନ୍ତ ଗଲାଣି। ତେବେ ବର୍ତ୍ତମାନ ସମୟରେ ସାମରିକ ଯୁଦ୍ଧ ହୁଏତ ଉତ୍ତମ ବିକଳ୍ପ ହୋଇ ନପାରେ। କିନ୍ତୁ ଅର୍ଥନୈତିକ ଯୁଦ୍ଧ ଏକ ବଡ଼ ଅସ୍ତ୍ର।ସାମରିକ ଶକ୍ତିରେ ବାଂଲାଦେଶ ଭାରତ ସହ ତୁଳନା ହୋଇପାରିବ ନାହିଁ, ଏକଥା ପୂରା ବିଶ୍ୱ ଜାଣେ। ତେବେ ବାଂଲାଦେଶ ବିପକ୍ଷରେ ଭାରତରେ ଭୌଗଳିକ ସ୍ଥିତି ଏମିତି ଯେ ଭାରତ ସାମରିକ ବଳ ପ୍ରୟୋଗ ନ କରିବି ବାଂଲାଦେଶକୁ ଆଣ୍ଠେଇ ଦେଇପାରିବ। ଆଉ ବାଂଲାଦେଶ ଖାଦ୍ୟ ଠାରୁ ନେଇ ବସ୍ତ୍ର ପର୍ଯ୍ୟନ୍ତ ଭାରତ ଉପରେ ଏତେ ନିର୍ଭରଶୀଳ ଯେ ଭାରତ ବିରୁଦ୍ଧରେ ଲଢ଼ିବାକୁ ବି ଭୟ କରିବ। ଭୌଗୋଳିକ ଅବସ୍ଥିତି ଏବଂ ଅର୍ଥନୈତିକ କାରଣରୁ ବାଂଲାଦେଶ ଅନେକ କ୍ଷେତ୍ରରେ, ଭାରତ ଉପରେ ବିଭିନ୍ନ ଜରୁରୀ ପ୍ରସଙ୍ଗରେ ନିର୍ଭର କରିଥାଏ। ୨୦୨୫ର ସଦ୍ୟତମ ତଥ୍ୟ ଅନୁଯାୟୀ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରିକି, ଚାଉଳ, ଗହମ, ଚିନି, ପିଆଜ, ଅଦା ଏବଂ ରସୁଣ, ମସଲା, ଫଳ ଓ ପନିପରିବା, କଟନ ବା ସୂତା, ପ୍ଲାଷ୍ଟିକ୍, ଷ୍ଟିଲ, ଇଲେକ୍ଟ୍ରିକାଲ ସରଞ୍ଜାମ ଭଳି ସାମଗ୍ରୀ ପାଇଁ ବାଂଲାଦେଶ ଭାରତୀୟ ବଜାର ଉପରେ ନିର୍ଭରଶୀଳ। ଭାରତରୁ ପ୍ରତିବର୍ଷ ବହୁ ପରିମାଣର ପିଆଜ ଏବଂ ଆଳୁ ବାଂଲାଦେଶକୁ ରପ୍ତାନୀ ହୋଇଥାଏ। ଯାହା ସେଠିକାର ବଜାର ଦରକୁ ନିୟନ୍ତ୍ରଣ କରିଥାଏ। କେବଳ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ନୁହେଁ, ବାଂଲାଦେଶର ମୋଟ ବିଦ୍ୟୁତ ଚାହିଦାର ପ୍ରାୟ ୧୭% ଭାରତ ହିଁ ଯୋଗାଏ। ଆଦାନୀ ପାୱାର ଏବଂ ଏନଟିପିସି ଭଳି କମ୍ପାନିଗୁଡ଼ିକ ପ୍ରାୟ ୨,୫୦୦ ମେଗାୱାଟରୁ ଅଧିକ ବିଦ୍ୟୁତ ବାଂଲାଦେଶକୁ ଯୋଗାଉଛନ୍ତି। ଏହା ବାଦ ଭାରତରୁ ବାଂଲାଦେଶକୁ ବାର୍ଷିକ ୧୦ ଲକ୍ଷ ମେଟ୍ରିକ ଟନ୍ ଡିଜେଲ ମଧ୍ୟ ପଠାଯାଏ। ସେହିଭଳି ବାଂଲାଦେଶର ଅର୍ଥନୈତିକ ମେରୁଦଣ୍ଡ କୁହାଯାଉଥିବା ଗାର୍ମେଣ୍ଟ ଶିଳ୍ପ (RMG) ପାଇଁ ମଧ୍ୟ ଆବଶ୍ୟକୀୟ କଞ୍ଚାମାଲ ଭାରତରୁ ଯାଇଥାଏ। ବାଂଲାଦେଶ କପା ଏବଂ ସୂତା ଭାରତରୁ ଆମଦାନୀ କରିଥାଏ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ୍ୟ ବାଂଲାଦେଶ ଭାରତ ଉପରେ ନିର୍ଭରଶୀଳ। ପ୍ରତିବର୍ଷ ଲକ୍ଷ ଲକ୍ଷ ବାଂଲାଦେଶୀ ନାଗରିକ ଉନ୍ନତ ଚିକିତ୍ସା ପାଇଁ ଭାରତକୁ ଆସିଥାନ୍ତି। ଭାରତରୁ ବାଂଲାଦେଶ ସର୍ବାଧିକ 'ମେଡିକାଲ ଭିସା' ପାଇଥାଏ। ଔଷଧ ପ୍ରସ୍ତୁତ ପାଇଁ ଆବଶ୍ୟକୀୟ କଞ୍ଚାମାଲ ବାଂଲାଦେଶ ମୁଖ୍ୟତଃ ଭାରତରୁ ପାଇଥାଏ। ଭାରତ ବାଂଲାଦେଶକୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ, ପ୍ରାୟ ୮ ବିଲିୟନ ଡଲାରର ସ୍ୱଳ୍ପ ସୁଧରେ ଋଣ ସହାୟତା ପ୍ରଦାନ କରିଛି। ଭାରତ ପାଇଁ ମଧ୍ୟ ବାଂଲାଦେଶ ଅନେକାଂଶରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଭାରତ ଏହାର ଉତ୍ତର- ପୂର୍ବାଞ୍ଚଳ ରାଜ୍ୟକୁ ଯିବାକୁ ସୁବିଧା ପାଉଥିବାବେଳେ, ବାଂଲାଦେଶ ମଧ୍ୟ ଭାରତ ଦେଇ ନେପାଳ ଏବଂ ଭୁଟାନ ସହ ବାଣିଜ୍ୟ କରିବାକୁ ଭାରତୀୟ ସୀମା ଓ ବନ୍ଦର ଉପରେ ନିର୍ଭର କରେ। ୨୦୨୪-୨୫ ଆର୍ଥିକ ବର୍ଷରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ପ୍ରାୟ ୧୩.୫୧ ବିଲିୟନ ଡଲାର ରହିଛି। ଡଲାରର ସଙ୍କଟ ଦୂର କରିବା ପାଇଁ ବର୍ତ୍ତମାନ ଉଭୟ ଦେଶ ଟଙ୍କା ଏବଂ ଟାକା ମାଧ୍ୟମରେ ବ୍ୟବସାୟିକ କାରବାର କରିବାକୁ ଗୁରୁତ୍ୱ ଦେଉଛନ୍ତି।



## ଜଙ୍ଗିଆ ଗଡ଼ସାହି ବିଦ୍ୟା ନିକେତନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦଘାଟିତ



**କଣାସ,୨୮।୧୨ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଗଡ଼ସାହି ଠାରେ ଥିବା ଜଙ୍ଗିଆ ଗଡ଼ସାହି ବିଦ୍ୟା ନିକେତନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ ପର୍ଶୁରାମ ରାୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ ଉଦଘାଟନ ସଭାରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ପୁରୀ ସାଂସଦ ଡା.ସମ୍ବିତ ପାତ୍ର, ସତ୍ୟବାଦୀ ଯୁବ ବିଧାୟକ ଓମ ପ୍ରକାଶ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ, ସ୍ଥାନୀ ୟ ସରପଞ୍ଚ ବିଭୁତି ଭୂଷଣ ବେର୍ବର୍ତା, ପ୍ରଧାନ ଶିକ୍ଷକ ବିଭୂତିଭୂଷନ ମହାପାତ୍ର ପ୍ରମୁଖ ଅତିଥୀଭାବେ ଯୋଗଦେଇ ସର୍ବ ପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ଗଢିବାର ଏକ କାରଖାନା ବୋଲି ମୁଖ୍ୟ ଅତିଥୀ ଶ୍ରୀ ହରିଚନ୍ଦନ ମତ ବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସମାଜସେବୀ ଧନେଶ୍ୱରଙ୍କୁ ମିଳିଲା ଡକ୍ଟରେଟ ଉପାଧି



**କଳିଙ୍ଗନଗର,୨୮।୧୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗନଗର ସ୍ଥିତ ଗୋଲା ଗାଁର ଧନେଶ୍ୱର ନାୟକଙ୍କୁ ନିସ୍ୱାର୍ଥପର ଭାବେ ସାମାଜିକ ସେବା କାର୍ଯ୍ୟ କରୁଥିବାରୁ ସରକାରୀ ସ୍ୱୀକୃତି ପ୍ରାପ୍ତ ଗଡ଼ିଆ ଇଣ୍ଡିଆ ଚାରିଟି ଟ୍ରଷ୍ଟ ତରଫରୁ ଡକ୍ଟରେଟ ଉପାଧି ସହ ସମ୍ବର୍ଦ୍ଧିତ କରାଯାଇଛି। ଧନେଶ୍ୱର ନାୟକ ଜଣେ ମିଷ୍ଟଭାଷି, ପରୋପକାରୀ ଓ ସେବା ମନୋଭାବ ସମ୍ପନ୍ନ ବ୍ୟକ୍ତି। ଯେଉଁ ଲୋକ ଯେକୌଣସି ଅସୁବିଧାରେ କି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାରେ ପଡିଯାଇଥାନ୍ତି, ସେ ଶୁଣିଲେ ସଙ୍ଗେ ସଙ୍ଗେ ତାଙ୍କ ପାଖରେ ପହଞ୍ଚି ମେଡିକାଲ ନେଇ ତାଙ୍କ ସେବାରେ ଲାଗି ଯାଇଥାନ୍ତି। ଏହାବ୍ୟତୀତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପ୍ରଚାର ପ୍ରସାର ପାଇଁ ଚାରଣ ଗୋଷ୍ଠୀମାନଙ୍କ ଦ୍ୱାରା ନିଜକୁ ନିୟୋଜିତ କରି ବିଭିନ୍ନ ସେବା କାର୍ଯ୍ୟ ସହ ବଡ଼ ଡାଣ୍ଡ ସଫେଇ, ନିଜ ଗାଁ ରେ ସମସ୍ତ ମନ୍ଦିର ସଫେଇ ଓ ଦାୟିତ୍ୱ ନେଇ ସଫଳତା ସହ କାର୍ଯ୍ୟ କରିଥାନ୍ତି, ଜଣେ ସରଳ ନିଷ୍ଠାପର ଆଧାତ୍ମିକ ବ୍ୟକ୍ତି ଙ୍କୁ ଏହି ସମ୍ମାନ ଜନକ ଉପାଧି ମିଳିବା ପରେ ଅଞ୍ଚଳରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି ଓ ଖୁସିର ଲହରୀ ଖେଳି ଯାଇଛି। ଜୀବନର ଶେଷ ପ୍ରଯ୍ୟନ୍ତ ଏପରି ସେବା କାର୍ଯ୍ୟ ମୋର ଜାରି ରହିବ ବୋଲି ସେ କହିଛନ୍ତି।

## ୨୦୦୫ ମସିହା ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ

### ଗଛ ଲଗାଇବା ପାଇଁ ଶପଥ ଗ୍ରହଣ



**କଣାସ,୨୮।୧୨ (ସଂଚାର ବ୍ୟୁରୋ):** କଣାସ ବ୍ଲକର କଣାସ ଠାରେ ପ୍ରତିଷ୍ଠିତ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୫ ମସିହା ମାଟ୍ରିକ ଛାତ୍ରଛାତ୍ରୀମାନଙ୍କ ବନ୍ଧୁମିଳନ ଉତ୍ସବ ଆଜି ବଡାସ ଗ୍ରାମର ଆରଧ ଠାକୁରାଣୀ ମା ପଞ୍ଚମୁଖୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଛାଡିବା ଠାରୁ ଆଜି ପର୍ଯ୍ୟନ୍ତ କିଏ କେଉଁ କାର୍ଯ୍ୟ କରୁଛନ୍ତି ଗୋଟି ଗୋଟି କରି ନିଜର ଜୀବନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଧୁନିକ ସମାଜରେ ବାୟୁ କିପରି ପ୍ରଦୁଷିତ ହେଉଛି ତା ଉପରେ ଛାତ୍ରଛାତ୍ରୀମାନେ ଆଲୋଚନା କରିବା ସହିତ ପ୍ରତ୍ୟେକ ବର୍ଷ ଗୋଟିଏ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବା ପାଇଁ ଶପଥ ନେଇଥିଲେ।

# ଓପିଡି ଏକଘଣ୍ଟା ବନ୍ଦ ଯୋଗୁଁ ରୋଗୀ ହନ୍ତସନ୍ତ

ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ



**ସୁବର୍ଣ୍ଣପୁର,୨୮।୧୨ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ କରିବା ସହ ଅନ୍ୟାନ୍ୟ ଦାବୀ ନେଇ ବାରମ୍ବାର ଅନୁରୋଧ କଲେ ମଧ ସରକାର ଏହାକୁ ଅଣଦେଖା କରୁଛନ୍ତି। ଯାହାକି ଡାକ୍ତରମାନଙ୍କୁ ଆନ୍ଦୋଳନ କରିବା ପାଇଁ ବାଧ କରୁଛି। ତଥାପି ରୋଗୀ ସେବାକୁ ଗୁରୁତ୍ୱ ଦେଇ ପ୍ରତୀକାତ୍ମକ ଭାବେ ମାତ୍ର ଏକ ଘଣ୍ଟା ବହିଂ ବିଭାଗ (ଓପିଡି) ବନ୍ଦ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଘଣ୍ଟାଏ ପାଇଁ ଓପିଡିରେ ରୋଗୀ ପରାମର୍ଶ ବନ୍ଦ ରହିଥିଲା। ଫଳରେ ରୋଗୀ ମାନଙ୍କୁ ହନ୍ତସନ୍ତ ହେବାକୁ ପଡିଛି।

କେନ୍ଦ୍ର ସରକାରଙ୍କ ଦରମା ଢାଞ୍ଚା ଅନୁଯାୟୀ ଓଡିଶା ସରକାରଙ୍କ ଅଧୀନରେ ଥିବା ଅନ୍ୟ ଶ୍ରେଣୀ ଅଧିକାରୀଙ୍କ କ୍ଷେତ୍ରରେ ବିନା ସର୍ତ୍ତରେ ଦରମା ଲାଗୁ କରିବା ସହିତ ସମସ୍ତ ଗ୍ରେଡ଼ର ସମାନୁପାତିକ କ୍ୟାଡର, ପୁନଃଗଠନ, ସୁପରବିଶେଷଜ୍ଞ, ଡିପ୍ଲୋମାଧାରୀ ପ୍ରଶାସକଙ୍କ ବର୍ଦ୍ଧିତ ପ୍ରୋତ୍ସାହନ, ପୋଷ୍ଟ ମର୍ଟମ୍ ଭତ୍ତା, ଦନ୍ତ କ୍ୟାଡର ମାନଙ୍କୁ ଡିଏସିପି, ବିଶେଷଜ୍ଞ ଭତ୍ତା, ସମସ୍ତ ସ୍ୱାସ୍ଥ୍ୟ ସେବା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଭଳି ବିଭିନ୍ନ ଦାବୀ ପୂରଣ ପାଇଁ ଓମ୍ସା ପକ୍ଷରୁ ଏପରି ନିଷ୍ପତି ନିଆଯାଇଛି। ଯାହାକୁ ନେଇ ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୂର ଦୁରାନ୍ତରୁ ଆସିଥିବା ରୋଗୀ ଅସୁବିଧା ସମ୍ମୁଖୀନ ହୋଇଛନ୍ତି। ଇତି ମଧ୍ୟରେ ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଓପିଡି ବନ୍ଦ ହେବା ଘଟଣା ରୋଗୀଙ୍କ ପାଇଁ ଅଧିକ ଚିନ୍ତା ବଢ଼ାଇ ଦେଇଛି।

ଏ ସମ୍ପର୍କରେ ଚିକିତ୍ସା ଅଧିକାରୀ ଡ଼ଃ ଦୁର୍ଗା ଦତ୍ତ ଦାଶ କହିଛନ୍ତି ଶୁକ୍ରବାର ଠାରୁ ଓମ୍ସା ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗୋଟିଏ ଘଣ୍ଟା ପର୍ଯ୍ୟନ୍ତ ବହିଂ ବିଭାଗ ବନ୍ଦ ରହୁଛି। ଓପିଡ ବନ୍ଦ ସମୟରେ ଜରୁରୀ କାଳୀନ ବିଭାଗରେ ରୋଗୀ ପରାମର୍ଶ କରାଯାଉଛି। ଦିନ ୧୧ଟା ପରେ ସ୍ୱାଭାବିକ ଭାବେ ବହିଂ ବିଭାଗ ଖୋଲା ରହୁଥିବା ଶ୍ରୀ ପ୍ରଧାନ କହିଛନ୍ତି।

## ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ହେଲେ ହେମନ୍ତ



**ମହାକାଳପଡ଼ା,୨୮।୧୨(ସଂଚାର ବ୍ୟୁରୋ):** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଜଣେ ଯୁବ ସଙ୍ଗଠକ ତଥା ବିଜୁ ଜନତା ଦଳର ଜଣେ ଶୃଙ୍ଖଳିତ କର୍ମୀ ହେମନ୍ତ ସାହୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଏନେଇ ଶଙ୍ଖ ଭବନ ତରଫରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ହେମନ୍ତ ମହାକାଳପଡ଼ାର ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ହେମନ୍ତଙ୍କୁ ନୂଆ ଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳୁଛି।

# ଲକ୍ଷ୍ମୀ ବସଷ୍ଟାଣ୍ଡରେ ପିଇବା ପାଣିର ଅଭାବ, ଯାତ୍ରୀ ହନ୍ତସନ୍ତ



**ସୁବର୍ଣ୍ଣପୁର,୨୮।୧୨ (ସଂଚାର ବ୍ୟୁରୋ):** ସୋନପୁର ବ୍ଲକରୁ ଜିଲ୍ଲା ସଦର ମହକୁମାକୁ ପ୍ରାୟତଃ ପ୍ରତିଦିନ ଲକ୍ଷ୍ମୀ ବସରେ ବିଭିନ୍ନ ସମୟରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ଯାତ୍ରୀ ଯାତାୟାତ କରିଥାନ୍ତି। ହେଲେ ପ୍ରଥମରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ରହୁଥିବା ବସ୍ ଗୁଡ଼ିକ ଏବେ ବ୍ଲକଛକ ନିକଟସ୍ଥ ପରିବା ଓ ଫଳବଜାର ପାଇଁ ନିର୍ମାଣ ହୋଇଥିବା ପିଣ୍ଡି ସାମ୍ନାରେ ରହି ଯାତ୍ରୀମାନଙ୍କୁ ନେବା ଆଣିବା କାମ କରିବା ସହ ସେଠାରେ ବସ୍ ମାନଙ୍କର ରାତ୍ରୀ ରହଣି ମଧ ହେଉଛି। ହେଲେ ସେଠାରେ ଯାତ୍ରୀ ମାନଙ୍କ ପାଇଁ ସର୍ବନିମ୍ନ ପିଇବା ପାଣିର ଘୋର ଅସୁବିଧା ଦେଖାଯାଇଛି। ଯାହାଫଳରେ ବିଭିନ୍ନ କାମରେ ସହରକୁ ଆସୁଥିବା ଯାତ୍ରୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି।

ସେଠାରେ ବିଦ୍ୟୁତ ସେବାର ମଧ ସୁବ୍ୟବସ୍ଥା ନଥିବା ହେତୁ ବସମାନଙ୍କର ରାତ୍ରୀ ରହଣି ମଧ ନିରାପଦ ନୁହଁ। ସେଠାରେ ପୌର ପରିଷଦ ପକ୍ଷରୁ ଷ୍ଟ୍ରୀଟ ଲାଇଟ୍ ଲାଗିଥିବା ସତ୍ତ୍ୱେ ଏବେ ଜଳୁନଥିବା ଦେଖାଯାଇଛି। ଯଦିଓ ସେଠାରେ କିଛି ସୋଲାର ଲାଇଟ୍ ଲାଗିଛି ତାହା ପର୍ଯ୍ୟାପ୍ତ ନୁହେଁ। ଏଣୁ ଅନ୍ଧାରର ସୁଯୋଗ ନେଇ ପ୍ରାୟତଃ ସଂଧ୍ୟା ହେଲେ ସେଠାରେ ମଦ୍ୟପ ମାନଙ୍କର ଆଡ୍ଡା ଜମୁଛି ଯାହାକି ସୁରକ୍ଷା ଦୃଷ୍ଟିରୁ ମଧ ନିରାପଦ ନୁହଁ।

ଏପରିକି ଦୂର ଦୁରାନ୍ତର ଯାତ୍ରୀ କେହି କେହି ଡାକ୍ତରଖାନାକୁ ଆସି ସଂଧ୍ୟା ପରେ ଆଉ ଫେରି ନପାରି ଉକ୍ତ ପିଣ୍ଡିରେ ରାତ୍ରୀଯାପନ ମଧ କରୁଥିବାର ଦେଖାଯାଉଛି। ଏଣୁ ଉକ୍ତ ସ୍ଥାନରେ ବିଦ୍ୟୁତ ଓ ପିଇବା ପାଣିର ବ୍ୟବସ୍ଥା କରିବା ସହ ପୁଲିସର ନିୟମିତ ପେଟ୍ରୋଲିଂ ମଧ ଚାଲୁ ରଖିବା ଆବଶ୍ୟକ ହୋଇପଡିଛି। ଏଣୁ ଏହି କଥାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ କିଛି ବିହିତ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## କଂଗ୍ରେସର ୧୪୧ତମ ପ୍ରତିଷ୍ଠା ଦିବସ ପାଳିତ



**ବଲାଙ୍ଗିର,୨୮।୧୨ (ସଂଚାର ବ୍ୟୁରୋ):** ବଲାଙ୍ଗିର ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ଅଧକ୍ଷତାରେ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ଦଳର ୧୪୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ମହାପୁରୁଷମାନଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ପରେ ଗାନ୍ଧୀନଗର ପଡ଼ା ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୁର୍ତ୍ତିରେ ପୁଷ୍ପମାଲ୍ୟ କରି ଉପସ୍ଥିତ ନେତୃମଣ୍ଡଳି ଅଖଣ୍ଡ ଭାରତ ନିର୍ମାଣରେ କଂଗ୍ରେସର ୧୪୧ ବର୍ଷର ତ୍ୟାଗ ଏବଂ ବଳିଦାନ ବିଷୟରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ଉପ-ସଭାପତି ମନୀଷ ମିଶ୍ର, ଉମାଶଙ୍କର ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ଜୁଲୁ ପଟ୍ଟନାୟକ, ଅଜୟ ବାଲି, ଅସୀତ ମିଶ୍ର, ସାନନ୍ଦ ମିଶ୍ର, ସମୀର କୁମ୍ଭାର, ସୀତାରାମ କୁମ୍ଭାର, କୈଳାସ ମିଶ୍ର, ଦିପନ ଯୋଷୀ, ନାସିର ଖାନ, ଅଙ୍କିତ ସାହୁ, କିରଣ ସେଠ, ଚିନ୍ମୟ ବେହେରା, ରଶ୍ମି ରଞ୍ଜନ ପ୍ରଧାନ, ସୁମନ ସ୍ୱାଇଁ, ସୋହନ ନାଏକ, ଲଳିତ ପଟେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଏସଏନ କଲେଜରେ ୧୯୯୨ ବ୍ୟାଚ୍‌ର ବନ୍ଧୁମିଳନ ଓ ଗୁରୁ ପୂଜନ

**ରାଜକନିକା,୨୮।୧୨(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ୧୯୯୨ ରୁ ୧୯୯୭ ମସିହା ପର୍ଯ୍ୟନ୍ତ ଅଧ୍ୟୟନ ଛାତ୍ର ଛାତ୍ରୀ ମାନଙ୍କ ଏସ ଏନ କଲେଜରେ ବନ୍ଧୁ ମିଳନ ଓ ଗୁରୁ ପୂଜନ ଧୁମ୍ ଧାମରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୮ ବର୍ଷର ବ୍ୟବଧାନ ପରେ ପୁରାତନ ଛାତ୍ର ଛାତ୍ରୀ ମାନଙ୍କର ବନ୍ଧୁ ମିଳନ ଓ ଗୁରୁ ପୂଜନ କାର୍ଯ୍ୟ କ୍ରମ ସମ୍ଭବ ହୋଇ ପାରିଛି । ପ୍ରାୟ ୨୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେଇଥିବା ବେଳେ ଚିହ୍ନା ମୁହଁ ଅଚିହ୍ନା ଲାଗୁଥିଲେବି ନିଜକୁ ନିଜର ପରିଚୟ ପ୍ରଦାନ କରି ଫେରି ଯାଇଥିଲେ ସେହି କଲେଜ ଦିନକୁ । ପୂର୍ବ ହଜିଲା ଅତୀତର ସ୍ମୃତିକୁ ମନେ ପକାଇ ଭାବ ବିହ୍ୱଳ ହୋଇପଡ଼ିଥିଲେ ପୁରାତନ ଛାତ୍ରଛାତ୍ରୀ ଗଣ, କଲେଜ ଜୀବନର କାହାଣୀ ବଖାଣି ଆଜି ର ଏ ସମାବେଶ କୁ ସ୍ମୃତି ର ଦିବସ ବୋଲି ମନେ କରିଥିଲେ। ପରେ ନିଜର ଅଧାପକ ମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ଭକ୍ତିମୟ ପରିବେଶ ରେ ଗୁରୁ ପୂଜା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଅଧାପକ ଫକିର ଚରଣ ପ୍ରଧାନଙ୍କ ସଭାପତିତ୍ୱ ରେ ମଞ୍ଚ ପରିଚାଳନା ହୋଇଥିବା ବେଳେ ମଞ୍ଚରେ ଥିଲେ ଉପେନ୍ଦ୍ର ପଣ୍ଡା ଏସ ଏନ କଲେଜର ଅଧକ୍ଷ, ବୈକୁଣ୍ଠ ନାଥ ପରିଡ଼ା ,ସଚ୍ଚିଦାନନ୍ଦ ମିଶ୍ର,ଶରତ କୁମାର ବାରିକ,ସୁରେଶଚନ୍ଦ୍ର ମିଶ୍ର,ସେଖରକୁମାର ସାହୁ ପ୍ରମୁଖ ନିଜର ବକ୍ତବ୍ୟ ରଖିବା ସହ ନିଜର ଛାତ୍ର ଛାତ୍ରୀଙ୍କୁ ପାଇ ବେଶ ଆନନ୍ଦ ଅନୁଭବ କରିଥିବା ପ୍ରକାଶ କରିଥିଲେ। ଆଜିର ଏହି ଗୁରୁ ଶିଷ୍ୟ ଙ୍କ ମିଳନ ର ମହାନ ପର୍ବ ମିଳନ ବେଶ ସରସ ସୁନ୍ଦର ହୋଇପାରିଥିଲା।

### ରେଳବାଇ ପରାମର୍ଶଦାତା କମିଟି ବୈଠକ

## ବିଭିନ୍ନ ସମସ୍ୟା ଉପସ୍ଥାପନ କଲେ ସଦସ୍ୟ



**ଯାଜପୁର ରୋଡ଼, ୨୮।୧୨ (ସଂଚାର ବ୍ୟୁରୋ):** ଯାଜପୁର ରୋଡ଼ ରେଳ ଷ୍ଟେସନ ପରାମର୍ଶଦାତା କମିଟର ପ୍ରଥମ ବୈଠକ ଆଜି ରେଳ ଷ୍ଟେସନ ମ୍ୟାନେଜରଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଷ୍ଟେସନ ମ୍ୟାନେଜର ସୁଧୀର ଶୁଭଦର୍ଶୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ବାଣିଜ୍ୟିକ ଇନିସ୍ପେକ୍ଟର ଦେବବ୍ରତ ନାୟକ, ଆରପିଏଫ ଇନିସ୍ପେକ୍ଟର କ୍ଷୀରସାଗର ଭଞ୍ଜ, ଜିଆରପି ଇନଚାର୍ଜ ସୁଶାନ୍ତ କୁମାର ସେଠି, ମୁଖ୍ୟ ଟିଟିଆଇ ଅକ୍ଷୟ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ଆଦିତ୍ୟ ପ୍ରସାଦ ସ୍ୱାଇଁ,ଅଜୟ କୁମାର ଗିରି ପ୍ରମୁଖ ରେଳବାଇ ପକ୍ଷରୁ ଉପସ୍ଥିତ ଥିଲେ। କମିଟି ସଦସ୍ୟ ସଦାଶିବ ଦାସ, ଡ଼. ଚିନ୍ତାମଣି ପାଢ଼ୀ, ହିମାଂଶୁ ଶେଖର ଦ୍ୱିବେଦୀ, ସରୋଜିନୀ ସେଠି, ରାଜେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ରେଳ ଷ୍ଟେସନର ବିଭିନ୍ନ ସମସ୍ୟା ଉପସ୍ଥାପନା କରି ଥିଲେ। ଷ୍ଟେସନ ନାମ ପରିବର୍ତ୍ତନ, ଏହି ବାଟ ଦେଇ ଯାଉଥିବା ସମସ୍ତ ଟ୍ରେନର ରହଣି, କେଉଁଝର ଟ୍ରେନକୁ ଯଖପୁରାରୁ ଏହି ଷ୍ଟେସନ ପର୍ଯ୍ୟନ୍ତ ବୃଦ୍ଧି, ପ୍ରଥମ ଫୁଟ ଓଭର ବ୍ରିଜ ପାଖରେ ଲିଫ୍ଟ ନିର୍ମାଣ, ଷ୍ଟେସନ ସମ୍ମୁଖରେ ଏକ ବୃହତ ଡିଜିଟାଲ ଘଣ୍ଟା ସ୍ଥାପନ, ମାଲଗୋଦାମ ସ୍ଥାନାନ୍ତର, ୬ନମ୍ବର ପ୍ଲାଟଫର୍ମ ନିର୍ମାଣ ଓ ଏଠାରେ ଟିକେଟ କାଉଣ୍ଟର ସ୍ଥାପନ, ଦୁଇ ଚକିଆ ଚାରି ଚକିଆ ପାର୍କିଙ୍ଗ ନିର୍ମାଣ, ତୃତୀୟ ଫୁଟ ଓଭର ବ୍ରିଜ ନିର୍ମାଣ ସମେତ ବିଭିନ୍ନ ପ୍ରସ୍ତାବ କମିଟି ମେମ୍ବର ମାନେ ଉପସ୍ଥାପନା କରିଥିଲେ। ଷ୍ଟେସନ ମ୍ୟାନେଜର ଉକ୍ତ ପ୍ରସ୍ତାବ ଗୁଡିକ ଲିପିବଦ୍ଧ କରି ଖୋର୍ଦ୍ଧା ରେଳ ଡିଭିଜନକୁ ବିଧିବଦ୍ଧ ଭାବେ ପଠାଇ ତୁରନ୍ତ କାର୍ଯ୍ୟକାରୀ କରିବାକୁ ପ୍ରତିଶୃତି ଦେଇଥିଲେ।

## ବିଜେପି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଓ ୧୨୯ତମ ମନ୍ କି ବାତ କାର୍ଯ୍ୟକ୍ରମ



**ବାଲିକୁଦା,୨୮।୧୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ବାଲିକୁଦା ଭାରତୀୟ ଜନତା ପାର୍ଟି କାର୍ଯ୍ୟଳୟ ସମ୍ମୁଖରେ ୧୨୯ ତମ ମନ କି ବାତ କାର୍ଯ୍ୟକ୍ରମ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ହଜାରେରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ଯୋଗଦେବା ସହିତ ସହ ଭାରତୀୟ ଜନତା ପାର୍ଟି କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ସତ୍ୟ ସାରଥୀ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ଏବଂ ବିଜେଡି ଦଳର କର୍ମୀ ଦଳ ତ୍ୟାଗ କରି ବିଜେପି ଦଳରେ ଯୋଗଦାନ କରିଛନ୍ତି। ଆଜି ତାଙ୍କ ଜନ୍ମଦିନ ଉପଲକ୍ଷେ ଶତାଧିକ ବିଜେପି କର୍ମୀମାନେ ଶୁଭେଚ୍ଛା ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ଶ୍ରୀ ପ୍ରତାପ ମିଶ୍ର, ବିଜେପି ଜିଲ୍ଲା କୋଷାଧକ୍ଷ ନିର୍ଲିପ୍ତ ଜେନା, ପୂର୍ବତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜିଲ୍ଲା ର ଓବିସ ମୋର୍ଚ୍ଚା ଜିଲ୍ଲା ସଭାପତି ସୁବୋଧ ବାରିକ, ନାରୀ ନେତ୍ରୀ ଅମିତା ଦାସ, ନାରୀ ନେତ୍ରୀ ରାଜଶ୍ରୀ ପଟ୍ଟନାୟକ ଯୋଗଦେଇଥିଲେ। ସଭା ଶେଷରେ ସତ୍ୟ ସାରଥୀ ମହାନ୍ତିଙ୍କ ତରଫରୁ କର୍ମୀମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

## ବିକଳାନନ୍ଦ କର ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ପୁସ୍ତକ ଉନ୍ମୋଚନ



**ସାଲେପୁର,୨୮।୧୨ (ସଂଚାର ବ୍ୟୁରୋ):** ସାଲେପୁର ମିଠାର ଜନକ ବିକଳାନନ୍ଦ କରଙ୍କ ସ୍ମୃତିରେ ଗଠିତ ବିକଳାନନ୍ଦ ମେମୋରିଆଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ମ୍ୟାନେଜିଂ ଟ୍ରଷ୍ଟି ହିମାଂଶୁ ଶେଖର ଦାଶଙ୍କ ଅଧକ୍ଷତାରେ ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ ଯୋଗଦେଇ ସାଲେପୁର ବିକାଶ କ୍ଷେତ୍ରରେ ବିକଳାନନ୍ଦ କରଙ୍କ ଅବଦାନ ବର୍ଣ୍ଣନା କରିଥିବାବେଳେ ହିନ୍ଦୀ ଭାଷା ସାହିତ୍ୟ, ଗବେଷକ ତଥା ରାଜ୍ୟପାଳଙ୍କ ହିନ୍ଦୀ ଅଧିକାରୀ ନାରାୟଣ ମୁଦୁଲି ମୁଖ୍ୟବକ୍ତା ରୂପେ ଯୋଗଦେଇ ଦେଶ ପ୍ରଗତି ପାଇଁ ଉତ୍ତମ ଚିନ୍ତାଧାରାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର କରଙ୍କ ରଚିତ ପୁସ୍ତକ ପରିକଳ୍ପନା ଲୋକାର୍ପିତ ହୋଇଥିଲା। ସେବା କାର୍ଯ୍ୟ ପାଇଁ ବିକଳାନନ୍ଦ କର ସେବା ସମ୍ମାନ ଦୁଃଖିଶ୍ୟାମ ବୃଦ୍ଧାଶ୍ରମ, ସାଲେପୁର ଜରାନିବାସ ଓ ବିକଳାନନ୍ଦ କର ଶ୍ରେଷ୍ଠ ଶିଳ୍ପୀ ସମ୍ମାନରେ ଓସ୍ତପୁର ଗ୍ରାମର ରବୀନ୍ଦ୍ର ନାଥ ପଣ୍ଡା ଓ ଶରତ କୁମାର ମୁଦୁଲିଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିକଳାନନ୍ଦ କର ମେଧା ସମ୍ମାନରେ ତାରିଣୀପ୍ରସାଦ ଦାଶଙ୍କୁ ସମ୍ମାନିତ କରାଯାଇଥିଲା।

# ଡିଆର୍‌ଏମ୍‌କୁ ଭେଟିଲା ରେଳ ଉପଭୋକ୍ତା ସଂଘ



**ବଲାଙ୍ଗିର,୨୮।୧୨ (ସଂଚାର ବ୍ୟୁରୋ):** ସମ୍ବଲପୁର ରେଳ ମଣ୍ଡଳର ଡିଆରଏମ୍‌ଙ୍କୁ କ୍ଷେତରାଜପୁରର କାର୍ଯ୍ୟାଳୟ ଠାରେ ବଲାଙ୍ଗିର ଜିଲ୍ଲା ରେଳ ଉପଭୋକ୍ତା ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭେଟିଥିଲା। ସଂଘର ବିଭିନ୍ନ ସମସ୍ୟାକୁ ନେଇ ଉପସ୍ଥାପନ କରାଯାଇ ଏକ ଦାବିପତ୍ର ଦିଆଯାଇଥିଲା। ବଲାଙ୍ଗିରରେ ଶୀଘ୍ର ପିଆଇଟି ଲାଇନ କରିବା, ଭୁବନେଶ୍ୱରକୁ ଏକ ସକାଳୁଆ ଟ୍ରେନ, ଦିଲ୍ଲୀ ବା ପ୍ରୟାଗରାଜକୁ ଏକ ସିଧାସଳଖ ଟ୍ରେନ, ଇସ୍ପାତ ଟ୍ରେନର ବିଳମ୍ବ, ଟିଟିଲାଗଡ଼ରୁ ସମ୍ବଲପୁର ପର୍ଯ୍ୟନ୍ତ ଦୁଇଟି ଲାଇନ, ବଲାଙ୍ଗିର ଠାରେ ୪ ଏବଂ ୫ ନମ୍ବର ପ୍ଲାଟଫର୍ମ କରିବା, ଲିଫ୍ଟ କାମକୁ ତ୍ୱରାନ୍ୱିତ କରିବା, ଏଡିଆରଏମ୍ ଅଫିସ ପ୍ରତିଷ୍ଠା କରିବା, ବଲାଙ୍ଗିରରୁ ପୁନାକୁ ଏକ ସିଧାସଳଖ ଟ୍ରେନ, ପୁରୀକୁ ଏକ ଫାଷ୍ଟ ପେସେଞ୍ଜର ଇତ୍ୟାଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ସମ୍ପାଦକ ବିମଳ ଚକ୍ରବର୍ତ୍ତି, ବରିଷ୍ଠ ସଭ୍ୟ ଗୋପବନ୍ଧୁ ପୁରୋହିତ, ଅଧିବକ୍ତା ରତୁରାଜ ସିଂହ ପ୍ରମୁଖ ଆଲୋଚନାରେ ଭାଗ ନେଇ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ସମସ୍ତ କଥା ଶୁଣି ଡିଆରଏମ୍ ଏଫ୍‌ଓଭି କାମ ସରିଲା ପରେ ଲିଫ୍ଟର କାମ ୨୬ ମାର୍ଚ୍ଚ ସୁଦ୍ଧା ସରିବ, ପିଆଇଟି ଲାଇନ ପାଇଁ ପାଣିର ଅଭାବ, ନୂତନ ଟ୍ରେନ ପାଇଁ ବୋର୍ଡରୁ ଉଦ୍‌ମୋଦନ ଦରକାର ବୋଲି ଦର୍ଶାଇଥିଲେ।

### ଚାଟିକଣା ପଞ୍ଚାୟତରେ ମନ କି ବାତ୍ କାର୍ଯ୍ୟକ୍ରମ

# ଆତ୍ମନିର୍ଭରଶୀଳ ଭାରତ ଗଢ଼ିବାକୁ ମୋଦିଙ୍କ ଆହ୍ୱାନ



**ବିଷମକଟକ,୨୮।୧୨ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ଚାଟିକଣା ପଞ୍ଚାୟତ ଠାରେ ଆଜି ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ ‘ମନ କି ବାତ୍’ ସମୂହ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଗ୍ରାମର ବହୁ ସଂଖ୍ୟକ ସାଧାରଣ ଜନତା, ବୁଦ୍ଧିଜୀବୀ, ଯୁବକ ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନକୁ ଗଭୀର ଆଗ୍ରହ ସହ ଶୁଣିଥିଲେ ।

ମନ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧନ କରି ଦେଶର ସାମଗ୍ରିକ ଉନ୍ନତି, ଗ୍ରାମୀଣ ଭାରତର ସଶକ୍ତିକରଣ ଓ ଯୁବଶକ୍ତିର ଭୂମିକା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ଆଜି ଭାରତର ଗ୍ରାମଗୁଡ଼ିକ ଉନ୍ନତିର ନୂଆ ଦିଗକୁ ଆଗଉଛି ଏବଂ ସରକାରୀ ଯୋଜନା ଗୁଡ଼ିକ ସାଧାରଣ ଲୋକଙ୍କ ଜୀବନରେ ପ୍ରକୃତ ପରିବର୍ତ୍ତନ ଆଣୁଛି । ପ୍ରଧାନମନ୍ତ୍ରୀ ମୋଦି ଯୁବମାନଙ୍କୁ ଦେଶର ସବୁଠାରୁ ବଡ଼ ଶକ୍ତି ଭାବେ ଉଲ୍ଲେଖ କରି କହିଥିଲେ ଯେ, ନୂତନ ଭାବନା, ନୂତନ ପ୍ରଯୁକ୍ତି ଓ ନବାତୁନ ପ୍ରୟାସ ମାଧମରେ ଯୁବଶକ୍ତି ଭାରତକୁ ଆତ୍ମନିର୍ଭର ଦିଗରେ ନେଇଯାଉଛି । ସେ ଆହୁରି କହିଥିଲେ ଯେ, କୃଷକମାନେ ଆଧୁନିକ କୃଷି ପଦ୍ଧତି ଆପଣାଇ ନିଜ ଆୟ ବୃଦ୍ଧି କରୁଛନ୍ତି ଏବଂ ସରକାର ସବୁବେଳେ କୃଷକଙ୍କ ସହ ରହିଛି। ସ୍ୱଚ୍ଛତା, ସମାଜ ସେବା, ଦେଶଭକ୍ତି ଓ ସାମୂହିକ ଦାୟିତ୍ୱ ନେବାକୁ ଦେଶବାସୀଙ୍କୁ ଆହ୍ୱାନ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସାଧାରଣ ଲୋକଙ୍କ ଛୋଟ ଛୋଟ ପ୍ରୟାସ ମିଶିଲେ ଦେଶ ବଡ଼ ସଫଳତା ହାସଲ କରିପାରିବ ।

ଏହି ମନ କି ବାତ୍ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ସୋମନାଥ ହିମିରିକା, ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଗୌତମ ଉଲ୍ଲାକା, ଜିଲ୍ଲା ଉପ ସଭାପତି ଦୁର୍ଯ୍ୟଧନ ପାଳ, ବରିଷ୍ଠ କାର୍ଯ୍ୟକର୍ତ୍ତା ସର୍ବେଶ୍ୱର ସୁନା, ଶକ୍ତିରଞ୍ଜନ ମହାନ୍ତି, ରବିନ୍ଦ୍ରନାଥ କବିର, ନିରଞ୍ଜନ ଥାପା, ଉଦୟ କୁମାର ସାହୁକାର, ସାଇରାମ ପଟ୍ଟନାୟକ, ଶିବ ପାଢ଼ୀ, ମନୋଜ ପଣ୍ଡା, ଅନିଲ ସାହୁ, ଶୁଭମ ମହାପାତ୍ର, ପ୍ରକାଶ ଉର୍ଲାକା, ରାମଦାସ ଉର୍ଲାକାଙ୍କ ସହ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ସାଧାରଣ ନାଗରିକମାନେ ଉପସ୍ଥିତ ଥିଲେ ।

## ବଳଦେବ ହାଇସ୍କୁଲ ୧୯୭୯ ବ୍ୟାଚର ବନ୍ଧୁମିଳନ



**କେନ୍ଦ୍ରାପଡ଼ା,୨୮।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଟାଉନ୍ ସ୍ଥିତ ବଳଦେବ ହାଇସ୍କୁଲର ୧୯୭୯ ମାଟ୍ରିକ ବ୍ୟାଚ ପୁରାତନ ଶିକ୍ଷାର୍ଥୀ ମାନଙ୍କ ଏକ ବନ୍ଧୁ ମିଳନ ଉତ୍ସବ ବୁଧବାର ଦାନପୁର ନିକଟ ମା’ ରାମଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଜ୍ଞାନ ମହାନ୍ତିଙ୍କ ଅଧକ୍ଷତାରେ ଉକ୍ତ ଖ୍ୟାତାନାମା ହାଇସ୍କୁଲରେ ପାଠପଢି ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିମାନେ ଉକ୍ତ ବିଦ୍ୟାଳୟକୁ ସହଯୋଗ କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ ଶିକ୍ଷା ଅନୁଷ୍ଠାନର ଭିଭୂମିର ବିକାଶ, ଆବଶ୍ୟକ ଆଧୁନିକ ପାଠ ଉପକରଣ ଯୋଗାଣ, ଶୈକ୍ଷିକ ଗୁଣବାର ବିକାଶ ଏବଂ ପ୍ରୋତ୍ସାହନ ସଂପର୍କରେ ଅକ୍ଷୟ ସାହୁ, ବିଜୟ ସାହୁ, ଅମର ସାହୁ, ଶରତ ବେହୁରା, କାର୍ତ୍ତିକ ରାଉତ, ଉମା ମହାପାତ୍ର, ଶଙ୍କର ବାରିକ, କାର୍ତ୍ତିକ ସାହୁ, ବଳିଆ ପଣ୍ଡା, ଜୟନ୍ତ ଦାସ ପ୍ରମୁଖ ଦୃଷ୍ଟିପାତ କରିଥିଲେ । ପୁରାତନ ଛାତ୍ର ବନ୍ଧୁମାନଙ୍କ ମଧ୍ୟରୁ ନିକଟରେ ପରଲୋକ ଘଟିଥିବା ସାଥି ମାନଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରାଯାଇଥିଲା। ଏପରି ଦୁଃସ୍ଥିତ ସମୟେ ଦିବଂଗତ ସାଥିର ଶୋକାକୁଳ ପରିବାରକୁ ସମସ୍ତ ପ୍ରକାର ସହଯୋଗ କରିବାକୁ ନିଷ୍ପତି କରାଯାଇଥିଲା। ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହେଉଥିବା ଶିକ୍ଷାର୍ଥୀଙ୍କୁ ପୁରସ୍କାର ସହ ଅଧିକ ଉଚ୍ଚ ଶିକ୍ଷା ପାଇବା ଦିଗରେ ସହାୟତା କରାଯିବାକୁ ସ୍ଥିର କରାଯାଇଥିଲା । ପୁରାତନ ଛାତ୍ର ତଥା ସୁସଂଗଠକ ନିତ୍ୟାନନ୍ଦ ବେହେରା ଏହି ବନ୍ଧୁ ମିଳନ ଉତ୍ସବର ସଂଯୋଜନା କରିଥିବା ବେଳେ ସାଥି ଗୌରିଶଙ୍କର ମହାପାତ୍ର ଦମ୍ପତିଙ୍କ ଉପସ୍ଥିତ ଉତ୍ସବକୁ ବେଶ୍ ଉତ୍ସାହ ପୂର୍ଣ୍ଣ କରିଥିଲା ।

SANCHAR
ସଂଚାର
ସୋମବାର ୨୯ ଡିସେମ୍ବର ୨୦୨୫
ସ୍ୱାସ୍ଥ୍ୟ

# ଟେଷ୍ଟୋଷ୍ଟେରୋନ୍ ସ୍ତର ବଜାୟ ରଖିବେ କିପରି ?



ଆମ ଶରୀର ଦ୍ୱାରା ସଂପନ୍ନ ଯୌନ କ୍ରିୟା, ଅସ୍ଥି ସ୍ୱାସ୍ଥ୍ୟ, ମାନସିକ ସ୍ଥିରତା, ମାଂସପେଶୀ ବୃଦ୍ଧି ଏବଂ ଲୋହିତ ରକ୍ତକଣିକା ସୃଷ୍ଟି ପରି ବହୁବିଧ କାର୍ଯ୍ୟ ପାଇଁ ଟେଷ୍ଟୋଷ୍ଟେରୋନ୍ ହରମୋନ୍ ସ୍ତର ସନ୍ତୁଳିତ ରହିବା ଦରକାର। ମାତ୍ର ତ୍ରୁଟିପୂର୍ଣ୍ଣ ଜୀବନଚର୍ଯ୍ୟା ଓ ଅସ୍ୱାସ୍ଥ୍ୟକର ଖାଦ୍ୟଶୈଳୀ ଆପଣେଇବା ଆଦି କାରଣରୁ ଏହି ସ୍ତର ବଜାୟ ରହିପାରେନାହିଁ। ସୁତରାଂ ଯେଉଁ ସବୁ କାର୍ଯ୍ୟରେ ଟେଷ୍ଟୋଷ୍ଟେରୋନ୍‌ର ଭୂମିକା ରହିଛି, ସେସବୁରେ ଅହେତୁକ ବ୍ୟତିକ୍ରମ ଦେଖାଦେବା ସହ ଜୀବନ ନିରସ ହୋଇପଡ଼େ। ତେଣୁ ଶରୀରର ଟେଷ୍ଟୋଷ୍ଟେରୋନ୍ ସ୍ତର ବଜାୟ ରଖିବା ପାଇଁ କିଛି ସହଜ ଉପାୟ ସମ୍ପର୍କରେ ଜାଣିବା। ଅତି ମାତ୍ରାରେ ପ୍ରକ୍ରିୟାକୃତ ଖାଦ୍ୟ, ଅଧିକ ଶର୍କରାଯୁକ୍ତ ଖାଦ୍ୟ, ସୋୟା, ଫ୍ଲାକ୍ସସିଡ୍, ମଦ୍ୟ, ମିଣ୍ଟ ପରି କିଛି ଖାଦ୍ୟ ଶରୀରର ଟେଷ୍ଟୋଷ୍ଟେରୋନ୍ ସ୍ତର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ସୁତରାଂ ସେହି ସବୁ ଖାଦ୍ୟର ଯଥାସମ୍ଭବ କମ୍ ବ୍ୟବହାର କରିବା ଉଚିତ। ନାନା ସ୍ୱାସ୍ଥ୍ୟ ସମସ୍ୟା ଆଣୁଥିବା ମୋଟାପଣ ବା ମେଦବହୁଳତାର ଟେଷ୍ଟୋଷ୍ଟେରୋନ୍ ସ୍ତର ହ୍ରାସ କରିଦେଇଥାଏ। ତେଣୁ ସ୍ୱାସ୍ଥ୍ୟପ୍ରଦ ଉପାୟରେ ଓଜନ କମାଇପାରିଲେ ଟେଷ୍ଟୋଷ୍ଟେରୋନ୍ ସ୍ତର ସ୍ୱାଭାବିକ ସ୍ତରକୁ ଆଣିହେବ। ଦୈନିକ ଆବଶ୍ୟକ ସମୟ ନିଦ୍ରା ନଗଲେ ଆମର ମନୋଭାବରେ ପରିବର୍ତ୍ତନ, ଓଜନବୃଦ୍ଧି, ଉଚ୍ଚ ରକ୍ତଚାପ ପରି ସମସ୍ୟା ଦେଖାଦେଇଥାଏ। ପରୋକ୍ଷରେ ଏହା ଟେଷ୍ଟୋଷ୍ଟେରୋନ୍ ସ୍ତରକୁ ମଧ୍ୟ ପ୍ରଭାବିତ କରିଥାଏ। ତେଣୁ ଯେତେ ବ୍ୟସ୍ତବହୁଳ ଜୀବନ କଟାଇଲେ ମଧ୍ୟ ଦୈନିକ ସାତରୁ ଆଠ ଘଣ୍ଟା ଗାଢ଼ ନିଦ୍ରା ଯିବା ଦରକାର। ରକ୍ତଶର୍କରା ଓ ଉଚ୍ଚ ରକ୍ତଚାପ ଅନିୟନ୍ତ୍ରିତ ହୋଇଗଲେ ଟେଷ୍ଟୋଷ୍ଟେରୋନ୍ ସ୍ତର କମିଯିବାର ଯଥେଷ୍ଟ ଆଶଙ୍କା ରହିଛି। ସେହିପରି ରକ୍ତରେ କୋଲେଷ୍ଟ୍ରୋଲ୍ ସ୍ତର ବଢ଼ିଗଲେ ମଧ୍ୟ ଅନୁରୂପ ଭାବେ ଟେଷ୍ଟୋଷ୍ଟେରୋନ୍ ସ୍ତର କମିଯାଏ। ତେଣୁ ତନ୍ତୁଯୁକ୍ତ ତଥା ସବୁଜ ପନିପରିବା ଓ ଫଳମୂଳ ପରି ସନ୍ତୁଳିତ ଖାଦ୍ୟ ଖାଇଲେ କୋଲେଷ୍ଟ୍ରଲ୍ ସ୍ତର କମିବା ସହ ଟେଷ୍ଟୋଷ୍ଟେରୋନ୍ ସ୍ତର ବଢ଼ିପାରିବ।

# ଘରେ ତିଆରି କରନ୍ତୁ ଅର୍ଗାନିକ୍ କାଜଲ



କଜଳ ତିଆରି ଏକ ପାରମ୍ପରିକ କଳା। ଆଗରୁ ଜେଜେମା, ଆଈମାନେ ନବଜାତକ ପାଇଁ ଅତି ଯତ୍ନରେ ଘରେ ଏହାକୁ ତିଆରି କରୁଥିଲେ। ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥାଏ। ତେବେ ବଜାର ତିଆରି କଜଳ ଲଗାଇବାରେ ଆମେ ଅଭ୍ୟସ୍ତ ହୋଇ ଏହାକୁ ଧୀରେ ଧୀରେ ପାସୋରି ଗଲୁଣି। ଆସନ୍ତୁ ଏଥର ଟିକେ ସମୟ ଦେଇ ଘରେ ଥିବା ସାମଗ୍ରୀରେ କଜଳ ତିଆରି କରି ବ୍ୟବହାର କରିବା। ଏଥିପାଇଁ ପ୍ରଥମେ କିଛି ଷ୍ଟେରିଲାଇଜ୍‌ଡ ତୁଳାକୁ ନେଇ ତାକୁ ହାତରେ ଭିଣି ପତଳା ସିଟ୍‌ଟିଏ ତିଆରି କରିବା। ପାଖାପାଖି ୪/୬ ଆଙ୍ଗୁଳି ଅନ୍ଦାଜରେ ତିଆରି କରି ପାପୁଲିରେ ରଖି ତା'ଉପରେ କିଛି ଜୁଆଣି ନେଇ ସିଧା ରଖି ତୁଳାକୁ ଦୁଇ ହାତରେ ବଳି ଗୋଟିଏ ଲମ୍ବା ବତିର ଆକାର ଦେବା। ଏପରି ଦୁଇଟି ବତି ତିଆରି କରିବା। ଏଥର ଗୋଟିଏ ସଫା ମାଟି ବା ପିତ୍ତଳ ଦୀପ ଆଣି ସେଥିରେ ଖାଣ୍ଟି ସୋରିଷ ତେଲ ବା ଯଦି ଚାହାନ୍ତି ଘର ତିଆରି ଗୁଆଘିଅରେ ଭର୍ତ୍ତି କରିବା। ଏଥର ପ୍ରଥମେ ପ୍ରସ୍ତୁତ କରିଥିବା ବତି ଦୁଇଟିକୁ ଏମିତି ରଖିବା ଯାହା ଫଳରେ ଚାରିଟି ଧାର ଦୀପର ଚାରିପଟକୁ ରହିବ। ଏଥର ଚାରିଟି ଆଲ୍‌ମଣ୍ଡ ନେଇ ତେଲ/ଘିଅରେ ବୁଡ଼େଇ ଦିଅନ୍ତୁ। ଦରକାର ପଡ଼ିଲେ ତେଲ ବା ଘିଅ ଭର୍ତ୍ତି କରନ୍ତୁ। ଏଥର ଦୀପଟିକୁ ଗୋଟିଏ ପାତ୍ର ଉପରେ ରଖନ୍ତୁ। ସେଇ ସମାନ ଉଚ୍ଚତାରେ ୩/୪ଟି ଗ୍ଲାସ୍ ବା ଯେକୌଣସି ପାତ୍ର ରଖନ୍ତୁ। ଏଥର ଦୀପଟିର ୪ଟି ବତିକୁ ଜଳାନ୍ତୁ ଏବଂ ଗୋଟିଏ ସଫା ଷ୍ଟିଲ୍/ପିତ୍ତଳ ଥାଳିରେ ଦୀପଟିକୁ ଢାଙ୍କି ଦିଅନ୍ତୁ। ଶିଖାର ନିଆଁ ଥାଳିରେ ବାଜି ଏଥିରେ କଜଳ ସଂଗ୍ରହ ହେବ। ପାଖାପାଖି ଅଧଘଣ୍ଟା ବା ଘଣ୍ଟାଏ ଭିତରେ ଦୀପର ତେଲ ସରି ଥାଳିରେ ଶୁଖିଲା କଜଳତକ ସଂଗ୍ରହ ହୋଇଥିବ। ଏହାକୁ ଗୋଟିଏ ସଫା କାଗଜରେ କୋରି ଦିଅନ୍ତୁ। ତା'ପରେ ଏକତ୍ର କରି ଛୋଟ କାଚ ବୋତଲରେ ପୂରେଇ ସେଥିରେ ଗୋଟେ ଭିଟାମିନ୍-ଇ କ୍ୟାପ୍‌ସୁଲ୍ ଓ ଗାଈଘିଅ ଆବଶ୍ୟକ ପରିମାଣରେ ମିଶେଇ ଭଲକରି ଘାଣ୍ଟି କାଜଲ୍ ପ୍ରସ୍ତୁତ କରନ୍ତୁ। ଏହା ଆଖିକୁ ଥଣ୍ଡା ରଖିବା ସହ ୱାଟରପ୍ରୁଫ୍ ମଧ୍ୟ ହୋଇଥାଏ।

# ଶୀତଦିନେ ମୋଜା ପିନ୍ଧି ଶୋଇବା ଶରୀର ପାଇଁ କ୍ଷତିକାରକ

ଶୀତଦିନ ଆସିବା ମାତ୍ରେ ଆମେ ଶୀତ ପୋଷାକ ଉପରେ ନିର୍ଭର କରିଥାଉ। ସ୍ୱେଟର, ମୋଜା, ମଫଲର ଇତ୍ୟାଦିର ବ୍ୟବହାର କରିଥାଉ। ଅନେକ ଲୋକ ଶୀତଦିନେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ରାତିରେ ଉଲ୍ କପଡ଼ା ପିନ୍ଧି ହିଁ ଶୋଇ ଯାଆନ୍ତି। କିନ୍ତୁ ଏହା ଏକ ଖରାପ ଅଭ୍ୟାସ, ରାତିରେ ଉଲ୍ କପଡ଼ା ପିନ୍ଧି ଶୋଇଲେ ଶରୀରକୁ ଅନେକ କ୍ଷତି ପହଞ୍ଚିଥାଏ। ଯଦି ଆପଣ ସ୍ୱେଟର ପିନ୍ଧି ଶୋଇବାକୁ ଚାହୁଁଛନ୍ତି, ତ ପ୍ରଥମେ କଟନ ବସ୍ତ୍ର ପିନ୍ଧି ତା' ଉପରେ ସ୍ୱେଟର ପିନ୍ଧିପାରିବେ। କିଛି ଲୋକ ରାତିରେ ଥଣ୍ଡାରୁ ବଞ୍ଚିବା ପାଇଁ ମୋଜା ପିନ୍ଧି ଶୋଇଥାନ୍ତି। ଏହାଛଡା ମୋଜା ପିନ୍ଧିବା ଦ୍ୱାରା ଗୋଡ ପାଟିବା କମ୍ ହୋଇଥାଏ। ପାଦ ଗରମ ରହିଥାଏ। ଝାଳରୁ ଛୁଟକାରା ମିଳିଥାଏ। ହେଲେ ମୋଜା ପିନ୍ଧି ଶୋଇବା ଦ୍ୱାରା ଅନେକ କ୍ଷତି ମଧ୍ୟ ହୋଇଥାଏ। ଯଦି ଆପଣ ଏମିତି କରୁଛନ୍ତି, ତେବେ ତୁରନ୍ତ ଆପଣଙ୍କ ଅଭ୍ୟାସ ବଦଳାଇଦିଅନ୍ତୁ। ରାତିରେ ଶୋଇବା ସମୟରେ ଆପଣ ଯଦି ମୋଜା ପିନ୍ଧି ଶୋଉଛନ୍ତି, ତେବେ ଏହା ଆପଣଙ୍କ ଶରୀର ଉପରେ ଖରାପ ପ୍ରଭାବ ପକାଇବ। ତେବେ ଜାଣନ୍ତୁ କ'ଣ ପ୍ରଭାବ ପଡିବ। ଯଦି ଆପଣ ଅଧିକ ସମୟ ପର୍ଯ୍ୟନ୍ତ ମୋଜା ପିନ୍ଧୁଛନ୍ତି ତାହେଲେ ଏହାଦ୍ୱାରା ପାଦ ଷ୍ଟିଫ ହୋଇଯାଇଥାଏ ଏବଂ ପାଦ ଝିମଝିମ ହେବା ଭଳି ସମସ୍ୟା ଦେଖାଦେଇଥାଏ। ପାଦରୁ ଝାଳ ବାହାରିବା ସହିତ ଏହା ପାଦରେ ଫଙ୍ଗଲ ଇନଫେକ୍ସନ ଭଳି ସମସ୍ୟା ସୃଷ୍ଟି କରିଥାଏ। ଯାହାଦ୍ୱାରା ପାଦର ତ୍ୱଚା ଖରାପ ହୋଇଯାଇଥାଏ। ଟାଇଟ ମୋଜା ପିନ୍ଧିବାର ଅଭ୍ୟାସ ଆପଣଙ୍କୁ ଭ୍ୟାରିକୋଜ ଭେନସ(ପାଦର ଶିରାପ୍ରଶିରା ନୀଳ ପଡିଯିବା)ଭଳି ରୋଗର ଶିକାର ବନାଇଥାଏ। କେବଳ ସେତିକି ନୁହେଁ ଯଦି ଏହି ରୋଗ ଆପଣଙ୍କୁ ପୂର୍ବରୁ ଅଛି ତାହେଲେ ପରିସ୍ଥିତି ସଙ୍କଟାପର୍ଣ୍ଣ ହେବାର ଆଶଙ୍କା ରହିଥାଏ।

**ରକ୍ତ ସଞ୍ଚାଳନରେ ସମସ୍ୟା:** ଶୋଇବା ସମୟରେ ମୋଜା ପିନ୍ଧି ଶୋଇବା ଦ୍ୱାରା ରକ୍ତ ସଂଚାଳନରେ ସମସ୍ୟା ଆସିଥାଏ। ଶୋଇବା ସମୟରେ ଅଧିକ ଟାଇଟ ମୋଜା ପିନ୍ଧିବା ଦ୍ୱାରା ବ୍ଲଡ ଫ୍ଲୋ କମ୍ ହୋଇଯାଏ।

**ଓଭର ହିଟିଂ ସମସ୍ୟା:** ରାତିରେ ମୋଜା ପିନ୍ଧି ଶୋଇବା ଦ୍ୱାରା ବ୍ୟକ୍ତିକୁ ଓଭରଯିଟିଂ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ଯାହାଦ୍ୱାରା ଶରୀରର ତାପମାତ୍ରା ହଠାତ୍ ବଢ଼ିଯିବା ସହିତ ବିଚଳିତ ଏବଂ ଅସହଜ ଅନୁଭବ ଲାଗିଥାଏ।

**ସ୍କିନ ଆଲର୍ଜି:** ଦିନଯାକ ମୋଜା ପିନ୍ଧି ବୁଲିବା ଯୋଗୁଁ ଧୂଳି ମଳି ଜମି ରହିଥାଏ। ଆଉ ଯଦି ରାତିରେ ମୋଜା ପିନ୍ଧି ଶୋଇବେ, ତେବେ ପାଦରେ ସଂକ୍ରମଣ ବଢ଼ିଯାଏ।

**ହୃଦୟ ପାଇଁ କ୍ଷତିକାରକ:** ଶୀତଦିନରେ ଟାଇଟ ମୋଜା ପିନ୍ଧିବା ଦ୍ୱାରା ପାଦର ଶିରା ଉପରେ ପ୍ରଭାବ ପଡିଥାଏ। ଯାହା ଦ୍ୱାରା ହୃଦୟରେ ରକ୍ତ ସଂଚାଳନ ହେବାରେ ସମସ୍ୟା ଆସିଥାଏ। ଏଥିଯୋଗୁଁ ହୃଦୟ ଉପରେ ପ୍ରଭାବ ପଡେ।



# ଅତ୍ୟଧିକ ବାଦାମ ଖାଉଥିଲେ ସାବଧାନ!



ଆପଣମାନେ ଜାଣିଥିବେ ସମସ୍ତେ ବାଦାମି ଖାଇବାକୁ ବହୁତ ପସନ୍ଦ କରନ୍ତି। ଏହା ଏତେ ସ୍ୱାଦିଷ୍ଟ ହେଇଥାଏ ଯେ ପିଲା, ଯୁବକ ଏବଂ ବୟସ୍କମାନେ ମଧ୍ୟ ଖାଇବା ପାଇଁ ଭାରି ଭଲ ପାଇଥାନ୍ତି। ବାଦାମକୁ ପୁଷ୍ଟିକର ଭଣ୍ଡାର ମଧ୍ୟ କୁହାଯାଏ। ବାଦାମ ସ୍ୱାଦିଷ୍ଟ ହେବା ସହ ଏହା ଶରୀର ପାଇଁ ମଧ୍ୟ ଲାଭଦାୟକ, କିନ୍ତୁ ଏହାର ଅତ୍ୟଧିକ ସେବନ ଆପଣଙ୍କ ସ୍ୱାସ୍ଥ୍ୟକୁ ଖରାପ କରିପାରେ। କିଛି ଲୋକ ବିଶ୍ୱାସ କରନ୍ତି ଯେ ଅତ୍ୟଧିକ ବାଦାମ ଖାଇବା ଦ୍ୱାରା ଲିଭର, ବ୍ଲଡ଼ ପ୍ରେସର ଏବଂ କ୍ୟାନ୍ସର ରୋଗର ଆଶଙ୍କା ବଢ଼ିପାରେ। ତେବେ ଆସନ୍ତୁ ଜାଣିବା ବିଶେଷଜ୍ଞମାନେ ଏ ବିଷୟରେ କ'ଣ କୁହନ୍ତି। ସୂଚନା ମୁତାବକ ଚିନାବାଦାମରେ ପ୍ରୋଟିନ୍, ଭିଟାମିନ୍, ଖଣିଜ ପଦାର୍ଥ ଭଳି ପୋଷକ ତତ୍ତ୍ୱ ମିଳିଥାଏ। କିନ୍ତୁ ଏହାର ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ ହୋଇପାରେ।

**ଲିଭର ପ୍ରଭାବିତ ହୋଇପାରେ:** ବାଦାମରେ ବିଭିନ୍ନ ପ୍ରକାରର ଫ୍ୟାଟ୍ ଥାଏ, ଯାହା ହାର୍ଟ ପାଇଁ ଭଲ, କିନ୍ତୁ ଅତ୍ୟଧିକ ସେବନ ଲିଭର ଏବଂ ହାର୍ଟକୁ କ୍ଷତି ପହଞ୍ଚାଇପାରେ। କାରଣ ଚିନାବାଦାମରେ ଅଧିକ ପରିମାଣର ଯୌଗିକ ପଦାର୍ଥ ଥାଏ। ଏପରି ପରିସ୍ଥିତିରେ, ଲିଭର୍ କ୍ୟାନ୍ସର ରୋଗର ଆଶଙ୍କା ବଢ଼ିପାରେ। ଏପରି ପରିସ୍ଥିତିରେ, ଆପଣ ଅଧିକ ପରିମାଣରେ ବାଦାମ ଖାଇବା ଉଚିତ୍ ନୁହେଁ।

**କ୍ୟାଲୋରୀ ବୃଦ୍ଧି ହେତୁ ଫ୍ୟାଟି ଲିଭର ସମସ୍ୟା ହୋଇପାରେ:** ବାଦାମରେ ଅଧିକ ପରିମାଣର କ୍ୟାଲୋରୀ ଥାଏ। ଏଗୁଡ଼ିକର ଅତ୍ୟଧିକ ସେବନ ଯୋଗୁଁ ଓଜନ ବୃଦ୍ଧି ହେବାର ଆଶଙ୍କା ରହିଛି। ଓଜନ ବୃଦ୍ଧି ଲିଭର ରୋଗର ଆଶଙ୍କା ବଢ଼ାଇଥାଏ। କାରଣ ବାଦାମରେ ଅଧିକ ପରିମାଣର ଫ୍ୟାଟ ଥାଏ ଏବଂ ଏହା ଲିଭରରେ ଜମା ହୋଇଯାଏ। ଏପରି ପରିସ୍ଥିତିରେ, ଫ୍ୟାଟି ଲିଭର ଏବଂ ଲିଭର ଫୁଲିବା ସମସ୍ୟା ବୃଦ୍ଧି ପାଏ।

**କିଡନି ଷ୍ଟୋନ ହେବାର ଆଶଙ୍କା:** ଯଦିଓ ବାଦାମ ଖାଇବା ଶରୀର ପାଇଁ ଭଲ ବୋଲି ବିବେଚନା କରାଯାଏ, କିନ୍ତୁ ବାଦାମରେ ଅକ୍ସାଲେଟର ପରିମାଣ ଅଧିକ ଥାଏ। ଯାହା କିଡନି ଷ୍ଟୋନ କରିବାରେ କାମ କରେ। ଏହି କାରଣରୁ, କିଡନି ଷ୍ଟୋନ ଯୋଗୁଁ ଲିଭର କ୍ଷତି ହେବାର ସମ୍ଭାବନା ରହିଛି।

ଆଲର୍ଜି ସମସ୍ୟା: ବାଦାମ ଗରମ ଏବଂ ଯଦି ଆପଣ ଅତ୍ୟଧିକ ବାଦାମ ସେବନ କରନ୍ତି ତେବେ ଏହା ଆଲର୍ଜି ସମସ୍ୟା ସୃଷ୍ଟି କରିପାରେ। ତେଣୁ, ବାଦାମି ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ଯଦି ଆପଣ ବାଦାମ୍ ପସନ୍ଦ କରନ୍ତି, ତେବେ ଆପଣ ଦୈନିକ ୫୦ ଗ୍ରାମରୁ କମ୍ ସେବନ କରିବା ଉଚିତ। ଯେତେବେଳେ ଆପଣ ବାଦାମ ଖାଆନ୍ତି, ତାକୁ ଲୁଣ ବିନା ଖାଆନ୍ତୁ। କାରଣ ଏହାକୁ ଲୁଣ ସହିତ ଖାଇବା ଦ୍ୱାରା ହାର୍ଟ ଆଟାକର ଆଶଙ୍କା ବଢ଼ିପାରେ ଏବଂ ଲିଭରକୁ ମଧ୍ୟ କ୍ଷତି ପହଞ୍ଚାଇପାରେ। ସେଥିପାଇଁ ଏହି ସବୁ ସମସ୍ୟା ଥିଲେ ଆପଣ ବାଦାମ ସଠିକ ପରିମାଣରେ ଖାଇବା ଉଚିତ। ଯାହାଫଳରେ ଆପଣ ଫିଟ ଏବଂ ହେଲଦି ରହିବେ।

# ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବା ସହ ସ୍ମରଣ ଶକ୍ତି ବଢାଇଥାଏ ବିଟ୍



ଶୀତଦିନେ ସୁସ୍ଥ ରହିବା ପାଇଁ ଲୋକମାନେ ନିଜ ଡାଏଟରେ ପରିବର୍ତ୍ତନ ଆଣିଥାନ୍ତି। ଡାଏଟରେ ପରିବର୍ତ୍ତନ ଆଣିବା ସହ ବିଟ୍‌କୁ ସାମିଲ୍ କରିବା ଆବଶ୍ୟକ। ଆଣ୍ଟିଅକ୍ସିଡାଣ୍ଟରେ ଭରା ବିଟ୍ ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିଥାଏ। ଅନେକ ଲୋକ ଏହାରା ଉପକାରିତା ବିଷୟରେ ଜାଣନ୍ତି ନାହିଁ। ବିଟ୍ ଜୁସ୍ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବା ସହ ସ୍ମରଣ ଶକ୍ତିକୁ ବଢାଇଥାଏ। ବିଟ୍ ଜୁସରେ ଆଣ୍ଟିଇନଫ୍ଲାମେଟୋରୀ ଗୁଣ ରହିଥାଏ। ଫାଇବରରେ ଭରା ବିଟ୍ ଜୁସ୍ ପାଚନ ତନ୍ତ୍ର ପାଇଁ ଖୁବ୍ ଉପକାରୀ। ଏପରିକି ଏହାକୁ ସୁପରଫୁଡ୍ ଭାବେ ମଧ୍ୟ ଗ୍ରହଣ କରାଯାଇଛି। ବିଟ୍ ଭିଟାମିନ୍, ଖଣିଜ ପଦାର୍ଥ ଓ ଆଣ୍ଟି-ଅକ୍ସିଡାଣ୍ଟରେ ଭରା, ଯାହାକୁ ଶୀତ ଋତୁରେ ଡାଏଟରେ ସାମିଲ୍ କରିବା ଖୁବ୍ ଲାଭଦାୟକ ହୋଇଥାଏ। ଏହି ଜୁସରେ ଆଣ୍ଟି-ଅକ୍ସିଡାଣ୍ଟ ସହ ଇଲୋକ୍ଟ୍ରୋଲାଇଟ୍ସ ପରି ତତ୍ତ୍ୱ ରହିଛି, ଯାହା ମସ୍ତିଷ୍କ ଓ ହୃଦୟକୁ ସୁସ୍ଥ ରଖିଥାଏ। ଫାଇବରରେ ଭରପୂର ବିଟ୍ ପାଚନତନ୍ତ୍ର ପାଇଁ ବେଶ୍ ଲାଭଦାୟକ। ଯେଉଁମାନଙ୍କର କଫ ସମସ୍ୟା ରହିଛି, ସେମାନେ ଡାଏଟ୍ରେ ବିଟ୍ ଜୁସ୍ ସାମିଲ୍ କରିବା ଉଚିତ୍। ଫଳରେ ମଳତ୍ୟାଗ ଜନିତ ସମସ୍ୟା ଦୂର ହୋଇପାରିବ। ସ୍ମରଣଶକ୍ତି ବଢ଼ାଏ ନିୟମିତ ବିଟ୍ ଜୁସ୍ ପିଇବା ଦ୍ୱାରା ସ୍ମରଣଶକ୍ତି ବଢିଥାଏ। ଏଥିରେ ଥିବା ନାଇଟ୍ରେଟ୍ ରକ୍ତବାହିକା ନଳୀକୁ ସଂପ୍ରସାରିତ କରି ମସ୍ତିଷ୍କକୁ ରକ୍ତ ପ୍ରବାହ ବଢ଼ାଇଥାଏ। ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି ବିଟ୍ ଜୁସ୍ ଭିଟାମିନ୍-ସି ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣରେ ଭରା। ସେହିପରି ପୋଷକ ତତ୍ତ୍ୱରେ ଭରା। ଏହି ଜୁସ୍ ପିଇବା ରୋଗ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ। ଫଳରେ ଅନେକ ରୋଗ ସଂକ୍ରମଣରୁ ରକ୍ଷା ମିଳିପାରିବ। ବିଟ୍ ଜୁସରେ ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ରହିଥାଏ, ଯାହା ଶରୀରର ଅନେକ ଗମ୍ଭୀର ସମସ୍ୟାକୁ କମ୍ କରିବାରେ ସାହାଯ୍ୟ କରିଥାଏ। ଏହି ଜୁସ୍ ପିଇବା ଦ୍ୱାରା ମୋଟାପଣ, ହୃଦ୍ଘାତ, ଯକୃତ ରୋଗ ପରି ଅନେକ ଘାତକ ରୋଗରୁ ରକ୍ଷା ମିଳିଥାଏ।

## ୪୦୦ କଳାକାର ପାଇଲେ କଳାରତ୍ନ ସମ୍ମାନ



**ବାଲିଅନ୍ତା,୨୮।୧୨ (ସଂଚାର ବ୍ୟୁରୋ):** ଆଜି ଜୟଦେବ ନିର୍ବାଚନ ମଣ୍ଡଳୀ ବାଲକାଟିସ୍ଥିତ ଅନନ୍ୟା କଲ୍ୟାଣ ମଣ୍ଡପରେ ଶିବାସଂମ୍ପୂର୍ଣ୍ଣା ଫାଉଣ୍ଡେସନ୍ ତରଫରୁ"ଜୟଦେବ କଳାରତ୍ନ ସମ୍ମାନ-୨୦୨୫" ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ସଭାପତି ଝିଲି ପ୍ରଧାନ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ ମୁଖ୍ୟଅତିଥି, ବିଜେପି ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ମୁଖ୍ୟବକ୍ତା, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଉତ୍ସବର ପରିଶେଷରେ ଶିବାସଂମ୍ପୂର୍ଣ୍ଣା ଫାଉଣ୍ଡେସନ୍ ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ସାମନ୍ତରାୟ ସମସ୍ତ କଳାକାର ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ବରିଷ୍ଠ ନେତା ଜଗନ୍ନାଥ ବେହେରା,ପବିତ୍ର କୁମାର ଭୋଇ, ସଞ୍ଜୟ କୁମାର ତ୍ରିପାଠୀ, ମନୋଜ କୁମାର ସାହୁ, ତ୍ରିନାଥ ଚନ୍ଦ୍ର ସାହୁ, ଅଜିତ କୁମାର ବେହେରା ସହଯୋଗ କରିଥିଲେ।ପରେ ପରେ ସମଗ୍ର ନିର୍ବାଚନ ମଣ୍ଡଳୀରୁ ଆସିଥିବା ଶତାଧିକ ସଙ୍କୀର୍ତ୍ତନ କଳାକାର,ଗୋଟିପୁଅ କଳାକାର, ପାଲା କଳାକାର,ସମାଜସେବୀ ତଥା ବରିଷ୍ଠ ନାଗରିକ ଓ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବନ୍ଧୁମିଳନ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ମହାକାଳପଡା,୨୮।୧୨(ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ଅନ୍ତର୍ଗତ ରାଜଗଡ଼ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ରେ ଆଜି ୧୯୮୮ ମସିହା ସପ୍ତମ ଶ୍ରେଣୀ ବ୍ୟାଚର ୧୧ ତମ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯେଉଁ ଶିକ୍ଷକ ମାନଙ୍କ ପାଖରେ ଛାତ୍ରଛାତ୍ରୀ ମାନେ ପାଠ ପଢୁଥିଲେ ସେମାନଙ୍କୁ ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ କରି ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ସମ୍ବର୍ଦ୍ଧିତ କରିଥିଲେ। ବୟସ ବଢିଥିଲେ ମଧ ଗୁରୁ ଓ ଶିଷ୍ୟ ମାନଙ୍କ ମଧ୍ୟରେ ସୁସମ୍ପର୍କ ରଖିବା ପାଇଁ ଛାତ୍ରଛାତ୍ରୀମାନଙ୍କ ଏମିତି ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ ହୋଇଛି। ଏହି କାର୍ଯ୍ୟକ୍ରମକୁ ସଞ୍ଜୟ ସ୍ୱାଇଁ , ତାପ୍ତିରାଣୀ ସ୍ୱାଇଁ, ସୁବାସ ସ୍ୱାଇଁ , ରେଣୁକା ବିସ୍ୱାଳ, ଦିଲିପ ପରିଡା, ନିର୍ମଳ ପରିଡା, ସୁଦର୍ଶନ ମିଶ୍ର, ଅକ୍ଷୟ ଦାସ,ପତିତପାବନ ଦାସ ଏବଂ ସତ୍ୟରଞ୍ଜନ ପାଳ ପ୍ରମୁଖ ଆୟୋଜନ କରିଥିଲେ।

## କୋଣାର୍କ ସୂତାକଳ ପରିଦର୍ଶନ କଲେ ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ



**କଳାହାଣ୍ଡି,୨୮।୧୨(ସଂଚାର ବ୍ୟୁରୋ):** ଆଜି ସକାଳୁ କେସିଙ୍ଗା ନଗରରେ ବିଜେପି ପାର୍ଟିର ଟ୍ରେଡ଼ ମାର୍କ କୁହାଯାଉଥିବା ଚା ପର ଚର୍ଚ୍ଚା କାର୍ଯ୍ୟକ୍ରମ ପଶୁ ଚିକିତ୍ସାଳୟ ନିକଟରେ ଥିବା ଚା ଦୋକାନରେ ଭାଗ ନେଇଥିଲେ ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ। ଏହି ସମୟରେ କେସିଙ୍ଗା ର ବିଶିଷ୍ଟ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସହ କେସିଙ୍ଗା ନଗରର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ତାପରେ ଅପରାହ୍ଣ ରେ କୋଣାର୍କ ସୂତାକଳ ପରିଦର୍ଶନ କରି ସୂତାକଳର ପୁନଃରୁଦ୍ଧାର ଓ କେସିଙ୍ଗା ଏମ୍ଏସ୍ଏମ୍ଇ ପାର୍କରେ ଉଦ୍ୟୋଗ ଗଠନକୁ ନେଇ ଆଲୋଚନା ସହ ତାର ସ୍ଥାପନା ପାଇଁ ଉପ ନିର୍ଦ୍ଦେଶକ ବସ୍ତ୍ର ଓ ବୟନ ଶିଳ୍ପ , ଜୀ ଏମ୍ ଜିଲ୍ଲା ଶିଳ୍ପସଂସ୍ଥା, ଏମ୍ ଡି ସୂତାକଲ, ସେକ୍ରେଟାରୀ ବସ୍ତ୍ର ଓ ବୟନ ସହ ଚର୍ଚ୍ଚା ଆଲୋଚନା କରିଥିଲେ ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ, ବ୍ୟକ୍ତିଗତ ଭାବେ ପରିଦର୍ଶନ କରି ଥିଲେ, ନଗର ସଭାପତି ପିଙ୍କୁ ପରିଡା, ନମିତାରାଣୀ ସାହୁ ,ସରିତା ସିନ୍ଧୂର, ବିଧି ଜୈନ, ପ୍ରଶାନ୍ତ ବାନାର୍ଜୀ,ସନ୍ତୋଷ କୁମାର ଦାଶ, ମଗନ ସିନ୍ଧୂର, ସୁନୀଲ ଜୈନ, କୁନା ଦାସ, ବିମଳ ବାଗ, ବଣ୍ଟି ଜୈନ ପ୍ରମୁଖ ବିଜେପି କର୍ମକର୍ତ୍ତା ଉପସ୍ଥିତ ରହି ଆହୁରି ଏହା ସହ ପୁନଃରୁଦ୍ଧାର ପାଇଁ ପ୍ରଚେଷ୍ଟା ଚାଲିଛି ବୋଲି ମତପ୍ରକାଶ କରିଥିଲେ।

# ପର୍ଯ୍ୟଟକଙ୍କ ମନମୋହୁଛି 'ଗୁଡ଼ହାଣ୍ଡି ଡୋକରିଚଞ୍ଚରା'

### ବଣଭୋଜି ପାଇଁ ପ୍ରବଳ ଜନସମାଗମ



**କଳାହାଣ୍ଡି,୨୮।୧୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ସାହାଜଖୋଲ ଜଙ୍ଗଲ ମଧରେ ଥିବା ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେଉଛି ଗୁଡହାଣ୍ଡି ଡୋକରିଚଞ୍ଚରା। ପ୍ରାକୃତିକ ପରିବେଶ ଓ ପ୍ରକୃତିରାଣୀର ବିଭବ ମନୋରମ ଓ ସୌନ୍ଦର୍ଯ୍ୟଭରା ଏହି ପର୍ଯ୍ୟଟନସ୍ଥଳ। ଚାରିଆଡେ ପାହାଡ ଜଙ୍ଗଲ ମଝିରେ ପଥରର ଏକ ବିସ୍ତୀର୍ଣ୍ଣ ଚଟାଣ,ଯେଉଁ ଚଟାଣ ଉପରେ ଝରଣା କୂଳୁ କୂଳୁ ନାଦ ଓ ଚଟାଣର ଦୁଇ ପାର୍ଶ୍ୱରେ ଥିବା ଦୁଇ ସୁଉଚ୍ଚ ଜଳପ୍ରପାତ ଡୋକରୀ ଦର ଓ ଭଏଁରାଘୁମରରୁ ପଡୁଥିବା ବିଛିନ୍ନ ଜଳଧାରା ଦିନରେ ମଧ ଦେଖଣାହାରୀଙ୍କୁ ଇନ୍ଦ୍ରଧନୁର ଭ୍ରମ ସୃଷ୍ଟିକରେ। ଯାହାକୁ ଦେଖି ଦର୍ଶକମାନେ ବିମୋହିତ ହୋଇଥାନ୍ତି।

ନୂଆବର୍ଷ ଏବଂ ଶିତୁଆ ସକାଳ ପରିବେଶରେ ବଣଭୋଜିରେ ମଜା ନେବା ପାଇଁ ରାଜ୍ୟର କୋଣ ଅନୁକୋଣରୁ ଦୈନିକ ଶହ ଶହ ପର୍ଯ୍ୟଟକଙ୍କ ଭିଡ଼ ହେଉଛି ଏଠାରେ। ଏହି ପର୍ଯ୍ୟଟନ ସ୍ଥଳୀ ଏକାଧାରରେ ପ୍ରାକୃତିକ, ଐତିହାସିକ ଓ ପୌରାଣିକ କିମ୍ବଦନ୍ତୀର ସମାହାର। ଏଠାରେ ରହିଛି ଶ୍ରୀ ରାମ ମନ୍ଦିର, ପୂଣ୍ୟକୁଣ୍ଡ, ସୀତାପାଦ, ଋଷିଗୁମ୍ଫା, ବଟବୃକ୍ଷ, ବିଭୁତି କୁଣ୍ଡ ଭଳି ପୌରାଣିକ କଥା ବହନ କରୁଥିବା ଅନେକ କିମ୍ବଦନ୍ତୀ। ଲୋକ ମୁଖରୁ ଜଣାପଡେ ଯେ, ପ୍ରଭୁ ଶ୍ରୀରାମ ବନବାସ ସମୟରେ କିଛି ସମୟ ଏଠାରେ ସୀତା ଓ ଲକ୍ଷ୍ମଣଙ୍କ ସହ ଅତିବାହିତ କରିଥିଲେ। ଓଡିଶା ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୦୭ ରେ ଏହି ସ୍ଥାନକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ମିଳିସାରିଥିବା ବେଳେ ପର୍ଯ୍ୟଟନ ବିଭାଗ ଓ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ଏହାର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି।

ତେବେ ଏହାକୁ ଜିଲ୍ଲା ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ପାଇଁ ଆବଶ୍ୟକ ସୁବିଧା ସୁଯୋଗ ନ ଥିବା ଯୋଗୁଁ ସୂର୍ଯ୍ୟ ଢଳିବା ପୂର୍ବରୁ ପର୍ଯ୍ୟଟକମାନେ ଫେରିବାକୁ ବାଧ ହୁଅନ୍ତି। ବର୍ତ୍ତମାନ ଜଙ୍ଗଲ ବିଭାଗ ଦ୍ୱାରା ପର୍ଯ୍ୟଟନ ସ୍ଥଳୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ସତନ୍ତ୍ର ଦୃଷ୍ଟିଦେଇ ଡୋକରୀଚଞ୍ଚରା ଭିତ୍ତିଭୂମିର ଉନ୍ନତି ଦିଗରେ ଯତ୍ନବାନ ହେଲେ ଓଡିଶାର ଏକ ଅଗ୍ରଣି ପର୍ଯ୍ୟଟନସ୍ଥଳୀ ଭାବେ ଡୋକରୀଚଞ୍ଚରା ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖି ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ମଙ୍ଗଳାୟନ-୨୦୨୫: ଧାରା ଶ୍ରୀରାଧା ସଂସ୍କୃତି ପ୍ରଦର୍ଶନ



**ଭୁବନେଶ୍ୱର,୨୮।୧୨ (ସଂଚାର ବ୍ୟୁରୋ):** ଓଡ଼ିଶା ଆର୍ଟ ଆଣ୍ଡ୍ କଲ୍ଚର୍ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଉତ୍କଳ ମଣ୍ଡପ ଠାରେ 'ମଙ୍ଗଳାୟନ-ଧାରା ଶ୍ରୀରାଧା ସଂସ୍କୃତି ପ୍ରଦର୍ଶନ' ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ମଣ୍ଡପ ଠାରେ ଦିନ ୧୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସକାଳ ଅଧିବେଶନରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପ୍ରତିଷ୍ଠିତ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଚିତ୍ରଶିଳ୍ପୀ ପଦ୍ମଶ୍ରୀ ବଳଦେବ ମହରଥା ଉପସ୍ଥିତ ରହି ମୂଲ୍ୟାୟନ କରିଥିବା ବେଳେ ଅନୁଷ୍ଠାନର ନିର୍ଦ୍ଦେଶିକା ଲୋପାମୁଦ୍ରା ପ୍ରଧାନ ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଗ୍ରହଣ କରିଥିବା ପିଲାଙ୍କୁ ଯଥାକ୍ରମେ ୧୦ ହଜାର, ୭ ହଜାର ଏବଂ ୩ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବା ସହ ଭାଗ ନେଇଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂପୁର ଅନୁଷ୍ଠାନ ପକ୍ଷରୁ ଦ୍ୱାରା ବନ୍ଦେ ଗଣନାଥ ପାଦପଦ୍ମ ପରିବେଷଣ କରାଯିବା ସହ ଶିଳ୍ପୀ ରାଜୁ ଚମ୍ପତିଙ୍କ ଦ୍ୱାରା ଜୟ ମା'ଗୋ ବାଗୀଶେ ହରିପ୍ରିୟେ ପରିବେଷିତ ହୋଇଥିଲା। ଗୁରୁ ରୋଜାଲିନୀ ମହାପାତ୍ର ଓ ଶିଷ୍ୟାଗଣଙ୍କ ଦ୍ୱାରା ବୃନ୍ଦ ନୃତ୍ୟ ପରିବେଷଣ ହୋଇଥିବା ବେଳେ ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର ନୃତ୍ୟଗୁରୁ ପ୍ରଭାତ ସ୍ୱାଇଁଙ୍କ ଦ୍ୱାରା 'ଧାରା ଶ୍ରୀରାଧା'ର ଅନ୍ତିମ ପ୍ରବନ୍ଧ ପରିବେଷିତ ହୋଇଥିଲା। ଶେଷରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ସଙ୍ଗୀତ ପ୍ରଫେସର ବିଜୟ ଜେନା ଏବେ ନୃତ୍ୟଗୁରୁ ଲିଙ୍ଗରାଜ ପ୍ରଧାନ, ପଙ୍କଜ କୁମାର ପ୍ରଧାନଙ୍କ ଦ୍ୱାରା ରାଷ୍ଟ୍ରଗୀତ 'ଅଭିଜାତ ଭାରତବର୍ଷ' ପରିବେଷଣ କରାଯିବା ସହ ବିଭିନ୍ନ ସ୍ଥାନରୁ ଆସିଥିବା ନୃତ୍ୟନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ ହୋଇଥିଲା।

ସୂଚନା ଅନୁସାରେ, ଓଡ଼ିଶାର କଳା, ସଂସ୍କୃତିକୁ ବିଶ୍ୱଦରବାରରେ ପ୍ରତିପାଦିତ କରିବାକୁ ଓଡ଼ିଶା ଆର୍ଟ ଆଣ୍ଡ୍ କଲଚର ନିରନ୍ତର ପ୍ରୟାସ ଜାରୀ ରଖିଛି।

### ମୟୁରଭଞ୍ଜରେ ଲଜ୍ୟା

## ନାବାଳିକାକୁ ମିଠାଇ ଦେଇ ଦୁଷ୍କର୍ମ ଉଦ୍ୟମ, ଶିକ୍ଷକ ଗିରଫ

**ବାରିପଦା,୨୮।୧୨ (ସଂଚାର ବ୍ୟୁରୋ):** ଜଣେ ଏଗାର ବର୍ଷୀୟ ନାବାଳିକାକୁ ମିଠେଇ ଦେବା ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିବା ଉଦ୍ୟମ କରିଥିବା ଅଭିଯୋଗରେ ପୋଲିସ ଜଣେ ପ୍ରାଥମିକ ସ୍କୁଲର ଶିକ୍ଷକକୁ ଗିରଫ କରି କୋର୍ଟ ଚାଲାଣ କରିଅଛି । ଶିକ୍ଷକ ଜଣକ ହେଲା ମନୋରଞ୍ଜନ ମାଝୀ ଓରଫ ମନୋଜ ସାର । ଏହିଭଳି ଏକ ଲଜ୍ୟା ଜନକ ଘଟଣା ଦେଖିବାକୁ ମିଳିଅଛି ମୟୁରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅଞ୍ଚଳରେ । ସୂଚନା ମୁତାବକ ଜନୈକ ୧୧ ବର୍ଷୀୟ ପଞ୍ଚମ ଶ୍ରେଣୀରେ ପଢ଼ୁଥିବା ନାବାଳିକା ଜଣକ ଗ୍ରାମ ରେ ଥିବା ଏକ ଗ୍ରୋସେରୀ ଦୋକାନ କୁ କିଛି ଜିନିଷ କିଣିବାକୁ ଯାଇଥିବାବେଳେ ଦୋକାନରେ ବସିଥିବା ଉକ୍ତ କାମୁକ ଶିକ୍ଷକ ନାବାଳିକା କୁ ମିଠେଇ ଦେବ ବୋଲି ପ୍ରଲୋଭନ ଦେଖାଇ ଉକ୍ତ ଦୋକାନ ପଛପଟେ ଥିବା ନିଜ ଘରକୁ ଡ଼ାକିନେଇଥିଲା । ଘରେ କେହି ନଥିବାର ସୁଯୋଗନେଇ ନବାଳିକା ସହିତ ଅସଦାଚାରଣ କରିବା ସହିତ ଦୁଷ୍କର୍ମ ଉଦ୍ୟମ କରିଥିଲା। ମାତ୍ର ନବାଳିକା ଜଣକ କୌଶଳ କ୍ରମେ ସେଠାରୁ ଖସି ଆସି ଘରେ ପହଁଞ୍ଚି ସବୁକଥା ପରିବାରବର୍ଗଙ୍କୁ ଜଣାଇଥିଲା। ଏ ବାବଦରେ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଝାରପୋଖରିଆ ଥାନାରେ କେସ ନମ୍ବର ୩୨୨/୨୫ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଶିକ୍ଷକ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଅଛି । ତେବେ ଶିକ୍ଷକ ଙ୍କ ଧର୍ମ ସମାଜ କୁ ଦିଗଦର୍ଶନ ଦେବା ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ସଠିକ ମାର୍ଗ ଦେଖାଇବା ମାତ୍ର ଏହିପରି ଲଜ୍ୟା ଜନକ ଘଟଣା ସମାଜକୁ କୁଳଷିତ କରିଅଛି । ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଘୋର ନିନ୍ଦା କରାଯାଇଅଛି ।

## କଂଗ୍ରେସ ପକ୍ଷରୁ ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ

**ରାଜନଗର,୨୮।୧୨(ସଂଚାର ବ୍ୟୁରୋ):** ଭାରତୀୟ ଜାତୀୟ କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ଅବସରରେ ଆଜି ରାଜନଗର ବିଧାନସଭା ଅନ୍ତର୍ଗତ ମା ମାଟିଆ ମଙ୍ଗଳାଙ୍କ ପୀଠରେ କଂଗ୍ରେସ ବିଧାନସଭା ପାର୍ଥୀ ଅଶୋକ କୁମାର ପ୍ରତିହାରୀଙ୍କ ନେତୃତ୍ୱରେ ପାଳିତ ହୋଇଅଛି । ୧୮୮୫ମସିହାରେ ଇଂରେଜ ଶାସନ ବିରୋଧରେ ଲଢ଼ିବା ପାଇଁ ଜନ୍ମ ହୋଇଥିବା ଆନ୍ଦୋଳନ, ଭାରତକୁ ସ୍ୱାଧୀନତା ଦେବା ସହ ଦେଶକୁ ନୂତନ ଦିଶା ଦେଇଛି । ସ୍ୱାଧୀନତା ସଂଗ୍ରାମର



ଅଗ୍ରଣୀ ଭୂମିକାରୁ ଆରମ୍ଭ କରି ଏକ ଗଣତାନ୍ତ୍ରିକ ଭାରତର କଂଗ୍ରେସ ସଦା ସ୍ୱାଧୀନତା, ସମତା, ନ୍ୟାୟ ଓ ସାମ୍ବିଧାନିକ ମୂଲ୍ୟବୋଧ ପକ୍ଷରେ ଦୃଢ଼ ଭାବେ ଛିଡ଼ା ହୋଇଛି । ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡ଼ଃ ବି.ଆର. ଆମ୍ବେଦକର, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ଓ ଅଗଣିତ ନେତାଙ୍କ ଆଦର୍ଶ ଓ ନେତୃତ୍ୱରେ କଂଗ୍ରେସ ଦେଶର ବିବିଧତାକୁ ଏକତାରେ ପରିଣତ କରିଛି,ଗରିବ ଓ ବଞ୍ଚିତଙ୍କୁ ସଶକ୍ତ କରିଛି, ଏବଂ ପ୍ରତ୍ୟେକ ନାଗରିକଙ୍କ ମର୍ଯ୍ୟାଦା ଓ ଅଧିକାର ସୁରକ୍ଷିତ କରୁଥିବା ସଶକ୍ତ ସମ୍ବିଧାନ ଦେଇଛି ।

## ସ'ମିଲରୁ ଲକ୍ଷାଧିକ ଟଙ୍କାର ଚୋରା ମୂଲ୍ୟବାନ କାଠ ଜବତ



**ଡେରାବିଶ,୨୮।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଓ କଟକ ଜିଲ୍ଲା ସମେତ ଆଖପାଖ ଅଞ୍ଚଳରୁ ଦୈନନ୍ଦିନ ଚୋରାରେ ବହୁ ମୂଲ୍ୟବାନ କାଠ କଟାଯାଇ ଚୋରା କାଠ ମାଫିଆ ମାନଙ୍କ ଦ୍ୱାରା ଡେରାବିଶ ଥାନା ଅନ୍ତର୍ଗତ ବଳଭଦ୍ରପୁର ଠାରେ ଥିବା ସରକାରୀ ସିକୃତିପ୍ରାପ୍ତ କ୍ଲଷ୍ଟର ସମିଲ୍ ମାନଙ୍କରେ ଚିରାଯାଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ ଉଭୟ ବନ ବିଭାଗ ଓ ପୋଲିସ ପ୍ରଶାସନ ସତେ ଯେପରି ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଏଭଳି ବେନିୟମ କାର୍ଯ୍ୟକୁ ଖୋଲମଖୋଲା ଭାବେ ପ୍ରଶୟ ଦେଉଥିବା କଥା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

ଅପର ପକ୍ଷରେ ଆଜି ଅପରାହ୍ନରେ ଏକ ଟ୍ରାକ୍ଟର ଗାଡି ନଂ ଓଡି-୨୯-ଜି-୫୩୨୧, ଚେଶିସ୍ ନଂ ଓଡି-୨୯-କ୍ୱିୟୁ-୪୪୫୦ ଗାଡିରେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ବୋଝେଇ ହୋଇ ଯାଇଥିବା ବେଳେ ଗାଡିଟିକୁ ସ୍ଥାନୀୟ ଗ୍ରାମବାସୀମାନେ ଅଟକ ରଖିଥିଲେ। ଖବର ପାଇ ଡେରାବିଶ ବ୍ଲକ୍ ଅଞ୍ଚଳରେ କାର୍ଯ୍ୟରତ ଗଣମାଧମ ପ୍ରତିନିଧିମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କଲା ବେଳକୁ ଉକ୍ତ ଚୋରା କାଠ ବୋଝେଇ ଟ୍ରାକ୍ଟର ଗାଡିଟି ମାହାଙ୍ଗା ଥାନା ଅର୍ନ୍ତଗତ କୁସୁପୁର ଗ୍ରାମପଞ୍ଚାୟତ ନିବାସୀ ରଞ୍ଜନ ସାହୁଙ୍କ ଦ୍ୱାରା ମିଲକୁ ଚିରା ହେବା ପାଇଁ ପଠାଯାଇଥିବା ଟ୍ରାକ୍ଟର ଚାଳକ ଜଣଙ୍କ ପ୍ରକାଶ କରିଥିଲେ। ପରେ ସ୍ଥାନୀୟ ବନ ବିଭାଗ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଥିବା ବେଳେ ମଟର ସାଇକଲ ନଂଓଡ଼ି.୦୪. ଆର୍.୬୩୪୩ ରେ ଏକ ବ୍ୟକ୍ତି ହଟାତ୍ ପହଞ୍ଚି ଉପସ୍ଥିତ ଗଣମାଧମ ପ୍ରତିନିଧି ମାନଙ୍କୁ ନାଲିଆଖି ଦେଖାଇବା ସହ ସାମ୍ବାଦିକ ସର୍ବେଶ୍ୱର ମଲ୍ଲିକଙ୍କୁ ଅସଭ୍ୟା ଭାଷାରେ ଗାଳି ଗୁଲଜ କରିବା ସହିତ ଜିବନରୁ ମାରିଦେବାକୁ ଧମକ ଦେଇ ତାଙ୍କ ବୁମ୍‌କୁ ପେଲା ଠେଲା କରିଥିଲେ। ଯାହାକୁ ନେଇ ସାମ୍ବାଦିକ ଶ୍ରୀ ମଲ୍ଲିକ ଲଖିତ ଅଭିଯୋଗ କରିଛନ୍ତି। ପରେ ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ଚୋରା କାଠ ଗାଡ଼ିକୁ ଜବତ କରିଥିଲେ। ତେବେ ଚୋରା କାଠ ମାଫିଆମାନେ ଗଣମାଧମ ପ୍ରତିନିଧି ମାନଙ୍କୁ ଆକ୍ରମଣ ଘଟଣାକୁ ରାଜ୍ୟ ସାମ୍ବାଦିକ ସଙ୍ଘ ପକ୍ଷରୁ ଘୋର ନିନ୍ଦା କରାଯାଇଛି ।

## ଜାନୁଆରୀ ୨ରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

**ବାରିପଦା,୨୮।୧୨ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାରେ ଆଗାମୀ ୨୦୨୬ ମସିହା ଜାନୁଆରୀ ୦୨ତାରିଖରୁ ଫେବୃଆରୀ ମାସ ୨୧ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ୧୪ ଗୋଟି ସ୍ଥାନରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜିତ ହେବାକୁ ଯାଉଛି।

ଜିଲ୍ଲାରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଶିବିର କାର୍ଯ୍ୟସୂଚୀ ଅନୁଯାୟୀ ଆଗାମୀ ୨୦୨୬ ମସିହା ଜାନୁଆରୀ ମାସର ୨ତାରିଖରେ ସାରସକଣା ଠାରେ ମା' ସୁଭଦ୍ରା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ, ଜାନୁଆରୀ ୭ ତାରିଖରେ ଯଶିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ, ଜାନୁଆରୀ ୮ତାରିଖରେ କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ, ଜାନୁଆରୀ ୯ତାରିଖରେ ଶୁକୁଳି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ, ଜାନୁଆରୀ ୧୭ତାରିଖରେ ବାରିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଓ ଜାନୁଆରୀ ୨୦ତାରିଖରେ ଠାକୁମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହେବ।

ସେହିପରି ୨୦୨୬ ମସିହା ଫେବୃଆରୀ ୪ତାରିଖରେ ଶମାଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ପରିସରରେ, ଫେବୃଆରୀ ୫ତାରିଖରେ ବାଙ୍ଗିରିପୋଷି ବ୍ଲକ କାର୍ଯ୍ୟାଳୟ ପରିସରରେ, ଫେବୃଆରୀ ୬ତାରିଖ ବାଦାମପାହାଡ ୟୁ.ଜି. ଏମ.ଇ. ବିଦ୍ୟାଳୟ ପରିସରରେ,ଫେବୃଆରୀ ୧୧ତାରିଖରେ ଶରତ ୟୁ. ପି. ସ୍କୁଲ ପରିସରରେ, ଫେବୃଆରୀ ୧୩ତାରିଖ ଶୁଳିଆପଦା ବ୍ଲକ କାର୍ଯ୍ୟାଳୟ ପରିସରରେ, ଫେବୃଆରୀ ୧୭ତାରିଖ ରାଇରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ପରିସରରେ, ଫେବୃଆରୀ ୧୮ତାରିଖ ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପରିସରରେ ଓ ଫେବୃଆରୀ ୨୧ତାରିଖରେ ବରେହିପାଣି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହେବ। ତେଣୁ ହିତାଧିକାରୀ ମାନେ ଉକ୍ତ ଶିବିରର ସୁଯୋଗ ନେବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଉଛି।

ପ୍ରକାଶ ଥାଉକି,ଭୀମ ଭୋଇ ସାମର୍ଥ୍ୟ ଶିବିର ହେଉଛି ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସଶକ୍ତିକରଣ ଶିବିର ବା କାର୍ଯ୍ୟକ୍ରମ, ଯାହାର ଲକ୍ଷ୍ୟ ଭିନ୍ନକ୍ଷମ ଥିବା ବ୍ୟକ୍ତିମାନଙ୍କୁ ସେବା ପ୍ରଦାନ କରିବା। ଏହି ଶିବିର ଗୁଡ଼ିକରେ ପ୍ରମାଣପତ୍ର ପାଇଁ ଭିନ୍ନକ୍ଷମ ମାନଙ୍କ ମୂଲ୍ୟାଙ୍କନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ବସ୍ ପାସ୍ ଭଳି ସୁବିଧା ସହିତ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଥାଏ।

## ୧୯୮୯ ବ୍ୟାଚ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



**ମାର୍ଶାଘାଇ,୨୮।୧୨(ସଂଚାର ବ୍ୟୁରୋ):** ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୯ ମସିହା ବ୍ୟାଚ ପୁରାତନ ଛାତ୍ର ବନ୍ଧୁମିଳନ କାର୍ଯ୍ୟକ୍ରମ ମାର୍ଶାଘାଇ ରୟାଲ ଗାର୍ଡେନ ମଣ୍ଡପ ରେ ଅନୁଷ୍ଠିତ ହୋଇଥିଲା । ପୁରାତନ ଛାତ୍ର ଅରୁଣ କୁମାର ବେଉରା, ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ମନୋରଞ୍ଜନ ବସନ୍ତିଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇଂ ସୌମ୍ୟରଞ୍ଜନ ରଥ, ଜ୍ୟୋତିପ୍ରକାଶ ଦାସ, ସଂଗ୍ରାମ କେଶରୀ ସାମଲ, ଅବ୍ୟର୍ଥ ନାୟକ, ତପନ କୁମାର ସାହୁ, ଦୁମୁକା ସମବାୟ ସମିତି ସଭାପତି ସତ୍ୟନାରାୟଣ ନାୟକ, ବଡ଼କୁଳ ପଞ୍ଚାୟତ ସରପଞ୍ଚ ପ୍ରଜ୍ଞା ପରମିତା କର, ମାର୍ଶାଘାଇ ପଞ୍ଚାୟତ ସମିତିର ପୂର୍ବତନ ଉପାଧକ୍ଷା ସ୍ନେହଲତା ବେହେରା, ବ୍ୟଙ୍ଗ କବି ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।

## ଜୟହିନ୍ଦ ହାଇସ୍କୁଲରେ ଗୁରୁ ପୂଜନ ଓ ବନ୍ଧୁମିଳନ

**ପଟ୍ଟାମୁଣ୍ଡାଇ,୨୮।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲର ୧୯୮୯ ମାଟ୍ରିକ ବ୍ୟାଚ ପକ୍ଷରୁ ଗୁରୁ ପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ତଥା ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧକ୍ଷ ମାନସ ରଞ୍ଜନ ସାମଲଙ୍କ ପୌରହିତ୍ୟ ଓ ନିହାର ରଞ୍ଜନ ସୂତାରଙ୍କ ସଂଯୋଜନାରେ ଆୟୋଜିତ ଗୁରୁ ପୂଜନ ଓ ବନ୍ଧୁ ମିଳନ ଉତ୍ସବରେ ପ୍ରାକ୍ତନ ଶିକ୍ଷକ ରଂଜିତ ମଲ୍ଲିକ, କେଦାର ପ୍ରଧାନ, ସୁରେଶ ନାୟକ ଭଗବାନ ରାଉତ ଦୁଃଶାସନ ଜେନା, ପ୍ରଧାନଶିକ୍ଷକ ଭାସ୍କର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଧୋୟାଞ୍ଚଳର ଏହି ଗୌରବମୟ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଗୁରୁପୂଜନ ଉତ୍ସବରେ ଛାତ୍ରଛାତ୍ରୀ ମାନେ ଗୁରୁ ମାନଙ୍କ ପାଦ ଧୋଇ ଦେଇ ସିନ୍ଦୁର ଚନ୍ଦନ ଲଗାଇବା ସହିତ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭା ଆରମ୍ଭରେ ଦିବଂଗତ ଶିକ୍ଷକ ଓ ୧୯୮୯ ବ୍ୟାଚ ଛାତ୍ରଛାତ୍ରୀଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏଇ ଅବସରରେ ଗ୍ରାମଦେବୀଙ୍କ ପୂଜାର୍ଚ୍ଚନା ସହ ୧୯୮୯ ବ୍ୟାଚ ଛାତ୍ର ଛାତ୍ରୀଙ୍କ ପ୍ରଦତ୍ତ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ମୂର୍ତ୍ତି ହାଇସ୍କୁଲ ପରିସରରେ ପ୍ରତିଷ୍ଠା କରାଯାଇଥିଲା । ଶେଷରେ କୃଷ୍ଣ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ । ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।

## କଂଗ୍ରେସ ପକ୍ଷରୁ ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ

**ନୀଳଗିରି,୨୮।୧୨ (ସଂଚାର ବ୍ୟୁରୋ):** ନୀଳଗିରି କଂଗ୍ରେସ ପକ୍ଷରୁ ୧୪୦ତମ ପ୍ରତିଷ୍ଠା ଦିବସ କଂଗ୍ରେସ ଭବନ ପରିସରରେ କଂଗ୍ରେସ ନେତା ତପନ ରାଉତଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ଆଜି ପୂର୍ବାହ୍ନ ୧୧ଘଟିକା ସମୟ ରେ ଯଶୋଦା ନନ୍ଦନ ସିଂହଙ୍କ ଉପସ୍ଥିତିରେ କଂଗ୍ରେସ ପତାକା ଉତ୍ତୋଳନ କରାଯାଇ ଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୀମା ସୁରକ୍ଷା ବଳର ଅବସର ପ୍ରାପ୍ତ ଇନ୍ସପେକ୍ଟର ଯୋଗେଶ୍ୱର ବେହେରା ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରି ଥିଲେ। ପରେ କଂଗ୍ରେସର ଗୌରବମୟ ଐତିହ୍ୟ ସମ୍ପର୍କରେ ଶ୍ରୀଯୁକ୍ତ ବେହେରା ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀଙ୍କୁ ଉଦବୋଧନ ଦେଇଥିଲେ।

### ଜିଲ୍ଲା ମହୋତ୍ସବ ଚତୁର୍ଥ ସନ୍ଧ୍ୟା

## ନୟଗଡ଼ିଆ ବୋଲି ଗର୍ବ କରୁଛେ: ରମେଶ

**ନୟାଗଡ଼,୨୮।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ମହୋତ୍ସବ ଚତୁର୍ଥ ସନ୍ଧ୍ୟା ବେଶ ଚିତ୍ତାକର୍ଷକ ହୋଇଛି। ଚତୁର୍ଥ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଦଶପଲ୍ଲା ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ନୂଆଗାଁ ବ୍ଲକ ଅଧକ୍ଷ ଲକ୍ଷ୍ମୀପ୍ରିୟା ବେହେରା, ଦଶପଲ୍ଲା ବ୍ଲକ ଉପାଧକ୍ଷା ଅନୁପମା ବେହେରା ମଞ୍ଚାସିନ ହୋଇଥିଲେ। ଆଜିର ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ନୟାଗଡ଼ କଳା, ସାହିତ୍ୟ ଓ ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ।

ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ, ନୟାଗଡ଼ ମହୋତ୍ସବ ପାଳନ ବେଳେ ପ୍ରଥମେ ଆମେ ନୟଗଡ଼ିଆ ବୋଲି ଗର୍ବ କରୁଛେ ବୋଲି କହିଥିଲେ। ଏ ମାଟି ସାମନ୍ତ ଚନ୍ଦ୍ର ଶେଖର ତଥା ପଠାଣି ସାମନ୍ତ, କବି ଉପେନ୍ଦ୍ର ଭଞ୍ଜ, ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ପାଇଁ ଗର୍ବିତ। ନୟାଗଡ଼ ଜିଲ୍ଲାରେ ଦ୍ୱିତୀୟ ବୈଷ୍ଣବ ଦେବୀ ମନ୍ଦିର, ଫତେଗଡ ଦ୍ୱିତୀୟ ଅଯୋଧା ପାଇଁ ଆମେ ପର୍ଯ୍ୟଟନ ପାଇଁ ଗର୍ବ କରୁ। ବଡ଼ରାଉଳଙ୍କ ପୀଠରେ ରଥ କାଠ ଅନୁକୂଳ ଜଗନ୍ନାଥ ପରମ୍ପରା ସହ ଆମକୁ ଜଡ଼ିତ କରିଛି। ବଲାଙ୍ଗୀ ପାର୍କ, କୋଟଗଡ଼ ପାର୍କ, ବରକନ୍ୟା, ରତ୍ନଗଣ୍ଡ, ସାତକୋଶିଆ ପାଇଁ ପର୍ଯ୍ୟଟନ କ୍ଷେତ୍ରରେ ନୟାଗଡ଼ ଅଭିବୃଦ୍ଧି ଘଟିଛି। ବିଗତ ଦିନରେ ଅନେକ ଐତିହାସିକ ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ବିକାଶ ହୋଇଛି। ଆଗାମୀ ମହୋତ୍ସବରେ ବେଷ୍ଟ ଅଫ ନୟାଗଡ଼ ଷ୍ଟଲ୍ କରି ଇକିରି ମୁଗ, ସାକେରି ଚାଉଳ, ଛେନାପୋଡ଼ ଭଳି ଅନେକ ଦ୍ରବ୍ୟ ବିକ୍ରି ଯୋଗ୍ୟ କରାଯାଇ ପାରିବ ବୋଲି ମୁଖ୍ୟ ଅତିଥି କହିଥିଲେ। ନୟାଗଡ଼ ମାଟି କଳା ସଂସ୍କୃତିର ମାଟି ବୋଲି କହିଥିଲେ। ଜିଲ୍ଲା ପରିଷଦ ଅଧକ୍ଷ ଧର୍ମେନ୍ଦ୍ର ଧଳ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ନିର୍ମାଣ କରିବାକୁ ଦାବି କରିଥିଲେ। ନୟାଗଡ଼ କଳା, ସାହିତ୍ୟ ଓ ସଂସ୍କୃତି ଉପରେ ଅନ୍ୟ ଅତିଥିମାନେ ବକ୍ତବ୍ୟ ରଖିବା ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ପାଇଁ ଏହା ଭଲ ସୁଯୋଗ ଆଣି ଦେଇଛି ବୋଲି କହିଥିଲେ।

ଆଜିର ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଣ୍ଠଶିଳ୍ପୀ ଦିପ୍ତିରେଖା ପାଢ଼ୀ ଓ ଗ୍ରୁପ ଦ୍ୱାରା ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହିତ ଭୁବନେଶ୍ୱର ନଟରାଜ ଗ୍ରୁପ ଦ୍ୱାରା ନୃତ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା।

## ନୀଳଗିରି କ୍ରିକେଟ ଲିଗ୍ ଫାଇନାଲରେ ହରପ୍ରିୟା ଚାଲେଞ୍ଜର ବିଜୟୀ




**ନୀଳଗିରି,୨୮।୧୨ (ସଂଚାର ବ୍ୟୁରୋ):** ନୀଳଗିରି କେସି ହାଇସ୍କୁଲ ପଡ଼ିଆରେ ଚାଲିଥିବା କ୍ରିକେଟ ଲିଗ୍ ସିଜନ-୫ର ଉଦ୍‌ଯାପନୀ ଦିବସରେ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଖେଳକୁ ଉଦ୍‌ଘାଟନ କରିବା ସହ ଯୁବ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହିତ ଆୟୋଜକ ମାନଙ୍କୁ ଏହିପରି ସୁନ୍ଦର ଖେଳର ଆୟୋଜନ ପାଇଁ ଧନ୍ୟବାଦ ଜଣାଇଥିଲେ। ମହାବୀର ୟୁନାଇଟେଡ଼ ଓ ହରପ୍ରିୟା ଚାଲେଞ୍ଜର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ୧୨ ଓଭର ଖେଳ ଖେଳି ହରପ୍ରିୟା ବିଜୟ ଲାଭ କରିଥିଲେ। ଜଗବନ୍ଧୁ ଦାସ ଓ କାଳନ୍ଦି ଚରଣ ବେହେରା ଖେଳକୁ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମାନ୍ୟବର ବିଧାୟକ ସନ୍ତୋଷ କୁମାର ଖଟୁଆ, ନୀଳଗିରି ଏନ୍.ଏ.ସି.ର ଭାରପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ସମାଜସେବୀ ଶିଶିର ରାଉତ,ଭାସ୍କର ବିଶ୍ୱାଳ, ଶରତ ପୋଇ ଅତିଥି ଉପସ୍ଥିତ ରହି ଚମ୍ପିୟାନ ଦଳକୁ ଟ୍ରଫି ସହ ଅର୍ଥରାଶି ୧୧୧୧୧୧ ଟଙ୍କା ଓ ରନର୍ସ ଦଳକୁ ଟ୍ରଫି ସହ ଅର୍ଥରାଶି ୭୭୭୭୭ ଟଙ୍କା ପ୍ରଦାନ କରିଥିଲେ।